ବିଭୂତି ପଟ୍ଟନାୟକଙ୍କ

# ନୀଳ ଆଖିର ନଦୀ

ପ୍ରକାଶକ :

ଜଗନ୍ନାଥ ରଥ

ବିନୋଦବିହାରୀ, କଟକ-୨

# ॥ ନୀଳ ଆଖିର ନଦୀ ॥

ଲେଖକ :
**ବିଭୂତି ପଟ୍ଟନାୟକ**

ପ୍ରକାଶକ :
**ଜଗନ୍ନାଥ ରଥ**
ବିନୋଦବିହାରୀ, କଟକ-୨

ମୁଦ୍ରକ :
**ସ୍ୱର୍ଣ୍ଣପ୍ରଭା ପ୍ରିଣ୍ଟର୍ସ**
କଟକ-୨

ମୂଲ୍ୟ :
**ପାଞ୍ଚ ଟଙ୍କା ମାତ୍ର**

O/2247

# ନୀଳ ଆଖିର ନଦୀ

## ॥ ଉପକ୍ରମଣିକା ॥

ଏମିତି ହୋଇପାରେ କେଉଁ କେଉଁ ଏକ ପକେଟମାରୁ ଥରେ ଜଣେ ଲୋକ ପକେଟରୁ ମନିବ୍ୟାଗ୍‌ଟା ନେଇ ଅସମ୍ଭବ ଭାବରେ ଖୁସି ହୋଇଗଲା । କାରଣ ରେଲଷ୍ଟେସନରେ ଯାତ୍ରୀମାନେ ସମ୍ପ୍ରତି ବଡ଼ ହୁସିଆର୍ ହୋଇ ଯାଇଛନ୍ତି ଏବଂ ନିରାପଦରେ ଅନ୍ୟ କାହାର ମନିବ୍ୟାଗ୍ ନିଜ ପକେଟରେ ରଖି ଭଦ୍ରଲୋକଙ୍କ ଭଳି ଜନଗହଳି ମଧ୍ୟରେ ହଜି-ଯିବାର ସୌଭାଗ୍ୟ ପକେଟମାରୁମାନଙ୍କ ଭାଗ୍ୟରେ କ୍ୱଚିତ୍ ଘଟୁଛି !

ଯେଉଁ ପକେଟମାରୁର ଉପାଖ୍ୟାନ ଏଠାରେ କଳ୍ପନା କରାଯାଉଛି; ସେ ଏଇ କେତେଦିନ ହେଲା ଅନ୍ୟର ପକେଟ କାଟିବାକୁ ଚେଷ୍ଟା କରି, ବାରମ୍ବାର ଯାତ୍ରୀ ଓ ପୋଲିସ ଦ୍ୱାରା ପ୍ରହୃତ ହୋଇଛି ; କିନ୍ତୁ ଅନ୍ୟ ପକେଟର ଟଙ୍କା ନିଜ ପକେଟକୁ ସ୍ଥାନାନ୍ତରିତ କରିପାରି ନାହିଁ । ତେଣୁ ଅକସ୍ମାତ୍ ଯଦି କେଉଁ ଯାତ୍ରୀର ମନିବ୍ୟାଗ୍‌ଟା ବିନା ବିପଦରେ ତା ପକେଟକୁ ଆସିଗଲା, ତାହାହେଲେ ତା ମନ ଭିତରେ ଅନେକଗୁଡ଼ାଏ କୋରକିତ ଆନନ୍ଦ ଯେ ହଠାତ୍ ମୁକୁଳିତ ହୋଇ ଉଠିବ, ଏଥିରେ ସତ୍ୟାନନ୍ଦର ସନ୍ଦେହ କରିବାର କିଛି ନ ଥିଲା ।

ସେ ପକେଟମାରୁ ଏକ ନିର୍ଜନ ଜନଶୂନ୍ୟ ସ୍ଥାନକୁ ଆସିଲା । ଚାରିଆଡ଼କୁ ଥରେ ଚାହିଁ ମନଖୋଲି ହସିଲା ଏବଂ ମନିବ୍ୟାଗ୍ ଭିତରେ କେତେଖଣ୍ଡ ଦଶଟଙ୍କିଆ ନୋଟ୍ ଅଛି, ତାହା ଦେଖିବାକୁ ଚେଷ୍ଟାକଲା ।

ନା—ମନିବ୍ୟାଗ୍ ଭିତରେ ଖଣ୍ଡେ ହେଲେ ଟଙ୍କିକିଆ ନୋଟ୍ ସୁଦ୍ଧା ନାହିଁ । ଅଛି କେବଳ ଗୋଟିଏ ଟ୍ରେନଟିକେଟ ଏବଂ ଭଙ୍ଗାଭଙ୍ଗି ହୋଇଥିବା ଖଣ୍ଡେ କାଗଜ ।

ବିରକ୍ତିରେ ମନିବ୍ୟାଗ୍‌ଟା ଦୂରକୁ ଫିଙ୍ଗିଦେବା ଆଗରୁ କୌତୂହଳବଶବର୍ତ୍ତୀ ହୋଇ ସେ ପକେଟମାରୁ କାଗଜ ଖଣ୍ଡିକ ଖୋଲିଲା ।

କ୍ଲାନ୍ତି ଓ ଅବସାଦରେ ତା ଦେହ ଝାଉଁଳି ପଡୁଥିଲା ଏବଂ ଆଖିପତା ମାଡ଼ିହୋଇ ଆସୁଥିଲା । ଆଶା-ଭଙ୍ଗର ଯନ୍ତ୍ରଣାରେ ତାର ମୁଖରେଖାଗୁଡ଼ିକ ମଧ୍ୟ କୁଞ୍ଚିତ ହୋଇଗଲା ।

କିନ୍ତୁ ସେ କାଗଜଟା ସେ ଯେତେବେଳେ ଖୋଲିଦେଲା··· ! ମୃତ ନଦୀରେ ଅକାଳ ବନ୍ୟାର ପ୍ଲାବନ ଭଳି, ତା ଦେହର ଶିରାପ୍ରଶିରାରେ ତଡ଼ିତ୍ ବେଗ୍‌ରେ ସଞ୍ଚାରିତ ହେଲା ଉଷ୍ଣ ଶୋଣିତ ପ୍ରବାହ । ଲିଭିଯିବାକୁ ବସିଥିବା ଦୀପଶିଖା ଭଳି ମିଞ୍ଜିମିଞ୍ଜି କରୁଥିବା ତାର ଆଖିଡୋଳା ଦୁଇଟି, ହଠାତ୍ ଦପ୍ ଦପ୍ ହୋଇ ଜଳିଉଠିଲା ।

କାଗଜଖଣ୍ଡିକ ସେ ଆଉ ଥରେ ଭଲ କରି ନିରୀକ୍ଷଣ କଲା । ନା—ଅକ୍ଷର ଚିହ୍ନିବାରେ ତାର ଭୁଲ୍ ହୋଇ ନାହିଁ, ଏ ତା ବିବାହିତା ସ୍ତ୍ରୀର ହାତଲେଖା ଚିଠି···କେଉଁ ଏକ ପରପୁରୁଷ ପାଖକୁ ଅବୈଧ ପ୍ରଣୟ-ପତ୍ର !

ଉନ୍ମାଦକ ଭଳି ସେ ଅବ୍ୟବହୃତ ଟ୍ରେନ୍‌ଟିକେଟ୍‌କୁ ମଧ୍ୟ ଓଲଟ ପାଲଟ କରି ଦେଖିଲା । ତାର ଶଶୁରଘର ଗ୍ରାମ ଯେଉଁ ରେଲଷ୍ଟେସନ ପାଖରେ, ସେଇ ଷ୍ଟେସନକୁ ଯିବା ଲାଗି ଉଦ୍ଦିଷ୍ଟ ଏଇ ଟିକେଟ !

ଅଥଚ ପତ୍ନୀ ତାର ମାତ୍ର ଦେଢ଼ମାସ ହେଲା ଗ୍ରାମକୁ ଯାଇଛି ।

ସେହି ନିର୍ଜନ ସ୍ଥାନ ତ୍ୟାଗ କରି ନିଶ୍ଚୟ ତା ପରେ ସେହି ଲୋକଟାକୁ ଖୋଜି ବାହାର କରିବା ପାଇଁ ଷ୍ଟେସନ ପାଖକୁ ଦୌଡ଼ିଥିବ, ସେହି ଭାଗ୍ୟହତ ପକେଟମାରୁ । ଅନ୍ୟ ଜଣେ ଲୋକର ପକେଟ କାଟିବାକୁ ଯାଇ ସେ ଯେ ଆଜି ନିଜ ହୃଦୟକୁ ଟିକି ଟିକି କାଟି ଖଣ୍ଡ ଖଣ୍ଡ କରି ଦେଲା, ସେଇ ବ୍ୟଥାରେ ସେ ପାଗଳଙ୍କ ଭଳି ସାରା ଷ୍ଟେସନ ଘୂରୁଥିବ ; କିନ୍ତୁ ତାର ଶଶୁରଘର ଗାଁ ଯେଉଁ ଷ୍ଟେସନ ପାଖରେ ଅବସ୍ଥିତ, ସେ ଷ୍ଟେସନ ଅଭିମୁଖେ ଟ୍ରେନ୍ ଯେହେତୁ ଅଳ୍ପ ସମୟ ଆଗରୁ ବାହାରି ଯାଇଛି ; ସେ ଅପରିଚିତ ଲୋକ ସହିତ ପରିଚିତ ହେବାର ସୁଯୋଗ ସେ ନିଶ୍ଚୟ ପାଇ ନ ଥିବ !

ମୁହଁରୁ ଝାଳ ପୋଛି ସତ୍ୟାନନ୍ଦ ନିଜ ପରିକଳ୍ପିତ କାହାଣୀର ନାୟକ କଥା ଚିନ୍ତା କଲା ଏବଂ ସେହି ରୌଦ୍ରଦଗ୍ଧ ଚୈତ୍ର-ମଧ୍ୟାହ୍ନରେ ଆକାଶକୁ ଚାହିଁ ହଠାତ୍ ଚମକି ଉଠିଲା ।

ସେ ଚମକି ଉଠିଲା, କାରଣ ତାର କାଳ୍ପନିକ କାହାଣୀର ନାୟକ ସହିତ ତା ନିଜ ଜୀବନ ଓ ମାନସିକ ଅବସ୍ଥାର କପରେ ଏକ ବିଚିତ୍ର ଯୋଗସୂତ୍ର ସେ ଆବିଷ୍କାର କଲା !

●

२२५७

## ॥ ପ୍ରଥମ ପରିଚ୍ଛେଦ ॥

---

ସେଦିନ ବର୍ଷା ହେଉଥିଲା ।

ଅନେକ ବର୍ଷଣ-ମୁଖର ରାତିରେ ଓଭର୍‌କୋଟକୁ ଦେହରେ ଭିଡ଼ି ଧରି ସେ ଟ୍ରେନ୍‌ର ଗୋଟିଏ କମ୍ପାର୍ଟମେଣ୍ଟରୁ ଅନ୍ୟ କମ୍ପାର୍ଟମେଣ୍ଟକୁ ଯାଇ ଟିକେଟ ଚେକ୍ କରିଆସେ । ରାତିରେ ଟିକେଟ୍ ଚେକ୍ କରିବାରେ ତାର କେମିତି ଏକ ବିଚିତ୍ର ଆନନ୍ଦ । ପୁଣି ସେ ରାତି ଯଦି, ବର୍ଷାର ଜଳରେ ଭିଜିଯାଇଥାଏ··· !

ବର୍ଷାର ଶୀତଳ ସ୍ପର୍ଶରେ ଦୀର୍ଘପଥ ଯାତ୍ରୀମାନଙ୍କ ଆଖିରେ ତନ୍ଦ୍ରାର ପ୍ରଲେପ ଲାଗି ଆସୁଥିଲାବେଳେ, ସତ୍ୟାନନ୍ଦ ତାର ସ୍ୱଭାବସିଦ୍ଧ ଭଙ୍ଗୀରେ କଇଅଁଠାକୁ ହଲାଇ ହଲାଇ ପ୍ରଶ୍ନକରେ, ଟିକେଟ୍···ଟିକେଟ୍··· !

ଯାତ୍ରୀମାନେ ବିରକ୍ତ ହୁଅନ୍ତି । କେହି କେହି ଶୁଣି ମଧ୍ୟ ନ ଶୁଣିଲା ଭଳି ଅଙ୍ଗଭଙ୍ଗୀ କରି ମୁହଁ ବୁଲାଇ ଶୁଅନ୍ତି । ବେଶୀ ପାଟିକଲେ ଅସଭ୍ୟ ଭାଷାରେ ଗାଳିଦିଅନ୍ତି । ପୁଣି କିଛି ସମୟ ପରେ ଯୋଗନିଦ୍ରାରୁ ଉଠିଲା ଭଳି କହନ୍ତି, ଆଜ୍ଞା ! କ୍ଷମା କରିବେ । ନିଦ ବାଉଳାରେ କଅଣ ସବୁ କହିଗଲି ।

ସତ୍ୟାନନ୍ଦର ଗମ୍ଭୀର ମୁହଁରେ ହସର ବିଜୁଳି ଖେଳେ । ସେ ଜାଣେ, ଗାଳିଦେଇ ନିଜ ମନର ଓରିମାନା ମେଣ୍ଟାଇବା ପାଇଁ ସେମାନେ ନିଜର ଅଭିନୟ କରୁଥିଲେ । କ୍ଷମାପ୍ରାର୍ଥନାଟା କେବଳ ତାକୁ ଫାଙ୍କି ଦେବା ପାଇଁ !

ସେଦିନ ବର୍ଷା ହେଉଥିଲା । ଝରଝର୍ ର ବର୍ଷା । ତା ନିଜ ଆଖି ଦୁଇଟା ବି ବର୍ଷାର ଶୀତଳ ସ୍ପର୍ଶରେ ମାଡ଼ି ହୋଇ ପଡ଼ୁଥିଲା । ତଥାପି ସେ ନିଜର ପାଦ ଦୁଇଟାକୁ ଘୋଷାରି ଘୋଷାରି ଗୋଟିଏ କମ୍ପାର୍ଟମେଣ୍ଟ ଛାଡ଼ି ଅନ୍ୟ କମ୍ପାର୍ଟମେଣ୍ଟରେ ପ୍ରବେଶ କରୁଥିଲା । ଅଭ୍ୟାସ ଅନୁସାରେ ପ୍ରଶ୍ନ କରୁଥିଲା, ଟିକେଟ୍···ଟିକେଟ୍··· ।

ତାର ଟିକେଟ ମାଗିବା ଦେଖି ଟ୍ରେନ୍‌ଯାତ୍ରୀ ସେଇ ମହିଳାଙ୍କ ମୁହଁରେ ଭୟର ଏକ କଳାଛାଇ ଆଚ୍ଛନ୍ନ ହୋଇ ଆସିଲା । ଠିକ୍ ଯେମିତି ଏକ କାନ୍ଦ କାନ୍ଦ ଭାବ ।

ସତ୍ୟାନନ୍ଦ ଅବାକ୍ ହେଲା ।

ଟିକେଟ ନ କରି ଟ୍ରେନ୍‌ଯାତ୍ରା କରୁଥିବା ଲୋକଙ୍କ ସଂଖ୍ୟା ପ୍ରତିଦିନ କିଛି କମ୍ ନୁହେଁ । ବହୁ ବିନା-ଟିକେଟର ଯାତ୍ରୀଙ୍କ ବେକରେ ସେ ଅନେକ ଥର ହାତ ପକାଇଛି ; କିନ୍ତୁ ସେମାନେ ସମସ୍ତେ ପୁରୁଷ ଅଥବା କୌଣସି ପୁରୁଷଯାତ୍ରୀଙ୍କର ସହଯାତ୍ରିଣୀ ମହିଳା ; କିନ୍ତୁ ଏକାକିନୀ ଟ୍ରେନ୍‌ରେ ଯାଉଥିବା କୌଣସି ଭଦ୍ରମହିଳା ବିନା ଟିକେଟରେ··· !

ବର୍ଷାଟା ଜୋର୍ ହେଉଛି । ନୂପୁରର ନିକ୍ୱଣ ଭଳି ବର୍ଷାର ଛନ୍ଦପାତ, କାନକୁ ଶୁଣାଯାଉଛି ବେଶ୍ ଶ୍ରୁତି-ମଧୁର । ଭଦ୍ରମହିଳାଙ୍କ ମୁହଁରେ ଭୟ ଓ ଆତଙ୍କର ସେ କଳାଛାଇ କ୍ରମେ କ୍ରମେ ନିବିଡ଼ ହୋଇ ଆସୁଛି ।

ଅଭ୍ୟାସାନୁବର୍ତ୍ତୀ ହୋଇ ପ୍ରଶ୍ନ କରୁଛି ସତ୍ୟାନନ୍ଦ, ଟିକେଟ୍··· ଟିକେଟ୍···

ଅନେକ ସମୟ ପରେ ଭଦ୍ରମହିଳା ଶକ୍ତିସଞ୍ଚୟ କରି ଉତ୍ତର ଦେଲେ, ମୁଁ ଟିକେଟ କରି ନାହିଁ···

ଧକ୍‌କା ଖାଇଲା ଭଳି ଚମକି ଉଠିଥିଲା ସତ୍ୟାନନ୍ଦ । ତା ପରେ ନିଜକୁ ସମ୍ଭାଳି ନେଇ କହିଥିଲା, ବେଶ୍ ! ଟଙ୍କା ବାହାର କରନ୍ତୁ, ମୁଁ ଟିକେଟ କରିଦେଉଛି ; କିନ୍ତୁ ଟିକେଟ ପୁରୀଠାରୁ କରିବାକୁ ହେବ । ଗାଡ଼ିଟା ପୁରୀରୁ ଛାଡ଼ୁଛି ତ ! ଏଇଟା ପୁରୀ-ହାଓଡ଼ା ଏକ୍‌ସପ୍ରେସ୍···

ବ୍ୟାଗ୍ ଭିତରୁ ରସିଦ ବହିଟା କାଢ଼ିବାରେ ମନୋଯୋଗକଲା ସତ୍ୟାନନ୍ଦ ।

ତା ପରେ ମହିଳାକଣ୍ଠର ସେଇ ଭୟାର୍ତ୍ତ ସ୍ୱର, ଟିକଏ ଶୁଣିବେ ? ମୋ ପାଖରେ ଟଙ୍କା ନାହିଁ··· !

ସତ୍ୟାନନ୍ଦ ଅବାକ୍ ହୋଇଥିଲା ।

ଟ୍ରେନ୍ ଚାଲିଛି । ବାହାରେ ବର୍ଷା ହେଉଛି । କମ୍ପାର୍ଟମେଣ୍ଟର ଅଧିକାଂଶ ଯାତ୍ରୀ ଶୋଇଯାଇଥିଲେ ବି ଆଉ କେତେଜଣ ଅସମୟରେ ଟ୍ରେନ୍ କମ୍ପାର୍ଟମେଣ୍ଟରେ ଏକ ନାଟକ ଅଭିନୟ ହେଉଥିବା ଦେଖି, ଆଗ୍ରହୀ ଦୃଷ୍ଟିରେ ଚାହିଁରହିଛନ୍ତି ।

ଭଦ୍ରମହିଳା ଟିକେଟ କରିନାହାନ୍ତି । ଟିକେଟ କରିବାକୁ ପଇସା ମଧ୍ୟ ନାହିଁ ; ଅଥଚ ଟ୍ରେନ୍‌ର ଦ୍ୱିତୀୟ ଶ୍ରେଣୀ କମ୍ପାର୍ଟମେଣ୍ଟରେ··· !

ଆଗ ଷ୍ଟେସନଟା ବୋଧହୁଏ ଭଦ୍ରଖ ।

ସେଠାରେ ସତ୍ୟାନନ୍ଦକୁ ଓହ୍ଲାଇ ଯିବାକୁ ହେବ । ଆଉ ଜଣେ ଟି.ଟି.ଆଇ., ତା ଦାୟିତ୍ୱ ନେବେ । ସେ ବିଶ୍ରାମ ନେବ । ଅଥଚ ଭଦ୍ରମହିଳା ତାକୁ ଯେପରି ଅବସ୍ଥାରେ ପକାଇଛନ୍ତି, ସେଥିରେ ତାକୁ ବିଶ୍ରାମ ମିଳିଲି ଭଲି ମନେହେଉ ନାହିଁ । ଅନ୍ୟ କୌଣସି ଯାତ୍ରୀ ନ ଥିଲେ, ସେ ହୁଏ ତ ଭଦ୍ରମହିଳାକୁ ଛାଡ଼ିଦେଇ ନିଜେ ଓହ୍ଲାଇ ଯାଇଥାଆନ୍ତା; କିନ୍ତୁ କମ୍ପାର୍ଟ-ମେଣ୍ଟର ଅନ୍ୟ ସହଯାତ୍ରୀମାନେ ଯେତେବେଳେ ସବୁ ଘଟଣାର ସାକ୍ଷୀ ଅଛନ୍ତି, ସେ ତାଙ୍କୁ ଛାଡ଼ିଦେଇ ପାରୁନାହିଁ । ବିନା ଟିକେଟରେ ଟ୍ରେନ୍-ଭ୍ରମଣ କରୁଥିବା ଯାତ୍ରୀ ହିସାବରେ ତାର କର୍ତ୍ତବ୍ୟ ହେଉଛି, ରେଲବାଇ କର୍ତ୍ତୃପକ୍ଷଙ୍କ ହାତରେ ସେ ଭଦ୍ରମହିଳାଙ୍କୁ ଅର୍ପଣ କରିଦେବା ।

କିନ୍ତୁ ରାତି ଅନେକ ହେଲାଣି । ଏଣେ ଝିରିଝିରି ବର୍ଷା ! ଅଥଚ ଭଦ୍ରମହିଳା କହୁନାହାନ୍ତି ଯେ ତାଙ୍କ ଟିକେଟ ତାଙ୍କର ଅନ୍ୟ କୌଣସି ଆତ୍ମୀୟ ପାଖରେ ଅନ୍ୟ କମ୍ପାର୍ଟମେଣ୍ଟରେ ରହିଯାଇଛି !

ସତ୍ୟାନନ୍ଦ ନିଜର ଟି. ଟି. ଆଇ. ସୁଲଭ ରୁକ୍ଷକଣ୍ଠସ୍ୱରକୁ ନମ୍ର କରି କହିଲା, ବିନା ଟିକେଟରେ ଟ୍ରେନ୍ ଯାତ୍ରାକରିବା ବେଆଇନ ; ଆପଣ ନିଶ୍ଚୟ ଜାଣନ୍ତି ।

ମୁଣ୍ଡ ହଲାଇ ଭଦ୍ରମହିଳା ସମ୍ମତି ଜଣାଇଲେ ।

ସତ୍ୟାନନ୍ଦ କହିଲା, ତାହାହେଲେ ଏଇ ଷ୍ଟେସନରେ ଆପଣ ଓହ୍ଲାଇ ଚାଲନ୍ତୁ । ମୁଁ ଆପଣଙ୍କୁ ରେଲବାଇ କର୍ତ୍ତୃପକ୍ଷଙ୍କ ହାତରେ ଛାଡ଼ିଦେବି । ତା ପରେ ଯାହା କରିବାର କଥା, ସେମାନେ କରିବେ ।

ଭଦ୍ରମହିଳା କିଛି ପ୍ରତିବାଦ କଲେ ନାହିଁ ।

ଚିନ୍ତିତ ହୋଇ ସତ୍ୟାନନ୍ଦ ପ୍ରଶ୍ନ କରିଥିଲା, ଆଚ୍ଛା, ଏଠାରେ ଆପଣଙ୍କର କୌଣସି ଆତ୍ମୀୟ-ଲୋକ ନାହାନ୍ତି, ଯେ ଆପଣଙ୍କୁ ଏ ଟ୍ରେନ୍ ଭଡ଼ା ଟଙ୍କା ସାହାଯ୍ୟ କରିପାରିବେ ?

ନା—। ମୁଁ ବଡ଼ ଅସୁବିଧାରେ ପଡ଼ିଯାଇଛି । —ଭଦ୍ରମହିଳା ବଡ଼ କ୍ଳାନ୍ତକଣ୍ଠରେ କଥାଗୁଡ଼ିକ ଉଚ୍ଚାରଣ କଲେ ।

ଷ୍ଟେସନ୍ ପାଖ ହୋଇ ଆସିଥିଲା, ଗାଡ଼ିର ବେଗ ମନ୍ଥର ହୋଇ ଆସୁଥିଲା । ଭଦ୍ରମହିଳାଙ୍କୁ ତାଙ୍କ ପଛେ ପଛେ ଆସିବାକୁ କହି ସତ୍ୟାନନ୍ଦ ଅଗତ୍ୟା ଆସି କମ୍ପାର୍ଟମେଣ୍ଟ ଦରଜା ପାଖରେ ଠିଆହେଲା ।

ବର୍ଷା ସେମିତି ଲାଗି ରହିଥିଲା । ତା ସାଙ୍ଗରେ ଭୀଷଣ ପବନ । ଆଗେ ଆଗେ ସତ୍ୟାନନ୍ଦ ଓ ପଛେ ପଛେ ସେ ଭଦ୍ରମହିଳା ଚାଲିଥିଲେ । ସତ୍ୟାନନ୍ଦର ମୁହଁରେ ଅଶ୍ୱସ୍ତିର ଚିହ୍ନ ଫୁଟିଉଠୁଥିଲା ।

ମତେ କଅଣ ସତରେ ହାଜତ୍‌କୁ ନେବେ ? —ଭଦ୍ରମହିଳା ବଡ଼ ଆତଙ୍କିତ କଣ୍ଠରେ ପ୍ରଶ୍ନକଲେ ।

ସତ୍ୟାନନ୍ଦ ଫେରିଚାହିଁଲା ।

ଟ୍ରେନ୍ କମ୍ପାର୍ଟମେଣ୍ଟର ନିଷ୍ପ୍ରଭ ଆଲୋକରେ ଭଦ୍ରମହିଳା ଯେପରି ବୟସ୍କା ମନେହେଉଥିଲେ; ପ୍ଲାଟଫର୍ମ ଉପରର ଫର୍ଚ୍ଚା ଆଲୁଅରେ ସେପରି ମନେହେଉନାହାନ୍ତି । ତାଙ୍କ ଦେହରେଖା ଓ ମୁଖଲାବଣ୍ୟରେ ଏକ ଚପଳ ତାରୁଣ୍ୟର ଆଭା ବିକଶିତ ହୋଇଉଠୁଛି । ହୁଏ ତ ଭଦ୍ରମହିଳାଙ୍କ ବୟସ ୨୪।୨୫ରୁ ବେଶି ହେବ ନାହିଁ । ଏଭଳି ଜଣେ ଲାବଣ୍ୟମୟୀ ତରୁଣୀ ହାଜତରେ ପ୍ରବେଶ କଲେ, ହାଜତଘରର ଶୋଭା କିଛି ବୃଦ୍ଧିପାଇବ ନାହିଁ ; କିନ୍ତୁ ସେ କିପରି ଭାବରେ ସାହାଯ୍ୟ କରି-ପାରିବ ତାଙ୍କୁ ?

ମୁଁ ଆଉ କଅଣ କରିବି କହନ୍ତୁ ! ସତ୍ୟାନନ୍ଦ ଭଦ୍ରମହିଳାଙ୍କୁ ଓଲଟି ପ୍ରଶ୍ନକଲା ।

ଟ୍ରେନ୍‌ରେ ପ୍ରତିଦିନ ଅନେକ ଯାତ୍ରୀ ବିନା ଟିକେଟରେ ଯାତ୍ରା କରନ୍ତି । ସମସ୍ତଙ୍କୁ କଅଣ ହାଜତକୁ ନିଆଯାଏ ?—ଭଦ୍ରମହିଳା ରହସ୍ୟମୟ ଭାବରେ ପ୍ରଶ୍ନ କଲେ ।

ସେ ପ୍ଲାଟଫର୍ମ ଉପରେ ଥକ୍କାମାରି ଠିଆ ହୋଇଗଲା ସତ୍ୟାନନ୍ଦ । ରେଲୱେ ଚାକିରିକାଳ ମଧ୍ୟରେ ସେ ଅନେକ ବିନା ଟିକେଟରେ ଯାତ୍ରୀଙ୍କୁ ଧରିଛି ; କିନ୍ତୁ କାହାରିଠାରୁ ସେ ଏଭଳି ବିଚିତ୍ର ପ୍ରଶ୍ନ ଶୁଣି ନାହିଁ ।

ସତେ ତ ! ପ୍ରତିଦିନ ଅଜସ୍ର ଯାତ୍ରୀ ବିନାଟିକେଟରେ ଯାତାୟାତ କରନ୍ତି ; କିନ୍ତୁ ସମସ୍ତେ ହାଜତରେ ପ୍ରବେଶ କରନ୍ତି ନାହିଁ । କିନ୍ତୁ…!

ବର୍ଷାର ବେଗ କମି ନାହିଁ ।

ବର୍ଷାଜଳର ଛିଟିକାରେ ଭଦ୍ରମହିଳାଙ୍କ ମୁହଁ ଓଦାହୋଇ ଯାଇଛି । ସେ ବିଳମ୍ବ ନ କରି କହିଲା, ଓଃ, ଆଜି ଭାରି ବର୍ଷା ! ରେଲୱେ କାଣ୍ଟିନ୍‌କୁ ଆସନ୍ତୁ…ସେଠାରେ ଯାହା କରିବାର କଥା କରାଯିବ ।

ନା—ଭଦ୍ରମହିଳା ଇତସ୍ତତଃ ହେଲେ ନାହିଁ । ପ୍ରତିବାଦ କଲେ ନାହିଁ । ତା ପଛେ ପଛେ ରେଲୱେ କାଣ୍ଟିନ୍‌କୁ ଆସିଲେ । ଧୀରେ ସୁସ୍ଥେ ଏକ ଚେୟାର ଦଖଲକରି ବସିଲେ ।

ଏତେ ରାତିରେ ଆଉ କିଛି ଖାଇବାକୁ ମିଳିବାର ସମ୍ଭାବନା ନାହିଁ । କେବଳ କପେ କପେ କଫି ପାଇଁ ବରାଦ ଦେଲା ସତ୍ୟାନନ୍ଦ ।

ଆପଣ କେଉଁଠୁ ଆସିଛନ୍ତି ? କୁଆଡ଼େ ଯାଉଥିଲେ ? ବିନା ଟିକେଟରେ ଅବା ଯାଉଥିଲେ କାହିଁକି ? —ଏକା ଥରେ ଅନେକ-ଗୁଡ଼ାଏ ପ୍ରଶ୍ନ କରି ସତ୍ୟାନନ୍ଦ ଦମ୍‌ନେଲା ।

ଟ୍ରେନ୍ ହୁଇସିଲ ଦେଲା ।

ଗାଡ଼ି ବୋଧହୁଏ ଷ୍ଟେସନ ଛାଡ଼ିଦେଲା । ଭଦ୍ରମହିଳା ଉଦ୍‌ଗ୍ରୀବ ଭାବରେ ଧାବମାନ ଟ୍ରେନ୍ ଆଡ଼େ ଚାହିଁ ; ବ୍ୟର୍ଥଦୃଷ୍ଟି ଫେରାଇ ପୁଣି ସତ୍ୟାନନ୍ଦ ଆଡ଼କୁ ଚାହିଁଲେ ।

କହିଲେ, ମୁଁ ଭୁବନେଶ୍ୱରରୁ ଆସିଲି । ଯାଉଥିଲି ଖଡ଼ଗପୁର ବାପା, ମାଆଙ୍କ ଇଚ୍ଛାବିରୁଦ୍ଧରେ ଲୁଚି ପଳାଇ ଆସିଥିଲି ବୋଲି ପାଖରେ ଟଙ୍କା ନ ଥିଲା । ନା—ଟଙ୍କା ଆଣିବା କଥା ମୁଁ ଆଦୌ ଖିଆଲ କରି ନାହିଁ । ଷ୍ଟେସନରେ ମନେପଡ଼ିଲା । ସେତେବେଳକୁ ଗାଡ଼ି ଆସି ଲାଇନ୍ ଉପରେ । ଆଉ କିଛି ନ ଭାବି ନ ଚିନ୍ତି ମୁଁ ଗାଡ଼ିରେ ଉଠିପଡ଼ିଥିଲି ।

ଦୁର୍ଭାଗ୍ୟ ! ତା ମଧ୍ୟ ହେଲା ନାହିଁ । ଗାଡ଼ି ମୋତେ ଅଧାବାଟରେ ଛାଡ଼ି ଦେଇ ଚାଲିଗଲା । ଭଦ୍ରମହିଳା ଦୀର୍ଘଶ୍ୱାସ ପକାଇ କଫି କପ୍ ଉପରକୁ ମୁହଁ ନୁଆଇଁନେଲେ ।

ସତ୍ୟାନନ୍ଦ ଭଦ୍ରମହିଳାଙ୍କ କଥାବାର୍ତ୍ତା ଭିତରୁ ହଠାତ୍ ଗୋଟାଏ ଗଳ୍ପର ଗନ୍ଧ ବାରି କୌତୂହଳୀ ହୋଇ ଉଠିଲା । ପ୍ରଶ୍ନକଲା, ଖଡ଼୍ଗପୁରର କାହା ପାଖକୁ ଯାଉଥିଲେ ? ମାନେ—ସେ ଆପଣଙ୍କର କଅଣ ହୁଅନ୍ତି ?

କଥା ଶେଷ କରି ଭଦ୍ରମହିଳାଙ୍କ ମୁହଁକୁ ନିରୀକ୍ଷଣକଲା ସତ୍ୟାନନ୍ଦ । ଲକ୍ଷ୍ୟକଲା, ତା ପ୍ରଶ୍ନ ଶୁଣି ସତେ ଯେମିତି ମୁଠା ମୁଠା ଅବିର ବିଞ୍ଚିହୋଇ ପଡ଼ିଲା ଝିଅଟିର ମୁହଁ ଉପରେ ! ଲଜ୍ଜାରେ ନା ଅପମାନରେ !

ସତ୍ୟାନନ୍ଦର ଛାତି ଭିତର ଥରୁଥିଲା ।

ଭଦ୍ରମହିଳା କିଛି ସମୟ ମୁହଁ ତଳକୁ କଲା ପରେ ଦୃଷ୍ଟି ଉତ୍ତୋଳନ କଲେ । କହିଲେ, ଦେଖୁଛି ଆପଣ ହିଁ ମୋର ନିୟନ୍ତା । ଆପଣଙ୍କୁ ସବୁ କଥା ଖୋଲି ନ କହିଲେ ହୁଏ ତ ମୋର ମୁକ୍ତି ନାହିଁ ; କିନ୍ତୁ ଆପଣ ମତେ ଗୋଟାଏ ପ୍ରତିଶ୍ରୁତି ଦିଅନ୍ତୁ । ସବୁ କଥା ଶୁଣିଲା ପରେ ଆପଣ ମତେ ରେଲୱେ କର୍ତ୍ତୃପକ୍ଷଙ୍କ ହାତରେ ଅର୍ପଣ କରିଦେବେ ନାହିଁ ତ ?

ସତ୍ୟାନନ୍ଦ ଆଖିରୁ ସେତେବେଳେ ତନ୍ଦ୍ରାର ଜଡ଼ତା କଟି ଯାଇଥିଲା । ତା'ର ମନେହେଉଥିଲା, ସେ ଯେପରି ସତେ ଏକ ଉପକଥାର ରୂପ ନଗରୀରେ ପ୍ରବେଶ କରିଛି ! ସେ ସତେ ଯେମିତି କେଉଁ ଦେଶର ରାଜପୁତ୍ର, ଉଦ୍ଧାର କରି ଆଣୁଛି ରାକ୍ଷସର ବନ୍ଦୀଶାଳାରୁ କେଉଁ ସୁକୁମାରୀ ରାଜକନ୍ୟାକୁ !

ସେ ନିର୍ଭର ପ୍ରତିଶ୍ରୁତି ଦେଲା, ନା, ନା, ଆପଣ ସବୁ କୁହନ୍ତୁ । ମୁଁ ଆପଣଙ୍କୁ ଯଥାସାଧ୍ୟ ଚେଷ୍ଟାକରିବି ସାହାଯ୍ୟ କରିବା ପାଇଁ ।

ଭଦ୍ରମହିଳାଙ୍କ ମୁହଁରେ କୃତଜ୍ଞତାବୋଧର ଚିହ୍ନ ଫୁଟିଉଠିଲା । ସେ କହିଲେ, ମୋ ଇଚ୍ଛାବିରୁଦ୍ଧରେ ବାପା, ବୋଉ ମୋର ବିବାହ ଜଣେ ଚରିତ୍ରହୀନ ଲୋକ ସହିତ ସ୍ଥିର କରି ଦେଇଥିଲେ । ଆଉ ମୁଁ ଯାହାକୁ ବିବାହ କରିବାକୁ ଚାହୁଁଥିଲି, ସେ ବର୍ତ୍ତମାନ ଖଡ଼୍ଗପୁରରେ ଗୋଟିଏ ଟେକ୍‌ନିକାଲ କଲେଜର ଛାତ୍ର । ମୁଁ ସେ ବିବାହକୁ ଏଡ଼ାଇବା ପାଇଁ ଆଜି ଟ୍ରେନରେ ପଳାଇ ଆସୁଥିଲି··· ।

ହଠାତ୍ କଥା କହିବା ସ୍ଥଗିତ ରଖି ସେ ପ୍ରଶ୍ନ କଲେ, ଆଚ୍ଛା, ଆଜି ରାତିରେ ଆଉ ଟ୍ରେନ୍ ନାହିଁ ନା !

ବାହାରେ ବୋଧହୁଏ ବର୍ଷାର ବେଗ କମି ଆସିଥିଲା । ରାତିର ଅନ୍ଧକାର ଘନୀଭୂତ ହୋଇ ଆସୁଥିଲା । ଷ୍ଟେସନ ଆର ପଟର ବିଲ, ବନ, ପ୍ରାନ୍ତର ଉପରେ ।

ସତ୍ୟାନନ୍ଦ ଅପରାଧୀ ଭଳି ଉତ୍ତର ଦେଇଥିଲା, ମୁଁ ଦୁଃଖିତ, ରାତିରେ ଆଉ ଟ୍ରେନ ନାହିଁ । ଆପଣ ରାତିରେ ରହିବେ କେଉଁଠି ? ଆପଣ ମିସ୍... !

ମିସ୍ ନନ୍ଦିତା ରାୟ । ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ, ରେଲୱେ ଲେଡ଼ିଜ୍ ୱେଟିଂ ରୁମ୍‌ରେ ମୁଁ ରାତିଟା କଟାଇଦେବି— । ନନ୍ଦିତାର କଣ୍ଠସ୍ୱର ଗମ୍ଭୀର ଆତ୍ମପ୍ରତ୍ୟୟରେ ଭରି ଭରି ଜଣାପଡ଼ୁଥିଲା ।

ନନ୍ଦିତା ସହିତ ସତ୍ୟାନନ୍ଦର ସେଇ ଆକସ୍ମିକ ପରିଚୟ । ହୋଟେଲକୁ ନ ନେଇ ସେ ତାକୁ ସେ ଦିନ ମହିଳାମାନଙ୍କ ପାଇଁ ନିର୍ଦ୍ଦିଷ୍ଟ ବିଶ୍ରାମାଗାରରେ ଛାଡ଼ିଦେଇ ଆସିଥିଲା ; କିନ୍ତୁ କିଛିଦିନ ପରେ ସେଇ ନନ୍ଦିତାକୁ ସେ ବଧୂ କରି ଆଣିଲା ନିଜ ଗୃହକୁ ।

●

## ।। ଦ୍ୱିତୀୟ ପରିଚ୍ଛେଦ ।।

---

ସେ ଦିନ ନନ୍ଦିତାକୁ ପ୍ଲାଟଫର୍ମରେ ବିଦାୟ ଦେଲାବେଳେ ସତ୍ୟାନନ୍ଦ ମନର କେଉଁ ଏକ ନିଭୃତ କୋଣରେ ଏକ ନିଃସଙ୍ଗ ଶୂନ୍ୟତାର ସ୍ୱରମୂର୍ଚ୍ଛନା ଅନୁରଣିତ ହୋଇ ଉଠୁଥିଲା । ସେ ନନ୍ଦିତାକୁ ତାର ଖଡ଼ଗପୁର ଫିବାଆସିବା ଖର୍ଚ୍ଚ ନିଜ ପକେଟରୁ ଦେଇଥିଲା । ଟ୍ରେନ ଛାଡ଼ିବାବେଳେ ରୁମାଲ ହଲାଇ ଶୁଭକାମନା କରିଥିଲା, ସେମାନଙ୍କ ବିବାହ ଯେପରି ଖୁବ୍ ଶୀଘ୍ର ହୋଇଯାଏ ।

ଟି. ଟି. ଆଇ. ସତ୍ୟାନନ୍ଦ, ବିନାଟିକେଟ ଯାତ୍ରୀଙ୍କଠାରୁ ଜୋରିମାନା ଆଦାୟ କରେ ; ନ ହେଲେ ରେଳବାଇ ପୋଲିସ ହାତରେ ଧରାଇଦିଏ । ବେଳେବେଳେ ଚାରି ଟଙ୍କା ପାଞ୍ଚ ଟଙ୍କା ଘୁଷ୍ ନେଇ ଟିକେଟ କରି ନ ଥିବା ଯାତ୍ରୀମାନଙ୍କୁ ସେ ମଧ୍ୟ ଛାଡ଼ିଦିଏ ; କିନ୍ତୁ କୌଣସି ବିନା-ଟିକେଟର ଯାତ୍ରୀକୁ ନିଜ ହାତରୁ ଟଙ୍କା ଦେଇ ସେ କେବେ ଗାଡ଼ି ଚଢ଼ାଇ ଦେଇଥିବା କଥା ତା'ର ମନେ ନାହିଁ । ପୁଣି ନନ୍ଦିତାକୁ ବିଦାୟ ଦେଲା-ବେଳେ ତା ମନରେ ଯେଉଁ ଅକାରଣ କାରୁଣ୍ୟ ସୃଷ୍ଟି ହୋଇଥିଲା, ତାହା ତା ନିଜ ପକ୍ଷରେ ବୁଝିବା ଅତି କଷ୍ଟ ।

ସେଦିନ ସେ ପ୍ରଥମ କରି ବୁଝିଥିଲା, ସେ ଟି. ଟି. ଆଇ. ହେଲେ ବି ଜଣେ ମଣିଷ । ତା ନିଜର ହୃଦୟ ବୋଲି ଏକ ପଦାର୍ଥ ରହିଛି ; କିନ୍ତୁ ସଂସାରରେ ଯେତେ ଘଟଣା, ଦୁର୍ଘଟଣା ଘଟେ; ସବୁ ଏଇ ହୃଦୟକୁ ନେଇ । ନନ୍ଦିତା ତାରି ବିବେକକୁ ଯେତେ ଦୋହଲାଇ ଦେଇ ନ ଥିଲା, ସେତେ ନିବିଡ଼ ଭାବରେ ସ୍ପର୍ଶ କରିଥିଲା ତା'ର ହୃଦୟକୁ । ପ୍ରତିକୂଳ ପରିସ୍ଥିତି ବିରୁଦ୍ଧରେ ଜଣେ ଝିଅ ହୋଇ ସୁଦ୍ଧା ସେ ଯେପରି ନିଜ ଭଲ-ପାଇବା ପାଇଁ ଲଢ଼େଇ କରୁଥିଲା, ତାହା ଲକ୍ଷ୍ୟ କରି ସେ ଆଶ୍ଚର୍ଯ୍ୟ ହୋଇଥିଲା । ସଂସାରରେ ଅବିବାହିତା ବୟସରେ ପ୍ରେମ କରୁଥିବା ଝିଅଙ୍କ ସଂଖ୍ୟା ଆଦୌ ଅଳ୍ପ ନୁହେଁ ; କିନ୍ତୁ ନିଜର ପାର୍ଥିବ ପ୍ରେମକୁ ସ୍ୱର୍ଗୀୟ ପ୍ରେମରେ ପରିଣତ କରିବା ପାଇଁ ଏପରି ଦ୍ୱିଧାହୀନ ଭାବରେ ସଂଗ୍ରାମ କରୁଥିବା ଝିଅଙ୍କ ସଂଖ୍ୟା ଏ ପୃଥିବୀରେ ନିଃସନ୍ଦେହରେ ଅଳ୍ପ ।

ନନ୍ଦିତାର ଟ୍ରେନ୍ ଷ୍ଟେସନ ଛାଡ଼ିଦେଲା ପରେ ଅଭିଭୂତ ହୋଇ ଅନେକ ସମୟ ଧରି ପ୍ଲାଟଫର୍ମରେ ଠିଆ ହୋଇ ରହିଥିଲା ସତ୍ୟାନନ୍ଦ । ନନ୍ଦିତାର ସେଇ ଭାଗ୍ୟବାନ୍ ପ୍ରେମିକ ପାଇଁ ମନେ ମନେ ସେ ଈର୍ଷା କରୁଥିଲା । ତା'ର ଯଦି ନନ୍ଦିତା ଭଳି ଜଣେ ପ୍ରେମିକା ଥାଆନ୍ତା··· !

ସତ୍ୟାନନ୍ଦ ଅନେକ ଝିଅଙ୍କ ସଂସ୍ପର୍ଶରେ ଆସିଛି ; କିନ୍ତୁ କେହି ତାକୁ କେବେ ପ୍ରେମ-ନିବେଦନ କରିନାହାନ୍ତି । ପ୍ରେମ କି ଜିନିଷ, ତାହା କେବଳ ସେ ଶୁଣିବା କଥା । ପଢ଼ାବହିରୁ ଯାହା ଜାଣିଛି, ନିଜେ କେବେ ଅନୁଭବ କରି ନାହିଁ । ସତ କହିବାକୁ ଗଲେ ପ୍ରେମ କରି ନାହିଁ ବୋଲି ତା'ର କେବେ କୌଣସି ଆବଶୋଷ ହୋଇନାହିଁ ; କିନ୍ତୁ ନନ୍ଦିତାର

ଉପାଖ୍ୟାନ ସେ ଦିନ ଶୁଣିଲା ପରେ, ନିଜ ପ୍ରେମିକଙ୍କୁ ପାଇବା ପାଇଁ ତା'ଠାରେ ଏକ ଅସମ୍ଭବ ଜିଦ୍ ଲକ୍ଷ୍ୟ କଲା ପରେ, ସେ ନିଜକୁ [illegible] ଅତି ଅସହାୟ, ନିରାଶ୍ରୟ ଏବଂ ଅପଦାର୍ଥ ଭଳି ମନେକରୁଥିଲା ।

ପ୍ରଖର ପବନର ସ୍ରୋତରେ କ୍ୟାଲେଣ୍ଡରର ପୃଷ୍ଠାଗୁଡ଼ାକ ଫର୍ଫର୍ ହୋଇ ଉଡ଼ିଗଲା ଭଳି ସମସ୍ତ ଦିନ, ମାସ, ସବୁ କୁଆଡ଼େ କେଜାଣି ହଜିଗଲା । ନନ୍ଦିତାର ସ୍ମୃତି ମଳିନ ପଡ଼ିଗଲା ସତ୍ୟାନନ୍ଦର ମନ ଭିତରେ । ଟ୍ରେନ୍‌ରେ କେତେ ଯାତ୍ରୀ ଗଲେ ; କେତେ ନରନାରୀଙ୍କ ଆଗରେ କଇଁଛ ହାଲିଇ ଟିକେଟ ଟିକେଟ ବୋଲି ପଚାରିଗଲା ସତ୍ୟାନନ୍ଦ ; କିନ୍ତୁ ନନ୍ଦିତାର ମୁହଁ ଭଳି ଆଉ ଗୋଟିଏ ମୁହଁ ସେ ଦେଖିଲା ନାହିଁ ।

ସତ୍ୟାନନ୍ଦ ମନେ ମନେ ଭାବେ, ଜୀବନଟା ଏକ ପ୍ଲାଟଫର୍ମ । କେତେ ଲୋକ ଆସନ୍ତି, ଦେଖାହୁଏ । କାହାରି କାହାରି ସହିତ ପରିଚୟ ହୁଏ । ପୁଣି ସେମାନେ ନିଜ ନିଜ ଗନ୍ତବ୍ୟସ୍ଥଳକୁ ଟ୍ରେନ୍‌ରେ ଚଢ଼ି ଚାଲିଯାଆନ୍ତି । ପ୍ଲାଟଫର୍ମ ଭଳି ଜୀବନଟା ସେମିତି ପଡ଼ିରହେ ; ଆଉ କେଉଁ ନୂଆ ଲୋକ ସହିତ ପରିଚିତ ହେବାର ଲୋଭ ନେଇ ।

ସେ ଦିନ ସତ୍ୟାନନ୍ଦର ଛୁଟି ଥିଲା ।

ଛୁଟିଦିନର ସେହି ଦୁର୍ଲଭ ମୁହୂର୍ତ୍ତଗୁଡ଼ିକୁ ଉପଭୋଗ କରିବା ପାଇଁ ସେ ଗୋଟାଏ ମାସିକ ପତ୍ରିକାର ପୃଷ୍ଠା ଓଲଟାଉଥିଲା । ତା' ଶୋଇବାଘରର ଦରଜା ଜଞ୍ଜିର କିଏ ଝଣ୍ ଝଣ କଲା ।

କିଏ ?

ମୁଁ, ମୁଁ ନନ୍ଦିତା !

ପ୍ରଥମେ ନିଜ କାନକୁ ବିଶ୍ୱାସ କଲା ନାହିଁ ସତ୍ୟାନନ୍ଦ । ନନ୍ଦିତା ! ଏତେ ଦିନ ପରେ, ସେ ଅବା ଏଠାକୁ ଆସିବ କାହିଁକି ?

କିନ୍ତୁ ନନ୍ଦିତା ଆସିଥିଲା । ଆସିଥିଲା, ସେ ଦିନ ସତ୍ୟାନନ୍ଦ ତାକୁ ଟ୍ରେନ୍ ଭଡ଼ା ଓ ହାତଖର୍ଚ୍ଚ ପାଇଁ ଦେଇଥିବା ଟଙ୍କା ତିରିଶଟା ଫେରାଇ ଦେବା ପାଇଁ । ଆଞ୍ଜୁଳାଏ ହସ ସତ୍ୟାନନ୍ଦର ସେ ନିର୍ଜ୍ଜନ ଶୟନକକ୍ଷ ଭିତରକୁ ପୁଷ୍ପାଞ୍ଜଳି ଦେବା ଭଳି ଫିଙ୍ଗିଦେଇ କହିଥିଲା, ଆପଣଙ୍କ ବସା ଖୋଜି ପାଇବା ପାଇଁ ମୁଁ ପ୍ରାୟ ଦଶ ଜଣଙ୍କୁ ପଚାରିଲିଣି । ଏଇ ବାଟ ଦେଇ ତିନି ଥର ଗଲିଣି, ଅଥଚ··· !

ବିନ୍ଦୁ ବିନ୍ଦୁ ଝାଳ ଜମିଥିଲା ନନ୍ଦିତାର ମୁହଁରେ । ମୁହଁର ରଙ୍ଗ ବି ନାଲ୍ ଦିଶୁଥିଲା । ଖରାରେ ତା'ହେଲେ ସେ ଖୁବ୍ ଏ ପାଖ ସେ ପାଖ ହୋଇଛି ।

ଚାକରକୁ ଡାକି ପାଣି ଆଣିବାକୁ କହିଲା ସତ୍ୟାନନ୍ଦ । ଜଳଖିଆ ମଧ୍ୟ ତିଆରି କରିବାକୁ କହିଲା ଏବଂ ତା ପରେ ନନ୍ଦିତାର ମୁହଁକୁ ଆଉ ଥରେ ଚାହିଁ ସେ ହଠାତ୍ ଚମକି ଉଠିଥିଲା ।

ଚମକି ଉଠିଲେ ଯେ—! ନନ୍ଦିତା ପ୍ରଶ୍ନ କରିଥିଲା, ନିଜ ଦୁଇ ଆଖିର ଭ୍ରୂଲତାକୁ ବିଚିତ୍ର ଛନ୍ଦରେ ନଚାଇ ନଚାଇ ।

ସତ୍ୟାନନ୍ଦ ଉତ୍ତର ଦେଇଥିଲା, ସତରେ ମୁଁ ଚମକି ପଡ଼ିଛି । ଆପଣଙ୍କ ସୀମନ୍ତରେ ସିନ୍ଦୂର ନାହିଁ ଯେ ! ନନ୍ଦିତା ମୁହଁ ତଳକୁ କଲା । ତା ପରେ ଶାନ୍ତକଣ୍ଠରେ କହିଲା, ସୀମନ୍ତିନୀ ଆଉ ହୋଇପାରିଲି କେଉଁଠୁ ? ବାପା, ବୋଉଙ୍କ ପାଖରୁ ଗୋଟାଏ ଜିଦ୍‌ରେ ପଳାଇଆସି ମୁଁ ଘର ହରାଇଥିଲି, ମୃଣାଳ ଠାରୁ ପ୍ରତ୍ୟାଖ୍ୟାନ ସହ୍ୟ କରି କୁଳ ମଧ୍ୟ ହରାଇଲି । ମୁଁ ଏଇ ନିକଟରେ ଗୋଟିଏ ବାଳିକା ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଅଛି । ମୁଁ ଶିକ୍ଷୟିତ୍ରୀ, ସୀମନ୍ତିନୀ ନୁହେଁ । ମୋର ଆଜି କାହାରି ସହିତ ଆଉ କିଛି ସମ୍ପର୍କ ନାହିଁ । ମୁଁ ସମୁଦ୍ର ମଝିରେ ଏକ ନିର୍ଜନ ଉପଦ୍ୱୀପ । ଆପଣଙ୍କୁ ଟଙ୍କାଟା ଫେରାଇଦେବି ବୋଲି ବହୁ ଚେଷ୍ଟା କରି ପାରି ନ ଥିଲି । ଆପଣଙ୍କ ଠାରୁ ଋଣମୁକ୍ତ ହେଲେ ମୁଁ ଆଶ୍ୱସ୍ତ ହେବି । ଆଉ କାହାରି ପାଖରେ ମୋର ଆଉ କିଛି ଦେୟ ରହିବ ନାହିଁ ।

ଟଙ୍କା ଦେବା ଆଗରୁ କଥା ଶେଷ କରି ଋଣମୁକ୍ତ ହୋଇଯାଇ ଥିବା ଭଳି ମୁଖଭଙ୍ଗୀ କଲା ନନ୍ଦିତା । ତା ପରେ ହାତବ୍ୟାଗରୁ ୩ଟା ଦଶ ଟଙ୍କିଆ ନୋଟ୍ କାଢ଼ି ସେ ଟେବୁଲ୍ ଉପରେ ଥୋଇଲା ।

କେଉଁ ଏକ ରହସ୍ୟ ନାଟକର ଦୃଶ୍ୟ ଦେଖୁଥିବା ଭଳି ବସି ରହିଥିଲା ସତ୍ୟାନନ୍ଦ । ନନ୍ଦିତା କଥାଗୁଡ଼ାକ ଯେପରି ସରଳ ଭାବରେ, ଅନର୍ଗଳ ଭାବରେ କହିଗଲା, ସେ ତାକୁ ସେପରି ସହଜ ଭାବରେ ଗ୍ରହଣ କରିପାରିଲା ନାହିଁ ।

ମୃଣାଳ ସମ୍ଭବତଃ ତାର ସେଇ ଖଡ଼ଗପୁରର ଛାତ୍ର-ପ୍ରେମିକ, ଯାହା ଭରସାରେ ସେ ନିଜ ବାପା-ବୋଉଙ୍କୁ ଫାଙ୍କି ଦେଇ ବର୍ଷାମୁଖର

ଗାଡିରେ ବିନା ଟିକେଟରେ ଟ୍ରେନ୍ ଚଢ଼ିଥିଲି ! କିନ୍ତୁ ତାକୁ ପ୍ରତ୍ୟାଖ୍ୟାନ କଲା କାହିଁକି ମୃଣାଳ ?

ନନ୍ଦିତା ତାକୁ ବୁଝାଇଥିଲା, ମୁଁ ନିଜ ମନର ମାପକାଠିରେ ମୃଣାଳକୁ ମାପିଥିଲି । ମନେକରିଥିଲି, ମୋ ଭଳି ମୃଣାଳ ମନରେ ମଧ୍ୟ ପ୍ରେମ ଏକ ଗଭୀର ଅନୁଭୂତି । ନା—ମୃଣାଳ ମତେ ସେ କଥା ସ୍ପଷ୍ଟ ମନା କରିଦେଲା । କହିଲା, ମୋ ବାପାବୋଉଙ୍କ ଇଚ୍ଛାବିରୁଦ୍ଧରେ ସେ ମତେ ବିବାହ କରିପାରିବ ନାହିଁ । କାରଣ ଆଜି ଯଦି ଗୋଟାଏ ଖିଆଲରେ ନିଜ ବାପମାଆଙ୍କୁ ଛାଡ଼ି ଏକାକିନୀ ରାତିରେ ମୁଁ ତା ପାଖକୁ ପଳାଇ ଆସିପାରିଲି, କାଲି ହୁଏ ତ ଆଉ ଗୋଟାଏ ଖିଆଲରେ ତାକୁ ଛାଡ଼ି ମୁଁ ଅନ୍ୟ କାହା ପାଖକୁ ଚାଲିଯାଇପାରେ । ମୋ ଭଳି ଝିଅଙ୍କୁ କୁଆଡ଼େ ବିଶ୍ୱାସ କରିବା ବିପଦ !

ଚାକର ଜଳଖିଆ ଆଣି ଟେବୁଲ୍ ଉପରେ ରଖିଗଲା । ଜଳଖିଆ ପ୍ଲେଟ୍‌ରୁ ମାତ୍ର ଦୁଇ ପାଖୁଡ଼ା କମଳା ଉଠାଇ ନେଇ ପାଟିରେ ଦେଲା ନନ୍ଦିତା ।

ସତ୍ୟାନନ୍ଦ ସେହି ମୁହୂର୍ତ୍ତରେ ମୃଣାଳର ପାଷଣ୍ଡତା ଉପରେ ଆକ୍ଷେପ କରିବାରୁ ନନ୍ଦିତା ତାକୁ ବାଧାଦେଲା । କହିଲା, ସତ୍ୟାନନ୍ଦ ବାବୁ ! ପ୍ରେମ ହେଉଛି ଏକ ଅପୂର୍ବ ଅନୁଭୂତି । ଏଇ ଅନୁଭୂତିର ଆବେଗ ଜଣକ ମନରେ ଖୁବ୍ ଗଭୀର ନ ହେଲେ, ସେ କେବେ ଘର ଛାଡ଼େ ନାହିଁ, ନିଜର ଜନ୍ମଦାତା ପିତାମାତାଙ୍କୁ ତ୍ୟାଗ କରେ ନାହିଁ । ମୃଣାଳ ପ୍ରତି ମୋର ଅନୁରାଗ ସେହି ଗଭୀର ଉପଲବ୍‌ଧିର ସୀମା ସ୍ପର୍ଶ କରିଥିଲା ବୋଲି ମୁଁ ତା ପାଇଁ ଏ ସବୁ କରିପାରିଲି ; କିନ୍ତୁ ମୃଣାଳର ସେ ପ୍ରେମାନୁଭୂତି ମୋ ପାଇଁ ଏତେ ପ୍ରବଳ ହୋଇ ନ ଥିଲା । ସେ କେବଳ ସ୍ତ୍ରୀ ଚାହୁଁ ନ ଥିଲା; ଶାଶୁ, ଶଶୁର ଓ ସାମାଜିକ ସମ୍ପର୍କ ସବୁ କିଛି ଆଶା କରୁଥିଲା । କେବଳ ମତେ ସେ ସବୁକୁ ହରାଇବାକୁ ସେ ପ୍ରସ୍ତୁତ ହୋଇପାରିଲା ନାହିଁ । ମୋ ଅବସ୍ଥା ଦୃଷ୍ଟିରୁ ଦେଖିଲେ ତାକୁ ହୁଏ ତ ହୃଦୟ-ହୀନ ବୋଲି କୁହାଯାଇପାରେ; କିନ୍ତୁ ତା ଦୃଷ୍ଟିରୁ ବିଚାର କଲେ ସେ ନିରପରାଧ !

କିନ୍ତୁ ତମ ଜୀବନ ଯେ ନଷ୍ଟ ହୋଇଗଲା ! ଆତଙ୍କିତ କଣ୍ଠରେ ପ୍ରଶ୍ନ କରିଥିଲା ସତ୍ୟାନନ୍ଦ ଏବଂ ଠିକ୍ ସେଇଭଳି ନିର୍ଲିପ୍ତ ଭାବରେ ନନ୍ଦିତା

ଉତ୍ତର ଦେଲା, ନିଜ ଜୀବନର ପ୍ରଥମ ପ୍ରେମ ପାଇଁ କଷ୍ଟ ସହିଲାବେଳେ ନାରୀ ମଧ୍ୟ ଏକ ବିଚିତ୍ର ଆନନ୍ଦର ସ୍ୱାଦ ଉପଲବ୍ଧି କରେ । ସେ କଥା ଆପଣ ବୁଝିପାରିବେ ନାହିଁ । ମତେ ଦୟାକର ବିବାହ କରିବା ଅପେକ୍ଷା ପ୍ରତ୍ୟାଖ୍ୟାନ କରି ମୃଣାଳ ମୋର ବହୁ ଉପକାର କରିଛି । ବିବାହ କରିଥିଲେ ତାଆର ପାଇଁ ମୁଁ ଜଳିଥାଆନ୍ତି, ଅବିବାହିତା ରହି ତାଆର ପାଇଁ ମଧ୍ୟ ମୁଁ ପ୍ରତି ମୁହୂର୍ତ୍ତରେ ଶିହରୁଛି ।

କଥା ଶେଷ କଲାବେଳେ ନନ୍ଦିତାର ଦୁଇ ଆଖିରେ ହସ ଝିଲ୍‌ମିଲ୍ କରୁଥିଲା । ସେ ଉଠି ଠିଆହେଲା ଏବଂ କହିଲା, ଏ ଟଙ୍କାଟା ରଖି ମତେ ଦୟାକର ଋଣମୁକ୍ତ କରନ୍ତୁ । ଆପଣଙ୍କ ସାହାଯ୍ୟ ଓ ଆନ୍ତରିକତା କଥା ମୋର ମନେରହିବ ।

ସତ୍ୟାନନ୍ଦର ସେ ମୁହୂର୍ତ୍ତରେ ଇଚ୍ଛା ହେଉଥିଲା, ସେ ନନ୍ଦିତାର ହାତ ଧରି ପକାଇ କହନ୍ତା, ଟଙ୍କା ଦେଇ ଟଙ୍କାର ଋଣ ସୁଝାଯାଏ ; ଆନ୍ତରିକତାର ଋଣ ସୁଝାଯାଏ ନାହିଁ !

କିନ୍ତୁ ସେ କଥା ସେଦିନ ସେ କହିପାରି ନ ଥିଲା । ସେଥିପାଇଁ ତାର ସାହସ ହୋଇ ନ ଥିଲା । ଅଥଚ ଦିନେ ଏଇ ଆନ୍ତରିକତାର ଋଣ ପରିଶୋଧ କରିବା ପାଇଁ ନନ୍ଦିତା ତା ଗୃହକୁ ଆପେ ଆପେ ବୋହୂ ହୋଇ ଆସିଲା !

●

## ॥ ତୃତୀୟ ପରିଚ୍ଛେଦ ॥

ସ୍କୁଲଶିକ୍ଷୟିତ୍ରୀ ନନ୍ଦିତା ।

ଷ୍ଟେସନ ଠାରୁ ତିନି ମାଇଲ କେନାଲବନ୍ଧରେ ଗଲେ ବାମ ଦିଗରେ ଏକ ପୋଲ ; ସେଇ ପୋଲକୂଳରେ ନନ୍ଦିତାର ବାଳିକା ବିଦ୍ୟାଳୟ । ଦୁଇ ଧାଡ଼ି କୋଠାଘର । କଚ୍ଚସଡ଼କ ଉପରେ ଠିଆ ହୋଇ ଚାହିଁଲେ ରାସ୍ତା ଉପରକୁ ଶ୍ରେଣୀର କୋଠରୀଗୁଡ଼ିକ ଦେଖାଯାଏ ।

ରାସ୍ତା ଉପରେ ଠିଆହୋଇ ନନ୍ଦିତାକୁ ଦେଖୁଥିଲା ସତ୍ୟାନନ୍ଦ । ଚକ୍‌ଖଡ଼ିରେ କାନ୍ଥ କଳାପଟାରେ ଲେଖି ସେ କଅଣ ବୁଝାଉଛି ତାର ଛାତ୍ରୀମାନଙ୍କୁ ; ଅଥଚ ତା ମନର କଥା ସେ ନିଜେ କାହିଁକି ବୁଝି-ପାରୁ ନାହିଁ !

ପିରିୟଡ଼ ଶେଷର ଘଣ୍ଟା ବାଜିଲା ପରେ କୁଣ୍ଠିତ ପଦକ୍ଷେପରେ ସେ ସ୍କୁଲ ଗେଟ୍ ପାଖକୁ ଯାଇଥିଲା । ଦରଓ୍ୱାନ୍ ହାତରେ ଖବର ଦେଇଥିଲା ନନ୍ଦିତା ପାଖକୁ । ଆଉ ତା ଉପରେ ଆଖି ପଡ଼ିଯିବା[illegible] ସେ ନନ୍ଦିତା ଆଖିରେ ବିସ୍ମୟର ଯେଉଁ ବିଦ୍ୟୁତ୍-ପ୍ରବାହ ସଞ୍ଚାରିତ [illegible] ଯାଇଥିଲା, ତାହା ଲକ୍ଷ୍ୟ କରି ସେ ମନେ ମନେ ଉଲ୍ଲସିତ ହୋଇଥିଲା ।

ନନ୍ଦିତା ପ୍ରଶ୍ନ କରିଥିଲା, ଆପଣ ଏଠାରେ ହଠାତ୍ ?

ଦରଓ୍ୱାନ୍‌ଟା କୁଟିଳଦୃଷ୍ଟିରେ ତା ଆଡ଼କୁ ଚାହିଁରହିଥିଲା ।

ସତ୍ୟାନନ୍ଦ ନିଜ ମନର ଜଡ଼ତାକୁ ନିଃସଙ୍କୋଚରେ ଅତିକ୍ରମ କରି ଉତ୍ତର ଦେଇଥିଲା, ହଠାତ୍ ମନେହେଲା, ତମ ସହିତ ମଝିରେ ମଝିରେ ଦେଖାକଲେ କ୍ଷତି କ'ଣ ? ଯେତେବେଳେ ତମର ଏଠାରେ କେହି ଆତ୍ମୀୟ-ସ୍ୱଜନ ନାହାନ୍ତି; କିଛି ସୁବିଧା-ଅସୁବିଧା ଥାଇପାରେ ତ !

ନନ୍ଦିତା ତା କଥାର କୌଣସି ଉତ୍ତର ସାଙ୍ଗେ ସାଙ୍ଗେ ଦେଇ ନ ଥିଲା । ସହଜରେ ଏପରି ପ୍ରଶ୍ନର ଉତ୍ତର ଦେଇହୁଏ ନାହିଁ । ତେବେ ସତ୍ୟାନନ୍ଦ ତାକୁ ଅସୁବିଧାବେଳେ ସାହାଯ୍ୟ କରିଥିଲା । ତେଣୁ ଆଜି କେବେ ଅସୁବିଧା ପଡ଼ିଲେ ସେ ତାକୁ ସାହାଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବ, ଏଥିରେ କିଛି ଅସ୍ୱାଭାବିକତା ନ ଥିଲା ।

ସତ୍ୟାନନ୍ଦ ତାର ନୀରବତାରେ ସମ୍ଭବତଃ ବିବ୍ରତ ବୋଧକଲା । କହିଲା, ଉପସ୍ଥିତ ହୋଇ ମୁଁ କଅଣ ତମକୁ କିଛି ଅସୁବିଧାରେ ପକାଇଲି ?

ନା—ନା—ଆପଣ ସେମିତି କିଛି ଭାବନ୍ତୁ ନାହିଁ । ବରଂ ମତେ ଆପଣ ମନେରଖିଛନ୍ତି, ଅସୁବିଧାରେ ପଡ଼ିଲେ ସାହାଯ୍ୟ କରିବାକୁ ନିଜ ତରଫରୁ ଉତ୍ସାହ ପ୍ରକାଶ କରିଛନ୍ତି ; ନାନା କାରଣରୁ ତାହା ମୋ ପାଇଁ ଆଶ୍ୱାସନାର କଥା—ନନ୍ଦିତା ବଡ଼ କ୍ଷିପ୍ର ଗତିରେ କଥାଗୁଡ଼ାକ ଉଚ୍ଚାରଣ-କରି ଦମ୍ ନେଇଥିଲା ।

ତା'ପରେ ସେମାନେ ନନ୍ଦିତାର ଉଡ଼ାଘରକୁ ଯାଇଥିଲେ । ନନ୍ଦିତା ହାତରେ କଫି ତିଆରି କରି ତାକୁ ଖୁଆଇଥିଲା । କଥାବାର୍ତ୍ତା ମଝିରେ ସତ୍ୟାନନ୍ଦର ବ୍ୟକ୍ତିଗତ ଜୀବନ ସମ୍ପର୍କରେ ଗୋଟାଏ ଦୁଇଟା ପ୍ରଶ୍ନ କରି ବୁଝିଥିଲା । ସେ ଅବିବାହିତ ବୋଲି ଜାଣିବା ପରେ ତା'ର ଗଣ୍ଡଦେଶ ପାଟଳ ହୋଇ ଉଠି ନ ଥିଲା କିମ୍ବା ଅପ୍ରତିଭ ଭାବରେ ସେ ନିଜ ବକ୍ଷ-ବାସକୁ ସଂଯତ କରିବା ପାଇଁ ଅକାରଣ ବ୍ୟଗ୍ରତା ଦେଖାଇ ନ ଥିଲା ।

ସତ୍ୟାନନ୍ଦର ମନେହୋଇଥିଲା, ନନ୍ଦିତା ଏକ ସ୍ଥିର-ଜଳ ନଦୀ । ତା'ର ସ୍ରୋତରେ ବେଗ ନାହିଁ ; ତା'ର ଭାବଭଙ୍ଗୀରେ ତରଙ୍ଗର ଉଚ୍ଛ୍ୱାସ ନାହିଁ । ଜୀବନକୁ ସେ ଯେମିତି ଅତି ନିଷ୍ଠୁର ଭାବରେ ଚିହ୍ନିଛି । କୌଣସି ଅଯଥା ଆଶା ତାକୁ ଯେମିତି ଚପଳ ଆନନ୍ଦରେ ଅସ୍ଥିର କରୁ ନାହିଁ ; କୌଣସି ଅନାଗତ ଆଶଙ୍କା ତାକୁ ସେହିପରି ଦୁଃସହ ଯନ୍ତ୍ରଣାରେ ପୀଡ଼ିତ କରୁ ନାହିଁ ।

ଏମିତି ଝିଅ ସଂସାରରେ ବେଶି ନ ଥାନ୍ତି । ଦୁଃଖକଷ୍ଟ ସହି ସହି ଅନେକ ଝିଅ ଅଛନ୍ତି, ଯେଉଁମାନେ ଆଶ୍ରୟର ଆଭାସ ଦେଖିଲେ ଆଶାରେ ହାତ ବଢ଼ାଇ ଦିଅନ୍ତି । ଆଉ ପୁଣି କେତେକ ଝିଅ ଅଛନ୍ତି, ଯେଉଁମାନେ ଥରେ ଗୋଟିଏ ଜିନିଷ ହରାଇ ସୁଦ୍ଧା ପାଇବାର ଆଶା ଛାଡ଼ନ୍ତି ନାହିଁ । ସେମାନଙ୍କ ଦୁଇ ଆଖି ନୂଆ କିଛି ପାଇବାର ଆଶାରେ ସବୁବେଳେ ଜଳୁଥାଏ । କିନ୍ତୁ ସବୁ କିଛି ହରାଇ ସୁଦ୍ଧା ନନ୍ଦିତାର ଆଖିରେ, କଥାରେ, ଭାବଭଙ୍ଗୀରେ—କୌଣସିଠାରେ ହେଲେ, ପ୍ରଲୋଭନର ସ୍ପୃହା ଦେଖା ଯାଉନାହିଁ ।

ସେଦିନ ସେ ନନ୍ଦିତା ପାଖରୁ ଫେରିଆସିଲାବେଳେ ନିଜ ଉପରେ ରାଗ କରିଥିଲା । ନିଜକୁ ଦୋଷ ଦେଇଥିଲା, ତାର ହୁଏ ତ କୌଣସି ସୁଗୁଣ ନାହିଁ ; ଯାହା ନନ୍ଦିତା ପାଇଁ ଲୋଭନୀୟ ହୋଇପାରେ !

ସେ ସ୍ଥିର କରିଥିଲା, ଅଯାଚିତ ଭାବରେ ସେ ଆଉ କେବେ ନନ୍ଦିତା ପାଖକୁ ଯିବ ନାହିଁ । ଅନିମନ୍ତ୍ରିତ ଭାବରେ ଅନ୍ୟ ଏକ ଅନାତ୍ମୀୟା ଝିଅ ପାଖକୁ ଯିବା ଅନ୍ୟାୟ, ଅଭଦ୍ରତା ! କିନ୍ତୁ ସେ ବେଶି ଦିନ ନିଜକୁ ନନ୍ଦିତା ପାଖରୁ ଦୂରେଇ ରଖିପାରି ନ ଥିଲା । କିପରି ଏକ ଦୁରନ୍ତ

ଆକର୍ଷଣରେ ସେ ପୁଣି ଟାଣିହୋଇ ଯାଇଥିଲା ନନ୍ଦିତାର ଭଡ଼ା ବସା-ଘରକୁ ।

ନନ୍ଦିତାର ଆଖିରେ ଗଭୀର ଆନନ୍ଦର ଆଲୋକ ଝଲସି ଉଠିଥିଲା । ସତ୍ୟାନନ୍ଦକୁ ଦେଖି ସେ ପ୍ରଶ୍ନ କରିଥିଲା, ଆପଣ ଏତେଦିନ ହେଲା ଆସି ନ ଥିଲେ କାହିଁକି ? କଅଣ ଡିଉଟିରେ ଅନ୍ୟ କୁଆଡ଼େ ଚାଲି-ଯାଇଥିଲେ ?

ସତ୍ୟାନନ୍ଦର ଶୁଖିଲା ମୁହଁରେ ଆକସ୍ମିକ ହସର ହିଲ୍ଲୋଳ ଦେଖାଦେଇଥିଲା । ତାର ଦୁଇ ଓଠ ଆପେ ଆପେ ଫାଙ୍କ୍ ହୋଇ ଯାଇଥିଲା । ତାହାହେଲେ ମନେ ମନେ ତାର ଆଗମନ ପାଇଁ ପ୍ରତୀକ୍ଷା କରୁଥିଲା ନନ୍ଦିତା !

ଆଶ୍ଚର୍ଯ୍ୟ ରମଣୀର ମନ !

ସତ୍ୟାନନ୍ଦ କୈଫିୟତ୍ ଦେଇଥିଲା, ନା—ନା—ମୁଁ ଏତେଥର ଆସିଲେ ତମେ କାଳେ ଅନ୍ୟ କିଛି ଭାବିବ ସେଥିପାଇଁ···ସେଥିପାଇଁ··· !

ଏଥିରେ ଭାବିବାର କଅଣ ଅଛି ? ଆପଣ ଏ ଅଞ୍ଚଳରେ ମୋର ଏକମାତ୍ର ପରିଚିତ ବନ୍ଧୁ ; ମୋର ସୁବିଧା-ଅସୁବିଧା ବୁଝିବାକୁ ଆସିବେ, ଏଥିରେ, ମୁଁ ବା କାହିଁକି କଅଣ ଭାବିବି ? ନନ୍ଦିତା କଥା ଶେଷ କରି ତା ମୁହଁକୁ ଚାହିଁରହିଥିଲା ।

ତା ପରେ ସେ ଦୁହେଁ ଅନେକ ସମୟ ଗଳ୍ପ କରିଥିଲେ । ସତ୍ୟାନନ୍ଦ ଲକ୍ଷ୍ୟ କରିଥିଲା, ଏଥର ତା ପାଖରେ ଲଜ୍ଜା, ସଙ୍କୋଚ, ଦ୍ୱିଧା, ଭୟ ତ୍ୟାଗ କରି ନନ୍ଦିତା ଅନେକ ପରିମାଣରେ ସହଜ ହୋଇଉଠିଛି । କଥା କହିଲାବେଳେ ତାର ଜିଭ ଲାଗୁ ନାହିଁ ; ଅକାରଣରେ କଣ୍ଠ ଥନ୍ତୁ ନାହିଁ । କଥା କହିଲାବେଳେ ସେ ଭାବିଚିନ୍ତି ରହି ରହି କଥା କହୁ ନାହିଁ ।

ସତ୍ୟାନନ୍ଦ ପଚାରି ନ ଥିଲେ ବି ନିଜ ଅତୀତ ଜୀବନର ଛୋଟ ଛୋଟ ଘଟଣା ସେ ପ୍ରସଙ୍ଗକ୍ରମେ ପ୍ରକାଶକଲା । ବାପା, ବୋଉ କିପରି ତାକୁ ଭଲ ପାଉଥିଲେ, ସେମାନଙ୍କୁ ଛାଡ଼ି ଆସିଲାବେଳେ ସେ କିପରି କାନ୍ଦି କାନ୍ଦି ଶାଢ଼ୀକାନିକୁ ଲୁହରେ ଭିଜାଇ ଦେଇଥିଲା, ସେ କଥା ବର୍ଣ୍ଣନା କଲାବେଳେ ତା ଆଖିପତା ଦୁଇଟି ସଜଳ ହୋଇ ଆସୁଥିଲା ।

ବାପା, ବୋଉ ତମକୁ ଏତେ ସ୍ନେହ କରୁଥିଲେ, ଅଥଚ ତମେ ଯାହାକୁ ଭଲପାଉଥିଲ, ତାଙ୍କ ସହିତ ତମର ବିବାହ ଦେବାକୁ ରାଜି

ହେଲେ ନାହିଁ କାହିଁକି ?—ସତ୍ୟାନନ୍ଦ ଅନ୍ୟମନସ୍କ ଭାବରେ ପ୍ରଶ୍ନ କରିଥିଲା ।

ଶାଢ଼ୀକାନିରେ ନିଜ ଆଖିପତାକୁ ପୋଛି ନେଇ ନେଇ ନନ୍ଦିତା ଉତ୍ତର ଦେଇଥିଲା, ସେମାନଙ୍କ ଇଚ୍ଛାବିରୁଦ୍ଧରେ ମୁଁ ଆଜି ଜଣକୁ ବିବାହ କରିବାକୁ ଚାହୁଁଥିଲି, ଏ କଥା ସେମାନେ କେଜାଣି କାହିଁକି ମୂଳରୁ ସହ୍ୟ କରିପାରି ନ ଥିଲେ । ଏହା ଦ୍ୱାରା ସମ୍ଭବତଃ ସେମାନଙ୍କ ଅଭିଭାବକତ୍ୱ ଉପରେ ମୁଁ ଆଘାତ କରିଥିଲି । ସେଥିପାଇଁ ଜଣେ ଇତର ଲୋକ ସହିତ ସେ ମୋର ବିବାହ ସ୍ଥିର କରିଥିଲେ···ସମ୍ଭବତଃ ମତେ ଶାସ୍ତି ଦେବା ପାଇଁ······

ବାକ୍ୟ ଶେଷ କରି ନ ଥିଲା ନନ୍ଦିତା । ସେ ହଠାତ୍ କିପରି ଅନ୍ୟମନସ୍କ ହୋଇ ଯାଇଥିଲା । ତା ପରେ ସେ ସ୍ୱଗତୋକ୍ତି କଲା ଭଳି କହିଥିଲା, ମୋ ସୀମନ୍ତରେ ସିନ୍ଦୂର ପିନ୍ଧିବା ଯୋଗ ବୋଧହୁଏ ନାହିଁ । ସେଥିପାଇଁ ମୋର ଅବଶୋଷ ନାହିଁ । ଅନେକ ଝିଅ ତ ବିବାହର ମାସେ ଦୁଇ ମାସ ମଧ୍ୟରେ ପୁଣି ବିଧବା ହୋଇ ସାରା ଜୀବନ ନିଃସଙ୍ଗ ରହନ୍ତି !

ନନ୍ଦିତାର ସେଇ ଶେଷ କଥାଟି ଖୁରର ଧାର ଭଳି ସତ୍ୟାନନ୍ଦର ଛାତିରେ ରକ୍ତର ଗାର କାଟି ଦେଇଥିଲା । ସେ ନିଜ ଛାତି ଭିତରେ ଯନ୍ତ୍ରଣା ଅନୁଭବ କରିଥିଲା । ତାର ସନ୍ଦେହ ହୋଇଥିଲା, ଯଦି ସେ ନିଜ ମନର ଭାବକୁ ଶୀଘ୍ର ପ୍ରକାଶ କରି ନ ଦିଏ, ତାହାହେଲେ ସେ ହୁଏ ତ ଶ୍ରେଷ୍ଠ ପିଲାଙ୍କ ଭଳି କାନ୍ଦିଉଠିବ !

ନନ୍ଦିତା ! କୌଣସି କୌଣସି ବିଧବା ତ ପୁଣି ପୁନର୍ବିବାହ କରି ସୁଖୀ ହୁଅନ୍ତି ! ତମେ ତାହାହେଲେ ବିବାହ କରିବ ନାହିଁ କାହିଁକି ? ମୁଁ···ମୁଁ ରାଜି ଅଛି । ତମେ ଯଦି ହଁ ଭରିବ, ତେବେ ଯେତେ ଶୀଘ୍ର ସମ୍ଭବ···।—ଜାଣି ଜାଣି ନିଜ କଥା ଶେଷ ନ କରି ସତ୍ୟାନନ୍ଦ ଆଗ୍ରହରେ ନନ୍ଦିତାର ମୁହଁକୁ ଚାହିଁଥିଲା । ଲକ୍ଷ୍ୟ କରିଥିଲା ତା ମୁହଁର ଭାବାନ୍ତର ।

ନନ୍ଦିତା ମୁହଁର ରଙ୍ଗ ବଦଳି ଯାଇଥିଲା । ରକ୍ତଶୂନ୍ୟ ହୋଇ ଯାଇଥିଲା ତାର ଆଖିପତା । ନିଃଶ୍ୱାସର ଗତି ତାର ହୋଇଥିଲା ପ୍ରଖର । କଥା କହିବାକୁ ଚେଷ୍ଟା କରି ସୁଦ୍ଧା ସେ କଥା କହିପାରୁ ନ ଥିଲା ।

ସତ୍ୟାନନ୍ଦ ତାକୁ ଉତ୍ସାହିତ କରିଥିଲା କଥା କହିବାକୁ। ବୁଝାଇଥିଲା, କିନ୍ତୁ ଏଥିରେ ଲଜ୍ଜା କରିବାର କଅଣ ଅଛି ? ମୁଁ ତମକୁ ଭଲପାଏ ନନ୍ଦିତା !

ନନ୍ଦିତା ଦୁଇ ହାତ ପାପୁଲିରେ ନିଜ ମୁହଁକୁ ଚାପି ଧରି କଇଁ କଇଁ ହୋଇ କାନ୍ଦିଉଠିଥିଲା । କହିଥିଲା, ଆପଣ ବି ଶେଷରେ ମୋର ଏ ପୁଷ୍ପିତ ଦେହ ପାଇଁ ପାଗଳ ହୋଇ ଉଠିଲେ ? ବିବାହକୁ ବାଦ୍ ଦେଇ କଅଣ ଜଣେ ପୁରୁଷ ଏବଂ ଜଣେ ନାରୀ ମଧ୍ୟରେ ବନ୍ଧୁତ୍ୱ ସମ୍ଭବ ନୁହେଁ ? ଶିକ୍ଷୟିତ୍ରୀ ଭାବରେ ଏହି ବିଦ୍ୟାଳୟରେ ଯୋଗଦେବା ପରେ ଅନେକ ପୁରୁଷ ବନ୍ଧୁତ୍ୱର ଛଳନା କରି ବିବାହ ପାଇଁ ପ୍ରସ୍ତାବ କରିଥିଲେ……ସେମାନଙ୍କୁ ମୁଁ ଘୃଣାରେ, ଦୁଃଖରେ, ଶୋକରେ ଫେରାଇ ଦେଇଥିଲି…ଭାବିଥିଲି, ଆପଣ ଭିନ୍ନ ଉପାଦାନରେ ଗଢ଼ା…ନାରୀ ଆପଣଙ୍କ ପାଇଁ କେବଳ ଏକ ଉଷ୍ଣ ରକ୍ତମାଂସର ପ୍ରତିମା ନୁହେଁ…କିନ୍ତୁ ଆପଣ ମୋର ସେ ଭୁଲ୍ ଏତେ ଶୀଘ୍ର ଭାଙ୍ଗିଦେଲେ !

ଲଜ୍ଜା, ଦୁଃଖ ଓ ଅପମାନରେ ସତ୍ୟାନନ୍ଦର ମୁହଁ କଳା ପଡ଼ି ଯାଇଥିଲା । ଏପରି ଭାବରେ ସେ କେବେହେଲେ ଅନ୍ୟ କାହାରି ପାଖରେ ଅପମାନିତ ହୋଇ ନ ଥିଲା; ଅଥଚ ଏ ଅପମାନ ସେ ଆପେ ଆପେ ସୃଷ୍ଟି କରିଛି ! ଏ ଲଜ୍ଜା, ଏ ଅପମାନକୁ ସେ କେଉଁଠାରେ ଗୋପନ କରିବ ?

ସେହିପରି ଭାବରେ ଅନେକ ସମୟ କଟିଯାଇଥିଲା । କିଛିକ୍ଷଣ ପରେ ସତ୍ୟାନନ୍ଦ ଆହତ କଣ୍ଠରେ ପ୍ରଶ୍ନ କଲା, ମୋ ପ୍ରସ୍ତାବ ମୁଁ ଫେରାଇ ନେଉଛି । ତମେ ଏପରି ଏକ ପ୍ରସ୍ତାବରେ ଏତେ ଆହତ ହେବ ତାହା ମୁଁ କଳ୍ପନା କରିପାରି ନ ଥିଲି ; କିନ୍ତୁ ତମେ କାନ୍ଦୁଛ କାହିଁକି ?

ସତ୍ୟାନନ୍ଦର ମୁହଁକୁ ନ ଚାହିଁ ନନ୍ଦିତା ଉତ୍ତର ଦେଲା, ଜଣେ ଜଣକ ଉପରେ ଗୋଟିଏ ଗୋଟିଏ ଧାରଣା ନେଇ ମଣିଷ ବଞ୍ଚେ । ସେ ଧାରଣା ଯେତେବେଳେ ସେ ଭୁଲ ବୋଲି ବୁଝେ, ସେତେବେଳେ ତାର ବଞ୍ଚିରହିବା କଷ୍ଟକର ହୋଇଉଠେ । ମୃଣାଳ ଉପରେ ମୋର ଦିନେ ଯେଉଁ ଧାରଣା ଥିଲା, ସେ ଧାରଣା ଆଜି ଦିନେ ମୁଁ ଭୁଲ୍ ବୋଲି ବୁଝିଲି । ସେଥିରେ ମୋର ଜୀବନ ଦୁର୍ବିସହ ହୋଇ ଉଠିଲା । ବଞ୍ଚି

ରହିବା ଲାଗି ଆଜି ଏକ ନୂଆ ରାସ୍ତାର ସନ୍ଧାନ କରିବା ପାଇଁ ମୁଁ ଏଠାରେ ଶିକ୍ଷୟିତ୍ରୀର ଚାକିରି ଗ୍ରହଣ କରି ନେଇଥିଲି । ବାପା, ବୋଉ, ସାଙ୍ଗସାଥି, ଆତ୍ମୀୟସ୍ୱଜନ—ସମସ୍ତଙ୍କୁ ଛାଡ଼ି ଏଇ ନିର୍ଜନ ପରିବେଶରେ ମୁଁ ନିଜ ଅତୀତ ଜୀବନର ଗ୍ଲାନିକୁ ବିସ୍ମୃତ ହେବାକୁ ଚେଷ୍ଟା କରିଥିଲି । ମୋର ଏ ନିଃସଙ୍ଗ ଜୀବନରେ ଆପଣ ନେପଥ୍ୟ କୋଳାହଳ ଭଳି ବେଳେବେଳେ ଭାସି ଆସି ମୋର ନାରୀସତ୍ତାକୁ ଜାଗ୍ରତ କରି ଦେଇ ଯାଉଥିଲେ । ଜଣେ ସତ୍ ବନ୍ଧୁ ବୋଲି ମୁଁ ଆପଣଙ୍କୁ ବିଶ୍ୱାସ କରିଥିଲି । ହଠାତ୍ ଆଜି ମୋର ସେ ଧାରଣାକୁ ବଦଳାଇ ଦେଲେ । ସତ୍ୟାନନ୍ଦବାବୁ ! ମୁଁ କାନ୍ଦିବି ନାହିଁ ତ କଅଣ କରିବି ?

ଦିବ୍ୟଜ୍ଞାନ ଲାଭ କଲା ଭଳି ସତ୍ୟାନନ୍ଦ ସେଦିନ ଉଚକିତ ହୋଇ ଉଠିଥିଲା । କଅଣ କହି ସେ ନନ୍ଦିତାକୁ ବୁଝାଇବ ଯେ ସେ ଅସତ୍ ନୁହେଁ ; ତା ବିବାହ ପ୍ରସ୍ତାବ ପଛରେ ଆନ୍ତରିକତା ବ୍ୟତୀତ ଅନ୍ୟ କୌଣସି ଅସତ୍ ଉଦ୍ଦେଶ୍ୟ ନାହିଁ; ସେ ହଠାତ୍ ତାହା ବୁଝିପାରି ନ ଥିଲା । ଭଲପାଇବାର ପ୍ରଭାବ ସେ ନିଜ ଅନ୍ତଃଲୋକରେ ଅନୁଭବ କରୁଥିଲା, ଅଥଚ ଭଲପାଇବାର ଭାବ ପ୍ରକାଶ କରିବା ପାଇଁ ତାକୁ ଭାଷା ଜଣା ନ ଥିଲା । ସେ ନିର୍ବୋଧଙ୍କ ଭଳି ସେଥିପାଇଁ ଅନେକ ସମୟ ନନ୍ଦିତାର ମୁହଁକୁ ଚାହିଁ ରହିଥିଲା ଏବଂ ଆପେ ଆପେ ଉଠି ଆସିଲାବେଳେ ବଡ଼ ନିମ୍ନ କଣ୍ଠରେ କହିଆସିଥିଲା, ନନ୍ଦିତା ! ମତେ କ୍ଷମା କର ।

●

## ॥ ଚତୁର୍ଥ ପରିଚ୍ଛେଦ ॥

---

ଅନ୍ଧକାର ମଧ୍ୟରେ ବାଟ ଚାଲୁଥିବାବେଳେ ହଠାତ୍ ଯେପରି ପ୍ରଦୀପର କଥା ମନେପଡ଼େ, ଗାଡ଼ିରେ ଟିକେଟ୍ ଚେକ୍ କରୁଥିବାବେଳେ ସେହିପରି ସତ୍ୟାନନ୍ଦର ନନ୍ଦିତାର କଥା ସ୍ମରଣ ହୁଏ । ସେଥିପାଇଁ ବେଳେ ବେଳେ ଟିକେଟ ଚେକିଂ ବନ୍ଦ କରିଦେଇ ସେ ନିଶ୍ଚଳ ଭାବରେ

ଠିଆ ହୁଏ ଏବଂ ଜଣେ ହତଭାଗ୍ୟ, ଅନାଶ୍ରିତ ଲୋକ ଭଳି ସେ ନିଜେ ନିଜକୁ ପ୍ରଶ୍ନ କରେ, ତାର ଏ କଅଣ ହେଲା ?

ପ୍ରେମ ଏକ ବିଷମ ବସ୍ତୁ, ଏ କଥା ସେ ନନ୍ଦିତା ପ୍ରେମରେ ପଡ଼ିବାର ଅନେକ ଆଗରୁ ଜାଣିଥିଲା । ତା ଭଳି କର୍ମବ୍ୟସ୍ତ, ସାଧାରଣ ନିଷ୍କପଟ ଲୋକ ପକ୍ଷରେ ବିବାହ ଆଗରୁ କୌଣସି ଝିଅକୁ ପ୍ରେମକରିବା ଯେ ଉଚିତ ନୁହେଁ, ବିବେକ ନାମକ ଦେବତା ତାର ହେତୁ ପାଇବା-ଦିନୁ ତାକୁ ଚେତେଇ ଦେଇ ଆସୁଛି । ଅଥଚ ସେଦିନ ଘୋର ବର୍ଷା ରାତିରେ, ଟ୍ରେନ କମ୍ପାର୍ଟମେଣ୍ଟରେ, ଟିକେଟ ଚେକିଂ କଲାବେଳେ ଏମିତି ତାକୁ ଅସମୟରେ, ଆକସ୍ମିକ ଭାବରେ ପ୍ରେମରେ ପଡ଼ିବାକୁ ହେବ; ଏ କଥା ସେ ଯଦି ଜାଣିଥାଆନ୍ତା··· !

ଗ୍ରେଟ ଷ୍ଟେସନରେ ଷ୍ଟେସନମାଷ୍ଟର ଅନନ୍ତବାବୁ ତାର ଅନ୍ତରଙ୍ଗ ବନ୍ଧୁ । ସେ ତାର ପିଠି ଆପୁଡ଼େଇ ସେଦିନ କହିଥିଲେ, ପ୍ରେମଟା ହେଲା ଆନ୍ତ୍ରିକ ଜ୍ୱର ଭଳି । ଆସିଲାବେଳେ ତ ସେ କେବେ କୌଣସି ପୁରୁଷ ଜୀବନରେ ନୋଟିସ୍ ଦେଇ ଆସେ ନାହିଁ ; ପୁଣି ଅସାବଧାନତା ଯୋଗୁଁ ଯଦି ଥରେ ରିଲାପ୍‌ସ୍ କରେ, ତେବେ ଅବସ୍ଥା ସାଙ୍ଘାତିକ ହୋଇ ଉଠେ । ଅବଶ୍ୟ ରୋଗଟା ଭଲ ହୋଇଗଲେ ସ୍ୱାସ୍ଥ୍ୟ ବେଶ୍ ଗୋଲ୍‌ଗାଲ୍ ହୋଇ-ଯାଏ । ସତ୍ୟାନନ୍ଦବାବୁ ! ନନ୍ଦିତାର ପ୍ରେମ-ରୋଗଟା ରିଲାପସ୍ ନ କରି ଯେପରି ଆରୋଗ୍ୟ ହୋଇଯାଏ, ତାର ବ୍ୟବସ୍ଥା କର । ତାହାହେଲେ ସ୍ୱାସ୍ଥ୍ୟ ଭଲ ରହିବ···

ଅନନ୍ତବାବୁ ସେ ଦିନ ତା ସାଙ୍ଗରେ କଲିକତା ଯାଉଥିଲେ । ସେ ଯାତ୍ରୀ ; ସତ୍ୟାନନ୍ଦ ଟି. ଟି. ଆଇ. ! ଗୋଟିଏ ନିର୍ଜ୍ଜନ କମ୍ପାର୍ଟମେଣ୍ଟରେ ସେମାନେ ଅନେକ ସମୟ ଏକାଠି ରହିବା ଫଳରେ, ସତ୍ୟାନନ୍ଦ ନିଜ ଛାତି ଉପରର ପାଷାଣ ଭାର ଓହ୍ଲାଇ ଦେବା ପାଇଁ ନନ୍ଦିତାର ପ୍ରଣୟ-ଉପାଖ୍ୟାନ ତାଙ୍କ ଆଗରେ ମନର ବେଶ୍ ଦରଦ ଦେଇ ବର୍ଣ୍ଣନା କରିଥିଲା । ବଡ଼ ଖିଲେ ପାନ ଗୋରୁପାକୁଳି ପକାଇଲା ଭଳି ଗୁଳେଇ ଗୁଳେଇ ଅନନ୍ତବାବୁ ନନ୍ଦିତା ପ୍ରସଙ୍ଗ ଶୁଣୁଥିଲେ । ପ୍ରସଙ୍ଗ ଶୁଣା ଶେଷ ହେବା ପରେ କମ୍ପାର୍ଟମେଣ୍ଟ ଝରକା ବାହାରକୁ ଥୁ ଥୁ କରି ପାନଛେଡା-ଗୁଡ଼ାକ ଫୋପାଡ଼ିଦେଇ ସେ ପ୍ରେମକୁ ଟାଇଫଏଡ୍ ରୋଗ ସହିତ ତୁଳନା

କରି ଉପରଲିଖିତ ମନ୍ତବ୍ୟ ପ୍ରକାଶ କଲେ । ମନ୍ତବ୍ୟଟା ଶୁଣିସାରିଲା ପରେ ସତ୍ୟାନନ୍ଦର ମନେହେଲା, ଲଘବ ହେବା ବଦଳରେ ତା ଛାତି ଉପରର ପାଷାଣଭାର ବେଶି ଓଜନିଆ ହୋଇ ଉଠିବା ଭଳି ସେ ବୋଧକରୁଛି । ସେ ଆଉ କିଛି ବାକ୍ୟ ବିନିମୟ ନ କରି ପରବର୍ତ୍ତୀ ଷ୍ଟେସନରେ ଅନ୍ୟ ଏକ ତୃତୀୟ ଶ୍ରେଣୀ କମ୍ପାର୍ଟମେଣ୍ଟକୁ ଓହ୍ଲାଇଗଲା ଏବଂ ଅଭ୍ୟାସଗତ ଭାବରେ ପ୍ରଶ୍ନକଲା, ଟିକେଟ୍···ଟିକେଟ୍··· !

ଜୀବନଟା ଏଇ ଚଳନ୍ତା ଟ୍ରେନ୍‌ର କମ୍ପାର୍ଟମେଣ୍ଟ ଭଳି । ପ୍ରତି ଷ୍ଟେସନରେ ଗାଡ଼ି ରହିଲାବେଳେ କେତେ ଯାତ୍ରୀ ଓହ୍ଲାଇ ଆଉ କେତେ ନୂଆ ଯାତ୍ରୀ ଉଠିଲା ଭଳି, ସମୟର ଗତି ସହିତ ମଣିଷ ମନରୁ କେତେ ପଥରବୋଝ ଓହ୍ଲାଇ ଯାଇ ପୁଣି ନୂଆ ସମସ୍ୟାର ବୋଝ ଲଦି ହୋଇ-ଯାଏ । ଅଥଚ ନନ୍ଦିତାର ସେଇ ପ୍ରଣୟ-ସ୍ମୃତି ତା ମନ ଉପରେ ପଥର ବୋଝ ଭଳି ଏତେଦିନ ଚୁପି ହୋଇ ରହୁଛି କାହିଁକି ?

ଦୁଇଟା ଷ୍ଟେସନ ପରେ କମ୍ପାର୍ଟମେଣ୍ଟଟା ଯାତ୍ରୀଶୂନ୍ୟ ହୋଇ ଉଠିଲା । ଚେକ୍ କରିବାକୁ ଯାତ୍ରୀ କେହି ନାହାନ୍ତି । ଅନ୍ୟ କମ୍ପାର୍ଟମେଣ୍ଟକୁ ନ ଯାଇ ଗୋଟିଏ ଶୂନ୍ୟ ବେଞ୍ଚ ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ବସି ରହିଲା ସତ୍ୟାନନ୍ଦ ।

ଆଖିପତା ମାଡ଼ି ହୋଇ ଆସୁଛି ; କିନ୍ତୁ ଶୋଇବାକୁ ଇଚ୍ଛା ହେଉ ନାହିଁ । ସତ କହିବାକୁ ଗଲେ, ଏଇ କେତେଦିନ ହେଲା ତା'ର ସୁନିଦ୍ରା ହୋଇନାହିଁ । ନନ୍ଦିତା ପାଖରୁ ସେଦିନ ଫେରିଆସିଲା ପରେ ତାକୁ ପ୍ରାୟ ଦଶ ଖଣ୍ଡରୁ ବେଶି ଚିଠି ସେ ଲେଖିସାରିଛି । ସବୁ ଚିଠିଗୁଡ଼ାକ ଲମ୍ବା । ଚିଠି ଲେଖି ସେ ବୁଝାଇବାକୁ ଚେଷ୍ଟାକରିଛି ଯେ, ବିବାହ ପ୍ରସ୍ତାବ ଉତ୍‌ଥାପନ କରିବାରେ ତା'ର କିଛି ଖରାପ ଉଦ୍ଦେଶ୍ୟ ନ ଥିଲା । ପ୍ରକୃତରେ ସେ ତା'ର ପ୍ରେମରେ ପଡ଼ିଯାଇଛି । ସେଥିପାଇଁ ଏଥିମଧ୍ୟରେ ଅନେକ ସ୍ଥାନରୁ ତା'ର ବିବାହ ପ୍ରସ୍ତାବ ଆସିଥିଲେ ସୁଦ୍ଧା, ସେ କୌଣସି ପ୍ରସ୍ତାବରେ ରାଜିହୋଇ ପାରିନାହିଁ ।

ନନ୍ଦିତା ତା'ର କୌଣସି ଚିଠିର ଉତ୍ତର ଦେଇ ନାହିଁ । ନନ୍ଦିତା ନିଜକୁ ତା' ଠାରୁ ଯେତେ ଦୂରେଇ ରଖିବାକୁ ଚେଷ୍ଟାକରୁଛି ; ତାକୁ ପାଇବା ପାଇଁ ସତ୍ୟାନନ୍ଦ ଭିତରେ ସେତିକି ବ୍ୟାକୁଳତା, ସେତିକି ଜିଦ୍

ପ୍ରକାଶ ପାଉଛି । ନନ୍ଦିତାର ପ୍ରତ୍ୟାଖ୍ୟାନକୁ ସହଜରେ ଗ୍ରହଣ କରିନେବାକୁ ଚେଷ୍ଟା କରି ସୁଦ୍ଧା ସେ ପାରୁନାହିଁ ।

ନନ୍ଦିତା କଅଣ ତାକୁ ସ୍ୱାମୀ ହେବାର ଅଯୋଗ୍ୟ ବୋଲି ମନେ କରୁଛି ।

ସତ୍ୟାନନ୍ଦ ନିଜକୁ ନିଜେ ପ୍ରଶ୍ନ କରି ଚମକି ଉଠିଲା । ସେ ଶୂନ୍ୟ ବେଞ୍ଚ ଉପରେ ହାତଭରା ଦେଇ ଉଠି ଠିଆହେଲା । ତାକୁ କେମିତି ଡର ଡର ଲାଗିଲା । ସେ ନିର୍ଜ୍ଜନ କମ୍ପାର୍ଟମେଣ୍ଟରେ ଚଳମାନ ଟ୍ରେନ୍‌ରେ ସେ ଭୟଭୀତ ହୋଇ ଠିଆହେଲା ।

ସେ ସାମାନ୍ୟ ଜଣେ ଟି. ଟି. ଆଇ..!

ନନ୍ଦିତା ଭଳି ଜଣେ ଧନ୍ୟ ସୁନ୍ଦରୀ ଝିଅର ସ୍ୱାମୀ ହେବା ପାଇଁ ସେ ଅଯୋଗ୍ୟ, ଅପାରଗ !

ଅଯୋଗ୍ୟ, ଅପାରଗ ଲୋକ ମନରେ ତାହାହେଲେ ଭ୍ରଣୟର ପୂର୍ବରାଗ ସଂଚରିତ ହୁଏ କାହିଁକି ?

ସତ୍ୟାନନ୍ଦ ଭୟରେ ଗୋଟି ସୁଦ୍ଧା ଥରୁଥିଲା । ତା'ର ଭୟ ନିଜର ଅଯୋଗ୍ୟତାକୁ !

ଷ୍ଟେସନରେ ଗାଡ଼ି ରହିବାମାତ୍ରେ ସେ ଅନ୍ୟ ଏକ କମ୍ପାର୍ଟମେଣ୍ଟକୁ ଚାଲିଗଲା ।

●

## ॥ ପଞ୍ଚମ ପରିଚ୍ଛେଦ ॥

ନନ୍ଦିତା କାନ୍ଦୁଥିଲା ।

ଏତେଦିନ ପରେ ହଠାତ୍ ତାକୁ ଦେଖି ବିସ୍ମୟରେ ବିମୁତ୍ ହୋଇ ଯାଇଥିଲା ସତ୍ୟାନନ୍ଦ । ପୁଣି ତା ଆଖିର ଲୁହ ଦେଖି ସେ ନିଜ ଛାତି ଭିତରେ ଶ୍ୱାସରୁଦ୍ଧ ହୋଇଯିବାର ଯନ୍ତ୍ରଣା ଅନୁଭବ କଲା ।

ଷ୍ଟେସନ ପ୍ଲାଟଫର୍ମ ଉପରେ ଠିଆହୋଇ ଏଭଳି ଅବସ୍ଥାରେ କଥାବାର୍ତ୍ତା କରିବା ଉଚିତ ନୁହେଁ । ସେ ତାକୁ ଡାକିନେଲା ନିଜ ନିର୍ଜନ ବସାଗୃହକୁ । ଷ୍ଟେସନ ପାଖରୁ ଅଳ୍ପ ଦୂରରେ ତା'ର ବସାଘର !

କଅଣ ହୋଇଛି ? କାହିଁକି ତମେ କାନ୍ଦୁଛ ନନ୍ଦିତା !

ବାପା ଆସିଥିଲେ— !

ବାପା ! —ଚମକି ଉଠିଲା ସତ୍ୟାନନ୍ଦ । ତା'ପରେ ନିଜକୁ ସଂଯତ କରି ନେଇ କହିଲା, ସବୁଦିନେ ତ ତମେ ଆଉ ତମର ଠିକଣା ଗୋପନ କରି ରଖିପାରିନ୍ତ ନାହିଁ ! ବାପା ଆସିଲେ କ୍ଷତି କଅଣ ?

ସେତେବେଳକୁ କିଛି ପରିମାଣରେ ସେ ହୁଏ ତ ପ୍ରକୃତିସ୍ଥ ହୋଇ ସାରିଥିଲା । ସତ୍ୟାନନ୍ଦ କଥାର ସେ ଉତ୍ତର ଦେଲା, ସେଇ ପୁରାତନ ବାହାଘର ପ୍ରସ୍ତାବ···ସେ ଚରିତ୍ରହୀନ ଲୋକ ବର୍ତ୍ତମାନ ସୁଦ୍ଧା ମତେ ବିବାହ କରିବାକୁ ପ୍ରସ୍ତୁତ !

ବିପଦର ଆକୃତି ବେଶ୍ ଅନୁମାନ କରିପାରିଲା ସତ୍ୟାନନ୍ଦ । ତା ନିଜ ଛାତି ଭିତରେ ମଧ୍ୟ ସମ୍ବାଦଟା ଶୁଣି ସେ କଅଣ ଗୋଟାଏ ଅଟକିଗଲା ଭଳି ଅନୁଭବ କରୁଥିଲା । ମୁହଁଟା ତା'ର ଶୁଖି ଫିକା ପଡ଼ିଗଲା ।

ମୁଁ କଅଣ କରିବି, କିଛି ଭାବିପାରୁ ନାହିଁ । ମୁଁ କିନ୍ତୁ ସେଠାରେ ବିବାହ କଲେ ବଞ୍ଚିବି ନାହିଁ । ନା, ସେ ଚରିତ୍ରହୀନ ଲୋକକୁ ବିବାହ କରିବା ଅପେକ୍ଷା ମୁଁ ବରଂ ଆତ୍ମହତ୍ୟା କରିଦେବି । —କଥା କହିଲା-ବେଳେ ମଧ୍ୟ ନନ୍ଦିତା ଫୁଲି ଫୁଲି କାନ୍ଦୁଥିଲା ।

ଆତ୍ମହତ୍ୟା !

ସତ୍ୟାନନ୍ଦ ଚମକି ଉଠିଲା ।

ଏଇ ସପ୍ତାହକ ତଳେ ଜଣେ ବ୍ୟର୍ଥପ୍ରଣୟୀ ଟ୍ରେନ୍ ଆଗକୁ ଡେଇଁ ପଡ଼ି ଆତ୍ମହତ୍ୟା କରିଥିଲା । ସେହି ମୃତବ୍ୟକ୍ତିର ରକ୍ତାକ୍ତ ଦେହ ସେ ଦେଖିଛି । ନନ୍ଦିତାର ଆତ୍ମହତ୍ୟା କଥା ଶୁଣି ସେଇ ରକ୍ତରେ ଭିଜା ବିକୃତ ହୋଇ ଯାଇଥିବା ମୃତଲୋକର ମୁହଁର ଛବି ସତ୍ୟାନନ୍ଦର ଆଖି ଆଗରେ ଭାସିଉଠିଲା ।

ନା, ନା, ତମେ ଆଉ ଯାହା କର ପଛେ ନନ୍ଦିତା, ଆତ୍ମହତ୍ୟା କର ନାହିଁ । ସତ୍ୟାନନ୍ଦର କଣ୍ଠସ୍ୱରରେ କ୍ରନ୍ଦନର କାତରତା ପ୍ରକାଶ ପାଇଥିଲା ।

ନନ୍ଦିତାର ଆଖିରୁ ଲୋତକର ଧାରାଶ୍ରାବଣ ସେ ପର୍ଯ୍ୟନ୍ତ ଶୁଖିଯାଇ ନ ଥିଲା ।

ନିଜ ଓଠକୁ ଦାନ୍ତରେ ଚିପିଧରି କିଛି ସମୟ ଭାବିଲା ସତ୍ୟାନନ୍ଦ । ତା ପରେ ନିଜ ମନକୁ ଦୃଢ଼ କରି ନେଇ ସେ କହିଲା, ମୁଁ ଖଣ୍ଡଗିରି ଆଜି ରାତିରେ ଯିବି । ମୃଣାଳବାବୁଙ୍କୁ ବୁଝାଇବି ଯେ ତମେ ଏକ ପବିତ୍ର-ଆତ୍ମା ନାରୀ । କଳଙ୍କ ତମ ଦେହମନକୁ ସ୍ପର୍ଶ କରିପାରି ନାହିଁ । ସେ ବିବାହ ପାଇଁ ରାଜି ହୋଇଯିବା ଉଚିତ ।

ନନ୍ଦିତାର ଦୁଇ ଓଠରେ ଈଷତ୍ ହସର ଆଲୋଡ଼ନ ଦେଖା ଦେଲା । ନିଜ ଆଖି ଲୁହକୁ ଶାଢ଼ୀକାନିରେ ପୋଛି ନେଇ ସେ କହିଲା, ଆପଣ ଗଲେ ତାଙ୍କର ସନ୍ଦେହ ଆହୁରି ବେଶି ଘନୀଭୂତ ହେବ । ପୁରୁଷର ମନ ଚିର-ସନ୍ଦେହୀ । ଆପଣଙ୍କୁ ଶେଷରେ ଅପମାନିତ ହୋଇ ଫେରିବାକୁ ପଡ଼ିବ । ତା ଛଡ଼ା ଯେଉଁ ପୁରୁଷ ମତେ ମୋ ମୁହଁ ଉପରେ ପ୍ରତ୍ୟାଖ୍ୟାନ କରିଛି, ତାର ସନ୍ତାନକୁ କୋଳରେ ଧରି ଆଜୀବନ ତା ପାଖରେ କ୍ରୀତଦାସୀ ହୋଇ ରହିବାକୁ ମୁଁ ଆଜି ଚାହେଁ ନା—

ସତ୍ୟାନନ୍ଦ ବିମର୍ଷ ଭାବରେ କହିଲା, ତା ଛଡ଼ା ତମର ଅନ୍ୟ କିଛି ଉପାୟ ଅଛି ? ବିବାହ ପୂର୍ବରୁ ସବୁ ସ୍ୱାମୀ ସନ୍ଦେହୀ, ବିବାହ ପରେ ତୁମକୁ ସମ୍ପୂର୍ଣ୍ଣ ଭାବରେ ପାଇଲା ପରେ ସେ ସନ୍ଦେହ ଆପେ ଆପେ ମିଳେଇଯିବ···

ନନ୍ଦିତା କିନ୍ତୁ ସତ୍ୟାନନ୍ଦର ସେ ଯୁକ୍ତିରେ ଟିକେ ହେଲେ ବିଚଳିତ ହେଲା ନାହିଁ । ସେ କ୍ଷୀଣକଣ୍ଠରେ କହିଲା, ମୃଣାଳଙ୍କୁ ବାଦ୍ ଦେଲେ ମୋ ଆଗରେ ଗୋଟିଏ ମାତ୍ର ବାଟ ଅଛି···ଆପଣ···ଆପଣଙ୍କୁ ଯଦି ମୁଁ ବିବାହ କରେ···

ସତ୍ୟାନନ୍ଦର ଆଖିକୋଣରେ ଆଶା ଓ ଆନନ୍ଦର ଆଲୋକ ଝଲସି ଉଠିଲା । ସେ କହିଲା, ସତରେ···ସତରେ ତମେ ମତେ ବିବାହ କରିବ ନନ୍ଦିତା !

ନନ୍ଦିତା ମୁହଁ ତଳକୁ ପୋତି ଉତ୍ତର ଦେଲା, ମୁଁ ବିବାହ ପାଇଁ ରାଜି ଅଛି ; କିନ୍ତୁ ଗୋଟିଏ ସର୍ତ୍ତରେ···!

ଗୋଟିଏ କାହିଁକି, ଶହେଟା ସର୍ତ୍ତ ପାଳନ କରିବାକୁ ମୁଁ ପ୍ରସ୍ତୁତ ଅଛି ନନ୍ଦିତା ! ତମେ ମୋ ଆଖିର ଆଲୋକ···ମୋର ଅନେକ ଦିନର ଅଧା-ଦେଖା ସ୍ୱପ୍ନ··· । —ସତ୍ୟାନନ୍ଦର କଣ୍ଠରେ ଗଭୀର ମମତା ଆଉ ନିବିଡ଼ ଆନ୍ତରିକତାର ସ୍ପର୍ଶ ସ୍ପଷ୍ଟ ହୋଇ ଉଠୁଥିଲା ।

ନନ୍ଦିତା କହିଲା, କେବଳ ଗୋଟିଏ ସର୍ତ୍ତ···ବିବାହ ପରେ ଆପଣ ମୋର ଅତୀତ ବିଷୟରେ କେବେହେଲେ ପ୍ରଶ୍ନ କରିବେ ନାହିଁ । ମୃଣାଳ ସହିତ ମୋର ସଂପର୍କ ବିଷୟରେ କିଛି ହେଲେ ପ୍ରଶ୍ନ କଲେ ମୁଁ ସହି ପାରିବି ନାହିଁ । ମୁଁ ମୋର ଅତୀତକୁ ସମ୍ପୂର୍ଣ୍ଣ ଭୁଲିଯିବାକୁ ଚାହେଁ ।

ପ୍ରଗଲ୍‌ଭ ହସର ହିଲ୍ଲୋଳରେ ନିଜ ମୁହଁର ସରୁ ସରୁ ରେଖାଗୁଡ଼ିକୁ ପ୍ରବଳ ବେଗରେ ଆନ୍ଦୋଳିତ କରି ସତ୍ୟାନନ୍ଦ କହିଲା, ମାତ୍ର ଏଇ ସର୍ତ୍ତ ! ଛି, ଛି···ମୋ ମନ କଅଣ ଏତେ ଛୋଟ ଯେ··· !

ନନ୍ଦିତା ଅନୁଭବ କଲା, ସତ୍ୟାନନ୍ଦର ସେହି ପଦିଏ କଥାରେ ତା ମନର କୋଣ-ଅନୁକୋଣ ବିପୁଳ ଆନନ୍ଦର ଆବେଗରେ ସ୍ପନ୍ଦିତ ହୋଇ ଉଠୁଛି । ଏତେ ଅନ୍ତରଙ୍ଗ ଭାବରେ ଖୁସି ସେ ଜୀବନରେ ଆଉ କେବେହେଲେ ଅନୁଭବ କରି ପାରି ନ ଥିଲା !

●

## ॥ ଷଷ୍ଠ ପରିଚ୍ଛେଦ ॥

---

ନନ୍ଦିତା ସହିତ ତାର ଦେଖା ଯେମିତି ହୋଇଥିଲା ଅତି ଆକସ୍ମିକ ଭାବରେ, ବିବାହଟା ମଧ୍ୟ ସେମିତି ଅପ୍ରତ୍ୟାଶିତ ଭାବରେ ହୋଇଗଲା । ଚାକିରିରୁ ଛୁଟି ନେଇ ସଦ୍ୟବିବାହିତ ଯୁଗ୍ମଜୀବନକୁ ଭଲ କରି ଉପଭୋଗ କରିବା ପାଇଁ ସତ୍ୟାନନ୍ଦ ଭାରତବର୍ଷର ବିଭିନ୍ନ ରମଣୀୟ, ସ୍ୱାସ୍ଥ୍ୟକର ସ୍ଥାନ ସବୁ ବୁଲିଆସିଲା ।

ଏଇ ଧନ କେତୋଟିର ଘନିଷ୍ଠତା ମଧ୍ୟରେ ସେ ଲକ୍ଷ୍ୟକଲା, ନନ୍ଦିତା ତା ଆଖି ଆଗରେ ସମ୍ପୂର୍ଣ୍ଣ ନୂତନ ଏକ ରୂପ ନେଇ ଉଭା ହୋଇଛି । ପ୍ରଥମ ପ୍ରଥମ ପରିଚୟବେଳେ ସେ ଯେମିତି ଏକ ହାସ୍ୟମୟୀ, ଲାସ୍ୟମୟୀ, ରୂପବତୀ ରମଣୀ ଭଳି ମନେହୋଇଥିଲା, ବିବାହ ପରେ ସେ ସେତେ ସୁନ୍ଦରୀ, ହାସ୍ୟମୁଖରା, ଗୀତିମୟୀ କବିତା ଭଳି ମନେହେଉ ନ । କଥା-ବାର୍ତ୍ତା, ଢଙ୍ଗଢାଙ୍ଗ, ଦୃଷ୍ଟିଭଙ୍ଗୀରେ ସେ କେମିତି ଖୁବ ବାସ୍ତବବାଦୀ ଆଉ ବସ୍ତୁବାଦୀ ହୋଇଉଠିଛି । ଦାର୍ଜିଲିଂରୁ ସେ ଯେତେବେଳେ ମଧୁବାସର ସପ୍ତାହ ପାଳନ କରିବା ପାଇଁ କାଶ୍ମୀର ଯିବାକୁ ପ୍ରସ୍ତାବ କଲା, ସେଥିରେ ଆପତ୍ତି ଉଠାଇଲା ନନ୍ଦିତା ।

ଅଯଥାରେ ଏତେ ପଇସା କାହିଁକି ମିଛରେ ଖର୍ଚ୍ଚ କରିବା ? ତା ଅପେକ୍ଷା ବରଂ ପୁରୀ କିମ୍ବା ଗୋପାଳପୁର ଭଲ । —ନନ୍ଦିତା ନିଜର ବିକଳ୍ପ ପ୍ରସ୍ତାବ ତା ଆଗରେ ରଖିଲାବେଳେ କେମିତି ଖୁବ କ୍ଲାନ୍ତ ଦେଖାଯାଉଥିଲା ।

କଲିକତାରୁ ଫେରିବାବେଳେ ସେ କହିଲା, ତାହାହେଲେ ମୁଁ ଦୁଇଟା ପ୍ଲେନ ଟିକେଟ କିଣିଆଣୁଛି ।

ସାଙ୍ଗେ ସାଙ୍ଗେ ବାଧା ଦେଇଥିଲା ନନ୍ଦିତା, ପ୍ଲେନ୍ ଟିକେଟ ! ଆଠ ଘଣ୍ଟା ବିଳମ୍ବରେ ପହଞ୍ଚିଲେ କଅଣ ଏମିତି ଅସୁବିଧା ହୋଇଯିବ ଯେ ! ଅଯଥା ଖର୍ଚ୍ଚ···

ନିଜର ନବବିବାହିତା ପତ୍ନୀକୁ ଏଥର ଭଲଭାବରେ ଗୁହିଁ ଦେଖିଥିଲା ସତ୍ୟାନନ୍ଦ । ନନ୍ଦିତାର ସୀମନ୍ତରେ ସକାଳର ସୂର୍ଯ୍ୟ ଭଳି ସେ ଗୋଲ୍ ସିନ୍ଦୂରଟୋପା ଆଦୌ ମାନୁ ନାହିଁ । ସିନ୍ଦୂର ପିନ୍ଧିଲାବେଳେ ଛୋଟ ଟୋପାଟିଏ ପିନ୍ଧିବାକୁ ସେ ଯେତେ ତାକୁ କହୁଛି ; ସେତିକ ସେତିକ ତା କଥାର ଚରମ ଅବାଧ ହେଉଛି ନନ୍ଦିତା । ଏତେ ବଡ଼ ଉଜ୍ଜ୍ୱଳ ସିନ୍ଦୂର-ଟୋପା ପିନ୍ଧିଲେ ସେ କେମିତି ମନେହେଉଛି ଏକ ପକ୍କା ଗୃହିଣୀ ଭଳି ।

ସତ୍ୟାନନ୍ଦ ନନ୍ଦିତାକୁ ଚିଡ଼େଇବା ପାଇଁ ଯୁକ୍ତି କରିଥିଲା, ସ୍ୱାମୀ ସାମାନ୍ୟ ଜଣେ ଟି. ଟି. ଆଇ. ବୋଲି ଟଙ୍କା-ପଇସା ବିଷୟରେ ଭାବି ତୁମିଆର···ନା !

ନନ୍ଦିତା କିନ୍ତୁ ତା କଥା ଶୁଣି ଚିଡ଼ିଯାଇ ନ ଥିଲା । ଉତ୍ତର ଦେଲା: ନା—ସାମାନ୍ୟ ଟି. ଟି. ଆଇ. ବୋଲି ମୁଁ ମୋ ସ୍ୱାମୀଙ୍କୁ କେବେ ଛୋଟ ଭାବୁ ନାହିଁ ; କିନ୍ତୁ ତମର ଟଙ୍କା ଖର୍ଚ୍ଚ ବିଷୟରେ ବେପରୱା ଭାବ ଦେଖି

ମତେ ଭାରି ଭଲ ଲାଗୁଛି । ଟଙ୍କା ରୋଜଗାର କରିବା ସେତେ ବଡ଼ କଥା ନୁହେଁ ; ବଡ଼ କଥା ହେଉଛି ତାକୁ ପରିମିତ ଭାବରେ ଖର୍ଚ୍ଚ କରିବା । ବାପା ବହୁତ ପଇସା ଇନ୍‌ସୁରାନ୍‌ସ ଏଜେନ୍‌ସିରୁ ରୋଜଗାର କରୁଥିଲେ ; କିନ୍ତୁ ଆମର ସବୁବେଳେ ଅଭାବ-ଅସୁବିଧା ଲାଗିରହୁଥିଲା । ବାପା ଅକାରଣରେ ଖର୍ଚ୍ଚ କରିବାରେ ସବୁବେଳେ ଆନନ୍ଦ ପାଆନ୍ତି...

ନନ୍ଦିତାର କଥା ଶୁଣି ସତ୍ୟାନନ୍ଦ ନିଜ ଶ୍ୱଶୁରଙ୍କ ବ୍ୟକ୍ତିଗତ ଜୀବନର ଏକ ବୈଶିଷ୍ଟ୍ୟ ବିଷୟ ଉପଲବ୍ଧି କଲା । ପିତୃ-ପରିବାରର ପ୍ରଭାବ ଯେ ଝିଅମାନଙ୍କ ବିବାହିତ ଜୀବନକୁ ବହୁତ ପରିମାଣରେ ନିୟନ୍ତ୍ରିତ କରେ, ସେ ତାର ହେଲା ପ୍ରଥମ ଆବିଷ୍କାର !

ଗୃହକୁ ଫେରିଆସିବା ପରେ ମଧ୍ୟ ସେ ଲକ୍ଷ୍ୟ କଲା, ନନ୍ଦିତା ନିଜ ଘର-ସଂସାରକୁ ଅଳ୍ପ ସମୟ ମଧ୍ୟରେ ସଜାଡ଼ି ନେବାରେ ଖୁବ୍ ପାରଙ୍ଗମ । ନୂତନ ଗୃହସଜ୍ଜାର ଆୟୋଜନ ମଧ୍ୟରେ ସେ ନିଜେ ଅଣନିଶ୍ୱାସୀ ହୋଇ ଯାଉଥିବାବେଳେ ନନ୍ଦିତାର ସେଥିରେ କ୍ଳାନ୍ତି ନାହିଁ ।

ସେଦିନ ଷ୍ଟେସନରୁ ଫେରି ସେ ଦେଖିଲା; ଷ୍ଟୋଭ ଜାଳି ତା ପାଇଁ ଜଳଖିଆ ପ୍ରସ୍ତୁତ କରୁଛି ନନ୍ଦିତା । ତାକୁ ଷ୍ଟେସନରୁ ଫେରିବା ଦେଖି ସେ ତା ପାଖରେ ଆସି ଠିଆହେଲା ।

ତାର ପରିଧେୟରେ କୌଣସି ଔଜ୍ଜ୍ୱଲ୍ୟ ନାହିଁ । ଗୋଟାଏ ପୁରୁଣା ମଇଳା ଶାଢ଼ୀ ସେ ପିନ୍ଧିଛି । ଆଗେ ତା ପାଖରେ ଠିଆହେଲେ ତାର ଠିଆହେବାର ଭଙ୍ଗୀରେ ଯେପରି ଏକ ରାଜହଂସୀ ରାଜହଂସୀ ଭାବ ଫୁଟି ଉଠୁଥିଲା, ସେପରି କୌଣସି ଠାଣି ନାହିଁ ତାର ଠିଆହେବାର ଭଙ୍ଗୀରେ ।

କର୍ମକ୍ଳାନ୍ତ ଜୀବନରୁ ଫେରି ନିଜର ନବବିବାହିତା ସୁନ୍ଦରୀ ସ୍ତ୍ରୀକୁ ଏପରି ଭାବରେ ଦେଖିବ ବୋଲି ସେ କେବେ କଳ୍ପନା କରି ନ ଥିଲା । ତା ମନଟା ହଠାତ୍ ଚିଡ଼ା ଧରିଗଲା ।

ନନ୍ଦିତା କହିଲା, ମୁହଁ ଧୋଇ ଆସ—ଜଳଖିଆ ଆଣୁଛି ।

ସତ୍ୟାନନ୍ଦ ନିଜ ଭିତରେ କ୍ଷୁଧା ଅନୁଭବ କରିପାରିଲା ନାହିଁ । ଅଥଚ ଗାଡ଼ିରୁ ଓହ୍ଲାଇ, ବୁକିଂ ଅଫିସ ଦେଇ ଆସିଲାବେଳେ ତାକୁ ଜୋର୍‌ରେ ଭୋକ ହେଉଥିଲା !

କିଛି ଦିନ ପରେ ସତ୍ୟାନନ୍ଦ ପୁଣି ଅନୁଭବ କଲା, ନନ୍ଦିତାର ଯେଉଁ ହସ ତାକୁ ସବୁଠାରୁ ବେଶି ଭଲଲାଗେ ; ସେ ହସିଲେ ଫୁଲ

ଫୁଟିବାର ଯେଉଁ ଦୃଶ୍ୟ ତା ଆଖି ଡୋଳାର କାଚକୁ ଝଲସାଇ ଦିଏ; ସେ ହସ ନନ୍ଦିତା ମୁହଁରେ ଆଉ କେବେ ଫୁଟୁ ନାହିଁ । ବିବାହ ପରେ ସେ କେମିତି ଗମ୍ଭୀର ହୋଇଯାଉଛି । କେମିତି ମନମରା ହୋଇପଡ଼ୁଛି । କେମିତି ସେ ଶୁଖିଲା ଶୁଖିଲା ଦିଶୁଛି । ସବୁବେଳେ ଯେମିତି କଅଣ ଭାବୁଛି; ହଜି ଯାଇଥିବା ଜିନିଷ ଯେମିତି ମନେ ମନେ ଖୋଜୁଛି । ଯେମିତି "ଯାହା ଖୋଜଥିଲି ତାହା ପାଇଲି ନାହିଁ; ଆଉ ଏ ବଞ୍ଚିରହିବାର କି ସ୍ୱାଦ !"; ଏମିତି ଯେପରି ସେ ମନେ ମନେ ଭାବୁଛି ।

ସତ୍ୟାନନ୍ଦର ସନ୍ଦେହ ହେଲା; ସେ ଯେମିତି ନନ୍ଦିତାକୁ ବିବାହ କରି ତା ମୁହଁର ହସକୁ ଲୁଣ୍ଠନ କରି ନେଇଛି; କେଉଁ ଏକ ନିଷ୍ଠୁର ପାଷଣ୍ଡ ତସ୍କର ଭଳି !

ନନ୍ଦିତା ତାକୁ ପ୍ରଶ୍ନ କଲା, କଅଣ ଏତେ ଭାବୁଛ ? ମୁଁ ସେତେବେଳୁ ପଚାରୁଛି ଚାହା ଆଣିବି ନା ନାହିଁ ? କାହିଁ, କିଛି ଉତ୍ତର ଦେଉ ନ ଯେ !

ସତ୍ୟାନନ୍ଦ ନନ୍ଦିତାର ହାତ ପାପୁଲିକୁ ନିଜ ହାତ ମୁଠା ମଧ୍ୟକୁ ଟାଣିନେଲା । କହିଲା, ଗୋଟିଏ କଥା ପଚାରିବି ?

ପଚାର । ଅନୁମତି ଚାହୁଁଛ କାହିଁକି ?

ତମେ କାହିଁକି ଆଗ ଭଳି ହସୁ ନାହିଁ ? ଆଗେ ଦେଖାହେଲେ ଯେମିତି ତମ ସାରା ମୁହଁରେ ମେଞ୍ଚା ମେଞ୍ଚା ଜହ୍ନଆଲୁଅ ଢାଙ୍କି ହୋଇ ପଡ଼ିଲା ଭଳି କେଉଁ କେଉଁ ହସ ଫିଟି ପଡ଼ୁଥିଲା, ସେମିତି ହସ କାହିଁ କି ମୁଁ ଆଉ ଦେଖୁ ନି ! ମତେ ବିବାହ କରି ତମେ କଅଣ ସୁଖୀ ହୋଇନାହିଁ ? —ସତ୍ୟାନନ୍ଦ ବଡ଼ ବ୍ୟାକୁଳ ଭାବରେ ପ୍ରଶ୍ନଟା କରି ନନ୍ଦିତା ମୁହଁକୁ ଉତ୍ତର ପାଇଁ ଚାହିଁ ରହିଲା ।

ସେ ଆଶା କରୁଥିଲା, ଅନ୍ତତଃ ତାର ସେ କଥା ଶୁଣି ନନ୍ଦିତାର ଦୁଇ ଆଖିକୋଣରେ ପ୍ରଥମେ ସେ ହସର ଇଙ୍ଗିତ ଫୁଟିଉଠି ପୁଣି ସାରା ମୁହଁଯାକ ବିସ୍ତୃତ ହୋଇପଡ଼ିବ; କିନ୍ତୁ ସେ ଯେତେବେଳେ ଲକ୍ଷ୍ୟ କଲା, ତାର ସେ ପ୍ରଶ୍ନ ଶୁଣି ନନ୍ଦିତାର ମୁହଁ ଉପରେ ଆତଙ୍କର ଏକ କଳାମେଘ ଘୋଟି ଆସିଲା, ସେତେବେଳେ ତା ନିଜ ମୁହଁ ଶୁଖି ପାଉଁଶିଆ ହୋଇଗଲା ।

ଆପଣଙ୍କୁ ବିବାହ କରି ମୁଁ ଖୁବ୍ ସୁଖୀ ହୋଇଛି ; କିନ୍ତୁ ବିବାହ ଆଗରୁ ମୋ ମାନସିକ ଅବସ୍ଥା ଯାହା ଥିଲା, ସେଥିରେ ନିଶ୍ଚୟ କିଛି ଅଦଳ ବଦଳ ଘଟିଥିବ । ବିବାହ ପରେ ଝିଅମାନେ ବଦଳି ଯାଆନ୍ତି । ତମେ ଏଥିପାଇଁ ଅନ୍ୟ କିଛି ଭାବ ନାହିଁ । ସୁନାଟି ପରା ! — କଥା ଶେଷ କରି ନନ୍ଦିତା ଆସି ସତ୍ୟାନନ୍ଦର ଦେହରେ ଘଷିହେଲା ।

କଣ୍ଟକିତ ହୋଇ ଉଠୁଥିଲା ସତ୍ୟାନନ୍ଦର ସାରା ଦେହ ।

ବିବାହ ପରେ ଝିଅମାନେ ବଦଳି ଯାଆନ୍ତି !

କିନ୍ତୁ ସେ ତ ନନ୍ଦିତାଠାରେ କୌଣସି ଅଦଳବଦଳ ଆଶା କରୁ ନ ଥିଲା । ସେ ଯଦି ଜାଣିଥାଆନ୍ତା ଯେ ବିବାହ କରିବା ଦ୍ୱାରା ନନ୍ଦିତାର କୁମାରୀ-ଦେହର ଜ୍ୟୋତି ଲିଭିଯିବ, ତା ମୁହଁର ହସ ଉଭେଇ ଯିବ, ତା ଚାଲିର ଭଙ୍ଗୀ ବଦଳିଯିବ, ତାହାହେଲେ ସେ ହୁଏ ତ ନନ୍ଦିତାକୁ ଦୂରରୁ ଥାଇ ସବୁବେଳେ ଦେଖିଥାଆନ୍ତା, ବିବାହ କରି ପାଖକୁ କେବେ ଟାଣି ନ ଆଣନ୍ତା ।

ନନ୍ଦିତା ତାର ଲୋମଶ ଛାତି ଉପରେ ମୁହଁ ରଖି ପ୍ରଶ୍ନକଲା, ତମେ ରାଗିଲ ? ଏଇ ଦେଖ ମୁଁ ହସୁଛି—

ନନ୍ଦିତା ହସୁଥିଲା ।

କିନ୍ତୁ ସେ ହସରେ ପୂର୍ବର ସେ ପ୍ରଗଲ୍ଭତା ନ ଥିଲା । ଏ ଯେପରି ଇଚ୍ଛାକୃତ, ମପାଚୁପା ସାଂସାରିକ ହସ !

ସତ୍ୟାନନ୍ଦ ଦୁଃଖ ଓ କ୍ଷୋଭରେ ଭାଙ୍ଗିପଡ଼ିଲା ।

●

## ॥ ସପ୍ତମ ପରିଚ୍ଛେଦ ॥

---

ମଧ୍ୟରାତ୍ରରେ କୌଣସି କାରଣରୁ ସତ୍ୟାନନ୍ଦର ନିଦ୍ରାଭଙ୍ଗ ହେଲା । ନିଦ ଭାଙ୍ଗିଯିବା ମାତ୍ରେ ତାର ସ୍ମରଣ ହେଲା, ଶୋଇଲାବେଳେ ନନ୍ଦିତାର ଗୋଟିଏ ହାତ ତା ଛାତି ଉପରେ ପଡ଼ିଥିଲା ; କିନ୍ତୁ ବର୍ତ୍ତମାନ ତା ଛାତି ଉପରେ ନନ୍ଦିତା-ହାତର ସେ ସ୍ପର୍ଶ ନାହିଁ ।

ସେ ସାବଧାନତାର ସହ କଡ଼ ଲେଉଟାଇ ଦେଖିଲା, ଶଯ୍ୟାର ଅଳ୍ପ ଦୂରରେ ତା ପାଖରୁ ଘୁଞ୍ଚିଯାଇ ନନ୍ଦିତା ଡାହାଣ କଡ଼ ଲେଉଟାଇ ଶୋଇଛି ।

କକ୍ଷ ମଧ୍ୟରେ ଜଳୁଥିବା ଜିରୋ ପାୱାରର ବଲ୍‌ବର ଆଲୋକରେ ସେ ଦେଖିପାରିଲା, ନନ୍ଦିତା ଚେଇଁ ଚେଇଁ ଶୋଇଛି ଏବଂ ତା ମୁହଁରେ ସେଇ ଦୁର୍ଲ୍ଲଭ, ସ୍ନିଗ୍ଧ ସ୍ମିତହାସ୍ୟର ରେଖା ଲାଗି ରହିଛି ।

ଆଜି ସାମାନ୍ୟ ଅସାବଧାନ ହୋଇଥିଲେ, ସତ୍ୟାନନ୍ଦ ନନ୍ଦିତାକୁ ହଲାଇ ସେ ତାର ଜାଗ୍ରତ ଅବସ୍ଥା କଥା ଜଣାଇ ଦେଇଥାଆନ୍ତା ; କିନ୍ତୁ ସେ ନିଜେ ହଠାତ୍ ସଚେତନ ହୋଇ ଉଠିଲା ଏବଂ ନନ୍ଦିତାକୁ ନିଜେ ଚେଇଁଥିବାର ସୂଚନା ନ ଦେଇ ନୀରବରେ ସେ ନନ୍ଦିତାର ଭ[illegible] ଲକ୍ଷ୍ୟ କଲା ।

ନନ୍ଦିତା ଶୋଇନାହିଁ ।

ଅଥଚ ରାତି ଦୁଇଟାରୁ ବେଶି ହୋଇଗଲାଣି !

ବୋଧହୁଏ ସବୁଦିନେ ରାତିରେ ଖୁବ୍ ବିଳମ୍ବରେ ଶୋଉଛି ନନ୍ଦିତା । ଏମିତି ଚେଇଁ ରହି ତାର ଅଲକ୍ଷ୍ୟରେ କଅଣ ସବୁ ଏଣୁ ତେଣୁ ଭାବୁଛି !

ସତ୍ୟାନନ୍ଦ ନନ୍ଦିତାର ଏ ଭାବାନ୍ତର ଦେଖି ଭୀଷଣ ଅସ୍ୱସ୍ତିରେ ଛଟପଟ ହେବାକୁ ଲାଗିଲା । ତାର କେମିତି ମନେହେଲା, ସେ ଶୋଇ ପଡ଼ିବା ପରେ ତାର ଅଲକ୍ଷ୍ୟରେ ନନ୍ଦିତା ମୃଣାଳର କଥା ହିଁ ଭାବୁଛି !

ମୃଣାଳ !

ତାର ନିର୍ଜ୍ଜନ ଶୟନକକ୍ଷରେ ଏ ଅର୍ଦ୍ଧରାତ୍ରିରେ ହଠାତ୍ ନନ୍ଦିତାର ପୂର୍ବତନ ପ୍ରଣୟୀ ମୃଣାଳ ପ୍ରବେଶ କଲା କିପରି ?

କାଲି, କାଲି ମାତ୍ର ସତ୍ୟାନନ୍ଦ ପାଇଛି ମୃଣାଳର ଖଣ୍ଡେ ଚିଠି ଓ ଗୋଟିଏ ଫଟୋ !

ବିବାହ ପରେ ନନ୍ଦିତା ନାମରେ ଆସିଥିଲା ସେଇ ପ୍ରଥମ ପତ୍ର । କୌତୂହଳ ବଶବର୍ତ୍ତୀ ହୋଇ ସେ ଚିଠି ଖୋଲି ଦେଇଥିଲା ସତ୍ୟାନନ୍ଦ ।

ମୃଣାଳ ଲେଖିଥିଲା, ତମ ବିବାହ ସମ୍ବାଦ ବିଳମ୍ବରେ ପାଇ ସୁଦ୍ଧା ମୁଁ ଖୁସିହେଲି । ସେଦିନ ମୋ ଠାରୁ ବିଦାୟ ନେଇଗଲାବେଳେ

ତମେ କହି ଯାଇଥିଲ, ଜୀବନରେ ଆଉ କେବେ ବିବାହ କରିବି ନାହିଁ । ମୋ ପାଇଁ ଚିରଦିନ କୁମାରୀ ରହିବି । ଆମ ପ୍ରଣୟର ସ୍ମୃତି ସ୍ୱରୂପ ଚାହିଁଥିଲ ମୋର ଖଣ୍ଡେ ଫଟୋ !

ନନ୍ଦିତା ମୁଁ ଜାଣିଥିଲି, ଆଜୀବନ କୁମାରୀ ହୋଇ ରହିବା ଭଳି ଝିଅ ତୁମେ ନୁହଁ । ସେ କଥା ଜାଣିଥିଲି ବୋଲି ତମକୁ ସେଦିନ ବିବାହ କରିବାକୁ ମୁଁ ମନା କରି ଦେଇଥିଲି । ତମ ଶୋଣିତ-ଗ୍ରନ୍ଥିରେ କାମନା ଲାଳସାର ସେ ଶଙ୍ଖନାଦ ଥରେ ନୁହେଁ ; ଅନେକ ଥର ମୁଁ ଶୁଣିଛି । ତମକୁ ପ୍ରତ୍ୟାଖ୍ୟାନ କରିଥିବା ଯୋଗୁଁ ମୁଁ ଆଦୌ ଅନୁତପ୍ତ ନୁହେଁ ।

ଗଲାବେଳେ ତମେ କହିଯାଇଥିଲ, ସାରା ଜୀବନ କୁଆଡ଼େ ତମେ ମୋ ସ୍ମୃତିର ଫୁଲରେ ମାଳା ଗୁନ୍ଥିବ । ନୂତନ ସ୍ୱାମୀର ସଂସାରରେ ମୋ ସ୍ମୃତିର ଫୁଲଗୁଡ଼ାକ କଅଣ ଏବେ ଶୁଖି ଝରି ପଡ଼ିଲଣି ?

ସେ ଚିଠିର ଭାଷା, ଭାବ ସବୁ ମନେଅଛି ସତ୍ୟାନନ୍ଦର । ମୃଣାଳର ସେ ଚିଠିକୁ ନନ୍ଦିତାକୁ ଦେଇ ନ ଥିଲ । ଏଭଳି ଚିଠି କେହି କାହାର ନବବିବାହିତା ପତ୍ନୀକୁ ଦିଏ ନାହିଁ; କିନ୍ତୁ, ସେ ବିଶ୍ୱାସ କରିଥିଲ, ମୃଣାଳ ପାଖରୁ ନିରାଶ ହୋଇ ଫେରିବାବେଳେ ଆହତ ମନରେ ତାର ସ୍ମୃତିକୁ ଝୁରିହେବ ବୋଲି ନନ୍ଦିତା ଯାହା କହି ଆସିଥିଲ, ସେଥିରେ ଭାବପ୍ରଣତା ହୁଏ ତ ଥିଲ ; ଆନ୍ତରିକତା ନ ଥିଲ । ତାକୁ ବିବାହ କରି ନନ୍ଦିତା ମୃଣାଳକୁ ସମ୍ପୂର୍ଣ୍ଣ ଭାବରେ ଭୁଲିଯାଇଛି ।

କିନ୍ତୁ ଆଜି ଅର୍ଦ୍ଧରାତ୍ରିରେ, ଅପଲକ ଆଖିରେ ନନ୍ଦିତା ମୁହଁରେ ସେହି ଶିଉଳିଫୁଲର ହସ ଦେଖି, ତା ଛାତି ଭିତର ଚକିଟି ମନ୍ଥି ହେବାକୁ ଲାଗିଲ । ତାର ସନ୍ଦେହ ହେଲ—ତାର ଅଜ୍ଞାତରେ, ତାର ନିକଟରେ ଗୋଟିଏ ଶଯ୍ୟାରେ ଶୋଇଥିବାବେଳେ ସୁଦ୍ଧା ନନ୍ଦିତା ହୃଦୟର ଶୂନ୍ୟ ସିଂହାସନରେ ରାଜମୁକୁଟ ପିନ୍ଧି ମୃଣାଳ ନାମକ ଜଣେ ପରପୁରୁଷ ସମ୍ଭବତଃ ପ୍ରତି ରାତିରେ ଅଭିଷିକ୍ତ ହେଉଛି !

ଅନେକ ତୀକ୍ଷ୍ଣ କଣ୍ଟାର ଆଘାତରେ ଆହତ ହେବା ଭଳି ବୋଧ କଲ ସତ୍ୟାନନ୍ଦ । ତାର ଧାରଣା ହେଲ, ଘୃଣାରେ ଦୂରେଇ ଦେଇ ମୃଣାଳ ନନ୍ଦିତାର ନାରୀସତ୍ତାକୁ ସମ୍ପୂର୍ଣ୍ଣ ରୂପେ ଗ୍ରାସ କରିଯାଇଛି ; କିନ୍ତୁ

ସ୍ନେହ, ପ୍ରେମର ଆବେଦନ ନେଇ ବିବାହ କରି ସୁଦ୍ଧା ନନ୍ଦତାଙ୍କ ସେହି ଆତ୍ମସତ୍ତାକୁ ସେ ସ୍ପର୍ଶ କରିପାରି ନାହିଁ !

ଆଶ୍ଚର୍ଯ୍ୟ ଏକ ସନ୍ଦେହ, ବିଚିତ୍ର ଏକ ବ୍ୟଥାରେ ସେ ଛଟପଟ ହେବାକୁ ଲଗିଲା । କିଛି ସମୟ ପରେ ସେ ଅନୁଭବ କଲା, ତାର ଏକ ହାତ ଧୀରେ ଧୀରେ ନନ୍ଦତାର କଣ୍ଠନଳୀ ଉପରକୁ ସଂପ୍ରସାରିତ ହୋଇ-ଯାଉଛି । ତା ହାତର ଆଙ୍ଗୁଠିଗୁଡ଼ାକ ଲୁହାକଣ୍ଟା ଭଳି ଶକ୍ତ ହୋଇ ଯାଉଛନ୍ତି ଏବଂ ଅସ୍ପଷ୍ଟ ଭାବରେ ନନ୍ଦତା ଚିତ୍କାର କରୁଛି ; ଆରେ, ଏ କଅଣ କରୁଛ—ମୋ ତଣ୍ଡି···

କଞ୍ଚା ନିଦରୁ ଉଠିଲା ଭଳି ଅଙ୍ଗଭଙ୍ଗୀ କରି ସତ୍ୟାନନ୍ଦ କହିଲା, କଅଣ ହେଲା ?

ଏଇ ମୋ ତଣ୍ଡି ଚିପି ଦେଇଥିଲ ଯେ !—ନନ୍ଦତାର ଆଖିଡୋଳା ଦୁଇଟା ତା ମୁଣ୍ଡର ସିନ୍ଦୂରଟୋପା ଭଳି ବଡ଼ ବଡ଼ ଆଉ ଗୋଲ୍ ଗୋଲ୍ ଦେଖାଯାଉଥିଲା ।

କଅଣ ଗୋଟାଏ ବାଜେ ସ୍ୱପ୍ନ ଦେଖିଲି—ସତ୍ୟାନନ୍ଦ ପୁଣି ଶୋଇବାର ଛଳନା କଲା ।

ନନ୍ଦତା ତାକୁ ଶୋଇବାକୁ ଦେଲା ନାହିଁ ।

ହେ—କଅଣ ସ୍ୱପ୍ନ ଦେଖିଲ ?

ଏଁ—ହିଁ—ସ୍ୱପ୍ନ ଦେଖିଲି ଗୋଟାଏ ସୁନାରଙ୍ଗୀ ନାଗସାପ ମୋ ବେକ ଚାରିପଟେ ଗୁଡ଼େଇ ହୋଇଯାଉଛି ।—କଥା ଶେଷ କରି ତାର ସେ ମିଥ୍ୟା କଥାକୁ ନନ୍ଦତା ବିଶ୍ୱାସ କରୁଛି କି ନାହିଁ, ଜାଣିବା ପାଇଁ ତା ମୁହଁକୁ ଚାହିଁଲା ସତ୍ୟାନନ୍ଦ ।

ନନ୍ଦତା ପ୍ରଥମେ ତା ନିଜ ଦେହକୁ ଚାହିଁଲା । ତା ପରେ ଖୁବ୍ ଧୀରେ ଧୀରେ ସତ୍ୟାନନ୍ଦର କାନ ପାଖରେ କହିଲା, ସ୍ୱପ୍ନ କଥା ସତ୍ୟ ହୁଏ ନାହିଁ । ରାତି ଅନେକ ହେଲଣି, ଶୋଇପଡ଼— ।

ସତ୍ୟାନନ୍ଦ ଲକ୍ଷ୍ୟ କଲା, ତା ପରେ ନନ୍ଦତାର ସେଇ ସରୁ ସରୁ ସୁନେଲି ହାତଟା ତା ବେକ ଚାରିପଟେ ଛନ୍ଦି ହୋଇଗଲା ଆଉ ତାର ଉଷ୍ଣ ନିଃଶ୍ୱାସ ବୈଶାଖର ଝାଞ୍ଜି ଭଳି ତା ମୁହଁ ଉପରେ ପିଟିହେବାକୁ ଲଗିଲା ।

●

## ॥ ଅଷ୍ଟମ ପରିଚ୍ଛେଦ ॥

ପ୍ଲାଟଫର୍ମ ଉପରେ ଠିଆହୋଇ କୌଣସି ସୁଖୀ ସମ୍ପତି ହସ-ଖୁସିରେ ଗପ କରୁଥିବା ଦେଖିଲେ ସତ୍ୟାନନ୍ଦର ଈର୍ଷା ହୁଏ । ଆଗେ ଏପରି ହେଉ ନ ଥିଲା । ଏପରି ଅସଂଖ୍ୟ ରୂପବାନ୍, ରୂପବତୀ ସୁଖୀ ଦମ୍ପତି ଦେଖିଲେ ତା ମନରେ କୌଣସି ଭାବାନ୍ତର ସୃଷ୍ଟି ହେଉ ନ ଥିଲା । ଏବେ କିନ୍ତୁ କୌଣସି ବିବାହିତା ମହିଳାଙ୍କୁ ଦେଖିଲେ ସେ ତାଙ୍କୁ ଅନେକ ସମୟ ପର୍ଯ୍ୟନ୍ତ ଚାହିଁରହେ । ପୁଣି ଯଦି କୌଣସି ସୀମନ୍ତିନୀ ନିଜ ସ୍ୱାମୀଙ୍କ ସହିତ ଲଘୁ ପରିହାସ କରୁଥିବା ଦେଖେ, ତାହାହେଲେ ନିଜ ମଧ୍ୟରେ ଜ୍ୱାଳା-ଯନ୍ତ୍ରଣା ସେ ଅନୁଭବ କରେ ।

ତାର କାରଣ ସତ୍ୟାନନ୍ଦ ନନ୍ଦିତାକୁ ବିବାହ କଲେ ନିଜ ଭିତରେ ଯେଉଁ ଉତ୍ତେଜନା ଅନୁଭବ କରିବ ବୋଲି କଳ୍ପନା କରୁଥିଲା; ବିବାହ ପରେ ଦାମ୍ପତ୍ୟ-ଜୀବନର ସେଇ ଉଷ୍ମତା ସେ ଖୋଜିପାଇଲା ନାହିଁ । ନନ୍ଦିତାର ସାଢ଼େ ପାଞ୍ଚ ଫୁଟ ଲମ୍ବର ଫେନିଲ-ଯୌବନା ଦେହକୁ ନେଇ ସେ କେତୋଟି ମାସ, କେତୋଟି ସପ୍ତାହ ଭାରତର ବିଭିନ୍ନ ପ୍ରାନ୍ତରେ, ବିଭିନ୍ନ ସୁସଜ୍ଜିତ ପରିବେଶରେ ବେଶ୍ ଉତ୍ତେଜିତ ଭାବରେ କଟାଇଦେଲା; କିନ୍ତୁ ନିଜ ଶୋଣିତଗ୍ରନ୍ଥିରେ ଯେତେବେଳେ ଦୈହିକ କାମନାର ଢେଉ ସବୁ ଆଉ ଆଗ ଭଳି ବିକ୍ଷୋଭିତ ହେଲେ ନାହିଁ; ସେତେବେଳେ ନନ୍ଦିତାର ସେଇ ଘଣି ଘଣି ଅଜସ୍ର ମେଘାପ୍ଲୁତ କେଶ, ଟଣା ଟଣା ଆଖିର ଭ୍ରୂଲତା, ସରୁ ଧାର ନାକ, ଦୁଇ କଠିନ ଘନସ୍ତନ, ଏକ ମୁଠା କଟି କିମ୍ବା ବର୍ତ୍ତୁଳ ନିତମ୍ବ ତା ମନରେ ଉତ୍ତେଜନାର ଉଷ୍ମତା ଆଉ ସଞ୍ଚାରିତ କରିପାରିଲା ନାହିଁ । ନିଜ ମନର ଶୀତଳତାକୁ ଦୂର କରିବା ପାଇଁ ସେ ଅଞ୍ଜଳି ପାତି ଭିକ୍ଷାକଲା ନିଜର ନବବିବାହିତା ପତ୍ନୀଠାରୁ ଆନ୍ତରିକତାର ଉଷ୍ମତା ।

କିନ୍ତୁ ଦେହକୁ ଛାଡ଼ିଦେଲେ ନନ୍ଦିତା ତା ପାଖରେ ମନେହେଲା ଏକ ପାଷାଣ-ପ୍ରତିମା ଭଳି । ସ୍ୱାମୀର ଉପାର୍ଜ୍ଜିତ ଅର୍ଥକୁ ନେଇ ସେ କିପରି ଭଲରେ ରହିବ, ଭଲ ଖାଇବ, ଭଲ ପିନ୍ଧିବ—ଏ ଚିନ୍ତାରେ ଏତେ ବେଶି ଭାବରେ ଧ୍ୟାନମଗ୍ନ ହୋଇଗଲା ଯେ, ସତ୍ୟାନନ୍ଦର ହୃଦୟର ଆବେଦନକୁ କାନ ପାତି ଶୁଣିବାକୁ ତାର ଆଉ ସମୟ ହେଲାନାହିଁ । ସତ୍ୟାନନ୍ଦ ତାକୁ ଯେପରି ଏକ ନାରୀ ଭାବରେ ମନେ ମନେ କଳ୍ପନା କରୁଥିଲା, ନନ୍ଦିତା ସେଭଳି ଏକ ନାରୀ ହୋଇପାରିଲା ନାହିଁ । ସେହି ଅବଶୋଷରେ ଦଗ୍ଧ ହେଲା ସତ୍ୟାନନ୍ଦ । ତା ଆଖି ଆଗରେ ତାର ସ୍ୱପ୍ନ, କଳ୍ପନା ଆଉ କାମନାର ଫୁଲବନ ପୋଡ଼ି ଦଗ୍ଧ ହୋଇଗଲା !

ସ୍ୱପ୍ନଭଙ୍ଗର ଯନ୍ତ୍ରଣାରେ ମନେ ମନେ ପୀଡ଼ିତ ହେଲେ ବି ଭାଙ୍ଗିପଡ଼ି ନ ଥିଲା ସତ୍ୟାନନ୍ଦ । କିଛି ଦିନ ପରେ ତାର ଆଦର୍ଶରେ ଅନୁପ୍ରାଣୀତ ହୋଇ ନନ୍ଦିତା ପୁଣି ତାର ସ୍ୱପ୍ନର ରାଜକନ୍ୟା ହୋଇ ଉଠିବ, ତା ମନର ମରୁ ନଈରେ ଜଳର ଉଚ୍ଛ୍ୱାସ ଜାଗିବ, ଏମିତି ଏକ ମଧୁର କଳ୍ପନାରେ ସେ ନିଜ ମନର ଅସନ୍ତୋଷକୁ ଚାପିରଖିଥିଲା । ଛୋଟ ଶିଶୁକୁ ଶୁଆଇବା ପାଇଁ ମାଆମାନେ ଯେପରି ପିଠି ଥାପୁଡ଼େଇ, ନାନାବାୟା ଗୀତ ବୋଲନ୍ତି ; ନିଜ ମନର ଅଶାନ୍ତି, ଅତୃପ୍ତିକୁ ବୁଝାଇ ଶାନ୍ତ କରିବାକୁ ସେ ସେମିତି ମନେ ମନେ ଅନେକ ସାନ୍ତ୍ୱନାର ବାଣୀ ଗୁଣୁଗୁଣୁ ହୋଇ ଗାଉଛି ; କିନ୍ତୁ ତାର ସେ ସଙ୍କଳ୍ପ ଚିନ୍ତାର ଭାରସାମ୍ୟ ହଠାତ୍ ମୃଣାଳର ଚିଠି ଖଣ୍ଡିକ ନଷ୍ଟ କରିଦେଲା ।

ନା, ଭିକ୍ଷାକରି କେହି କେବେ ନାରୀର ହୃଦୟ ଅଧିକାର କରି ପାରେ ନାହିଁ । ବିବାହ କଲେ ନାରୀର ଦେହ ଉପରେ ଅଧିକାର ମିଳେ ; ମନ, ହୃଦୟ ଉପରେ ଅଧିକାର ମିଳେ ନାହିଁ । ପୁରୁଷ ଯଦି ଲୋଭ ଦେଖାଇ ନାରୀର ମନକୁ ବଶ କରିବାକୁ ଚେଷ୍ଟାକରେ ; ନାରୀର ମନ ହଠାତ୍ ସନ୍ନ୍ୟାସିନୀ ହୋଇଉଠେ ।

ନନ୍ଦିତା ପାଖରେ ସେ ବିବାହ ଭିକ୍ଷା କରିଥିଲା ।

ବିବାହ ପୂର୍ବରୁ ନିଜ ହୃଦୟ ଆଉ ଜଣେ ପୁରୁଷ ପାଖରେ ସମର୍ପଣ କରି ଦେଇଥିଲା ନନ୍ଦିତା ।

ପ୍ରତିକୂଳ ପରିସ୍ଥିତି ମଧ୍ୟରେ ପଡ଼ି ତାକୁ ସେ ବିବାହ କରିଛି । ତା ଠାରୁ ସେ ଯଦି ଏକ ଉତ୍ସର୍ଗୀକୃତ ହୃଦୟ, ତ୍ୟାଗପୂତ ପ୍ରଣୟ ପାଉ ନ ଥାଏ, ସେଥିପାଇଁ ନନ୍ଦିତାକୁ ସେ ଦୋଷ ଦେଇ ପାରିବ ନାହିଁ ।

ଏପରି କି ମୃଣାଳର ସେ ଚିଠି ପାଇଲା ପରେ ସୁଦ୍ଧା ନନ୍ଦିତାକୁ ସେ ଚିଠି ସେ ଦେଇ ପାରିନାହିଁ ; କିମ୍ବା ମୃଣାଳ ବିଷୟରେ ସେ କିଛି ପ୍ରଶ୍ନ କରିପାରି ନାହିଁ । କାରଣ ମୃଣାଳ ବିଷୟରେ କୌଣସି ପ୍ରଶ୍ନ ପଚାରିବ ନାହିଁ ବୋଲି ସର୍ତ୍ତ ରଖି ସେ ତାକୁ ବିବାହ କରିଛି !

ସେ ଦିନ ପ୍ଲାଟଫର୍ମର ଏକ ନିର୍ଜନ କୋଣରେ ଠିଆହୋଇ ସିଗାରେଟ୍ ଟାଣୁଥିଲାବେଳେ ସତ୍ୟାନନ୍ଦ ନିଜ ବିବାହିତ-ଜୀବନର ବିଡ଼ମ୍ବନା କଥା ଚିନ୍ତା କରି ଦୁଃଖରେ ମ୍ରିୟମାଣ ହୋଇ ପଡ଼ୁଥିଲା ।

ଭାବୁଥିଲା, ସତରେ କଅଣ ଆଜି ସୁଦ୍ଧା ମୃଣାଳ କଥା ନିଦଭଙ୍ଗା ପାହାନ୍ତା ପ୍ରହରରେ ମନେପକାଇ ଲୁଚେଇ ଲୁଚେଇ ହସୁଛି ଆଉ କାନ୍ଦୁଛି ନନ୍ଦିତା !

ଜଣକୁ ପ୍ରେମ କରି ଆଉ ଜଣକୁ ବିବାହ କଲେ ପୂର୍ବତନ ପ୍ରଣୟୀ ପ୍ରତି ସ୍ୱାମୀଗୃହରେ ଗୋପନ ଅନୁରାଗ ରହେ କି ନାହିଁ ; ତାହା ବୁଝିବାକୁ ଚେଷ୍ଟା କରି ସୁଦ୍ଧା ସତ୍ୟାନନ୍ଦ ବୁଝିପାରୁ ନାହିଁ । କାରଣ ସେ ଯାହାକୁ ପ୍ରେମ କରିଛି, ତାକୁ ହିଁ ବିବାହ କରିଛି । ନିଜ ପତ୍ନୀ ଭିନ୍ନ ଅନ୍ୟ କୌଣସି ଝିଅକୁ ସେ ଚେଷ୍ଟା କରି ସୁଦ୍ଧା ଭଲ ପାଇପାରି ନାହିଁ ।

ଗୋଟାଏ ମାଲ୍‌ଗାଡ଼ି ଶବ୍ଦ କରି ଆସି ଲାଇନ୍ ଉପରେ ଠିଆ ହେଲା । ସତ୍ୟାନନ୍ଦର ଗାଡ଼ି ଆସିବାକୁ ଆହୁରି ଅନେକ ଡେରି ଅଛି । ଇଚ୍ଛା କରିଥିଲେ, ସେ ଏହି ସମୟତକ ନିଜ ବସାରେ ନନ୍ଦିତା ପାଖରେ ରହିପାରି ଥାଆନ୍ତା ; କିନ୍ତୁ ଚେଷ୍ଟା କରି ସୁଦ୍ଧା ସେ ନିଜ ବସାରେ ନିଜ ବିବାହିତା ପତ୍ନୀ ପାଖରେ ରହିପାରିଲା ନାହିଁ ।

ତା ପାଇଁ ଆଜି ଅପରାହ୍ଣରୁ ଉଠି କଅଣସବୁ ପିଠା ତିଆରି କରୁଥିଲା ନନ୍ଦିତା । ମାଟିନି ସୋ ସିନେମା ଯିବାକୁ ସେ ଯେତେବେଳେ ଡାକିଲା, ପିଠାଖଣ୍ଡିକା ଦେଖାଇ ସେ କହିଲା, ପିଠା କରୁଛି । ଯାଇପାରିବି ନାହିଁ । ତମେ ଏକା ଯାଅ । ମୁଁ ଆଉ କେବେ ଯିବି ।

ସିନେମା ଦେଖିବା ପାଇଁ ସେ ବାହାରି ଆସିଲା, ଟିକେଟ କାଟିଥିଲା ; କିନ୍ତୁ ସିନେମା ଦେଖି ନ ଥିଲା । ନନ୍ଦିତା ଉପରେ ତାର

କେମିତି କେଜାଣି ଏକ ବିରକ୍ତି ଆସିଯାଇଥିଲା । ଟିକେଟ ଚିରିଦେଇ ସେ ସହରରେ ଅନିର୍ଦ୍ଦିଷ୍ଟ ଭାବରେ ଏଣେ ତେଣେ ବୁଲି ସନ୍ଧ୍ୟାବେଳକୁ ବସାକୁ ଫେରିଥିଲା ।

କୁଆଡ଼େ ଏତେ ଡେରିକଲ ? ମାଟିନି ସୋ ନଅଟାରେ ଭାଙ୍ଗି-ଥିବ । ବର୍ତ୍ତମାନ ପ୍ରାୟ ଆଠଟା ହେଲାଣି । ପିଠା ଖାଇବ କେତେବେଳେ ? ଭାତ ଖାଇ ନଅଟାବେଳକୁ ଟ୍ରେନରେ ଯିବ କେମିତି ?—ନନ୍ଦିତା ଅନେକଗୁଡ଼ାଏ ଅଭିଯୋଗ ଏକାଥରକେ ଆଣି ତା ଉପରକୁ ନିକ୍ଷେପ କରିଥିଲା ।

ପିଠା ଖାଇବି ନାହିଁ ; ଭାତ ଆଣ । ଗାଡ଼ି ସମୟ ହୋଇଯାଉଛି । —ଗମ୍ଭୀର ଭାବରେ ସେ ସଂକ୍ଷେପରେ ଉତ୍ତର ଦେଇଥିଲା ।

ଏତେ କଷ୍ଟ କରି ତମ ପାଇଁ ପିଠା କଲି; ଅନ୍ତତଃ··· । —ନନ୍ଦିତା ଅଭିଯୋଗ କରିଥିଲା । ସେଥିରେ କାନ ଦେଇ ନ ଥିଲା ସଚ୍ଚିଦାନନ୍ଦ । ସେ ଯେ ଏତେ ସ୍ନେହରେ ସିନେମା ଦେଖିଯିବାକୁ ଡାକୁଥିଲା ; ଅଥଚ ସେ ଗଲା ନାହିଁ ; ସେ କଥା ମଧ୍ୟ ସେ ନନ୍ଦିତାକୁ କହିଲା ନାହିଁ ।

ସବୁ କଥା ମୁହଁଖୋଲି କୁହାଯାଏ ନାହିଁ ; କେତେକ କଥା ଅନୁମାନ କରି ବୁଝିନେବାକୁ ହୁଏ । ନନ୍ଦିତା ବିଳମ୍ବରେ ହେଲେ ସେ କଥା ବୁଝିବ, ଏଇ ଆଶାରେ ସେ ତରତର ହୋଇ ଭାତଥାଳି ପାଖରେ ବସି ପଡ଼ିଥିଲା । ପିଠା ପ୍ଲେଟକୁ ମୁହୂର୍ତ୍ତକ ପାଇଁ ହେଲେ ବି ଚୁହିଁ ନ ଥିଲା ।

ସେ ଖାଇ ସାରି ଷ୍ଟେସନକୁ ଆସିବା ଆଗରୁ ଦେଖିଲା, ପଲଙ୍କ ଉପରେ ମୁହଁମାଡ଼ି ଶୋଇ ଫୁଲି ଫୁଲି କାନ୍ଦୁଛି ନନ୍ଦିତା ।

କଅଣ ହେଲା ? କାନ୍ଦୁଛ ଯେ !—ସେ ପ୍ରଶ୍ନ କରିଥିଲା । ତା କଥାର କୌଣସି ଉତ୍ତର ଦେଇ ନ ଥିଲା ନନ୍ଦିତା । ବାରମ୍ବାର ଗଣ-ନିୟମ ପକାଇ ପ୍ରଶ୍ନ କଲା ପରେ ଉତ୍ତର ପାଇଥିଲା , ନାରୀ ସ୍ୱାମୀର ଆଘାତ ସହିପାରେ ; କିନ୍ତୁ ତାର ଅବହେଳା ସହିପାରେ ନାହିଁ । ତମେ ମତେ ଏଇ କେତେ-ଦିନ ହେଲା ଯେମିତି ଅବହେଳା କରୁଛ; ସତ କହୁଛି, ମୁଁ ତାହା ସହି ପାରିବି ନାହିଁ ।

ନନ୍ଦିତାକୁ ଆଉ କିଛି ଅଭିଯୋଗ କରିବାକୁ ସୁଯୋଗ ନ ଦେଇ କେଇ ପଦ ମିଠା କଥା କହି ସେ ଷ୍ଟେସନକୁ ଚାଲିଆସିଥିଲା । ନାରୀ ସ୍ୱାମୀର ଆଘାତ ସହିପାରେ, ଅବହେଳା ସହିପାରେ ନାହିଁ —ତାର ଏଇ

କଥା ପଦକ କିନ୍ତୁ ସତ୍ୟାନନ୍ଦର ମନର ସୂକ୍ଷ୍ମତନ୍ତ୍ରୀରେ ଏ ପର୍ଯ୍ୟନ୍ତ ସୁଦ୍ଧା ଅନୁରଣିତ ହେଉଥିଲା ।

ଟ୍ରେନ୍ ବୋଧହୁଏ ଆସିଗଲା ।

ଥାର୍ଡ଼ବେଲ୍ ବାଜିଲା ।

ସତ୍ୟାନନ୍ଦ ନନ୍ଦିତାର ଚିନ୍ତା ଛାଡ଼ି ଟ୍ରେନ୍‌ରେ ଉଠିବା ପାଇଁ ତତ୍ପର ହୋଇ ଉଠିଲା ।

●

## ॥ ନବମ ପରିଚ୍ଛେଦ ॥

ଅଦିନ ବର୍ଷାର ଜଳରେ ଭିଜି ଭିଜି ଟ୍ରେନ୍‌ଟା ଏକ ଅନ୍ତଃସତ୍ତ୍ୱା ରମଣୀ ଭଳି ଢଳି ଢଳି ମନ୍ଥର ଗତିରେ ଚାଲିବାକୁ ଆରମ୍ଭ କଲା । ବର୍ଷା ରାତିରେ ଟ୍ରେନ୍‌ରେ ଯିବାକୁ ସତ୍ୟାନନ୍ଦ ଭଲପାଏ । ସେଥିପାଇଁ ସେ କମ୍ପାର୍ଟ୍‌ମେଣ୍ଟର ଫାଟକ ପାଖରେ ଠିଆହୋଇ କିଛି ସମୟ ବାହାରକୁ ଚାହିଁଲା ଓ ପରେ ଖଣ୍ଡେ ସିଗାରେଟ ଟାଣି ପକେଟରୁ କଇଞ୍ଚି ବାହାର କଲା ।

ଟିକେଟ୍‌···ଟିକେଟ୍‌··· !

ଗୋଟିଏ ପରେ ଗୋଟିଏ ଷ୍ଟେସନ ଟ୍ରେନ୍ ଅତିକ୍ରମ କରିବା ସମୟରେ ସେ ଗୋଟାକ ପରେ ଗୋଟାଏ କମ୍ପାର୍ଟ୍‌ମେଣ୍ଟ ବଦଳି କରି ଟିକେଟ ଚେକିଂ କରି ଚାଲିଥିଲା ।

ଖଡ଼ଗପୁର ଷ୍ଟେସନ ଅଳ୍ପ ଦୂର ଅଛି, ଗୋଟିଏ ସେକେଣ୍ଡ କ୍ଲାସ୍ କମ୍ପାର୍ଟ୍‌ମେଣ୍ଟ୍‌ରେ ଟିକେଟ ଚେକିଂ କଲାବେଳେ ଜଣେ ଭଦ୍ରଲୋକ ବ୍ୟସ୍ତ ହୋଇ କହିଲେ, ମୁଁ ଟିକେଟ୍ କରିଥିଲି ; କିନ୍ତୁ ଟିକେଟ୍‌ଟା କାହିଁ ପାଉ ନ ଥି···!

ଭଦ୍ରଲୋକଙ୍କ ମୁହଁକୁ ଭଲ କରି ଚାହିଁଲା ସତ୍ୟାନନ୍ଦ । ଚିହ୍ନାମୁହଁ ଭଳି ମନେହେଉଛି ; କିନ୍ତୁ ତାଙ୍କୁ କେଉଁଠି ଦେଖିଛି, ହଠାତ୍ ତାର ମନେପଡ଼ୁ ନାହିଁ ।

ଟିକେଟ୍···ଟିକେଟ୍ ପ୍ଲିଜ୍ !

କହିଲି ତ ଟିକେଟଟା ପାଉ ନି ; କିନ୍ତୁ ବିଶ୍ୱାସ କରନ୍ତୁ, ମୁଁ ଟିକେଟ କରିଥିଲି—ଭଦ୍ରଲୋକ ବଡ଼ ଅସହାୟ ଭାବରେ ଉତ୍ତର ଦେଲେ ।

ସତ୍ୟାନନ୍ଦର ପରିଚିତ ମୁହଁ ଭଳି ମନେହେଉଥିଲେ [illegible] ଭଦ୍ରଲୋକ ଯେତେବେଳେ ନିଜେ ତାଙ୍କୁ ଚିହ୍ନିପାରୁ ନାହାନ୍ତି ; ସେ ନିଃସନ୍ଦେହ ହେଲା ଯେ, ଏହା ହୁଏ ତ ତାର ଦୃଷ୍ଟିବିଭ୍ରମ । ଭଦ୍ରଲୋକ ତାର ପରିଚିତ ନୁହନ୍ତି । ତା ହୋଇଥିଲେ ଅସୁବିଧାରେ ପଡ଼ି ସେ [illegible] ତାର ସାହାଯ୍ୟ ଚାହିଁଥାଆନ୍ତେ ।

ସଂସାରରେ ଜଣଙ୍କର ମୁହଁ ସହିତ ଆଉ ଜଣଙ୍କ ମୁହଁର ସାଦୃଶ୍ୟ ଥିବା କିଛି ବିଚିତ୍ର କଥା ନୁହେଁ । ସତ୍ୟାନନ୍ଦ ନିଜର ଦାୟିତ୍ୱ ପ୍ରତି ସଚେତନ ହେଲା ।

କହିଲା, ଟିକେଟ୍ ପାଖରେ ନ ଥିଲେ ମୁଁ ଟିକେଟ୍ କରିଦେଉଛି । ଟଙ୍କା ଦିଅନ୍ତୁ ।

ଭଦ୍ରଲୋକ ବ୍ୟସ୍ତ ହୋଇ ପକେଟରେ ହାତ ପୂରାଇଲେ । ତା ପରେ କୁଣ୍ଠିତ ଭାବରେ ପକେଟରୁ ଶୂନ୍ୟହାତଟା ବାହାର କରି କହିଲେ, ନା [illegible] ମନିବ୍ୟାଗ୍‌ଟା ବି ନାହିଁ ! ବଡ଼ ମୁସ୍କିଲ କଥା ! କେହି ପକେଟମାରୁ ବୋଧହୁଏ··· !

ଏଥର ସତ୍ୟାନନ୍ଦର ଅକ୍ଳାନ୍ତ ମୁହଁରେ ହସର ଆଭାସ ଦେଖା-ଗଲା । ବିନା ଟିକେଟରେ ଟ୍ରେନଯାତ୍ରା କରୁଥିବା ବହୁ ଲୋକଙ୍କ ମୁହଁରୁ ଏପରି ପିକ୍‌ପକେଟିଙ୍ଗ୍ ଅଭିଯୋଗ ସେ ଅନେକ ଶୁଣିଛି । ସେଥିରେ ଭୁଲିବା ଭଳି ନିରୀହ, ନିର୍ବୋଧ ଲୋକ ସେ ନୁହେଁ ।

ମୁଁ ଦୁଃଖିତ ; କିନ୍ତୁ ବର୍ତ୍ତମାନ କରିବା କଅଣ ?—ଭଦ୍ରଲୋକ ସତ୍ୟାନନ୍ଦକୁ ଓଲଟା ପ୍ରଶ୍ନକଲେ ।

ଖଡ଼ଗପୁର ଷ୍ଟେସନ ପାଖ ହୋଇ ଆସୁଥିଲା । ବର୍ଷାର ବେ[illegible] ବୋଧହୁଏ କଢ଼ିଗଲଥିଲା । ଭୀଷଣ ଥଣ୍ଡା ପବନ [illegible] ଥିଲା ।

ସତ୍ୟାନନ୍ଦ କହିଲା, ଆସନ୍ତୁ—ଓହ୍ଲାଇ ଆସନ୍ତୁ । ଯାହା କହିବା କଥା, ଷ୍ଟେସନମାଷ୍ଟର କହିବେ—

ଭଦ୍ରଲୋକଙ୍କ ମୁହଁରେ ବିନ୍ଦୁ ବିନ୍ଦୁ ଝାଳ ଫୁଟି ମୁକ୍ତାବିନ୍ଦୁ ଭଳି ବିଜୁଳି ଆଲୁଅରେ ଚକ୍ ଚକ୍ କରୁଥିଲା । ଅପରାଧୀ ଭଳି ସେ ବଡ଼ ସଂକୁଚିତ ଭାବରେ ସତ୍ୟାନନ୍ଦ ପଛେ ପଛେ ଟ୍ରେନ୍‌ରୁ ଓହ୍ଲାଇଲେ ।

ସେମାନେ ଅଳ୍ପ କେଇ ବାଟ ଆଗକୁ ଯାଇଛନ୍ତି, ସତ୍ୟାନନ୍ଦ ଶୁଣିଲା, ପଛରୁ କେହି ଡାକିଲା, ମୃଣାଳବାବୁ ଯେ !

ତା' ପଛେ ପଛେ ଆସୁଥିବା ଭଦ୍ରଲୋକ ବଡ଼ କରୁଣ ଭାବରେ ହସି କହିଲେ, ଭାଇ ବଡ଼ ବିପଦରେ ପଡ଼ିଯାଇଛି । ଟ୍ରେନ୍ ଟିକେଟ, ମନି ପର୍ସ ମୋର ଚୋରି ହୋଇଯାଇଛି···

ମୃଣାଳବାବୁ !

ସତ୍ୟାନନ୍ଦ ଚମକି ଉଠିଲା ।

ନନ୍ଦିତା ପାଖକୁ ତାର ପୂର୍ବତନ ପ୍ରେମିକ ଚିଠି ସହିତ ପଠାଇ-ଥିବା ଫଟୋର ଚେହେରା ତା ଆଖି ଆଗରେ କ୍ଷଣକ ପାଇଁ ଝଲସିଉଠି, ବିନା ଟିକେଟରେ ଟ୍ରେନ୍‌ଯାତ୍ରା କରୁଥିବା ଭଦ୍ରଲୋକଙ୍କ ମୁହଁ ସହିତ ଯାଇ ମିଶିଗଲା । ଆଉ ସତ୍ୟାନନ୍ଦ ଅନୁଭବ କଲା, ବାହାରର ଅନ୍ଧାର, ବର୍ଷା, ଥଣ୍ଡା ପବନ ସତେ ଯେମିତି ତାର ଛାତି ଭିତରେ ପ୍ରବେଶ କରି ଧ୍ୱଂସର ତାଣ୍ଡବଲୀଳା ଆରମ୍ଭ କରିଛି !

ଭଦ୍ରଲୋକ କହିଲେ, ଷ୍ଟେସନମାଷ୍ଟରବାବୁଙ୍କ ପାଖକୁ ତାହା ହେଲେ ମତେ ନ ନେଇ ଛାଡ଼ିବେ ନାଇଁ ! ବିଶ୍ୱାସ କରନ୍ତୁ, ମୁଁ ଟିକେଟ କରିଥିଲି···!

ଶବ୍ଦାୟିତ ପ୍ଲାଟଫର୍ମ ଉପରେ ଜନଗହଳି, ଚିତ୍କାର, ପାଟିତୁଣ୍ଡ । ତଥାପି ଭଦ୍ରଲୋକଙ୍କ କଥା ଅତି ସ୍ପଷ୍ଟଭାବରେ ଶୁଣିପାରୁଥିଲା ସତ୍ୟାନନ୍ଦ ।

ସଂକ୍ଷେପରେ ସେ କହିଲା, ନା—ଷ୍ଟେସନମାଷ୍ଟରଙ୍କ ପାଖକୁ ଯିବା ଦରକାର ନାହିଁ । ରେଲ୍‌ୱେ କାଣ୍ଟିନ୍‌କୁ ଆସନ୍ତୁ···କଫେ ଟି'—

## ॥ ଉପସଂହାର ॥

ସତ୍ୟାନନ୍ଦର ଇଚ୍ଛା ହେଉଥିଲା, ମୃଣାଳବାବୁଙ୍କୁ ସେ ନିଜର ପରିଚୟ ଦେଇ ଦିଅନ୍ତା । ନିଜ ଛାତି ଉପରେ ଲଦା ହୋଇଥିବା ପଥର ବୋଝକୁ ହାଲ୍‌କା କରିଦିଅନ୍ତା ; କିନ୍ତୁ ସେଦିନ ସେ ଯେମିତି ମୃଣାଳର ଚିଠି ନନ୍ଦିତାକୁ ଦେଇପାରି ନ ଥିଲା, ଆଜି ନିଜର ପରି[illegible] ମଧ୍ୟ ସେମିତି ମୃଣାଳବାବୁଙ୍କୁ ଦେଇପାରିଲା ନାହିଁ । କିଏ ସତେ ଯେମିତି ଆସି ତା'ର ଗଳାଚିପି ଧରିଲା !

ଟେବୁଲ୍ ଉପରେ ଚାହାକପ୍ ବଦଳରେ ତିନି ଚାରି ପ୍ଲେଟ୍ ଲୋଭନୀୟ ଆମିଷ ଖାଦ୍ୟ ଥୁଆ ହେବା ଦେଖି ଭୟରେ ମୃଣାଳ ଚିତ୍କାର କଲା । କେବଳ ଟିକେଟ ନୁହେଁ ; ମନି ବ୍ୟାଗ୍‌ଟା ମୋର ପକେଟମାରୁ ହୋଇଯାଇଛି ବୋଲି ମୁଁ ଆପଣଙ୍କୁ ଆଗରୁ କହିଛି । ଏ ସବୁ ଜିନିସର ବିଲ୍...

ମୁଁ ଦେବି । ଆପଣ କେବଳ ଦୟାକରି ଖାଆନ୍ତୁ । ମୃଦୁ ହସି ଉତ୍ତର ଦେଇଥିଲା ସତ୍ୟାନନ୍ଦ ।

କିନ୍ତୁ ତା'ର ସେ କଥା ଶୁଣି ମୃଣାଳ ମୁହଁର ରେଖାଗୁଡ଼ିକ ସନ୍ଦେହରେ ଟାଣ ହୋଇଗଲା । କୌଣସି ଗୋଟିଏ ହେଲେ ପ୍ଲେଟ୍‌କୁ ସ୍ପର୍ଶ ନ କରି ସେ ପ୍ରଶ୍ନକଲା, କିନ୍ତୁ କାହିଁକି ? ଜଣେ ବିନା ଟିକେଟରେ ଟ୍ରେନ୍ ଯାତ୍ରା କରୁଥିବା ଅପରାଧୀ ବ୍ୟକ୍ତିକୁ ଆପଣ ନିକଟ-ଆତ୍ମୀୟ ଭଳି ହାତରୁ ଟଙ୍କା ଖର୍ଚ୍ଚ କରି ଖୁଆଇବେ କାହିଁକି ?

ସତ୍ୟାନନ୍ଦର ମନେପଡ଼ିଲା, ନନ୍ଦିତା ଦିନେ କହିଥିଲା, ମୃଣାଳ ଭାଇ ଭାରି ସନ୍ଦେହୀ । ସେଦିନ ନନ୍ଦିତାକୁ ସନ୍ଦେହ କରି ସେ ବିବାହ କରିବ ନାହିଁ ବୋଲି ଫେରାଇ ଦେଇଥିଲା । ଆଜି ତାକୁ [illegible]ନ୍ଦେହ କରି ସେ ଲୋଭନୀୟ ଖାଦ୍ୟ ପ୍ଲେଟ୍ ଆଡ଼କୁ ସୁଦ୍ଧା ଚାହୁଁ ନ[illegible]

ସତ୍ୟାନନ୍ଦ ବିଚଳିତ ହେଲା ନାହିଁ । ଅ[illegible] ତାକୁ ବିସ୍ମିତ କରିଦେଇଛି । ତାରୁଣ୍ୟର ଚପଳତା [illegible] ଠାରେ [illegible]ଯାଏ ନାହିଁ ।

"ସେ ଗୋଟିଏ ପ୍ଲେଟ୍‌ରୁ ମାଂସ ଖଣ୍ଡେ ଉଠାଇ ନେଇ ଚୋବାଉ ଚୋବାଉ କହିଲା, ମୃଣାଳବାବୁ ! ଅଜ୍ଞାତ-କଳଙ୍କିନୀ ନାରୀ ଧରା ନ ପଡ଼ିଲେ ସ୍ୱାମୀଗୃହରେ ଯେପରି ସତୀ, ସାଧ୍ୱୀ, କଲ୍ୟାଣମୟୀ ବଧୂ ଭଳି ସୀମନ୍ତରେ ସିନ୍ଦୂର ପିନ୍ଧି ସମାଜରେ ସମ୍ମାନିତା ହୁଏ; ଟି.ଟି.ଆଇ. ହାତରେ ଧରା ନ ପଡ଼ିଲେ ସବୁ ବିନା ଟିକେଟର ଯାତ୍ରୀ ସେହିପରି ସମ୍ମାନାସ୍ପଦ ନାଗରିକ ଭାବରେ ରାଜପଥରେ ଛାତି ଫୁଲାଇ ଯିବାଆସିବା କରନ୍ତି । ଆଉ ସଂସାରରେ ବଞ୍ଚିରହିବା ପାଇଁ ବହୁ ଭାଗ୍ୟହୀନ ସ୍ୱାମୀ ଯେପରି ନିଜ ପତ୍ନୀର ଅଜ୍ଞାତ ଦୁର୍ବଳତାକୁ କ୍ଷମାକରିବାର ଉଦାରତା ଦେଖାନ୍ତି ; ମୋ ଭଳି ଜଣେ ଜଣେ ଟି. ଟି. ଆଇ. ସେହିପରି ବିନା ଟିକେଟରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ଡାକିଆଣି ଚାହା, ଜଳଖିଆ ଖୁଆନ୍ତି ; ଏଥିରେ ସନ୍ଦେହ, ଅବିଶ୍ୱାସର କିଛି କଥା ନାହିଁ ।"

ପ୍ଲେଟ୍‌ରୁ ଝୋଳ ଖାଇବା ପାଇଁ ସତ୍ୟାନନ୍ଦ କଥା ବନ୍ଦକଲାବେଳେ ଲକ୍ଷ୍ୟ କଲା, ମୃଣାଳର ମୁହଁରୁ ସନ୍ଦେହର ସେ ମେଘ ଏ ପର୍ଯ୍ୟନ୍ତ ଅପସାରିତ ହୋଇନାହିଁ । ସେ ମୃଣାଳକୁ ନିଃସନ୍ଦେହ କରିବା ପାଇଁ ପୁଣି କହିଲା, ଏ ଜୀବନ ଏକ ଚଳମାନ ଟ୍ରେନ୍ । ଆମେ ସମସ୍ତେ ବଞ୍ଚି-ରହିଥିବାର ଉତ୍ତେଜନା ଉପଲବ୍ଧି କରିବାକୁ ବିନା ଟିକେଟରେ ଥରେ ଅଧେ ଯିବାଆସିବା କରୁ···କାଳ ଟି. ଟି. ଆଇ.ର ହାତ କାହା ବେକ ଉପରେ କେତେବେଳେ ପଡ଼ିବ କିଏ ଜାଣେ !

ମୃଣାଳ ଦୀର୍ଘ ସମୟର ନୀରବତା ଭଙ୍ଗ କରି କହିଲା, ବିଶ୍ୱାସ କରନ୍ତୁ, ମୁଁ କିନ୍ତୁ ଟିକେଟ କରିଥିଲି । କେହି ପକେଟମାରୁ···!

ଟ୍ରେନ୍ ବୋଧହୁଏ ଛାଡ଼ିଦେଲା । ହୁଇସିଲ୍ ସ୍ପଷ୍ଟଭାବରେ ଶୁଣି ପାରୁଥିଲା ସତ୍ୟାନନ୍ଦ । ତା'ର ସେ ଗାଡ଼ିରେ ଯିବାର ଥିଲା ; କିନ୍ତୁ ଜାଣି ଜାଣି ସେ ଗଲା ନାହିଁ ।

ମୃଣାଳର ପିକ୍ ପକେଟ୍ କଥା ଶୁଣି ତା'ର ସେଇ ପକେଟ୍‌ମାରୁ କଥା ମନେପଡ଼ୁଥିଲା । ଯେଉଁ ପକେଟ୍‌ମାରୁ ମନିବ୍ୟାଗ ଭିତରୁ ଟଙ୍କା ବଦଳରେ ପାଇଥିଲା ନିଜ ପତ୍ନୀର ଗୋପନ ପ୍ରଣୟପତ୍ର ।

# ॥ ସ୍ୱୟଂ ନାୟକ ॥

ଟ୍ରେନ୍ ଆସେ, ଦମ୍ ନିଏ, ଯାତ୍ରୀ ଓହ୍ଲାନ୍ତି, ଚଢ଼ନ୍ତି, ସିଟି ବାଜେ, ନୀଳ ଆଲୋକର ସଙ୍କେତ ଦେଖାଯାଏ, ଗାଡ଼ି ଛୁଟେ, ମୁହୂର୍ତ୍ତର କୋଳାହଳକୁ ପୁଣି ଏକ ଅସହ୍ୟ ନିସ୍ତବ୍ଧତାରେ ପରିଣତ କରିଦେଇ । ପ୍ରତିଦିନ ଦେଖେ, ପ୍ରତିଥର ବି ଅବାକ୍ ହୁଏ । ଏତେଥର ଦେଖିବାର କ୍ଳାନ୍ତି ନ ଥାଏ ; କିମ୍ବା ନ ଥାଏ ଗୋଟିଏ ପ୍ରକାର ଦୃଶ୍ୟ ଦେଖିବାର ଗତାନୁଗତିକତା-ଜନିତ ବିରକ୍ତି । ଏକ ନିର୍ବୋଧ ବାଳକର ଦୃଷ୍ଟି ନେଇ ; ଏକ ଜିଜ୍ଞାସୁ ଛାତ୍ରର କୌତୂହଳ ନେଇ ସେହି ଯାତ୍ରୀବାହୀ ଟ୍ରେନଗୁଡ଼ିକୁ ଦେଖିବା ଲାଗି ରିକ୍ସା ଚଢ଼ି ମୁଁ ଅନେକଥର ଆସେ । କୌଣସି ଅନିବାର୍ଯ୍ୟ ଅସୁବିଧା ହେତୁ କିଛି ଦିନ ଆସି ନ ପାରିଲେ, ଧାରଣା ହୁଏ, ମନକୁ ମୋର ଜ୍ୱର ହୋଇଛି, ଏତେ ଜ୍ୱର ଯେ ମନଟା ମୋର କଡ଼ ଲେଉଟାଇ ପାରୁ ନି । ମନର ଜିଭ ଜ୍ୱରର ଅତ୍ୟାଚାରରେ ଜଡ଼ ହୋଇ ଯାଇଛି । କିଛି ଆସ୍ୱାଦନ କରିପାରୁ ନାହିଁ । ସବୁ କେମିତି ପିତା ପିତା ଲାଗୁଛି ; ଅଥବା ବେଳେ ବେଳେ ଲୁଣିଆ ଲୁଣିଆ ! ଅତିଶଯ୍ୟ ଜ୍ୱରର ତାପରେ ମନ ମୋର ପ୍ରଳାପ କଲେ କୁହେ ନାହିଁ କୌଣସି ଡାକ୍ତର କିମ୍ବା ଔଷଧର ନାମ ; ଜ୍ୱର-ଜଡ଼-ଜିଭ ପ୍ରଳାପ କରେ, ଗାଡ଼ି··· ରେଲଗାଡ଼ି···ଜନତା···ଏକ୍ସପ୍ରେସ୍···ପାନ ବିଡ଼ି ସିଗ୍ରେଟ୍···ଚା' ଚାଇ ବାବୁ,—ହେ ରିକ୍ସା ! ଇତ୍ୟାଦି ଇତ୍ୟାଦି । ଆଜି କିନ୍ତୁ ମୁଁ ଆସିଛି । ଗାଡ଼ି ଆସି ନାହିଁ । ବାଲେଶ୍ୱରରେ ଆଗ ନ ଦେଖା ବନ୍ୟାରେ ରେଲପଥ ଜଳମଗ୍ନ । ଗାଡ଼ି ଆସି ନାହିଁ ; ଆସିବ ନାହିଁ ବୋଲି ରେଲୱେ କର୍ତ୍ତୃପକ୍ଷ ଘୋଷଣା କରି ସାରିଛନ୍ତି । ଯାତ୍ରୀ କେହି ଆସିନାହାନ୍ତି ; କିମ୍ବା ଆସିଥିବା ଯାତ୍ରୀ ଟିକେଟ ଫେରାଇ ଚାଲିଗଲେଣି । ଚା' ଚାଇର ଚିତ୍କାର ନାହିଁ । ପାନ, ବିଡ଼ି, ସିଗ୍ରେଟ ବିକାଳି ଢୁଳେଇ [illegible] ସିମେଣ୍ଟ ବେଞ୍ଚ୍ ଉପରେ । କେଉଁ ଗାଡ଼ି ଫେଲ୍ ଯାତ୍ରୀ ଉଦ୍‌ବିଗ୍ନ [illegible]-ବୋର୍ଡ ଉପରେ ଆଖି ବୁଲାଇ ହତାଶ କଣ୍ଠରେ ସ୍ୱ[illegible]କ୍ତି କରୁଛି, [illegible]

ବାଲେଶ୍ୱରରେ ବନ୍ୟା, ପୁଣି ଆଜି ଗାଡ଼ି ଆସୁ ନ ଥିବାରୁ କାହିଁକି ? ଭଦ୍ରକ ଖାଲି ଗଲେ ଆଜି ସବୁ ଗଣ୍ଡଗୋଳ···ଗାଡ଼ି କେଉଁଦିନ ଚାଲିବ କେଜାଣି ?··· ହତାଶ ବ୍ୟର୍ଥତାର ସେ ଗ୍ଲାନି ଘନୀଭୂତ ହୋଇ ଆଜି କେତେ ଜଣ ସ୍ଥୂଳକାୟ ବ୍ୟବସାୟୀ ମୁହଁକୁ ଅନ୍ଧକାର କରି ଦେଉଛି । ସେମାନେ ଫାଷ୍ଟକ୍ଲାସ ଟିକେଟ ବାଧ୍ୟ ହୋଇ ଫେରାଇବାକୁ ଆସିଥିଲେ ; ସେମାନଙ୍କର ମାଲ କାଲି ଅନ୍‌ଲୋଡ଼ ନ ହେଲେ କଟକ ପଣ୍ୟ-ବଜାରରେ ଗୋଟାଏ କଣ୍ଟ୍ରୋ କ୍ରାଇସିସ୍ ଦେଖାଦେବା ଅବଶ୍ୟମ୍ଭାବୀ ଏବଂ ଗାଡ଼ି ନ ଆସିବାର ସୁଯୋଗରେ କୌଣସି କୌଣସି ଖୁଚୁରା ଦୋକାନୀ ଜିନିଷର ଦାମ ଚଢ଼ାଇଲେ ସରକାରଙ୍କ ଭିଜିଲାନ୍‌ସ ବିଭାଗ ହୋଲ୍‌ସେଲର ଭାବେ ସେମାନଙ୍କ ଉପରେ ଚଢ଼ଉଧିଆ ଆକ୍ରମଣ କରିବା ମଧ୍ୟ ଅସମ୍ଭବ ନୁହେଁ; କାରଣ ଭାରତ-ସରକାର ଭାରତରକ୍ଷା ଆଇନ ନାମରେ ଗୋଟିଏ ଦୁର୍ଦ୍ଦାନ୍ତ ଆଇନ ପାଶ୍ କରିଛନ୍ତି, ଆଜି ସବୁ ଖୁଚୁରା ବ୍ୟବସାୟୀ ନିଜେ ମୁନାଫା ନେଲେ ବି ଭିଜିଲାନ୍‌ସ ପୋଲିସ ପାଖରେ ସବୁବେଳେ ଫେରାଦ ହୁଅନ୍ତି, 'ହୋଲ୍‌ସେଲ'ର ରସିଦ ନ ଦେଇ ଚଢ଼ା ଦର ନେଉଛନ୍ତି ଓ ପୋଲିସ ସେମାନଙ୍କ କଥା ବିଶ୍ୱାସ କରେ; ଯେହେତୁ ହୋଲ୍‌ସେଲରମାନଙ୍କ ଶରୀର ସ୍ଥୂଳ !! ଲୋକ ପାତଳ ପଡ଼ିଯାଇଥିବାରୁ ଖବର କାଗଜ ହକର ମଧ୍ୟ ବଡ଼ ପାଟିରେ ଆଜି ସମ୍ବାଦପତ୍ରରେ ଥିବା ନ ଥିବା ସ୍ନାୟୁ-ଉତ୍ତେଜକ ଶିରୋନାମାଗୁଡ଼ିକ ଡାକୁ ନାହିଁ । ଗାଡ଼ି ଆସି ନାହିଁ, ଆସିବାର ସମ୍ଭାବନା ମଧ୍ୟ ବିଲ୍‌କୁଲ୍ ନାହିଁ ; ତଥାପି ମୁଁ ଷ୍ଟେସନ ପରିକ୍ରମା କରୁଛି, ହଠାତ୍ କେଉଁ ଅନାହୂତ ଗାଡ଼ିର ପ୍ରବେଶ-ଧ୍ୱନି ଶୁଣିବା ପାଇଁ । ମନରେ ଠିକ୍ ସେହିପ୍ରକାର ଅସ୍ଥିର ଉଦ୍‌ବିଗ୍ନତା, କଥା ଦେଇ, ସମୟ ନିର୍ଦ୍ଦିଷ୍ଟ କରି ନିରୂପିତ ସ୍ଥାନକୁ ଅଭିସାରିକା ଆସି ନ ଥିଲେ ପ୍ରେମିକ ପୁରୁଷ ଯେପରି ଗମ୍ଭୀର-ଗ୍ଲାନିରେ "ଏଇ ଆସୁଛି ; ଏଇ ଆସିଗଲା ; ନିଶ୍ଚୟ ଆସିବ" ବୋଲି କଳ୍ପନା କରି ଅନିଶ୍ଚିତ ଉଦ୍‌ବିଗ୍ନତାର ଅତଳ ସମୁଦ୍ରରେ ମଗ୍ନ ହୋଇଥାଏ ! ଗାଡ଼ି ନ ଆସିଲେ ବଜାରର ପଣ୍ୟ ଆସିବ ନାହିଁ ବୋଲି ନୁହେଁ ; ଇଂରେଜୀ କାଗଜଗୁଡ଼ାକ ନ ଆସିବାର ଦୁଃଖରେ ମୁଁ ମ୍ରିୟମାଣ ହେଉଥିଲି । [illegible]କ୍ଷା ଓ ଷ୍ଟେସନ-ପରିକ୍ରମା ମୋର ଆହୁରି ସୁଦୀର୍ଘ ହୋଇ ଥାଆନ୍ତା, [illegible]ଧାରିଣୀ ପଛରୁ ଡାକ ଦିଅନ୍ତି ନ ଥାନ୍ତା, ବାବୁଜି ! ହୁଇଲର୍ସ ଷ୍ଟ[illegible] ବନ୍ଦହେବ; ଗାଡ଼ି ନାହିଁ, ଗ୍ରାହକ ନାହାନ୍ତି । କାଗଜ

ବି ନାହିଁ । ନିଅନ୍ତୁ ନେବେ ଯଦି କିଛି ମାଗାଜିନ । ଧ୍ୟାନ-ଭଗ୍ନ ତପସ୍ୱୀ ଭଳି ଶୂନ୍ୟ ରେଲ-ଧାରରୁ ଆଖି ଫେରାଇ ମୁଁ ଷ୍ଟଲ୍ ଆଡ଼େ ଗୃହିଁଲି । ସତରେ ଜମା କେତେଜଣ ଗ୍ରାହକ । ଭିଡ଼ ନାହିଁ । ନୂଆ କିଛି ପତ୍ରପତ୍ରିକା ଆସି ନାହିଁ ; ଗାଡ଼ି ବନ୍ଦ ଯୋଗୁଁ । ଯେଉଁ କେତେଜଣ ଗ୍ରାହକ, ଅଭ୍ୟାସ-ବଶୀବର୍ତ୍ତୀ ହୋଇ ଷ୍ଟଲ୍ ପାଖରେ ଆସି ଠିଆ ହୋଇଛନ୍ତି ; ସେମାନେ ସିନା ପୁରୁଣା ପତ୍ରିକା ପୃଷ୍ଠା ଓଲଟାଉଛନ୍ତି ; କିନ୍ତୁ କିଣୁ ନାହାନ୍ତି । ମୁଁ ଯାଇ ସେମାନଙ୍କ ପାଖରେ ଠିଆହେଲି ; କେବଳ ସେମାନଙ୍କ ସଂଖ୍ୟା ବଢ଼ାଇବା ପାଇଁ ।

ବାଲେଶ୍ୱରରେ ବନ୍ୟା ଆସିଛି । ଗାଡ଼ି ବନ୍ଦ ।

କଟକ ଷ୍ଟେସନରେ ବନ୍ୟା ଆସିଛି । ନିର୍ଜ୍ଜନତାର ବନ୍ୟା !!

ନିଜ ବନ୍ଧି ନିଜେ ପଡ଼ିଛନ୍ତି ଯେ !

କୌଣସି ଏକ ନିଷିଦ୍ଧ କାର୍ଯ୍ୟ କରି ଧରାପଡ଼ି ଯାଇଥିବା ଭଳି ଏକ ଅପ୍ରତିଭ ସଙ୍କୋଚରେ ମୁଁ ଚମକି ଉଠିଲି । ଦେଖିଲି, ଜଣେ ଭଦ୍ରମହିଳା ମୋ ପାଖରେ ଠିଆହୋଇ ମୋ ଉଦ୍ଦେଶ୍ୟରେ ସେ ଅଭିଯୋଗଟି ଉପସ୍ଥାପିତ କରିଛନ୍ତି । ଭଦ୍ରମହିଳା କଥା କହିଲାବେଳେ ହସୁଥିଲେ । ଅବଶ୍ୟ ସେ ହସ ଓଠରେ ନୁହେଁ ; ଝଲସୁଥିଲା ତାଙ୍କ ଦୁଇ ଆଖି କୋଣରେ । ଭଦ୍ରମହିଳାଙ୍କ କାନି ଧରି ଟାଣୁଛି ଗୋଟିଏ ଚାରି ପାଞ୍ଚ ବର୍ଷର ଶିଶୁ । ସମ୍ଭବତଃ ତାଙ୍କର ପୁଅ । ମୁହଁ ଉପରେ ତାଙ୍କର ପଡ଼ିଥିବା ଝଲକାଏ ବିଜୁଳି ଆଲୁଅରେ ସ୍ପଷ୍ଟ ଦିଶୁଛି ତାଙ୍କ ସୀମନ୍ତର ସିନ୍ଦୂର । ସାରା ମୁହଁରେ ଛଳ ଛଳ ହେଉଛି ଏକ ସ୍ନିଗ୍ଧ ଲାବଣ୍ୟ । ବେକରେ ପାଞ୍ଚ ଛଅ ଭରି ଓଜନର ଏକ ଚକ୍ ଚକ୍ ସୁନାହାର । ହାତରେ ସୁନାଚୁଡ଼ି ; ଗୋଟିଏ ଗ୍ଲେଟ ରିଷ୍ଟୱାଚ୍ । ଦେହରେ ଦାମୀ ହାଲ୍କା ନୀଳ ରଙ୍ଗର ଜରିଧଡ଼ି ଥିବା ବନାରସି ଶାଢ଼ୀ । କର୍ଫି ରଙ୍ଗର ବ୍ଲାଉଜ । ଏ ସବୁର ସମାବେଶରେ ସତେ କି ସେ ଏକ ଦେବୀପ୍ରତିମା ! ଦେହର ରଙ୍ଗ ଚମ୍ପାଫୁଲ ଭଳି । ନାକଟି ବେଶ୍ ଧାର । ଆଉ ଆଖି ଦୁଇଟି··· !

ସେ କହିଲେ, କଅଣ ମିଛ କହିଲି ! ଆପଣଙ୍କ ଉପନ୍ୟାସ ନୁହେଁ ! ନୂଆ ବାହାରିଛି ତ !

ଅଗତ୍ୟା ମତେ ଉତ୍ତର ଦେବାକୁ ହେଲା ।

ହଁ—ମୋ ବହି । ନିଜ ପାଣ୍ଡୁଲିପି ଯାହା ଥରେ ଲେଖିଥାଏ, ଦ୍ୱିତୀୟ ଥର ପଢ଼େ ନାହିଁ । ପଢ଼େ ପ୍ରୁଫ୍ ଦେଖିଲାବେଳେ । ଏ ବହିରେ ସେ ସୁଯୋଗ ମଧ୍ୟ ମିଳି ନାହିଁ । ସେଥିପାଇଁ ଥରେ ଆଖି ପକାଇ ନେଉଥିଲି ; କିଛି ଅକ୍ଷମଣୀୟ ଭୁଲ ରହିଯାଇଛି କି ନାହିଁ···

ସେତେବେଳକୁ କ୍ଷିପ୍ତ କ୍ଷଣ ଭଳି ସେଠାରେ ଠିଆହୋଇଥିବା ଅନ୍ୟ କେତେକ ଲୋକଙ୍କର ଦୃଷ୍ଟି ମୋ ଦେହରେ ବନ୍ଧ ହୋଇ ଯାଇଥିଲା । ଖାଉମତ ଏକ ଅସ୍ୱସ୍ତିକର ଅବସ୍ଥା । ମୁଁ ଯେ ଅନ୍ୟ କିଛି ନୁହେଁ ; କେବଳ ଜଣେ ଲେଖକ ମାତ୍ର; ସେ ସତ୍ୟ, ଷ୍ଟଲ୍ ନିକଟରେ ସମବେତ କେତେଜଣ ପତ୍ରିକା-ଗ୍ରାହକଙ୍କ ପାଖରେ ଅତି ଶୋଚନୀୟ ଭାବରେ ନଗ୍ନ ହୋଇ ଯାଇଥିଲା ।

ନିଜକୁ ସେ ଅଶୋଭନକ-ଅସ୍ୱସ୍ତିରୁ ବଞ୍ଚାଇବା ପାଇଁ ମୁଁ ମନେ ମନେ ଉପାୟ ଖୋଜୁଥିଲି । କରୁଣାମୟୀ ସେ ଭଦ୍ରମହିଳା କହିଲେ, ଆସନ୍ତୁ, ଗାଡ଼ି ତ ଆସିଲା ନାହିଁ । ଆପଣଙ୍କ ସାଙ୍ଗରେ କିଛି ସମୟ ଗଳ୍ପ କରି କଟାଇଦେବି । ଏଠାରେ ଠିଆହୋଇ ଗଳ୍ପ କଲେ ଅନ୍ୟମାନଙ୍କର ଅସୁବିଧା ହେବ । ଆସନ୍ତୁ···କିଛି ଜରୁରୀ କାମ ନାହିଁ ତ !

ନ ଥିଲା । ମୁଁ ଭଦ୍ରମହିଳାଙ୍କ ପଛେ ପଛେ ରେଲବାଇର ନନ୍‌ଭେଜେଟେରିଆନ୍ ରେସ୍ତୋରାଁରେ ଯାଇ ପ୍ରବେଶ କଲି । ସମ୍ଭବତଃ କଫି ଖାଇ ମୋ ସହିତ ଏଣୁ ତେଣୁ କିଛି ଗଳ୍ପ କରିବାକୁ ସେ ଅନାତ୍ମୀୟା ମହିଳା ଇଚ୍ଛା କରିଥିଲେ । ସାଙ୍ଗରେ ସେଇ ଗ୍ଭେଟ ଶିଶୁ—ସମ୍ଭବତଃ ସେ ତାଙ୍କର ପୁତ୍ର !

କଫି ବଦଳରେ ଫିସ ଫ୍ରାଇ ଆଉ ବ୍ରେଡ୍-ବଟରର ବରାଦ ଦେଲେ ଭଦ୍ରମହିଳା । ଇଚ୍ଛା କରି ସୁଦ୍ଧା ମୁଁ ସେଥିରେ ତାଙ୍କୁ ବାଧାଦେଇ ପାରିଲି ନାହିଁ ! ମୋର ଅନିଚ୍ଛା ସତ୍ତ୍ୱେ ମୋ ପାଟିରୁ ବାହାରିଗଲା, ଦେଖନ୍ତୁ, ମୁଁ ଆପଣଙ୍କୁ ଏ ପର୍ଯ୍ୟନ୍ତ ଚିହ୍ନିପାରିଲି ନାହିଁ । ଆଗରୁ କେଉଁଠି ଦେଖିଥିବା ଭଳି ମଧ୍ୟ ମନେ ହେଉନାହିଁ···

ଭଦ୍ରମହିଳା ହସିଲେ । ହସଟା ତାଙ୍କ ମୁହଁକୁ ଭାରି ଚମତ୍କାର ମାନୁଥିଲା ।

ସେ କହିଲେ, ଆପଣ ମୋର ପ୍ରିୟ ଲେଖକ । ମୁଁ ସେଥିପାଇଁ ଦେଖିବା ଆଗରୁ ଚିହ୍ନିଥିଲି । ଏବେ ତ ପ୍ରାୟ ଆପଣଙ୍କୁ ସ୍ୱପ୍ନରେ

ହୁଇଲର୍ସ ଷ୍ଟଲ୍‌ରେ ଦେଖେ ! କିନ୍ତୁ ଆପଣ ମତେ ଚିହ୍ନିବେ କେମିତି ? ମୁଁ ଗୋଟିଏ ପରିବାରର ଗୃହବଧୂ···ଆପଣଙ୍କ ଗଳ୍ପ, ଉପନ୍ୟାସର ଜଣେ ଅନୁରାଗିଣୀ ପାଠିକା···

ଆଘାତ ପାଇଲା ଭଳି ମୁଁ ବିବ୍ରତ ହେଲି । ଅପରିଚିତା ହେଲେ ବି ସେ କୌଣସି ଦୂର-ସମ୍ପର୍କୀୟା ମହିଳା ହେବେ ବୋଲି ମୋର କେମିତି ଏକ ଅକାରଣ ଧାରଣା ହୋଇଥିଲା ; କିନ୍ତୁ ସେ କେବଳ ମୋର ଅନୁରାଗିଣୀ ପାଠିକା ମାତ୍ର, ସେ କଥା ଜାଣିଲା ପରେ ମୁଁ ଭୀଷଣ ଅସ୍ୱସ୍ତି ଅନୁଭବ କଲି । ତା ଜାଣିଥିଲେ ଏପରି ସ୍ୱଚ୍ଛନ୍ଦରେ ମୁଁ ତାଙ୍କର ଅନୁସରଣ କରି ଏ ରେଲୱେ କାଣ୍ଟିନ ଭିତରକୁ କେବେ ଆସି ନ ଥାନ୍ତି ।

ଖାଆନ୍ତୁ ; ସେ ସବୁ ଥୁଆହୋଇ ରହିଲା ଯେ ! ଭଦ୍ରମହିଳା ପାଉଁରୁଟିରେ ଲହୁଣୀ ଭଳି ନିଜ କଥାରେ କିଛି ଅତିରିକ୍ତ ମମତା ମିଶାଇ ମତେ ଖାଇବାକୁ ତାଗିଦ୍ କଲେ ।

ଫିସ୍ ଫ୍ରାଇ ପରେ ଡବଲ ଆମଲେଟ୍, ଚିକେନ୍ କରି ।

ଖାଇବା ଭିତରେ ସେ ଗଳ୍ପ କରୁଥିଲେ ।

ସାହିତ୍ୟ ଏକ ଶିଳ୍ପ । ଓଡ଼ିଶାରେ ଆଗେ ବଡ଼ ବଡ଼ ଶିଳ୍ପ ପ୍ରତିଷ୍ଠାନ, ଇଣ୍ଡଷ୍ଟ୍ରି ନ ଥିଲା, ସାହିତ୍ୟ ଥିଲା । ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ଫକୀରମୋହନ । ଏବେ ଶିଳ୍ପ ବୃଦ୍ଧିଲାଭ କରୁଛି । ଇସ୍ପାତ, କାଗଜ, ଲୁଗା, କାଚକାରଖାନା···ଶିଳ୍ପପ୍ରତିଷ୍ଠାନ ; କିନ୍ତୁ ସାହିତ୍ୟ କାହିଁ ? କଳକାରଖାନା ଶିଳ୍ପକୁ ନେଇ ଦେଶ ବଡ଼ ହୁଏ ନାହିଁ । ଜାତି ଗର୍ବ କରେ ନାହିଁ । ସେଥିପାଇଁ ଲୋଡ଼ା ସାହିତ୍ୟ-ଶିଳ୍ପ । ଆପଣ ଶିଳ୍ପ କାରଖାନାର ବଡ଼ ଅଫିସର ନ ହୋଇ ସାହିତ୍ୟଶିଳ୍ପର ଶିଳ୍ପୀ ହୋଇଛନ୍ତି ବୋଲି ମୋର ଗର୍ବ । ମୋ ସ୍ୱାମୀ ଥିଲେ ଭିଲାଇ ଇସ୍ପାତ କାରଖାନାର ଜଣେ ବଡ଼ ଅଫିସର । ସେ ସବୁବେଳେ ଏଇ କଥା କହୁଥିଲେ । ତାଙ୍କର ଧାରଣା—ଏ ଯୁଗ ହେଉଛି ଶିଳ୍ପ ବିପ୍ଳବର ଯୁଗ । ଜୀବନ ସେଥିପାଇଁ ଏତେ ବେଶି ଭାବରେ ଯାନ୍ତ୍ରିକ ହୋଇ ଉଠିଛି । ସେ ଯାନ୍ତ୍ରିକ-ଜୀବନ ପାଇଁ ଯଦି ଏକ ଦର୍ଶନ ନ ରହେ, ତେବେ ଜୀବନ ଯନ୍ତ୍ର ଭଳି ଆବେଗ-ରହିତ ହୋଇଯିବ । ସାହିତ୍ୟ-ଶିଳ୍ପ ସେ ଜୀବନଦର୍ଶନର ସନ୍ଧାନ ଦେବାକୁ ଏକମାତ୍ର ସକ୍ଷମ ହୋଇପାରେ । ମଟରଗାଡ଼ିରେ ଚଢ଼ିଲେ ଯାତ୍ରା ଆରାମ-ଦାୟକ ହୁଏ ; କିନ୍ତୁ ସେ ମଟରଗାଡ଼ି ଗଡ଼ିବା ପାଇଁ ତ ଭୂମି ଦରକାର !

ମଣିଷ ଯାହା ଉପରେ ଭର ଦେଇ ଠିଆ ହେବ, ତାହା ହେଲା ସେଇ ଜୀବନ-ଦର୍ଶନ; ମଟରଗାଡ଼ି ଲାଗି ଭୂମି ଭଳି ସାର୍ଥକ ଭାବରେ ବଞ୍ଚିବା ଲାଗି ଲୋଡ଼ା ଏଇ ଦର୍ଶନ···ଯାହା କାହାଣୀ ଛଳରେ ଆପଣ ଆମମାନଙ୍କ ମନର ଅଭ୍ୟନ୍ତରରେ ପ୍ରବେଶ କରାଇ ଦିଅନ୍ତି ।

ଭଦ୍ରମହିଳାଙ୍କ କଥା କହିବାର ଭଙ୍ଗୀଟି ବେଶ୍ ଅଦ୍‌ଭୁତ । ଏପରି ତାତ୍ତ୍ୱିକ ମୂଲ୍ୟବାନ କଥାଗୁଡ଼ିକ ସେ ବେଶ୍ ସହଜ ଭାବରେ ପ୍ରକାଶ କରି ପାରୁଥିବା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ମୋର ମନେହେଲା, ଭଦ୍ରମହିଳାଙ୍କ ସ୍ୱାମୀ ଯେ ଭିଲାଇ ଇସ୍ପାତ କାରଖାନାର ଜଣେ ପଦସ୍ଥ ଅଫିସର ଏବଂ ସାହିତ୍ୟ ସଂପର୍କରେ ତାଙ୍କର ଧାରଣା ଅତି ଗଭୀର, ଏହି କଥା ଜଣାଇବା ପାଇଁ ସେ ଅନ୍ୟ କଥାଗୁଡ଼ିକ ପ୍ରସଙ୍ଗକ୍ରମେ କହିଗଲେ । ମତେ ମଧ୍ୟ କିଛି ଅନୁଚିତ ଭାବରେ ପ୍ରଶଂସା କଲେ ।

ତାଙ୍କର ସେ ଅଯଥା ପ୍ରଶଂସାକୁ ନୀରବରେ ଆତ୍ମସାତ୍ କଲେ ଭଦ୍ରମହିଳା କାଳେ ମତେ ଏକ ନିର୍ବୋଧ ପ୍ରଶଂସାପ୍ରିୟ ଲୋକ ବୋଲି ଭାବିବେ, ସେଥିପାଇଁ ମୁଁ ପ୍ରତିବାଦ କଲି; ଉଚ୍ଚକୋଟିର ସାହିତ୍ୟ କହିଲେ ମୁଁ ନିଜେ ଯାହା ବୁଝେ, ସେ ଭଳି ସାହିତ୍ୟ ସୃଷ୍ଟି କରିଛି ବୋଲି ମୋର ନିଜର ମନେହୁଏ ନାହିଁ । ସମାଲୋଚକଙ୍କ ମୁହଁରେ ଶୁଣିଛି, କେବଳ ସାମୟିକ ଆନନ୍ଦ ପାଇଁ ଲୋକେ କୁଆଡ଼େ ମୋ ଉପନ୍ୟାସ, ଗଳ୍ପ ପଢ଼ନ୍ତି··· ।

ଭଦ୍ରମହିଳା ହସିଲେ । ହସିଲାବେଳେ ତାଙ୍କ କାନରେ ଝୁଲୁଥିବା ସୁନାର ଇଅରିଂଟା ବେଶ୍ ଛନ୍ଦ ମିଳାଇ ଦୋହଲୁଥିଲା । ସେ ମନ୍ତବ୍ୟ କଲେ, ମୁଁ ତ ଆଉ ଅଧିକ କିଛି କହୁନାହିଁ । ଜୀବନଟା ଯନ୍ତ୍ରଣାରେ ଆଜି ଜଟିଳ ହୋଇ ଉଠିଛି । ସେଥିରୁ ମୁକ୍ତି ପାଇବାର ବାଟ ନାହିଁ । ଅର୍ଥ, ସାମାଜିକ ସମ୍ମାନ, ସୁନ୍ଦର ସ୍ୱାସ୍ଥ୍ୟ, ସ୍ୱଚ୍ଛନ୍ଦ ପାରିବାରିକ ଜୀବନ—କିଛି ହେଲେ ମଣିଷକୁ ଏ ଜୀବନ-ଯନ୍ତ୍ରଣାରୁ ମୁକ୍ତି ଦେଇପାରୁ ନାହିଁ । ଆପଣଙ୍କ ବହି ଯଦି ଜୀବନର ସେହି ଦୁର୍ବିସହ ସମୟରୁ ଅଳ୍ପ କେତୋଟି ମୁହୂର୍ତ୍ତକୁ ବି ଆନନ୍ଦର ଆଲୋକରେ ଉଜ୍ଜ୍ୱଳ କରିଦେଇ ପାରିଲା, ସେଇ ଯଥେଷ୍ଟ । ସେ ଦୃଷ୍ଟିରୁ ଆପଣ ଏ ଯୁଗର ମହାନ୍ ସାହିତ୍ୟିକ । ଆପଣ ଜାଣନ୍ତି, ରୋଗରେ ପଡ଼ି ଯନ୍ତ୍ରଣା ଭୋଗିଲେ ବୋଉ ମୋର ଈଶ୍ୱରଙ୍କୁ ଡାକୁଥିବା ମୁଁ ଦେଖିଛି । ମାନସିକ ଦୁଶ୍ଚିନ୍ତାରୁ ରକ୍ଷାପାଇବା ପାଇଁ ମୋ ଶଶୁର ମଧ୍ୟ

ଭଗବାନଙ୍କୁ ପ୍ରାର୍ଥନା କରିବା ଲକ୍ଷ୍ୟ କରିଛି । ଚେଷ୍ଟାକରି କିନ୍ତୁ ମୁଁ ଈଶ୍ୱରଙ୍କୁ ଆପଣାର କରିପାରି ନାହିଁ । ଅଦୃଷ୍ଟ ଯଦି ଈଶ୍ୱରଙ୍କ ଇଙ୍ଗିତରେ ଚାଲୁଥାଏ, ତେବେ ଈଶ୍ୱରଙ୍କ ପ୍ରତି ମୋର ଆକଣ୍ଠ ଘୃଣା । ରୋଗର ଯନ୍ତ୍ରଣାରେ, ମାନସିକ ଦୁଶ୍ଚିନ୍ତାରେ ଆପଣଙ୍କ ଗଳ୍ପ, ଉପନ୍ୟାସ ହିଁ ମତେ ଦେଇଛି ଆଶ୍ଚର୍ଯ୍ୟଜନକ ଆନନ୍ଦ, ସବୁ ଦୁଃଖ ଭୁଲିଯିବାର ଶକ୍ତି । ଏ କଅଣ କମ୍ କଥା ! ଆପଣଙ୍କ କଲମ ଉପରେ ଫୁଲଚନ୍ଦନ ବୃଷ୍ଟି ହେଉ···

ଶେଷ ବାକ୍ୟଟି ସେ ଉଚ୍ଚାରଣ କରିଥିଲେ ପ୍ରାର୍ଥନା କରିବା ଭଙ୍ଗୀରେ, ଅସ୍ପଷ୍ଟ ଭାବରେ, ନମ୍ରକଣ୍ଠରେ । ସେ ପ୍ରାର୍ଥନା ବୋଧହୁଏ ତାଙ୍କରି ପାଖରେ, ଯାହାଙ୍କ ପ୍ରତି ଆକଣ୍ଠ ଘୃଣା ବୋଲି ସେ ଠିକ୍ ପୂର୍ବ ମୁହୂର୍ତ୍ତରେ ପ୍ରକାଶ କରିଥିଲେ !

ସଙ୍କୁଚିତଙ୍କ ଚିତ୍ତରେ ମୁଁ ତାଙ୍କୁ କହିଲି, ମୁଁ ଗଳ୍ପ ଲେଖେ, ଉପନ୍ୟାସ ଲେଖେ ; କିନ୍ତୁ ତା ଦେହରେ ଯେ ଏକ ଜୀବନ-ଦର୍ଶନ ଅଛି, ସେ କଥା ମୁଁ ଜାଣିନାହିଁ । ଆପଣ ଆଜି ସେ କଥା ଜଣାଇ ଦେଇ ମୋର ବଡ଼ ଉପକାର କଲେ । ଆପଣଙ୍କ କଥା ମୋର ମନେରହିବ ।

ହସଖୁସିର ଆଉ କେତୋଟି ପ୍ରଗଲ୍‌ଭ ତରଙ୍ଗ ତାଙ୍କ ମୁହଁର ବିଭିନ୍ନ ଅଂଶକୁ ଆସି ପ୍ଲାବିତ କରିଦେଲା । ସେ ଖାନ୍‌ସାମାକୁ ଲକ୍ଷ୍ୟ କରି କହିଲେ, ଗୋଟାଏ ଅଣ୍ଡା ପୁଡ଼ିଂ ·····

କଥା ଗପିବା ଭିତରେ ମୁଁ ଯଥେଷ୍ଟ ଖାଇସାରିଥିଲି; ଆହୁରି ପୁଣି ପୁଡ଼ିଂ କଥା ଶୁଣି ପ୍ରତିବାଦ କଲି, ଆଉ ପାରିବି ନାହିଁ···ଆଉ କିଛି ମଗାନ୍ତୁ ନାହିଁ···

ସେ ହସିଲେ ।

କହିଲେ, ଆପଣଙ୍କ ଗଳ୍ପ-ଉପନ୍ୟାସ ପଢ଼ି ଅନେକ ଥର ମୋର ମନ ଭରିଯାଇଛି । ମୁଁ ଆଜି କେବଳ ଆପଣଙ୍କ ପେଟ ଭରିଦେବାକୁ ଚାହୁଁଛି । ଲେଖକ ଲେଖନ୍ତି ପାଠକର ମନକୁ ନୂତନ ରସରେ ଭରିଦେବା ପାଇଁ । ସେଥିରେ ତାଙ୍କର ଆନନ୍ଦ । ନାରୀ ସେହିପରି ଚାହେଁ ନିଜ ଆତ୍ମୀୟଙ୍କୁ ପେଟଭରି ଖୁଆଇବା ପାଇଁ । ସେଥିରେ ତାର ତୃପ୍ତି । ଆଉ ଆପଣ ତ ଜାଣନ୍ତି ଆଜିସୁଦ୍ଧା ଆମ ଦେଶରେ ଅନେକ ଶିକ୍ଷିତ ଲୋକ ବି ବିବାହ କରନ୍ତି ଜୀବନର କୌଣସି ମହତ୍ତର ଉଦ୍ଦେଶ୍ୟରେ ନୁହେଁ, କେବଳ ହୋଟେଲରେ ଖାଇବା ଅସୁବିଧାରୁ ରକ୍ଷାପାଇବା ପାଇଁ···!! ମୁଁ ନାରୀ, ଆପଣଙ୍କ ପାଠିକା । ମୋ

ମନ ଭରିବା ପର୍ଯ୍ୟନ୍ତ ଆପଣଙ୍କୁ ଯଦି ପେଟ ଭରି ଖୁଆଇ ପାରିଲି···

କଣ୍ଠରେ ଜଡ଼ତା ନାହିଁ, ମନରେ ଦ୍ୱିଧା ନାହିଁ । ସ୍ନେହରେ ଆବିଳତା ନାହିଁ, ଆନ୍ତରିକତାରେ ସନ୍ଦେହ ନାହିଁ । ସେଥିପାଇଁ ରେଲୱେ ରେଷ୍ଟୋରାଁରେ ମମତାମୟୀ ଜନନୀ ଭଳି ସେ ଯାହା ଖୁଆଇଥିଲେ, ମତେ ବୋଧ ହୋଇଥିଲା ଅମୃତ ଭଳି ।

ମୁହଁ ପୋଛି ବିଦାୟ ନେଇ ଆସିବା ଆଗରୁ ମୁଁ ଭଦ୍ରମହିଳାଙ୍କୁ ଅନୁରୋଧ କଲି, ଆପଣ ଏ ଖାଇବା ବିଲ୍ ଦେବେ ଗୋଟିଏ ସର୍ତ୍ତରେ, ଯଦି ଆପଣ ଆପଣଙ୍କ ସ୍ୱାମୀଙ୍କ ସହ ଦିନେ ଆସିବେ ମୋ ବସାକୁ···ମୋ ବୋଉଙ୍କ ହାତରନ୍ଧା ଖାଇଯିବେ···ବର୍ତ୍ତମାନ ମୋ ପାଖରେ କିଛି ନାହିଁ, ମୋର ଖଣ୍ଡେ ବହି ମଧ୍ୟ ମୁଁ ଆପଣ ଦୁହିଁଙ୍କୁ ଉପହାର ଦେବି ।

ମୋ କଥା ଶୁଣି ହଠାତ୍ ତାଙ୍କ ମୁହଁ ରକ୍ତଶୂନ୍ୟ ହୋଇ ଉଠିଲା । ଝାପ୍‌ସା ବିଜୁଳି ଆଲୁଅରେ ଦେଖିଲି, ଲାବଣ୍ୟ ବଦଳରେ କାରୁଣ୍ୟ ଢଳ ଢଳ ହେଉଛି ତାଙ୍କ ନିସ୍ତବ୍ଧ ମୁହଁରେ । ଆଖିର ତାରକା ଦୁଇଟି ନିଷ୍ପ୍ରଭ ।

ମୁଁ ଶଙ୍କିତ କଣ୍ଠରେ ପଚାରିଲି, ଏ କଅଣ ହେଲା ?

ପୁଅର ହାତ ଟାଣି ସେ ରେଷ୍ଟୋରାଁ ବାହାରକୁ ଚାଲିଗଲାବେଳେ କହିଲେ, ନା···କିଛି ନାହିଁ ।

ଅପରାଧୀଟି ଭଳି ମୁଁ ତାଙ୍କ ପଛେ ପଛେ ବାହାରି ଆସିଲି ମଧ୍ୟ ।

ଚାଲି ଚାଲି ସେ ଯାଇ ରେଲଲାଇନ ଧାରରେ ଗୋଟିଏ ନିର୍ଜ୍ଜନ ସ୍ଥାନରେ ଠିଆହୋଇ ଆକାଶକୁ ଚାହିଁଲେ ।

ଆକାଶରେ କେଉଁ ଅଜ୍ଞାତ ତିଥିର ଚନ୍ଦ୍ରୋଦୟ ହୋଇଥିଲା । ଫର୍ଚ୍ଚା ଦିଶୁଥିଲା ସେ ସ୍ଥାନଟି ସେଇ ଚନ୍ଦ୍ରାଲୋକରେ । ମୁଁ ତାଙ୍କୁ କୁଣ୍ଠିତ କଣ୍ଠରେ ପ୍ରଶ୍ନ କଲି, ଆପଣଙ୍କ ମନ ହଠାତ୍ ଏମିତି ଖରାପ ହୋଇଗଲା କାହିଁକି ? ମୁଁ ନିଜ ଅଜାଣତରେ ଆପଣଙ୍କୁ ଆହତ କରିଛି କି ?

ସେ ମ୍ଳାନ ହସ ହସିଲେ ।

ଖୁବ୍ ଧୀର କଣ୍ଠରେ କହିଲେ, ଆପଣ ଜାଣନ୍ତି ନାହିଁ, ମୁଁ ବିଧବା । ସ୍ୱାମୀଙ୍କ ସାଙ୍ଗରେ ଯିବା କଥା କହିଲେ ଯେ, ହଠାତ୍···!

ମୁଁ ବିସ୍ମୟରେ ବିମୂଢ଼ ହୋଇ ଯାଇଥିଲି, ଆକସ୍ମିକ ଆଘାତରେ । ସେ କ୍ଷୀଣ ଚନ୍ଦ୍ରାଲୋକରେ ବି ମତେ ସ୍ପଷ୍ଟ ଦେଖାଯାଉଥିଲା, ତାଙ୍କ ସୀମନ୍ତରେ ସେ ସିନ୍ଦୂରଟୋପା । ହାତରେ ଚୂଡ଼ି ।

ସେ ବୋଧହୁଏ ମୋ ବସ୍ତୁପୂର କାରଣ ବୁଝିପାରିଲେ ।

ପୁଅକୁ ଦେଖାଇ ଦେଇ କହିଲେ, ଏଇ ବାବୁ ଯୋଗୁଁ ମତେ ଏ ଅଭିନେତ୍ରୀର ବେଶ ଦିନେ ଦିନେ ପିନ୍ଧିବାକୁ ହୁଏ । କାରଣ ତାର ବାପା ନାହାନ୍ତି, ଏ ଧାରଣା ତାକୁ ଦିଆଯାଇ ନାହିଁ । ମୁଣ୍ଡରେ ସିନ୍ଦୂର ନ ପିନ୍ଧିଲେ କାନ୍ଦି କାନ୍ଦି ଲେଟିବ ସେ ।

ଗୋଟାଏ ଚଲନ୍ତିନ ମାଗାଜିନ୍‌ରୁ ଠିଆହୋଇ ଚିତ୍ର ଦେଖୁଥିଲା ବାବୁ । ମୁଁ ତାକୁ କୋଳକୁ ଉଠାଇ ଆଣିଲି ।

ଭଦ୍ରମହିଳା ରେଳଲାଇନକୁ ଚାହିଁଥିଲେ, ଯେଉଁ ଆଡ଼ୁ ହାଓଡ଼ାରୁ ଟ୍ରେନ ଆସେ । ମୁଁ ପଚାରିଲି, କଅଣ ଦେଖୁଛନ୍ତି ?

ସେ ଅନ୍ୟମନସ୍କ ଭାବରେ ମତେ ଓଲଟି ପ୍ରଶ୍ନକଲେ, ଆଜି ଆଉ ଟ୍ରେନ୍ ଆସିବ ନାହିଁ—ନା !

ନା—ବନ୍ୟା ଯୋଗୁଁ ଗାଡ଼ି ବନ୍ଦ । କାହିଁ, କାହାର ଆସିବାର ଥିଲା କି ?—ମୁଁ ପ୍ରସଙ୍ଗ ପରିବର୍ତ୍ତନ ପାଇଁ ପ୍ରଶ୍ନ କଲି ।

ଯାହାର ଆସିବାର ଥିଲା, ସେ ଆଉ କେବେହେଲେ ଆସିଲେ ନାହିଁ । ଠିକ୍ ଏଇ ବେଶରେ ବାବୁଙ୍କୁ ସାଙ୍ଗରେ ଧରି ତାଙ୍କୁ ପାଛୋଟି ନେବାକୁ ଷ୍ଟେସନ ଆସିଥିଲି ସେ ଦିନ । ଟେଲିଗ୍ରାମ୍ କରିଥିଲେ ମତେ ଭିଲାଇ ନେଇଯିବାକୁ ସେ ଆସୁଛନ୍ତି । ସେଦିନ ବି ଆଜି ଭଳି ପୁରୀ-ଏକ୍‌ସପ୍ରେସ୍ ଆସିଲା ନାହିଁ । କ'ଣ ଗୋଟାଏ ଆକ୍‌ସିଡେଣ୍ଟ···ମୋର ସବୁ ଶେଷ ହୋଇଗଲା । ସେହିଦିନୁ ଆଉ ବାପଘର ଛାଡ଼ି ଯାଇନାହିଁ···କିନ୍ତୁ ଦିନେ ଦିନେ ବାବୁ ଜିଦ୍ କରେ···କହୁଥିଲୁ ପରା ବାପା ଆସିବେ ଟ୍ରେନ୍‌ରେ···ଚାଲ ଷ୍ଟେସନ ଯିବା···ତାକୁ ବୁଝାଇବା ପାଇଁ, ନିଜକୁ ଭୁଲାଇବା ପାଇଁ ସେହିଦିନୁ ବାରମ୍ବାର ଏଇ ଗାଡ଼ି ଆସିବାବେଳକୁ ଷ୍ଟେସନ ଆସିବା ମୋର ଗୋଟାଏ ଧାରାରେ ପଡ଼ିଗଲାଣି···ଆଜି ବି ବାବୁ ଜିଦ୍ କଲା··· ।

ତାଙ୍କ ଆଖିରେ ଲୁହ ନ ଥିଲା ।

ସେ ଲୁହ ସବୁ ଜମାଟ ବାନ୍ଧି ଯାଇଥିଲା ତାଙ୍କ ଆଖିପତାରେ । ସେ ଲୁହର ଲୁଣି ତାଙ୍କ ଆଖି ଡୋଳାକୁ ଚିରି ଯାଇଥିଲା ବୋଲି, ଦୃଷ୍ଟି ତାଙ୍କର ମନେହେଉଥିଲା ସେପରି ଜ୍ୟୋତିହୀନ । ସେ କଥା କହୁଥିଲେ

ସ୍ଲେଟ ପାଟିରେ, ଇଂରେଜୀରେ । ସମ୍ଭବତଃ ବାବୁ ଯେପରି ବକ୍ତବ୍ୟ ତାଙ୍କର ବୁଝି ନ ପାରେ, ସେଥିପାଇଁ ।

ମୁଁ ଷ୍ଟେସନ ଆସେ, ଗଳ୍ପର କାହାଣୀ ସନ୍ଧାନ କରିବା ପାଇଁ । ସେ ଷ୍ଟେସନ ଆସନ୍ତି, କାଲେ ତାଙ୍କ ସ୍ୱାମୀ ଆସୁଥିବେ ଟ୍ରେନରେ, ଏଇ ଭୁଲ ଧାରଣାରେ ପୁଅକୁ ବୁଝାଇବା ପାଇଁ ; ନିଜକୁ ଭୁଲାଇବା ପାଇଁ । ବୈଧବ୍ୟ ପରେ ଜୀବନଟା ତାଙ୍କ ପାଇଁ କେବଳ ଏକ ମଧୁର ଭ୍ରାନ୍ତି !

ଷ୍ଟେସନ ପ୍ରାୟ ନିର୍ଜନ ହୋଇ ଆସିଲାଣି । ହୁଇଲର୍ସ ଷ୍ଟଲ ବନ୍ଦ । ଆଲୋକ ଲିଭିଲାଣି । ଆକାଶର ଚନ୍ଦ୍ର ମଧ ମଳିନ । କେତେଖଣ୍ଡ ଭସା ମେଘ ଆକାଶର ଘନ-ନୀଳ ସମୁଦ୍ରରେ ସନ୍ତରଣ କରୁଛନ୍ତି । ବର୍ଷା ବି ହୋଇପାରେ ।

ବାବୁକୁ କୋଳରୁ ଓହ୍ଲାଇ ଦେଇ କହିଲି, ଆସନ୍ତୁ ଯିବେ । ରାତି ଅନେକ ହେଲାଣି । ଟ୍ରେନ ତ ଆସିବାର କଥା ନାହିଁ ।

ସେ ମୋ ପଛେ ପଛେ ଆସିଲେ । ମୁଁ ନିର୍ବାକ । ଦୁହେଁଯାକ ନୀରବରେ ଷ୍ଟେସନ ପରିକ୍ରମା କଲାବେଳେ ମନେହେଉଥିଲା ସତେ ଯେପରି ଆମେ ଦୁହେଁ ଶ୍ମଶାନକୁ ଯାତ୍ରା କରୁଛୁ ; ଶବାନୁଗମନ କରି !

ଷ୍ଟେସନ ଫାଟକ ଡେଇଁଲା ପରେ ସେ ପ୍ରଥମେ କଥା କହିଲେ । କହିବାର ଭଙ୍ଗୀ ଶ୍ଳୋକ ଉଚ୍ଚାରଣ କଲା ପରି ।

ଆପଣଙ୍କର କେଉଁ ଏକ ଲେଖାରେ ପଢ଼ିଥିଲି, ଯୌବନଠାରୁ ଜୀବନ ବଡ଼ । ସେ ଦିନ ପଢ଼ିସାରି ମନେହୋଇଥିଲା, ମତେ ହିଁ ଲକ୍ଷ୍ୟ କରି କଥାଟା ଆପଣ ଲେଖିଥିଲେ ; ଅଥଚ ସେ ଦିନ ମୋ ସହିତ ଆପଣଙ୍କର ପରିଚୟ ସୁଦ୍ଧା ନ ଥିଲା ! ଆଜି କିନ୍ତୁ ମୋର ମନେହେଉଛି ଜୀବନ ହିଁ ଯନ୍ତ୍ରଣାର ମୂଳ । ଯେ କୌଣସି ଭାବରେ ହେଉ ପଛେ ବଞ୍ଚି ରହିବାକୁ ହେବ—ଏଇ ନିଷ୍ପତ୍ତି ହେଉଛି ଯନ୍ତ୍ରଣାର ହେତୁ । ଯନ୍ତ୍ରଣାକୁ ବାଦ ଦେଇ ପୃଥିବୀରେ କେଉଁଠି ହେଲେ ବୋଧହୁଏ ଜୀବନର ସ୍ଥିତି ନାହିଁ । ମୁଣ୍ଡଟା ଆଜି ଭୀଷଣ ଭାବରେ ବିନ୍ଧିଲାଣି । ଆପଣଙ୍କର କୌଣସି ଗଳ୍ପଉପନ୍ୟାସ ସମ୍ଭବତଃ ଏ ଯନ୍ତ୍ରଣାର ଉପଶମ କରିପାରିବ ନାହିଁ ।

କଥା ଶେଷ କରି ହଠାତ୍ ସେ ନୀରବ ହୋଇଗଲେ । ସ୍ୱାମୀଙ୍କ ଆକସ୍ମିକ ମୃତ୍ୟୁ ପରେ ଈଶ୍ୱରଙ୍କ ଉପରେ ହଠାତ୍ ତାଙ୍କର ଅନାସ୍ଥା ଆସି ଯାଇଥିଲା । ଆଜି ମୋ ସାହିତ୍ୟ ଉପରେ ମଧ ତାଙ୍କର ଅବିଶ୍ୱାସ ଆସି

ଗଲା । ଜୀବନର ବୃକ୍ଷକୁ ଧରି ରଖିବା ପାଇଁ ବିଶ୍ୱାସ, ପ୍ରତ୍ୟୟର କୌଣସି ମୃତ୍ତିକା ତାଙ୍କୁ ଆଉ ଦେଖାଯାଉ ନାହିଁ । ଜୀଇଁ ରହିବା ଲାଗି ସେ ମନ ଭିତରେ ଯେଉଁ ମଧୁର-ଭ୍ରାନ୍ତିକୁ ଏତେ ଆଗ୍ରହରେ ଲାଳନ-ପାଳନ କରିଥିଲେ, ସେ ଭ୍ରାନ୍ତିର ମାୟା ତାଙ୍କ ମନରୁ ହୁଏ ତ କୌଣସି କାରଣରୁ ଆଜି କଟିଗଲା ।

ଅପେକ୍ଷମାଣ ତାଙ୍କ କାର୍‌ର ହର୍ଣ୍ଣ ବାଜିଉଠିଲାବେଳେ ଧକ୍‌କା ଖାଇଲା ଭଳି ମୁଁ ଚମକି ଉଠିଲି । ଗାଡ଼ି ଆସି ନ ଥିବା ହେତୁ ସାରା ଷ୍ଟେସନରେ ଯେଉଁ ନିଃସଙ୍ଗତା, ବିଷଣ୍ଣତା ବ୍ୟାପୀ ରହିଥିଲା, ତାହା ହଠାତ୍ ମୋ ମନର ସମସ୍ତ ଚେତନାରେ ପରିବ୍ୟାପ୍ତ ହୋଇଗଲା ଭଳି ମୁଁ ଅନୁଭବ କଲି ।

—ଶାରଦୀୟ ବିଶେଷାଙ୍କ 'ଜନସାଥି'
୧୯୭୮

# ॥ ଇତିହାସ ॥

## ॥ ଏକ ॥

ସଦାନନ୍ଦବାବୁଙ୍କ କଣ୍ଠସ୍ୱରରେ କ୍ରୋଧ ନୁହେଁ; ଏକ ଆହତ ଅଭିମାନର ସ୍ପର୍ଶ କପର ବାରି ହୋଇ ପଡ଼ୁଥିଲା । ସେ ଯେପରି ଶ୍ଳେଟ ପେନ୍ସିଲ୍ଟିଏ ଭଳି ଅଳି କରୁଥିଲେ, ନା—ଏ ଗୁଡ଼ଲଚୂନାର ଛତୁଆ ନେଇ ମୁଁ ଅଫିସକୁ ଯିବ ନାହିଁ । ଯେଉଁମାନେ ଘରୁ ଜଳଖିଆ ନେଇ ଯାଉଛନ୍ତି, ସେମାନେ କେହି ପୁରି, ଲୁଚି, ତରକାରି ନେଉଛନ୍ତି ତ ଆଉ କଏ ପିଠା ନ ହେଲେ ପରଠା ନେଇ ଯାଉଛନ୍ତି । ଆଉ ସେମାନଙ୍କ ଆଗରେ ସବୁଦିନେ ଚୂଡ଼ା, ଗୁଡ଼ଲଚୂନାର ଛତୁଆ ଖାଇଲାବେଳକୁ ଲାଜରେ ମୋ ମୁଣ୍ଡ ତଳକୁ ହୋଇଯାଉଛି ।

ସୌଦାମିନୀ ସ୍ୱାମୀଙ୍କ ମୁହଁକୁ ଚାହିଁ ହସିଲେ ଏବଂ ମମତାମୟୀ ଜନନୀ ଭଳି କଣ୍ଠ କୋମଳ କରି କହିଲେ, ପିଠା କଲେ କି ପୁରି ଛାଣିଲେ ଘରେ ଚାରିଟିଯାକ ପିଲା ଘେରିବସିବେ । ସେମାନଙ୍କୁ ନ ଦେଇ ତମ ପାଇଁ ଲୁଚେଇ କରି କେମିତି ଜଳଖିଆ ତିଆରି କରିବି ?

ସ୍ତ୍ରୀ ଯାହା କହିଲେ, ସଦାନନ୍ଦ ବାବୁ ଯେ ତାହା ଜାଣନ୍ତି ନାହିଁ, ସେ କଥା ନୁହେଁ । ପାଞ୍ଚ ଜଣଙ୍କ ପାଇଁ ପିଠାପଣା କଲେ ମାସକୁ ଯାହା ଖର୍ଚ୍ଚ ହେବ, ତାହା ତାଙ୍କର କ୍ଷମତାର ବାହାରେ । ଗ୍ରେଡ୍ ଟୁ'ରେ ସାତ-ବର୍ଷ ହେଲା ସେ ଝୁଲୁଛନ୍ତି, ପ୍ରମୋଶନ୍ ହେଉ ନାହିଁ । ପିଲାଙ୍କୁଆଙ୍କ ଖର୍ଚ୍ଚ ବଢ଼ୁଛି । ଟ୍ରେନରେ ଯିବାଆସିବା ଖର୍ଚ୍ଚ ପୁଣି ରହିଛି ।

ତଥାପି ଗୁଡ଼ଲଚୂନାର ଛତୁଆକୁ ଆଲୁମିନିୟମ୍ ଡବାରେ ଭର୍ତ୍ତି କରି ବ୍ୟାଗରେ ଝୁଲାଇ ଅଫିସ ନେବାକୁ ତାଙ୍କୁ ଭାରି ବାଧୁଥିଲା । ଅଥଚ ଘରୁ ଜଳଖିଆ ନ ନେଲେ ଅଫିସ କ୍ୟାଣ୍ଟିନରେ ଖାଇବା ପାଇଁ ପକେଟରେ ପଇସା ନାହିଁ ।

ସୌଦାମିନୀ ସ୍ୱାମୀଙ୍କୁ ମନେପକାଇ ଦେଲେ, ଟ୍ରେନ୍ ଟାଇମ ହୋଇଗଲାଣି । ଗାଡ଼ି ଫେଲ୍ ହେବ ଯେ…

ସଦାନନ୍ଦବାବୁ ଅଣନଶ୍ୱାସୀ ହୋଇ ଦୌଡ଼ି ଦୌଡ଼ି ଗାଡ଼ି ଧରିଲେ । ଗାଡ଼ିରୁ ଓହ୍ଲାଇ ପୁଣି ଗୁଡ଼ାଏ ବାଟ ଦୌଡ଼ିଲେ ଅଫିସରେ ଠିକ୍ ସମୟରେ ପହଞ୍ଚିହେବ । କଟକରୁ ଭୁବନେଶ୍ୱର ଅଫିସ ଉଠିଯିବା ପରେ ଜୀବନଟା ସତରେ ଅଣନଃଶ୍ୱାସୀ ହୋଇଗଲା ।

ସଦାନନ୍ଦବାବୁ ଗାଡ଼ିରେ ବସି ନିଜ ଚାକିରି-ଜୀବନ କଥା ଭାବୁଥିଲେ । ଯେଉଁ ଦିନ କଟକରୁ ଅଫିସ ନୂଆ ରାଜଧାନୀକୁ ଉଠି ଆସିଥିଲା, ସେଦିନ ରାଜଧାନୀର ସୁଦୃଶ୍ୟ କ୍ୱାର୍ଟରଗୁଡ଼ାକ ଦେଖି ତାଙ୍କ ମନ ଆନନ୍ଦରେ ଭରିଉଠିଥିଲା । କଟକ ଘର ଭଡ଼ା ଲଗାଇ ଭୁବନେଶ୍ୱରରେ ଅଳ୍ପ ସରକାରୀ ଭଡ଼ାରେ ଗୋଟିଏ କ୍ୱାର୍ଟର ପାଇଯିବାର ଲୋଭରେ ତାଙ୍କ ଆଖି ଦୁଇଟା ଆନନ୍ଦରେ ଛଳ ଛଳ ହୋଇ ଉଠିଥିଲା ; କିନ୍ତୁ ଅଫିସ ଆସିବାର ପାଞ୍ଚ ବର୍ଷ ପରେ ବି ତାଙ୍କୁ ସରକାରୀ କ୍ୱାର୍ଟର ଖଣ୍ଡେ ମିଳିଲା ନାହିଁ ; ଅଥଚ ତାଙ୍କର ଜୁନିଅର କର୍ମଚାରୀମାନେ ସରକାରୀ କ୍ୱାର୍ଟର ଦଖଲ କରି ରହିଗଲେଣି ।

ଦୀର୍ଘ ଚଉଦ ବର୍ଷର ଚାକିରି ।

ବୟସ ଆସି ଚାଳିଶି ପାଖାପାଖି ହେଲା । ଚାରୋଟି ସନ୍ତାନର ଜନକ ଭାବରେ ସଂସାରର ସବୁ ବୋଝ ତାଙ୍କ ନିଜ ମୁଣ୍ଡ ଉପରେ । ଚାକିରି ଛାଡ଼ିଦେବା କଥା ଭାବିଲେ, ତାଙ୍କୁ ଚାରିଆଡ଼ ଅନ୍ଧକାର ଦେଖାଯାଏ । କିନ୍ତୁ ସେ ଯେପରି ଭାବରେ ଚାକିରି କରୁଛନ୍ତି, ସେଥିରେ ତାଙ୍କର ଆଦୌ ଆଗ୍ରହ ନାହିଁ ।

ଆଜିକାଲି ଦିନକାଳ ବଦଳୁଛି । ସରକାରୀ ଅଫିସରେ ରାଜନୀତି ବେଶି । ସରକାରୀ କ୍ୱାର୍ଟର ପାଇବା ପାଇଁ ମନ୍ତ୍ରୀଙ୍କ ସୁପାରିସ ଦରକାର । ସଦାନନ୍ଦବାବୁ ନୀତି କଅଣ ଜାଣନ୍ତି; କିନ୍ତୁ ରାଜନୀତି ତାଙ୍କୁ ଜଣା ନାହିଁ । ସେଥିପାଇଁ ସରକାରୀ କ୍ୱାର୍ଟର ପାଇବାଠାରୁ ଆରମ୍ଭ କରି ଚାକିରିରେ ପ୍ରମୋଶନ ପର୍ଯ୍ୟନ୍ତ—ସବୁଥିରେ ସେ ପଛରେ ପଡ଼ିଛନ୍ତି ।

କୌଣସି ବିନା ଟିକେଟରେ ଯାତ୍ରୀ ଖସିଯିବା ପାଇଁ ବୋଧହୁଏ ଟ୍ରେନ୍‌ର ଚେନ୍ ଟାଣିଦେଇଛି । ଗାଡ଼ି ଠିଆହେଲାଣି । ସଦାନନ୍ଦବାବୁ ବିରକ୍ତି ଓ ହତାଶାରେ ମୁଖ ବିକୃତ କଲେ । ବିନା ଟିକେଟରେ ଆସିବା ଏବଂ ଷ୍ଟେସନଠାରୁ ଅଳ୍ପ ଦୂରରେ ଚେନ୍ ଟାଣି ଗାଡ଼ିରୁ ଓହ୍ଲାଇ ପଳାଇବା

—ଏ ଅଫିସ ଟ୍ରେନରେ ଗୋଟାଏ ନିତ୍ୟନୈମିତ୍ତିକ ଧାରା ହୋଇଗଲାଣି, ଅଥଚ ଅଫିସର କେଉଁ କେଉଁ କର୍ମଚାରୀ ଏସବୁ କାର୍ଯ୍ୟ କରନ୍ତି, ତାଙ୍କୁ ଅଜଣା ନାହିଁ । ସେ କଥା ଜାଣିବାକୁ ଚେଷ୍ଟାକରିବା ଦରକାର ନାହିଁ । ଅଫିସରେ ପହଞ୍ଚିଲେ ସେଇମାନେ ହିଁ ପ୍ରଥମ ବାହାଦୂରୀ ଦେଖାଇବା ପାଇଁ ସେ କଥା ଉପରେ ପଡ଼ି କହିବେ—ସତେ ଯେମିତି ବିନା ଟିକେଟ୍‌ରେ ଆସି ଚେନ୍ ଟାଣି ଗାଡ଼ିରୁ ଓହ୍ଲାଇ ଡିଆଁ ମାରି ପଳାଇବା ଗୋଟିଏ ରାଜ୍ୟଜୟ କରିଥିବା ଭଳି ଗୌରବ !

ଥରେ ସେମାନଙ୍କୁ ସଦାନନ୍ଦବାବୁ ତାଗିଦ୍ କରିଥିଲେ । ବୁଝାଇ ଥିଲେ, ବିନା ଟିକେଟରେ ଯିବା ତ ଏକ ଅପରାଧ, ପୁଣି ଚେନ୍ ଟାଣି ଅନ୍ୟ ଯାତ୍ରୀମାନଙ୍କୁ ଅଯଥାରେ ହଇରାଣ କରିବା ଆଉ ଏକ ଅକ୍ଷମଣୀୟ ପାପ ।

ତାଙ୍କର ଯେଉଁ ସହକର୍ମୀମାନେ ବିନା ଟିକେଟରେ ଯାଇ ଏସବୁ କାର୍ତ୍ତି କରିଥିଲେ, ସେମାନଙ୍କ ମଧ୍ୟରୁ ଜଣେ ହଠାତ୍ ରାଗିଯାଇ କହିଥିଲା, ଏତେ ସାଧୁତା ଆଉ ଦେଖାନ୍ତୁ ନାହିଁ ! ସେ କଥା ଆପଣଙ୍କ କ୍ୟାରେକ୍‌ଟର ରୋଲ୍‌ରେ ଲେଖାହୋଇଛି ।

କ୍ୟାରେକ୍‌ଟର ରୋଲ୍ କଥା ଶୁଣି ହଠାତ୍ ଦବି ଯାଇଥିଲେ ସଦାନନ୍ଦବାବୁ । ପ୍ରତିଦିନ ଡେରିକରି ଅଫିସ କରନ୍ତି ବୋଲି ତାଙ୍କ କ୍ୟାରେକ୍‌ଟର ରୋଲରେ ବିରୂପ ମନ୍ତବ୍ୟ କରାଯାଇଛି । ଅଥଚ ଯେଉଁମାନେ ବିନା ଟିକେଟରେ ଆସି ଟ୍ରେନରେ ଚେନ୍ ଟାଣି ତାଙ୍କ ଅଫିସ ପହଞ୍ଚିବା ସମୟକୁ ଅକାରଣରେ ବିଳମ୍ବିତ କରନ୍ତି, ସେମାନଙ୍କ କ୍ୟାରେକ୍‌ଟର ରୋଲ୍‌ରେ ପ୍ରମୋସନ ପାଇଁ ସୁପାରିସ ହୋଇଛି ।

ସରକାରୀ ଅଫିସଟା ହିଁ ଏମିତି । ଏଠାରେ ନ୍ୟାୟ ଅଫିସ ରୁମର ସ୍କାଇଲାଇଟ ଭିତର ଦେଇ ପ୍ରବେଶ କରେ, ଦରଜା କିମ୍ବା ଝରକା ବାଟ ଦେଇ ନୁହେଁ ।

ସରକାରୀ ଅଫିସରେ କିରାଣୀ ହେବା ଆଗରୁ ଗୋଟିଏ ବେସରକାରୀ ସ୍କୁଲର ଶିକ୍ଷକ ଥିଲେ ସଦାନନ୍ଦବାବୁ । ବିବାହ ପରେ ସୌଦାମିନୀ ହିଁ ତାଙ୍କ ସଙ୍ଗରେ ଲଗାଇଥିଲେ, ଶିକ୍ଷକ ଚାକିରି ନିଜ ପେଟପୋଷା ଚାକିରି···ଏଥିରେ ପରିବାର ପୋଷଣ କରାଯାଏ ନାହିଁ । ତୁମେ କିରାଣୀ ବରଂ ହୁଅ, ଏ ଶିକ୍ଷକ ଚାକିରି ଛାଡ଼···।

ସଦାନନ୍ଦବାବୁ ଶିକ୍ଷକ ଚାକିରି ଛାଡ଼ିଲେ; କିନ୍ତୁ ଶିକ୍ଷକସୁଲଭ ଦୃଷ୍ଟିକୋଣ ସେ ତ୍ୟାଗକରି ପାରି ନ ଥିଲେ । ଉପରସ୍ଥ ହାକିମ ତାଙ୍କ ଫାଇଲ୍ ଉପରେ ଯେଉଁ ନୋଟ୍ ଦେଇଥିଲେ, ସେଥିରେ ଗୋଟିଏ ଇଂରେଜୀ ଶବ୍ଦର ବର୍ଣ୍ଣାଶୁଦ୍ଧି ଭ୍ରମ ଦେଖି ଥରେ ତାଙ୍କର ଦେହ ଶିରିଶିରେଇ ଉଠିଥିଲା । ଫାଇଲଟା ଧରି ସେ ହାକିମଙ୍କ ପାଖରେ ପହଞ୍ଚି କହିଥିଲେ, ସାର୍ ! ଏ ଓ୍ୱାର୍ଡ୍‌ର ସ୍ପେଲିଙ୍ଗରେ ଟିକିଏ ତ୍ରୁଟି ରହିଯାଇଛି···ଆପଣ ଟିକିଏ ସଂଶୋଧନ କରିଦିଅନ୍ତୁ···

ହାକିମ ଜଣକ ସଦ୍ୟ ଡେପୁଟି କଲେକ୍ଟର ହୋଇଛନ୍ତି । କଲେଜ ଛାଡ଼ି ହାକିମ ହୋଇ ଆସିଛନ୍ତି ଅଫିସକୁ । ସେ ସଦାନନ୍ଦବାବୁଙ୍କ ମୁହଁକୁ ଚାହିଁ ନିଜ ଲେଖା ଶବ୍ଦଟା ସଂଶୋଧନ କରିଦେଇଥିଲେ ସତ୍ୟ; କିନ୍ତୁ ସଦାନନ୍ଦବାବୁଙ୍କ ଔଦ୍ଧତ୍ୟକୁ ସହଜରେ କ୍ଷମା କରିପାରି ନ [illegible] ।

ଚାକିରିର ପ୍ରଥମ ବର୍ଷରେ ନିଜର ଶିକ୍ଷକ-ସୁଲଭ ଭ୍ରମ ସଂ[illegible] ଦୃଷ୍ଟିକୋଣ ଯୋଗୁଁ ସଦାନନ୍ଦବାବୁଙ୍କ କ୍ୟାରେକ୍ଟର ରୋଲ୍‌ରେ ପ୍ରଥମ କଳାଦାଗ ପଡ଼ିଥିଲା । ସେଥିପାଇଁ ଏ ଦୀର୍ଘ ଚଉଦ ବର୍ଷର ଚାକିରି ଜୀବନରେ ସେ ବିଶେଷ ଉପରକୁ ଉଠିପାରି ନାହାନ୍ତି । ତଥାପି କଟକରେ ଅଫିସ ଥିବାବେଳେ ଅଫିସ ସମୟ ପରେ ଟିଉସନ ଗୋଟିଏ ଦୁଇଟି ଧରି ସେ ବେଶ୍ ଚଳିଯାଉଥିଲେ । ଅଫିସ ଚାକିରିରୁ ପଦୋନ୍ନତି, ଅବନତି ଉପରେ ତାଙ୍କର ବିଶେଷ ଧ୍ୟାନ ନ ଥିଲା । କିନ୍ତୁ ଅଫିସ ଭୁବନେଶ୍ୱର ଆସିବା ପରେ ଦରମା ଟଙ୍କାରୁ କିଛି ରେଳଭଡ଼ା ବାବଦ ତ ଗଲା, ତା ସହିତ ଟିଉସନ ମଧ୍ୟ ଛାଡ଼ିବାକୁ ପଡ଼ିଲା । ସକାଳୁ ଉଠିଲେ ବଜାର କରି ଗାଧୋଇ ଆସିଲାବେଳକୁ ଟ୍ରେନ ସମୟ ହୋଇଗଲାଣି । ତା ପରେ ଯେ କୌଣସି ମତେ ନାକରେ ପାଟିରେ ଭାତ ଦୁଇଗୁଣ୍ଡା ଭର୍ତ୍ତି କରିଦେଇ ଦେ ଦଉଡ଼···!

ଆଜି ଆସିଲାବେଳେ ଜଳଖିଆ ପାଇଁ ସୌଦାମିନୀଙ୍କ ସହ ସେ ଅଯଥାରେ ଝଗଡ଼ା କଲେ । ତାଙ୍କୁ ଦୋଷ ଦେଇ କିଛି ଲାଭ ନାହିଁ । ସକାଳ ୯ଟା ବେଳକୁ ଚାରି ଚାରିଟା ପିଲାଙ୍କର ଜଞ୍ଜାଳ ତୁଟାଇ ସେ ଯେ ତାଙ୍କ ପାଇଁ ଭାତ, ଡାଲି, ତରକାରି କରିଦେଇଛନ୍ତି, ତାହା ତାଙ୍କର ବିଚକ୍ଷଣତା ଯୋଗୁଁ ସମ୍ଭବ ହେଉଛି । ତା ପରେ ପିଠା, ପୁରି କିମ୍ବା

ପରଠା କରି ସ୍ୱାମୀଙ୍କ ପାଇଁ ଜଳଖିଆ ସଜାଡ଼ିବା କଥା ତାଙ୍କ ଠାରୁ ଆଶା-କରିବା ନୃଶଂସତା ।

ନିଜ ଗୃଗେଟି ସନ୍ତାନର ଜନନୀ, ପତ୍ନୀ ସୌଦାମିନୀଙ୍କ ପାଇଁ ମନଟା ତାଙ୍କର ହଠାତ୍ କୋମଳ ହୋଇଗଲା । ଟ୍ରେନ୍‌ରୁ ଓହ୍ଲାଇ ଅଫିସ ରାସ୍ତା ଧରିଲାବେଳକୁ ସେ ମନେ ମନେ ସ୍ଥିରକଲେ, ଯାହା ହେଉ ପଛେ, ଧାର୍ କରି ସୁଦ୍ଧା ସେ ଆଜି ସୌଦାମିନୀ ପାଇଁ କିଛି ଭୁବନେଶ୍ୱରୀ କୋରା, ଉଖୁଡ଼ା କିଣିନେବେ ।

॥ ଦୁଇ ॥

ମୁଣ୍ଡ ଉପରେ ଫ୍ୟାନ୍ ଘୂରୁଛି ।

ଦେହରୁ କିନ୍ତୁ ଝାଳ ମରୁନାହିଁ, ଅଥଚ ସିନିୟର ଆସିଷ୍ଟାଣ୍ଟ ଗଦାଏ ଫାଇଲ୍ ତାଙ୍କ ଟେବୁଲ ଉପରେ ଜମାକରି ଦେଇଛନ୍ତି ।

ଲୁଗାକାନିରେ ଗାଲ ପାଖରେ ଜମିଯାଇଥିବା ଝାଳକୁ ପୋଛି ନେଇ ଫାଇଲ୍ କାମରେ ମନଦେବାକୁ ଚେଷ୍ଟାକଲେ ସଦାନନ୍ଦବାବୁ । ଠିକ୍ ସମୟରେ ଫାଇଲ୍ କାମ ଶେଷ ନ କଲେ ବଡ଼ବାବୁ ପାଟିକରି କହିବେ, ଆସିବେ ତ ଅଧଘଣ୍ଟାଏ ଡେରିରେ, ସେଥିରେ ଯଦି ଝାଳ ମରିବାରେ ଘଣ୍ଟାଏ ସମୟ ଯାଏ, ତାହାହେଲେ ଆଜିଠାରୁ କିଅଣ ସରକାର ଆପଣଙ୍କୁ ପେନସନ୍ ଦେଉଛନ୍ତି !

ସିନିୟର୍ ଆସିଷ୍ଟାଣ୍ଟଙ୍କୁ ଅଫିସରେ କୁହାଯାଏ ବଡ଼ବାବୁ ।

ବଡ଼ବାବୁ ଗୋଟାଏ ହାତିଶାଳ ଭଳି କ୍ୱାର୍ଟର ପାଇଛନ୍ତି । ବ୍ରାଞ୍ଚର ଦୁଇଟା ପିଅନ ମଧ୍ୟ ବଡ଼ବାବୁଙ୍କ ଘରେ ଘଣ୍ଟାଏ ଘଣ୍ଟାଏ ଅଫିସ କରନ୍ତି । ସେଥିପାଇଁ ତାଙ୍କ ଦେହରୁ ଝାଳ ବହେ ନାହିଁ । ସଦାନନ୍ଦବାବୁଙ୍କ ଦେହରୁ କାହିଁକି ଝାଳ ବୋହୁଛି, ତେଣୁ ସେ କଥା ସେଥିପାଇଁ ସେ ସହଜରେ ବୁଝି-ପାରନ୍ତି ନାହିଁ ।

ଖଣ୍ଡେ ପାନ ପାଟିରେ ପୂରାଇ ସଦାନନ୍ଦବାବୁ ଫାଇଲ୍ କାମରେ ଲାଗିଗଲେ ।

ମେଜ ଦା, ଭାରି ଭୋକ ! କଅଣ ଜଳଖିଆ ଆଣିଛନ୍ତି ଦେଖେ ! ବୌଦି ନିଶ୍ଚୟ ମାଲପୁଆ ଦେଇଥିବେ ! ···କୁମାରୀ ସ୍ନିଗ୍ଧା ବୋଷଙ୍କ ମିଠା କଣ୍ଠସ୍ୱର ସଦାନନ୍ଦବାବୁଙ୍କ କାନକୁ ଭାରି ତିକ୍ତ ଶୁଣାଗଲା ।

ଗୃଉଳଚ୍ଛନା ଛତୁଆର ଲଜ୍ଜା ଗୋପନ କରିବା ପାଇଁ ସେ ଟିଫିନ୍ କେରିଅର୍‌ଟା ଟେବୁଲ ଉପରେ ଭର୍ତ୍ତିକରି ଦେଇ କହିଲେ, ଘରେ ମୋର ତମ ଭଳି ତିନୋଟି ଝିଅ । ଆଉ ମାଲ କେଉଁଠି ବଞ୍ଚୁଛି ଯେ ବୌଦି ମାଲପୁଆ କରିଦେବେ !

ସ୍ନିଗ୍ଧା କିନ୍ତୁ ଛାଡ଼ିବା ଝିଅ ନୁହେଁ ।

ସେ ଏଇ ମାସ କେତୋଟି ତଳେ ମାତ୍ର ଏଲ୍. ଡି. ଆସିଷ୍ଟାଣ୍ଟ ଭାବରେ ଅଫିସରେ ଯୋଗଦେଇଛି । ଫାଇଲ୍ ସେ କ୍ୱଚିତ୍ ସ୍ପର୍ଶକରେ । ଡେଣାକଟା ପକ୍ଷୀ ଭଳି ଏ ସିଟ୍‌ରୁ ସେ ସିଟ୍, ଏ ବ୍ରାଞ୍ଚରୁ ସେ ବ୍ରାଞ୍ଚ ଡେଇଁ ବୁଲୁଥାଏ । ଅଫିସର ଅଧେ ସମୟ ହାକିମଙ୍କ ପାଖରେ ଖୁସିଗପରେ କଟେ । ସେ କୁଆଡ଼େ ହାକିମଙ୍କ ନିକଟସମ୍ପର୍କୀୟା । ସେଥିପାଇଁ କେହି ତାକୁ କିଛି କହିପାରନ୍ତି ନାହିଁ ।

ସଦାନନ୍ଦବାବୁଙ୍କ ଟେବୁଲ ପାଖକୁ ଆସି ସେ ଡ୍ର ଟାଣିବାକୁ ଆରମ୍ଭ କଲା । ନିରୁପାୟ ହୋଇ ସଦାନନ୍ଦବାବୁ କହିଲେ, ତମ ଯୋଗୁଁ ମୋ କ୍ୱାଟର ଖଣ୍ଡିକ ଗଲା, ଆଉ ତମେ ଯଦି ଏମିତି କାମ କରାଇ ନ ଦିଅ, ତାହାହେଲେ ଚାକିରି ଖଣ୍ଡିକ ମଧ୍ୟ ଯିବ···

ଟେବୁଲ୍ ଡ୍ର ଟାଣିବା ପାଇଁ ବଢ଼ାଇଥିବା ହାତ ଫେରାଇନେଲା ସ୍ନିଗ୍ଧା । ମୁଖ ବିକୃତ କରି କହିଲା, ମୁଁ ଦୁଃଖିତା···ଆଉ ଆପଣଙ୍କ କାମରେ ବାଧାଦେବି ନାହିଁ ।

ଲଘୁ ପଦକ୍ଷେପରେ ଖଣ୍ଡେ ହାଲୁକା ମେଘ ଭଳି ସେ ଚାଲିଗଲା ପରେ ପାଖ ସିଟ୍‌ରେ ବସିଥିବା ଆକାଉଣ୍ଟାଣ୍ଟ କହିଲେ, ଆପଣ ଠିକ୍ ଜବାବ୍ କରି ଦେଇଛନ୍ତି । ଆଉ ଦିନେ ସେ ଆସି ଫାଜିଲାମି ଦେଖାଇବ ନାହିଁ ।

କିନ୍ତୁ ସଦାନନ୍ଦବାବୁ କଥାଟା କହିଦେଇ ଭାବନାରେ ପଡ଼ି-ଗଲେ । ଭାବିଲେ, ସେ ଏମିତି କଥା ନ କହିଥିଲେ ବୋଧହୁଏ ଭଲ ହୋଇଥାଆନ୍ତା । ହୁଏ ତ କଥାଟାକୁ ପୁଣି ଥରେ ହାକିମଙ୍କ କାନକୁ ନେବ ସ୍ନିଗ୍ଧା ବୋଷ । ଆଉ କିଛି ବିପଦ ମଧ୍ୟ ସେଥିପାଇଁ ଘଟିପାରେ ।

ସେ ମିଛ କଳ୍ପନାହାନ୍ତ ।

ସେଦିନ ସେ ଦୁର୍ଘଟଣା ଘଟି ନ ଥିଲେ ଏତେବେଳକୁ ସେ କ୍ୱାଟର ବୋଧହୁଏ ପାଇସାରି ଥାଆନ୍ତେ । ଦୁଇଟି ପ୍ରକୋଷ୍ଠବିଶିଷ୍ଟ ସେ କ୍ୱାଟରଟାକୁ ନିଜେ ସେ ଦେଖିଆସିଥିଲେ । ସୌଦାମିନୀକୁ କହି ଆସିଥିଲେ, କଟକ ଘର ପାଇଁ ଭଡ଼ା ନେବା ଲୋକ ଖୋଜିବା ଲାଗି । ଆଉ ସରକାରୀ କ୍ୱାଟରକୁ ଆସିଲା ପରେ କେଉଁଠି ଫୁଲଗଛ ଲାଗିବ, ଗାଧୋଇ ସାରି ପାଣି ଢାଳି ପ୍ରଣତି ଜଣାଇବାକୁ, କେଉଁଠି ତୁଳସୀଗଛ ପୋତା ହେବ, ସାନ ପୁଅ ପଢ଼ିବା ପାଇଁ ବାରଣ୍ଡାର କେଉଁ ଅଂଶରେ ଟେବୁଲ ଚେୟାର ପଡ଼ିବ—ତାର ଏକ ସୁନ୍ଦର ନକ୍ସା ସୌଦାମିନୀ ସହ କଥାବାର୍ତ୍ତା କରି ମଧ୍ୟ ସେ ସ୍ଥିରକରି ସାରିଥିଲେ । ସୌଦାମିନୀ ପ୍ରସ୍ତାବ କରିଥିଲେ; ଗାଈ କିମ୍ବା କୁକୁଡ଼ା ରଖିବା ପାଇଁ କ୍ୱାଟର ପଛପଟକୁ ଗୋଟାଏ ଟିଣ ସେଡ୍ କରିବାକୁ ହେବ; କାରଣ ଦୁଧ କିମ୍ବା ଅଣ୍ଡା ନ ହେଲେ ପିଲାଏ ଖାଇବେ କଅଣ ?

କିନ୍ତୁ ତାଙ୍କର ସେ ସ୍ୱପ୍ନ ଅଧାଦେଖା ଅବସ୍ଥାରେ ରହିଗଲା କେବଳ ସେହି ଦୁର୍ଘଟଣା ପାଇଁ··· ।

ବଡ଼ବାବୁ ସେଦିନ ଛୁଟିରେ ଥିଲେ । ଫାଇଲଟା ନିଜେ ନେଇ ହାକିମଙ୍କ ପାଖକୁ ଯାଇଥିଲେ ସଦାନନ୍ଦବାବୁ । ହାକିମଙ୍କ ରୁମ୍‌ର ଅଧା ଆଉଜା କବାଟକୁ ମେଲା କରି ଭିତରେ ପ୍ରବେଶ କରିବା ମାତ୍ରେ ତାଙ୍କୁ ପୁଣି ପଛକୁ ଫେରିବାକୁ ପଡ଼ିଥିଲା ।

ତାଙ୍କ ପଛେ ପଛେ ସ୍ନିଗ୍ଧା ବ୍ଲାଉଜ ବୋତାମଗୁଡ଼ାକ ବନ୍ଦ କରୁଥିବା ଅବସ୍ଥାରେ ବାହାରକୁ ଆସିଲା ।

ପିତୃସୁଲଭ ଶାସନ-ସଂଯତ କଣ୍ଠରେ ସଦାନନ୍ଦବାବୁ ତାଙ୍କୁ ଧମକ ଦେଇଥିଲେ, ଘର ଭିତରେ ବୋତାମ କେତୋଟା ବନ୍ଦ କରି ଆସି ହେଲା ନାହିଁ ? ଏଇଟା ଅଫିସ ନା ନାଚଘର !

ତା ଆରଦିନ ସେ ଆସି ଶୁଣିଥିଲେ, ହାକିମଙ୍କ ହସ୍ତକ୍ଷେପ ଫଳରେ ତାଙ୍କୁ ମିଳିବାକୁ ଥିବା କ୍ୱାଟର ଅନ୍ୟ ଜଣେ ଅଫିସ-କର୍ମଚାରୀ ନାମରେ ଆଲଟମେଣ୍ଟ ହୋଇଯାଇଛି । ସ୍ନିଗ୍ଧା ବୋଷ୍‌ର ପଦେ କଥାରେ ନଷ୍ଟହୋଇଯାଇଛି ତାଙ୍କର ଭାଗ୍ୟ ।

## ॥ ତିନି ॥

ହଠାତ୍ ରାସ୍ତାରେ ନିମାଇଁ ପଣ୍ଡିତଙ୍କ ସହ ଦେଖା ।

ବେସରକାରୀ ହାଇସ୍କୁଲରେ ନିମାଇଁବାବୁ ଥିଲେ ତାଙ୍କର ଏକଦା ସହକର୍ମୀ, ସଂସ୍କୃତ ପଣ୍ଡିତ । ସେ ଯେଉଁଦିନ ସ୍କୁଲ ଛାଡ଼ି କରାଣୀ ହେବାକୁ ଆସିଥିଲେ, ତାଙ୍କ ବିଦାୟ ଉପଲକ୍ଷେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା । ଏଇ ନିମାଇଁବାବୁ ସହକର୍ମୀମାନଙ୍କ ତରଫରୁ ଏକ ଅଭିନନ୍ଦନ ପତ୍ର ଲେଖି ପଠାଇଥିଲେ । ଚଉଦ ବର୍ଷ ପରେ ଆଜି ବି ସଦାନନ୍ଦଙ୍କର ମନେ ଅଛି ନିମାଇଁବାବୁ ଗଦ୍‌ଗଦ୍ କଣ୍ଠରେ କାମନା କରିଥିଲେ, ଆମଠାରୁ ସଦାନନ୍ଦବାବୁ ବିଦାୟ ନେଇଯାଉଥିବା ଅତୀବ ଦୁଃଖର କଥା । କିନ୍ତୁ ସେ ବୃହତ୍ତର ଜୀବନ, ମହତ୍ତର ଲକ୍ଷ୍ୟରେ ସ୍ୱେଚ୍ଛାରେ ଆମକୁ ଛାଡ଼ିଯାଉଥିବାରୁ ଆମ୍ଭେମାନେ ତାଙ୍କର ଉତ୍ତରୋତ୍ତର ମଙ୍ଗଳ କାମନା କରୁଛୁ ।

ଏ ଦୀର୍ଘ ଚଉଦ ବର୍ଷ ମଧ୍ୟରେ ଉତ୍ତରୋତ୍ତର ଉନ୍ନତି ବଦଳରେ ନିଶ୍ଚିତ ଅବନତି ପଥରେ ଦ୍ରୁତବେଗରେ ମାର୍ଚ୍ଚ କରି ଚାଲିଛନ୍ତି ସଦାନନ୍ଦ । ସେଥିପାଇଁ ନିଜର ପୂର୍ବତନ ସହକର୍ମୀଙ୍କୁ ପାଖରେ ଦେଖି ହଠାତ୍ ଆନନ୍ଦର ଉଲ୍ଲାସରେ ସେ ଅସ୍ଥିର ହୋଇଉଠିଲେ । ପ୍ରଶ୍ନ କଲେ, କେମିତି ଅଛନ୍ତି ନିମାଇଁବାବୁ ? ସ୍କୁଲ କେମିତି ଚାଲିଛି ? ଶିକ୍ଷକମାନଙ୍କ ପାଇଁ ଯେଉଁ କ୍ୱାର୍ଟର ତୋଳା ହେବାର ଥିଲା, ତାହା ଏଥିଭିତରେ ନିଶ୍ଚୟ ଶେଷ ହୋଇଥିବ । ଆପଣ ସ୍କୁଲ କ୍ୱାର୍ଟରରେ ଅଛନ୍ତି ନା !

ନିମାଇଁବାବୁ ହସି ହସି କହିଲେ, ମୁଁ ସ୍କୁଲ ଚାକିରି ଛାଡ଼ିଦେଇଛି । ପୁଅ ତ ଆଇ. ଏ. ଏସ୍. ହେଲା । ଶୁଣିଥିବେ, ବର୍ତ୍ତମାନ ସେ ଏସ୍. ଡି. ଓ. ଅଛି ବଲାଙ୍ଗିରରେ । ପୁଅ ପାଖକୁ ଯାଉଛି ଯେ— !

ନିମାଇଁବାବୁଙ୍କ କଣ୍ଠସ୍ୱର ଖୁସିର ପ୍ରାଚୁର୍ଯ୍ୟରେ ଭରି ଭରି ଜଣାଉଥିଲା । ସଦାନନ୍ଦ କିନ୍ତୁ ହଠାତ୍ ଧକ୍‌କା ଖାଇଲା ଭଳି ଚମକି ଉଠିଲେ । ନିମାଇଁ ପଣ୍ଡିତଙ୍କ ପୁଅ ଆଇ. ଏ. ଏସ୍. ହେଲାଣି । ଅଥଚ ତାଙ୍କର ଆଗରେ ସେ ମାଟ୍ରିକ କ୍ଲାସରେ ପଢ଼ୁଥିଲା ।

ଚଉଦ ବର୍ଷ କିଛି କମ ସମୟ ନୁହେଁ ।

ବନବାସୀ ରାମଚନ୍ଦ୍ର ତ ଚଉଦ ବର୍ଷ ପରେ ଅଯୋଧ୍ୟାର ରାଜା ହୋଇଥିଲେ !

ନିମାଇଁବାବୁ କହିଲେ, ବୁଝିଲେ ସଦାନନ୍ଦବାବୁ ! ପୁଅଟା ମଣିଷ ହେଲା ବୋଲି ମୁଁ ବଞ୍ଚିଗଲି । ନ ହେଲେ ଏ ଯେଉଁ ଦିନକାଳ, କି ଚାକିରି କରି ଆମେ ସଂସାର ଚଳାଇ ପାରିବା !

ନିମାଇଁବାବୁ ଚାଲିଗଲେ । ତାଙ୍କ ପୁଅ ଏସ. ଡି. ଓ. ହୋଇଛି । ସେ ବଲାଙ୍ଗିର ଯିବେ ।

ସଦାନନ୍ଦଙ୍କର କୁଆଡ଼େ ଯିବାର ନାହିଁ । ସେ ବସାକୁ ଫେରିବେ । ତାଙ୍କର ଚାରିଟା ପିଲା ମଧ୍ୟରୁ ବଡ଼ ତିନୋଟି ଝିଅ, ସାନପୁଅ ଅଷ୍ଟମ ଶ୍ରେଣୀରେ ପଢ଼ୁଛି ।

ସାନପୁଅର ପଢ଼ା ଟେବୁଲ ପାଖରେ ସ୍ୱାମୀଙ୍କୁ ଦେଖି ସୌଦାମିନୀଙ୍କ ମନରେ ବିସ୍ମୟର ତଡ଼ିତ୍ ସ୍ପର୍ଶ ଲାଗିଲା । ହଠାତ୍ ସ୍ୱାମୀ ଆଜି ପୁଅ ପଢ଼ା ପ୍ରତି ଏତେ ସଚେତନ ହୋଇଉଠିଛନ୍ତି କାହିଁକି ? ସେ ପାଦ ଚିପି ଚିପି ଘରଦ୍ୱାର ମୁହଁ ପାଖରେ ଠିଆହେଲେ ।

ଆଚ୍ଛା ରାଜୁ ! ତୁ ପାଠପଢ଼ି ସାରିଲେ କଅଣ କରିବୁ ? ଡାକ୍ତର ହେବୁ ନା ଇଞ୍ଜିନିୟର ହେବୁ ? ଅଧ୍ୟାପକ ହେବୁ କି ଆଇ. ଏ. ଏସ. ହେବୁ ?—ସଦାନନ୍ଦଙ୍କ କଣ୍ଠରେ ଶେଷହୀନ କୌତୂହଳ ।

ନା ବାପା ! ମୁଁ ମନ୍ତ୍ରୀ ହେବି···ମନ୍ତ୍ରୀ··· ।

ପୁଅର କଣ୍ଠସ୍ୱରରେ କୌଣସି ଜଡ଼ତା ନାହିଁ । ଦ୍ୱିଧାହୀନ ଉକ୍ତି । ସତେ ଯେପରି ମନ୍ତ୍ରୀ ହେବା ପାଇଁ ସେ ସଂକଳ୍ପବଦ୍ଧ !

ଆଇ. ଏ. ଏସ୍. ନୁହେଁ, ମନ୍ତ୍ରୀ ହେବ ରାଜୁ !

ସଦାନନ୍ଦ ନିଜେ ଯେମିତି ଚମକି ଉଠିଲେ ! ପଚାରିଲେ, ମନ୍ତ୍ରୀ ହେଲେ ତୁ କଅଣ କରିବୁ ?

ସାଙ୍ଗେ ସାଙ୍ଗେ ବାପାଙ୍କ କଥାର କୌଣସି ଉତ୍ତର ଦେଲା ନାହିଁ ରାଜୁ । କିଛି ସମୟ ଗୁମ୍ମାରି ରହିଲା ପରେ ଦୃଢ଼କଣ୍ଠରେ ଉତ୍ତର ଦେଲା, ମନ୍ତ୍ରୀ ହେଲେ ରାଜଧାନୀଟା ମୁଁ ଭୁବନେଶ୍ୱରରୁ କଟକକୁ ଉଠାଇ ଆଣିବି ।

ତୁ କଅଣ ଇତିହାସର ମହମ୍ମଦ ତୋଗଲକ ହେବୁ !! ଛି···ଛି··· —ସଦାନନ୍ଦବାବୁ ପ୍ରତିବାଦ କଲେ ।

ରଞ୍ଜୁ କିନ୍ତୁ ନିଜ ସଂକଳ୍ପରେ ଅଟଳ ।

ସେ ଯୁକ୍ତିକଲା, ମନ୍ତ୍ରୀ ତ ତମ ଅଫିସ ଭୁବନେଶ୍ୱର ନେଇଗଲା । କ୍ୱାଟର ଦେବ ବୋଲି କହି ଦେଲା ନାହିଁ । ବୋଉ ରାତି ନ ପାହୁଣୁ ଉଠି ଖଟି ଖଟି ମରୁଛି···ତୁମେ ବି ଭଲକରି ଗଣ୍ଡାଏ ଖାଇପିଇ ପାରୁ ନା— ବାବା ! ମୁଁ ମନ୍ତ୍ରୀ ହେଲେ ନିଶ୍ଚୟ ରାଜଧାନୀ କଟକ ଉଠାଇ ଆଣିବି··· ।

କଥା କହିଲାବେଳେ କ୍ରୋଧ, ଜିଦ୍ ଆଉ ଦୃଢ଼ତାର ଏକ ଅମଳିନ ଜ୍ୟୋତିରେ ପୁଅର ମୁହଁ ଝଲସି ଉଠୁଥିଲା । ପୁଅର ମୁଣ୍ଡକୁ ଆଉଁସି ଦେଇ ତାକୁ ସାନ୍ତ୍ୱନା ଦେଲେ ସଦାନନ୍ଦ ।

କହିଲେ, ରାଜଧାନୀ ତୁ ଉଠାଇ ଆଣିଲେ ବଡ଼ବାବୁଙ୍କ ଭଳି ଯେଉଁମାନେ ଭଲ କ୍ୱାଟରରେ ଅଛନ୍ତି, ସେମାନେ କଷ୍ଟପାଇବେ । ତୁ ମନ୍ତ୍ରୀ ହେବୁ, କିନ୍ତୁ କାହାରି ଘର ଭାଙ୍ଗିବୁ ନାହିଁ । ଇତିହାସରେ କେତେ ରାଜା, କେତେ ମନ୍ତ୍ରୀ ଆସିଛନ୍ତି, ଯାଇଛନ୍ତି । ସମୟର ବାଲିଶେଜରେ ସେମାନଙ୍କ ପାଦଚିହ୍ନ ଲିଭିଯାଇଛି । କେବଳ ଯେଉଁମାନେ ଲୋକଙ୍କ ମଙ୍ଗଳ କରିଛନ୍ତି, ସେମାନଙ୍କ ପାଦଚିହ୍ନ ସମୟର ବାଲିଝଡ଼ ଲିଭାଇ ଦେଇ ପାରିନାହିଁ । ରଞ୍ଜୁ ! ମନ୍ତ୍ରୀ ହେବା ବଡ଼ କଥା ନୁହେଁ, ମଣିଷ ହେବା ବଡ଼ କଥା । ମନ୍ତ୍ରୀ ହେବା ସହଜ, ମଣିଷ ହେବା କଷ୍ଟ । ତୁ ମଣିଷ ହେଲେ ମୁଁ ସୁଖୀ ହେବି ।

ସଦାନନ୍ଦ କଥା ଶେଷ କରି ନୟନ ମୁଦ୍ରିତ କଲେ ।

ଦରଜା ଆରପଟେ ଠିଆ ହୋଇ ସୌଦାମିନୀ ଅନୁମାନ କଲେ, ଗତି ଶୀଳ ସମାଜର ଇତିହାସ ହଠାତ୍ ଯେପରି ଦରଜା ସେ ପଟେ ସ୍ତବ୍ଧ ହୋଇ ଅଟକି ଯାଇଛି !!

—ଶାରଦୀୟ ବିଶେଷାଙ୍କ 'ଜୀବନ ରଙ୍ଗ'

୧୯୭୮

## ॥ ପ୍ରେମ, ପାପ ଓ ପ୍ରତାରଣା ଇତ୍ୟାଦି ॥

ବୁଲୁ! ଭାରତବର୍ଷର ଇତିହାସ ସତ ଯେମିତି ଅରଣ୍ୟରେ ଅନ୍ଧକାରରେ ବାଟ ହଜାଇ ହଠାତ୍ କୁଆଡ଼େ ଅଦୃଶ୍ୟ ହୋଇଗଲା ଭଳି ମୋର ସେ ଦିନ ମନେ ହେଲା । ତତେ ଦେଖିଲା ପରେ ସେ ଦିନ ଧାରଣା ହୋଇଥିଲା ଏ ଯୁଗର ଯୁବକ ଯୁବତୀମାନେ ସତେ ଯେମିତି ଗ୍ରେଟ-ବ୍ରିଟେନର ଇମିଗ୍ରେସନ ବିଲ୍ ଫଳରେ ଲଣ୍ଡନ ସହରରୁ ତଡ଼ା ଖାଇ ପଙ୍ଗପାଳ ଭଳି ଆକସ୍ମିକ ଭାବରେ ଭାରତମାତା କୋଳକୁ ଫେରି ଆସିଛନ୍ତି, ଆଉ ଚେଷ୍ଟା କରି ମଧ୍ୟ ଭାରତ ବର୍ଷର ସାଂସ୍କୃତିକ ଐତିହ୍ୟ ସହିତ ସେମାନେ ନିଜର ଯୋଗସୂତ୍ର ଖୋଜି ପାଉ ନାହାନ୍ତି !

ସେ ଦିନ ତତେ ମୁଁ ଖୋଜିବାକୁ ଯାଇ ହତାଶ ହୋଇପଡ଼ିଥିଲି । ପ୍ରାୟ ତୋ ଘରୁ ଫେରି ଆସିବାକୁ ବସିଛି, ତୋ ଖାନସାମା ଖବର ଦେଲା ତୁ ତୋ ଲାଇବ୍ରେରୀ ରୁମ୍‌ରେ ଏକାକୀ ବସି ରହିଛୁ ! ଅନ୍ୟ କାହାରିକୁ ସେଠାକୁ ଯିବାକୁ ନଦେବା ଲାଗି ତୋର କଡ଼ା ନିର୍ଦ୍ଦେଶ !

ତୋ ଆଦେଶ ଅମାନ୍ୟ କରି ଯେତେବେଳେ ମୁଁ ତୋ ଲାଇବ୍ରେରୀ ରୁମ୍‌କୁ ପାଦ ବଢ଼ାଇଥିଲି, ପ୍ରେତ ପୁରୀକୁ ଗଲା ଭଳି ଏକ ଅଜ୍ଞାତ ଭୟ ମୋ ମନର ଶୂନ୍ୟ କୋଠରୀରେ ସଂଚରିତ ହୋଇ ଯାଇଥିଲା ।

ଡ୍ରଇଂରୁମ୍ ସଂଲଗ୍ନ ସେ ଲାଇବ୍ରେରୀ ରୁମ୍ ତୋର ସମ୍ପୂର୍ଣ୍ଣ ଅନ୍ଧକାର ହୋଇ ରହିଥିଲା ; ଦରଜାର ଗୋଟିଏ ପାଲ ସାମାନ୍ୟ ଫାଙ୍କ ଦେଖା ଯାଉଥିଲା । ସେହି ଫାଙ୍କବାଟେ କକ୍ଷ ମଧ୍ୟରେ ପ୍ରବେଶ କଲାବେଳେ ମୁଁ ବୁଝିଯାଇଥିଲି ମୁଁ ତୋ ବ୍ୟକ୍ତିଗତ ଜୀବନର ଏକ ଅନ୍ଧକାର କୋଠରୀରେ ଜାଣି ଜାଣି ପ୍ରବେଶ କରୁଛି, ଯାହା ନ କରିଥିଲେ ବୋଧହୁଏ ଭଲ ହୋଇଥାଆନ୍ତା !

ମୁଁ ତୋର ନାମଧରି ଡାକିଲା ପରେ ତୁ ସଂତର୍ପଣରେ ଜିରୋ ପାୱାର ବଲ୍‌ବ୍‌ଟା ଜଳାଇ ଦେଇଥିଲୁ । ବେଡ୍‌ରୁମ୍ ଭଳି ଲାଇବ୍ରେରୀ

ରୁମ୍‌ରେ ତୁ ଗୋଟାଏ ଜିରୋ ପାୱାରର ବଲ୍‌ବ କାହିଁକି ଲଗାଇଥିଲୁ, ସେ କକ୍ଷର କ୍ଷୀଣ ଆଲୋକରେ ତତେ ଦେଖିଲା ପରେ ମୁଁ ମଧ୍ୟ ବୁଝି ପାରିଥିଲି ।

କେବଳ ଗୋଟାଏ ଅଣ୍ଡରୱେୟାର୍ ପିନ୍ଧି ତୁ ଫୁଙ୍ଗୁଳା ଦେହରେ ବସି ରହିଥିଲୁ ଏବଂ ହାଲୋ···ହାଲୋ କହି ମୋ ସହିତ କରମର୍ଦ୍ଦନ କଲାବେଳେ ମୁଁ ଆଲକହଲ୍‌ର ଗନ୍ଧ ବାରିଥିଲି ।

ସେତେବେଳେ ବୁଲୁ ମହାପାତ୍ରର ଚେହେରା ସେ କ୍ଷୀଣ ଆଲୋକରେ କେମିତି ସ୍ପଷ୍ଟ ଦେଖାଯାଉଥିଲା, ଆଜି ଆଉ ମୋର ସେ କଥା ମନେ ନାହିଁ ; କିନ୍ତୁ ମୋର ପ୍ରିୟବନ୍ଧୁ ବୁଲୁର ସେ ନିଃସଙ୍କୋଚ ଆତ୍ମପ୍ରକାଶ ମୋର ସବୁଦିନ ପାଇଁ ମନେରହିବ ।

ମୁଁ ପ୍ରଶ୍ନ କରିଥିଲି, ଏ ଘରେ ତୁ ଏକା ଅଛୁ ନା ଅନ୍ୟ କେହି ସଙ୍ଗିନୀ ଅଛନ୍ତି ? ବୁଲୁ ! ତୋର ଏ କ'ଣ ହେଲା ?

ତୁ ସଶବ୍ଦରେ ହୋ' ହୋ' ହୋଇ ହସିଥିଲୁ,

କହିଥିଲୁ, ଝିଅମାନଙ୍କ ପାଇଁ ମୋର ଆଉ ଆଜି [illegible] ଆକର୍ଷଣ ନାହିଁ । ଝିଅମାନଙ୍କ ବିନା ପୁଅମାନଙ୍କ ଜୀବନ ଅସଂପୂର୍ଣ୍ଣ ରହିବ ବୋଲି ଆଜି ଆଉ ଇଂଲଣ୍ଡରେ କେହି ବିଶ୍ୱାସ କରନ୍ତି ନାହିଁ ।

ବାରିଷ୍ଟରୀ ପାଶ୍‌କରି ଲଣ୍ଡନରୁ ଫେରିବା ପରେ ତୋ ସହିତ ସେ ମୋର ପ୍ରଥମ ସାକ୍ଷାତ । ତେଣୁ ତୋ ମୁହଁରୁ ଇଂଲଣ୍ଡର ଜୀବନ-ଦର୍ଶନ ଶୁଣିବା ପାଇଁ ମୋତେ ବିରକ୍ତ ଲାଗି ନ ଥିଲା ।

ତା' ପରେ ହଠାତ୍ ତୁ ଚୁପ୍ ହୋଇଗଲୁ ଏବଂ ଇଙ୍ଗିତପୂର୍ଣ୍ଣ ଦୃଷ୍ଟିରେ ମତେ ଗୋଟିଏ ପ୍ରଶ୍ନ କଲୁ, ତୁତ ଏକ ନମ୍ବର ମୋରାଲିଷ୍ଟ ! ତୋର ସେ ପ୍ରେମିକାଙ୍କ ଖବର କଅଣ ? ଇଂଲଣ୍ଡ ଚାଲିଗଲା ପରେ ମୁଁ ଆଉ ଚେଷ୍ଟା କରି ମଧ୍ୟ ଖବର ରଖି ନାହିଁ···

ମୋ ମୁହଁର କୌଣସି ରେଖାକୁ ମଳିନ ହେବାକୁ ନ ଦେଇ ମୁଁ ଉତ୍ତର ଦେଇଥିଲି—ମୋ ପ୍ରେମିକା ବର୍ତ୍ତମାନ ପୂର୍ଣ୍ଣଗର୍ଭା ; କିନ୍ତୁ ମୁଁ ତାଙ୍କ ଭାବୀ ସନ୍ତାନର ଜନକ ନୁହେଁ ; ଯଦିଓ ତାଙ୍କୁହିଁ ନିଶ୍ଚୟ ହେବ ବୋଲି ସେ ବିବାହ ପୂର୍ବରୁ ଅନେକଥର ମିଠା ମିଠା ସ୍ୱପ୍ନ ଦେଖିଥିଲା । ତାଙ୍କ ଭାବୀ ସନ୍ତାନର ଜନକ ତାଙ୍କ ସ୍ୱାମୀ···

ମୁଁ ଲକ୍ଷ୍ୟ କରିଥିଲି, ମୋ କଥା ଶୁଣି ହଠାତ୍ ତୋ ମୁହଁର ଜ୍ୟୋତି ଫିକା ପଡ଼ି ଯାଇଥିଲା । ମୋ ପ୍ରେମିକାର ଭାବୀ-ସନ୍ତାନର ଜନକ ମୁଁ ନୁହେଁ, ତା'ର ସ୍ୱାମୀ ; ଏ ଅସହ୍ୟ ଅନ୍ୟାୟର ଦୁଃଖକୁ "କିଛି ନୁହେଁ" ବୋଲି ଉଡ଼ାଇ ଦେବାକୁ ତତେ କିଛି ସମୟ ଲାଗିଥିଲା ।

ତା' ପରେ ମୋ ଭଳି ତୁ ମଧ୍ୟ ଖୁସିହେଲୁ ଏବଂ ମନ୍ତବ୍ୟ କଲୁ, ତୋ ଭଳି ନାସ୍ତିବାଦୀ, ସନ୍ଦେହୀ ଲୋକ ସହ ତୋ ପ୍ରେମିକାର ବିବାହ ଯେ ତା'ର ଭଉଣୋଇ କେବେହେଲେ କରାଇ ଦେବେ ନାହିଁ ; ସେ କଥା ମୂଳରୁ ମୁଁ ସନ୍ଦେହ କରିଥିଲି । ଯାହାହେଉ, ଭାରତବର୍ଷକୁ ଫେରିଲା ପରେ ନାରୀମାନଙ୍କ ପ୍ରତି ମୋର ଯାହା ଅଳ୍ପ କିଛି ମୋହ ଥିଲା, ତୋ ପ୍ରେମିକା ଉପାଖ୍ୟାନ ଶୁଣି ତାହା ମଧ୍ୟ କଟିଗଲା ।

ପୁଣି ତୁ କଥା କହିବା ଭିତରେ ଅଟକିଗଲୁ ଏବଂ ମୋ କାନ-ପାଖକୁ ମୁହଁ ନୁଆଁଇ ଆଣି ପ୍ରଶ୍ନ କଲୁ, ଆଚ୍ଛା, ତୋ ପ୍ରେମିକାର ବିବାହରେ ତା' ଭଉଣୋଇ ସମୁଦାୟ କେତେ ଖର୍ଚ୍ଚ କଲା ?

ମୁଁ ଭୀଷଣ ଅସ୍ୱସ୍ତିବୋଧ କରୁଥିଲି । ନିଜର ପ୍ରେମିକା ତା' ସ୍ୱାମୀ ଗୃହରେ ଅନ୍ତଃସତ୍ତ୍ୱା ହେବା ସମ୍ବାଦ ଯେତିକି ଅସ୍ୱସ୍ତିକର, ତା' ଠାରୁ ନିଶ୍ଚୟ ବେଶି ଅସ୍ୱସ୍ତିକର ତା'ର ବିବାହରେ ତା' ଭଉଣୋଇ କେତେ ଖର୍ଚ୍ଚକଲେ, ତା'ର ହିସାବ ଅନ୍ୟ କାହାରିକୁ ବୁଝାଇବା ।

ମୋର ନୀରବତାକୁ ତୁ ବୋଧହୁଏ ମୋ ମନ ଦୁଃଖର କାରଣ ବୋଲି ଧରିନେଲୁ । କାରଣ ତା ପରେ ତୁ କହୁଥିବାର ଶୁଣିଲି, ଇଂଲଣ୍ଡରେ ଆଜକାଲି କୌଣସି ବୁଦ୍ଧିଜୀବୀ ତରୁଣର ହୃଦୟ କୌଣସି ତରୁଣୀ ଜୋର-ଦଖଲ କରୁଥିବା କଥା କହିଲେ କେହି ବିଶ୍ୱାସ କରିବେ ନାହିଁ । କାରଣ ନାରୀ ତା'ର ରୂପ-ଯୌବନକୁ ଆଜକାଲି ଏତେ ବେଶି ଭାବରେ ବିଜ୍ଞାପିତ କରୁଛନ୍ତି ଯେ, କୌଣସି ନାରୀର ପ୍ରେମ ପୁରୁଷ ମନରେ କିଛି ଉତ୍ତେଜନା ସୃଷ୍ଟି କରିପାରୁ ନାହିଁ । ସେଥିପାଇଁ ଇଂଲଣ୍ଡର ଲର୍ଡସ୍ କମନ୍ସ୍ ସଭାରେ ଅନ୍ୟପ୍ରକାର ଆଇନ୍ ପାଶ୍ ହୋଇଗଲାଣି, ଯାହା ଭାରତବର୍ଷରେ ଆଜ ସୁଦ୍ଧା ବେଆଇନ୍ !

ତୁ ଆଇନ୍‌ଜୀବୀ ବାରିଷ୍ଟର ।

ତୋ କଥାର ପ୍ରତିବାଦ କରିବା ସହଜ ନୁହେଁ ।

ମୁଁ କେବଳ ସ୍ୱଗତୋକ୍ତି କଲା ଭଳି ପ୍ରଶ୍ନ କରିଥିଲି, ବୁଲୁ ! କିନ୍ତୁ ଭାରତବର୍ଷରେ ଏ କଅଣ ହେଲା ! ଯୌଥପରିବାର ସଂସ୍ଥା, ସାମାଜିକ ନୈତିକତା, ନାରୀର ସତୀତ୍ୱବୋଧ··· !

ତା' ପରେ ତୋର ସେ ତରଙ୍ଗିତ ହସରେ କଷର ନିର୍ଲ୍ଲଜତା ଭାଙ୍ଗି ଚୂର୍ଣ୍ଣ-ବିଚୂର୍ଣ୍ଣ ହୋଇଗଲା । ଏକ.ବନ୍ଧ ଉନ୍ମାଦ ଭଳି ତୁ ପାଟିକଲୁ, ଇଂଲଣ୍ଡର ଖ୍ରୀଷ୍ଟିପ୍ୟାନ୍ କିଲର୍‌ର ଆତ୍ମା, ଭାରତବର୍ଷର ଶହ ଶହ ନାରୀଙ୍କ ଦେହରେ ପ୍ରବେଶ କରିଛି ।

ସେ ଆଲୋଚନା ମୋର ଅସହ୍ୟ ହୋଇ ଉଠିଲା ।

ମୁଁ ତତେ ବୁଝାଇବାକୁ ଚେଷ୍ଟା କରିଥିଲି, ବୁଲୁ ! ମୋର ପ୍ରେମିକା ଆଜି କାହାର ପତ୍ନୀ ହେଲା ବୋଲି ତୋ ସ୍ତ୍ରୀ ଅନ୍ୟ କାହାର ପ୍ରେମିକା ହୋଇଥିବ, ଏ କଥାର କିଛି ମାନେ ନାହିଁ । ଭାରତବର୍ଷରେ ଆଜି ସୁଦ୍ଧା ଅଗଣିତ ନାରୀ ଅଛନ୍ତି, ଯେଉଁମାନଙ୍କର ପ୍ରେମିକ ହିଁ ହୁଏ ସ୍ୱାମୀ ଅଥବା ସ୍ୱାମୀ ହୁଏ ତା ଜୀବନର ପ୍ରଥମ ପ୍ରେମିକ ! ତୁ ବିଳମ୍ବ ନ କରି ବିବାହ କରିଯିବା ଦରକାର ।

ମୋର ସେ କଥାକୁ ତୁ ଠିକ୍ ବୁଝିଥିଲୁ କି ନାହିଁ, ମୁଁ ଜାଣେ ନାହିଁ । ମୋର କଥା ଶୁଣି ତୋ ମୁହଁର ଗୋଟିଏ ହେଲେ ସୂକ୍ଷ୍ମ ରେଖା ଭଙ୍ଗୀ ବଦଳାଇ ନ ଥିଲେ । ତୁ ମ୍ୟାଜିକ୍ ଦେଖାଇଲା ଭଳି ଟେବୁଲ୍ ଉପରୁ ଖୋଲା ଲଫାପାରେ ଥିବା ଥାକେ ପାସ୍‌ପୋର୍ଟ ସାଇଜ୍‌ର ଫଟୋ କାଢ଼ି ମୋ ଆଡ଼କୁ ଫିଙ୍ଗିଦେଲୁ !

ସାମାନ୍ୟ ସୁନ୍ଦରୀ, ଅପୂର୍ବ ସୁନ୍ଦରୀ କୁମାରୀ କନ୍ୟାମାନଙ୍କ ଫଟୋ । ଫଟୋ ପଛପଟେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା, ଅନ୍ୟାନ୍ୟ କୃତିତ୍ୱର ହିସାବ ଲିପିବଦ୍ଧ ହୋଇଛି । ସେମାନେ ଯେ ସମସ୍ତେ ତୋ ସହ ବିବାହ-ଆକାଙ୍‌କ୍ଷିଣୀ, ସେ କଥା ତୋ ଓଠର ଝୁଲନ୍ତ ହସରୁ ମୁଁ ବେଶ୍ ଅନୁମାନ କରିପାରୁଥିଲି ।

ମୁଁ କିଛି ପ୍ରଶ୍ନ କରିବା ଆଗରୁ ତୁ ଉତ୍ତର ଦେଲୁ, ଚେହେରା ଦେଖି ଯଦି ହୃଦୟ ଚିହ୍ନା ହେଉଥାଆନ୍ତା, ଚରିତ୍ର ଜାଣି ହେଉଥାଆନ୍ତା, ତୋର ବର୍ତ୍ତମାନର ସେ ଆସନ୍ନ-ପ୍ରସବା ପ୍ରଣୟିନୀ କେବେ ତୋ ଭଳି ଆଉ କାହାକୁ ବିବାହ କରିପାରି ନ ଥାନ୍ତା । ଆଜି ତୋ ପ୍ରେମିକା

ଉପାଖ୍ୟାନ ଜାଣିଲା ପରେ ମୋର ସନ୍ଦେହ ହେଉଛି, ଈଶ୍ୱର ଯେଉଁ ଝିଅଙ୍କୁ ଭଲ ଚେହେରା ଦେଇଛନ୍ତି, ସେମାନଙ୍କୁ ହୃଦୟ ଦେଇ ନାହାନ୍ତି ।

ମୋ ନିଜ ଉଦାହରଣ ମତେ ଦେଇ ଲି ତୋର ଯୁକ୍ତି ଉପସ୍ଥାପିତ କରୁଥିଲୁ । ମୁଁ ତା'ର ପ୍ରତିବାଦ କରିଥାଆନ୍ତି କପରି ?

କିନ୍ତୁ ତୋର କଥା ଶୁଣି ମୋର ଭୀଷଣ କ୍ରୋଧ ହେଉଥିଲା । ମନେହେଉଥିଲା, ମୋ ପ୍ରେମିକାର ପରିମାନ ଚରିତ୍ରକୁ ଆଙ୍ଗୁଳି ନିର୍ଦ୍ଦେଶ କରି ତୁ ଯେପରି ମୋର ପୌରୁଷକୁ ହିଁ ଆକ୍ଷେପ କରୁଛୁ ।

ମୁଁ ଆଉ କିଛି କଥାବାର୍ତ୍ତା କରି ନ ଥିଲି । ମୋର କ୍ରୋଧର ଚିହ୍ନ ମୋ ମହଁର ଗାମ୍ଭୀର୍ଯ୍ୟ ମଧ୍ୟରେ ପ୍ରକାଶ କରିବାକୁ କେବଳ ଚେଷ୍ଟା କରିଥିଲି ।

ତୁ କିନ୍ତୁ ମୋ ମୁହଁରେ ସେ ଗାମ୍ଭୀର୍ଯ୍ୟକୁ ବେଶି ସମୟ ସ୍ଥାୟୀ ହେବାକୁ ଦେଲୁ ନାହିଁ । ଚୁପ୍ ଚୁପ୍ ମୋ କାନ ପାଖରେ କହିଲୁ, ଇଂଲଣ୍ଡ ଯିବା ଆଗରୁ ତୋ ପ୍ରେମିକାକୁ ତମେ ଦୁହେଁ ନଦୀକୂଳରେ ବସିଥିବାବେଳେ ଦେଖିଥିଲି । ତୋ ପ୍ରେମିକା ଭାରି ସୁନ୍ଦରୀ ଦେଖାଯାଉଥିଲା । ବର୍ତ୍ତମାନ ତା'ର ସ୍ୱାମୀଘରେ ଯାଇ ତାକୁ ଥରେ ଦେଖିଆସିବି କି ? କିନ୍ତୁ ପୂର୍ଣ୍ଣଗର୍ଭା ସେହି ଅନନ୍ୟ ଲଜକୁଳୀ ଲତା ବର୍ତ୍ତମାନ ଭାରି ଅଗ୍ନି ଦେଖା ଯାଉଥିବ······

ଏଥର ତୋ ମୁହଁର ସେ ଆଲକହଲ୍ ଗନ୍ଧ ବାଜି ମୋତେ ବାନ୍ତି ଲାଗୁଥିଲା ।

ତୋ ମହଁରୁ ଆଉ କିଛି ଶୁଣିବାକୁ ଅପେକ୍ଷା ନ କରି ମୁଁ ନିଃଶବ୍ଦରେ ପ୍ରସ୍ଥାନ କରି ଆସିଥିଲି ।

ତା' ପରେ ଅନେକ ଦିନ ଧରି ତୋ ସହିତ ମୋର ଦେଖା-ହୋଇ ନାହିଁ । ନା—ସତ କହିବାକୁ ଗଲେ ଜାଣି ଜାଣି ତୋ ସହିତ ଦେଖା ହେବା କଥାଟା ମୁଁ ଏଡ଼େଇ ଯାଇଛି ; କିନ୍ତୁ ମୋର ଜଣେ ବନ୍ଧୁଙ୍କ ସାନଭାଇର ବିବାହ-ଉତ୍ସବରେ ତୋ ସହିତ ହଠାତ୍ ପୁଣି ଦେଖା ହୋଇଗଲା ।

ମୁଁ କଥା ପ୍ରସଙ୍ଗରେ ତୋ ବାହାଘର କଥା ଉତ୍ଥାପନ କରିଥିଲି ।

ମୋର ସେ ବନ୍ଧୁ ତୋର ମହକିଲା ।

ତୁ ତାଙ୍କ କଡ଼କୁ କଣେଇ ଆଣେଇ ପୁଣି ମତେ କହିଲୁ, ଆଜକାଲ ମୋର ମକଦ୍ଦମାର ମହକଲ କେହି ନାହାନ୍ତି । କନ୍ୟା-ପିତାମାନେ ହିଁ ମୋର ଅସଲ ମହକଲ ; କିନ୍ତୁ କନ୍ୟାପିତାମାନେ କଅଣ କଅଣ ଯୌତୁକ ଦେବେ ; ସେ କଥା କହିଲାବେଳେ ମୁଁ କଅଣ ପ୍ରଶ୍ନ କରେ ଜାଣୁ ?

ମୁଁ ଜିଜ୍ଞାସୁ ଦୃଷ୍ଟିରେ ଚାହିଁ ରହିଥିଲି ।

ତୁ ଫିସ୍ ଫିସ୍ କରି କହିଲୁ—ମୁଁ ପଚାରେ ଆପଣଙ୍କ ଝିଅ ଏ ପର୍ଯ୍ୟନ୍ତ କାହାକୁ ପ୍ରେମପତ୍ର ଲେଖି ନାହିଁ ତ ! ତା ହୃଦୟକୁ ଯଦି ସେ ଆପଣଙ୍କ ଅଜାଣତରେ ଆଉ କାହା ପାଖରେ କବଲା କରି ଦେଇଥାଏ, ବିଚାରି ବିବାହ କରି ମୁଁ ନିଜ ସ୍ତ୍ରୀର ହୃଦୟ-ସମ୍ପତ୍ତି ଦଖଲ କରିପାରିବି ନାହିଁ । ଷୋଳ ହଜାର ଟଙ୍କା ଦେଇ କଟକରେ ଗୋଟାଏ ଜମି କିଣି ମୁଁ ଏମିତି ଠକାମିରେ ପଡ଼ିଛି । ଜମିବାଲା ମୋ ଠାରୁ ଟଙ୍କା ନେଲା, ଆଉ ଜମିର ପଡ଼ୋଶୀ ତା ଉପରେ ରାତାରାତି ଘର ଉଠାଇ ଦେଇ ଦଖଲ ନେଲା, ମୁଁ କୋର୍ଟକୁ ଦୌଡ଼ୁଛି···

ଭୁଲୁ ! ତୁ ସେ କଥା ଲଘୁ ପରିହାସରେ କହୁଛୁ ବୋଲି ଅନୁମାନ କରି ମୁଁ ଅଳ୍ପ ଅଳ୍ପ ହସୁଥିଲି । କିନ୍ତୁ ତୁ ପୁଣି ଯେତେବେଳେ କହିଲୁ, ତୋ ପ୍ରେମିକା ତତେ ସିନା ଠକିଦେଲା, ମତେ କିନ୍ତୁ ବ୍ଲାକ୍ କରିଦେଇ ଯାଇଛି···ତୋ ପ୍ରେମିକାର ବାପାଙ୍କ କଥା ଜାଣିଲା ପରେ ଆଉ କୌଣସି କନ୍ୟାପିତା ପ୍ରତି ମୋର ହଠାତ୍-ଭକ୍ତିଭାବ ଆସୁନାହିଁ, ସେତେବେଳେ ମୁଁ ଚମକି ଉଠିଲି ।

ତୁ କେତେ ଶାନ୍ତ-ସରଳ, ମୁଁ ଜାଣେ । ଛାତ୍ର-ଜୀବନରେ ତୁ ଧୋତି ଉପରେ ଚାଦର ପକାଉଥିଲୁ । ମାଳ ଗଡ଼ାଉଥିଲୁ । ଆମିଷ ଖାଉ ନ ଥିଲୁ । ଗାଧୋଇ ସାରି ପୂଜା-ତର୍ପଣ ନ ସାରିଲା ପର୍ଯ୍ୟନ୍ତ ପାଟିରେ ଜଳ ସୁଦ୍ଧା ଦେଉ ନ ଥିଲୁ । ତୋ ଭିତରେ ଭାରତବର୍ଷର ଆଧ୍ୟାତ୍ମିକ ଆତ୍ମା ପରମ ଶାନ୍ତିରେ ଅବସ୍ଥାନ କରୁଛି ବୋଲି ମୋର ଏକ ଧାରଣା ବଦ୍ଧମୂଳ ହୋଇ ଯାଇଥିଲା ; କିନ୍ତୁ ଇଂଲଣ୍ଡରୁ ଫେରି ତୁ ହଠାତ୍ ଏପରି ବଦଳି ଗଲୁ କେମିତି ? ଏ ସନ୍ଦେହ, ଅବିଶ୍ୱାସର ଜୀବାଣୁ ତୋ ମନ ଭିତରେ ପ୍ରବେଶ କଲା କିପରି ? ମୋର ପ୍ରେମିକା ସ୍ୱୈରିଣୀ ହୋଇ ଆଉ ଏକ ଲୋକର ଗୃହବଧୂ ହୋଇଛି ବୋଲି ସେଇଁ ଝିଅ ତମ

ପରିବାରର ଗୃହବଧୂ ହେବାକୁ ଆସିବ, ସେ ଯେ ନିଶ୍ଚୟ ପୂର୍ବବ୍ୟବହୃତ ଦେହ-ମନ ନେଇ ଆସିଥିବ, ଏଭଳି ଚିନ୍ତା ହଠାତ୍ ତୋ ମନକୁ ସ୍ପର୍ଶ କରୁଛି କାହିଁକି ? ଆଜି ତୁ କେଉଁପରି ଭାବରେ ବିଲାତଫେରନ୍ତା ବାରିଷ୍ଟର, ତୋର ଏତିକି ଯଦି ପ୍ରଗତିଶୀଳ ଚିନ୍ତା, ଉଦାରତା ନାହିଁ !

ମୁଁ ଏସବୁ କଥା ସେତେବେଳେ ଖୁବ୍ ବେଶି ଭାବରେ ଭାବୁଥିଲି ବୋଲି ତତେ ଆଉ କିଛି କଥା କହିପାରି ନ ଥିଲି । ତେଣୁ ମୋ ଅଜାଣତରେ ତୁ କେତେବେଳେ ସେଠାରୁ ଉଠି ଯାଇ ତୋର ବୋତଲ-ବନ୍ଧୁମାନଙ୍କ ସହ ଆଡ୍ଡା ଜମାଇ ସାରିଲୁଣି, ସେ କଥା ମୋର ଖିଆଲ ନ ଥିଲା !

ତୁ ଯେମିତି ହେବା ଉଚିତ ବୋଲି ମୁଁ ଭାବୁଥିଲି, ମୋର ଅଲକ୍ଷ୍ୟରେ ତୁ ତା ଠାରୁ ଯଥେଷ୍ଟ ଦୂରକୁ ଚାଲି ଯାଇଥିଲୁ । ମନର ଘୋର ସନ୍ଦେହ ଓ ଉଦ୍‌ବେଗ ନେଇ ମୁଁ ଲକ୍ଷ୍ୟ କରୁଥିଲି, ସତେ ଯେପରି ତୋ ଭିତରେ ଏ ଯୁଗର ସକଳ ଉଦ୍‌ଭ୍ରାନ୍ତି, ଅସ୍ଥିରତା ଆସି ଠୁଳ ହୋଇଛି !! ଇଚ୍ଛା କରିଥିଲେ ତୁ ଜଣେ ମହାପୁରୁଷ ହୋଇ ପାରିଥାଆନ୍ତୁ ; କିନ୍ତୁ ଗୋଟାଏ ଖାମଖିଆଲରେ ଗୋଟାଏ ସଇତାନ୍ ହୋଇଗଲୁ ।

ଏଥିଭିତରେ ତ ଦୀର୍ଘ ଦୁଇ ବର୍ଷ ବିତିଗଲାଣି ! କିନ୍ତୁ ମୋର ସ୍ପଷ୍ଟ ମନେ ଅଛି, ତୋ ମୋହରିର ମତେ ଆସି ଦିନେ କହିଲା, ତୁ ତୋର ଜଣେ ଶିଳ୍ପପତି ମହକିଲର ଝିଅ ସହିତ ଅନେକ ଦୂର ଆଗେଇ ଯାଇଛୁ । ମୁହଁରେ ଝିଅମାନଙ୍କ ପ୍ରତି ବିତୃଷ୍ଣା ପ୍ରକାଶ କରୁଥିଲେ ବି, ଦେହ ତୋର ଯେ ସେମାନଙ୍କ ସାନ୍ନିଧ୍ୟ ପାଇଁ ବ୍ୟଗ୍ର ହୋଇ ଉଠିଥିଲା, ସେ କଥା ଜାଣି ମୁଁ ଆଦୌ ବିସ୍ମିତ ହୋଇ ନ ଥିଲି ; କିନ୍ତୁ ମୋର ଗୋଟିଏ ଭୟ ହେଉଥିଲା, ଏ ଘଟଣା ହୁଏ ତ ତୋ ଜୀବନରେ କିଛି ଦୁର୍ଘଟଣା ଘଟାଇ ଦେଇପାରେ ।

ଆଉ ଯେଉଁଦିନ ମୁଁ ନିଜ କାନରେ ଶୁଣିଲି··· । ତୋ ସହିତ ଦେଖା କରିବାକୁ ଷ୍ଟେୟାର କେସ୍‌ରେ ଉଠିଲାବେଳେ ଦରୱାନ ମୋର ବାଧା ଦେଇଥିଲା, ଉପରକୁ ଯିବାକୁ ମନା···ବାବୁ ଜଣେ ଭଦ୍ରମହିଳାଙ୍କ ସହ କଥାବାର୍ତ୍ତା କରୁଛନ୍ତି ।

ମୁଁ ତଟସ୍ଥ ହୋଇଥିଲି ଦରଓ୍ବାନର ସେ କଥା ଶୁଣି; କିନ୍ତୁ ସ୍ତବ୍ଧ ହୋଇ ନ ଥିଲି । ନାଟକର ଶେଷ ଦୃଶ୍ୟ ଆଖିରେ ଦେଖିବା ପାଇଁ ମୁଁ ଉପରକୁ ଉଠିଥିଲି, ତୋର କଡ଼ା ନିର୍ଦ୍ଦେଶ ଅମାନ୍ୟ କରି ।

ତମେ ଦୁହେଁ କଥାବାର୍ତ୍ତା ହେଉଥିଲ । ବେଶ୍ ଉତ୍ତେଜିତ ଭାବରେ । ତମ କଥାବାର୍ତ୍ତାର ପ୍ରତ୍ୟେକଟି ଶବ୍ଦ କକ୍ଷର ଝରକା ଦରଜା ଅତିକ୍ରମ କରି ମୋ କାନରେ ଆସି ଧ୍ୱନିତ ହେଉଥିଲା । ତେଣୁ ତମ କଥାବାର୍ତ୍ତାରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରିବାକୁ କକ୍ଷରେ ପ୍ରବେଶ ନ କରି ରୁଦ୍ଧ-ଶ୍ୱାସରେ ମୁଁ ଦରଜା ବାହାରେ ଠିଆ ହୋଇଥିଲି ।

ତୁ କହୁଥିଲୁ, ମୋର ଟିକେଟ ହୋଇ ଯାଇଛି । କାଲି ପ୍ଲେନରେ ମୁଁ ଦମ୍‌ଦମ୍···ଦମ୍‌ଦମ୍‌ରୁ ସାନ୍ତାକ୍ରୁଜ୍ ଦେଇ ଲଣ୍ଡନ ଉଡ଼ିଯିବି । ଭାରତ-ବର୍ଷ ଉପରେ ମୋର କୌଣସି ମମତା ନାହିଁ । ମୋର ନିଜ ଜନ୍ମଭୂମି ମତେ ଭୀଷଣ ଭାବରେ ହତାଶ କରିଛି ।

ଭଦ୍ରମହିଳାଙ୍କ କମ୍ପିତ କଣ୍ଠସ୍ୱର; କିନ୍ତୁ ଏ ସନ୍ତାନ ! ମୋ ଗର୍ଭକୋଷରେ ଯେ ତମର ସନ୍ତାନ !

ତୁ ଅବିଚଳିତ କଣ୍ଠରେ କହୁଥିଲୁ : ତା ପାଇଁ ମୋର କେବଳ ଶୁଭ କାମନା ରହିଲା ! ତମେ ଯଦି ତାକୁ ସତରେ ସଂସାରର ଆଲୋକକୁ ଆସିବାକୁ ଦିଅ, ଆଉ ସେ ଯଦି ଝିଅ ହୁଏ; ତାକୁ କହିବ, ସେ ମୋର ବନ୍ଧୁର ପ୍ରେମିକା ଭଳି ହେବ । ନାରୀ ସୁଖୀ ହେବାକୁ ହେଲେ ଯାହା ପାଖରେ ଅଯାଚିତ ଭାବରେ ସେ ପ୍ରେମ ନିବେଦନ କରିଥାଏ; ତାକୁ ପ୍ରତ୍ୟାଖ୍ୟାନ କରି ସେ ଆଉ ଜଣକୁ ବିବାହ କରେ । ଆଉ ସେ ଯଦି ପୁଅ ହୁଏ; ତାକୁ କହିବ, ସେ ମୋ ଭଳି ହେବ । ସୁଖୀ ହେବାକୁ ହେଲେ ଦାୟିତ୍ୱ ଏଡ଼ାଇବାକୁ ହୁଏ; ଏ କଥା ଯେପରି ସେ ଭୁଲି ନ ଯାଏ !

ଭଦ୍ରମହିଳାଙ୍କ କ୍ରନ୍ଦନ କାତର କଣ୍ଠସ୍ୱର; ତମେ ଏଡ଼େ ନିଷ୍ଠୁର ! ମୋ ଭଲ ପାଇବାର ଏ କଅଣ ପ୍ରତିଦାନ ?

ତୋ କଣ୍ଠରୁ ଉତ୍ତର ଆସିଥିଲା; ଭଲପାଇବାର ପରିଣତି ହିଁ ଦୁଃଖ । ପ୍ରତାରଣା ସଂସାରରେ ମଣିଷକୁ ସୁଖୀ କରେ । ମୋର ବନ୍ଧୁ ଦୁଃଖୀ । ତାର ପ୍ରେମିକା ସୁଖୀ ଗୃହବଧୂ । ମୁଁ ସୁଖୀ ହେବି, ତେଣୁ ତୁମକୁ ହୁଏ ତ କିଛି ଦୁଃଖ ସହିବାକୁ ପଡ଼ିପାରେ, ଯଦି ତମେ ମତେ ପ୍ରକୃତରେ

ଭଲ ପାଉଥାଅ । କୁନ୍ତଳା ! ମୋ ସୁଖରେ ସୁଖୀ ହେବ ବୋଲି ତମେ ମତେ ଅନେକ ଥର ଅଖିତରରେ କହୁଛ । ଆଜି ଦୟାକରି ମନାକର ନାହିଁ ।

ବୁଲୁ ! ତୋର ସେ କଥା ଶୁଣି ତତେ ଖୁନ୍ କରିବାକୁ ମୋର ଭୀଷଣ ଇଚ୍ଛା ହେଉଥିଲା । ତତେ ମୁଁ ଖୁନ୍ କରି ପାରିଥିଲେ ଜୀବନରେ ଅନ୍ତତଃ ଗୋଟିଏ ପୁଣ୍ୟକାମ କଲି ବୋଲି ଆତ୍ମସନ୍ତୋଷ ଲାଭ କରିଥାଆନ୍ତି ; କିନ୍ତୁ ହଠାତ୍ ମୋର ଧାରଣା ହେଲା; ସେ ପୁଣ୍ୟ କାମ ମତେ ହୁଏ ତ କରିବାକୁ ପଡ଼ି ନ ପାରେ । କୁନ୍ତଳା ତୋ ତଣ୍ଟି ଚିପିଧରି ସଂସାରରୁ ଅନ୍ତତଃ ଜଣେ ପାପିଷ୍ଠକୁ ବିଦାୟ ଦେବାକୁ ଉଦ୍ୟମ କରିପାରେ !

କୁନ୍ତଳା ସେ କାମ କରୁଛି କି ନାହିଁ, ଦେଖିବାର ଲୋଭ ସମ୍ବରଣ କରି ନ ପାରି ମୁଁ ଝରକା ବାଟେ ଉଙ୍କି ମାରିଥିଲି । ଆଉ ଯାହା ଦେଖିଲି !

କୁନ୍ତଳା ନଇଁପଡ଼ି ତୋ ପାଦଧୂଳି ନେଇ ନିଜ ମୁଣ୍ଡରେ ମାରୁଛି, ଆଉ କୋହକମ୍ପିତ କଣ୍ଠରେ କହୁଛି; ମତେ ଦୁଃଖ ଦେଇ ତମେ ଯଦି ସୁଖୀ ହେବ, ମତେ କଷ୍ଟ, ନିନ୍ଦା ଅପମାନ ସହିବାକୁ ଭଗବାନ ଶକ୍ତି ଦିଅନ୍ତୁ !

ତାର ସେ ଶେଷ କଥା ଶୁଣି ଲୁହରେ ମୋ ଆଖି ଅନ୍ଧ ହୋଇ ଯାଇଥିଲା । ତୋ ସହିତ ଦେଖା ନ କରି ମୁଁ ଯେତିକ ପାହାଚ ଡେଇଁ ଉପରକୁ ଉଠିଥିଲି, ସେତିକ ପାହାଚ ଗଣି ପୁଣି ତଳକୁ ଓହ୍ଲାଇ ଆସିଥିଲି ।

ତା ପରେ ତୁ ଲଣ୍ଡନ ଚାଲିଯାଇଥିଲୁ ।

ଇଣ୍ଡିଆ ହାଇକମିଶନର ଅଫିସରେ ତତେ ଗୋଟାଏ ବଡ଼ ଚାକିରି କଅଣ ମିଳି ଯାଇଥିଲା । ମୁଁ କିନ୍ତୁ ବହୁ କଷ୍ଟରେ କୁନ୍ତଳାର ଗୋଟିଏ ଫଟୋ ଯୋଗାଡ଼ କରି ତାକୁ ପୂଜା କରୁଥିଲି ।

ଏଥି ମଧ୍ୟରେ ଦୁଇ ବର୍ଷ ନିଃଶବ୍ଦରେ ବିତିଗଲାଣି ।

ତୋର ସମ୍ବାଦ ମୁଁ ଆଉ ରଖି ନି । ସଇତାନର ସମ୍ବାଦ ରଖି କିଛି ଲାଭ ନାହିଁ । କୁନ୍ତଳା ମାନସୀ ଆସନରୁ ଉତ୍ତୀର୍ଣ୍ଣା ହୋଇ ମୋ ପାଖରେ ଦେବୀ ହୋଇ ଯାଇଥିଲା ।

ଆଜି କିନ୍ତୁ ମୋର ସ୍ୱପ୍ନଭଙ୍ଗ ହେଲା ।

ଆଜି ଦୈନିକ ଓଡ଼ିଆ ସମ୍ବାଦପତ୍ରରେ ଶୁଭବିବାହ ସ୍ତମ୍ଭରେ ପଢ଼ିଲି, କୁନ୍ତଳା ଜଣେ ଆଇ. ଏ. ଏସ୍. ଅଫିସରଙ୍କୁ ବିବାହ କରି

ଯାଇଛି । ତା ବିବାହ ଉତ୍ସବରେ ବହୁ ମାନ୍ୟଗଣ୍ୟ ସମାଜସେବୀ ଯୋଗଦେଇ ନବଦମ୍ପତିଙ୍କୁ ଆଶୀର୍ବାଦ ଜଣାଇଛନ୍ତି !

କୁନ୍ତଳା ଫଟୋକୁ ଚିରଦେଇ ତୋ ଫଟୋ ସେଠାରେ ରଖି ପୂଜା କରିବି ବୋଲି ମୁଁ ତୋର ଗୋଟାଏ ଫଟୋକୁ ଖୋଜି ହେଉଛି !

ମୋ ପ୍ରେମିକା ଭଳି ଆଉ କିଛିଦିନ ପରେ କୁନ୍ତଳା ଦୁଏ ତି ସନ୍ତାନର ଜନନୀ ହେବ ; କିନ୍ତୁ ସୁଖୀ ହେବାର ଯେଉଁ ସରଳ ସୂତ୍ର ସେଦିନ ତୁ କୁନ୍ତଳାକୁ ଶିଖାଇ ଦେଇ ଯାଇଥିଲୁ , ନିଜ ପୁଅ-ଝିଅଙ୍କୁ ସେ ସୂତ୍ର କଅଣ ସେ ସତରେ ଶିଖାଇବ ? ତତେ ଭୁଲିଗଲା ପରେ ତୋର ସେ ଉପଦେଶ କଅଣ ସେ ସ୍ମରଣ ରଖିଥିବ ?

ବୁଲୁ ! ଭାରତବର୍ଷର ଏ କଅଣ ହେଲା ? ବଞ୍ଚି ରହିବା ଠାରୁ ବଳି ମହତ୍ତ୍ୱ ଲକ୍ଷ୍ୟ କଅଣ ଜୀବନରେ କିଛି ନାହିଁ ? ସ୍ୱାଧୀନତାର ଏ ଦୁଇ ଦଶକ ପରେ ଏତେ ଉଚ୍ଚ ଉଚ୍ଚ ଇଟା, ସିମେଣ୍ଟର ମହିଳା କଲେଜ, ବାଳିକା ବିଦ୍ୟାଳୟମାନ ତୋଳା ହେଲା ପରେ ବି ଆଜି ସୁଦ୍ଧା କଅଣ ବଞ୍ଚିରହିବା ଲାଗି ନାରୀର ଏକମାତ୍ର ଅବଲମ୍ବନ ତାର ଦେହ ?

# ସୁବର୍ଣ୍ଣ-ମାୟା

ମୁକୁନ୍ଦଭାଇ ସହିତ ବନ୍ଧୁତ୍ୱଟା ମୋର ଅନେକ ଦିନର ; କିନ୍ତୁ ତା ଅଳଙ୍କାର ଦୋକାନରେ ନିୟମିତ ସଂଧ୍ୟାବେଳେ ଆଡ୍‌ଡା ଦେବା ମୁଁ ଆରମ୍ଭ କରିଛି ମାତ୍ର ଏଇ ମାସ କେତୋଟି ତଳେ···

ସନ୍ଧ୍ୟା ହେଲେ ମୁକୁନ୍ଦ ଭାଇ ଅଳଙ୍କାର ଦୋକାନର ସୁନା ଅଳଙ୍କାରଗୁଡ଼ାକ ଯେତେବେଳେ ବିଜୁଳି ଆଲୁଅରେ ଚକ୍ ଚକ୍ କରି ଉଠେ ଏବଂ ଅନେକ ଅଳଙ୍କାରଲୋଭି ସୁନାଗୋରି ଲଳନା ତା ଦୋକାନ ଉପରକୁ ଉଠନ୍ତି, ଦୋକାନ କୋଣର ଗୋଟିଏ ଚେୟାରରେ ବସି ସତୃଷ୍ଣ ଆଖିରେ ମୁଁ ଖୋଜେ ଏଇ ମୃଗ-ନୟନା, ଅଲ୍ପ-ଗୋରୀ, କ୍ଷୀଣ-ମଧ୍ୟା ନାରୀକୁ, ଯାହାକୁ ପାଇ ପାଇ ମୁଁ ବର୍ଷ କେତୋଟି ତଳେ ହଠାତ୍ ହଜାଇ ବସିଥିଲି !

ମୋର କେମିତି ଧାରଣା, ସେ ନିଶ୍ଚୟ ଦିନେ ନା ଦିନେ ସେ ଅଳଙ୍କାର ଦୋକାନକୁ ଆସିବ । ମୁଣ୍ଡରେ ସିନ୍ଦୂର ପିନ୍ଧିଥିବ । କୋଳରେ ଝିଅକୁ ଧରିଥିବ । ସାଙ୍ଗରେ ତାର ସ୍ୱାମୀ ନ ହେଲେ ନଣନ୍ଦ ଆସିବ ! ମୁଁ ତାର କାନକୁ ଟାଣି ଧରି ସାଥିରେ ଆସିଥିବା ତାର ସ୍ୱାମୀ କିମ୍ବା ନଣନ୍ଦକୁ ହଠାତ୍ ଚମକାଇ ଦେବ ଏବଂ ପଚାରିବ, ସବୁ ନଦୀ କଣ ଶାଖା ନଦୀ ଦ୍ୱାରା ଦ୍ୱିଧା-ବିଭକ୍ତ ! ଶାଖାନଦୀ ନ ଥାଇ କଅଣ ସଂସାରରେ ଗୋଟିଏ ହେଲେ ନଦୀ ପାହାଡ଼ରୁ ବାହାରି ସାଗର-ସଙ୍ଗମ କରି ନାହାନ୍ତି !!

ମୁଁ ବିଶ୍ୱଜିତ୍, ଲମ୍ବା ଛଅ ଫୁଟ, ଛାତି ମାପ ୩୭-୩୮ ଇଞ୍ଚ, ଓଜନ—୧୨୪ ପାଉଣ୍ଡ, ଏ ଯାବତ୍ ଅବିବାହିତ, ପ୍ରତିଦିନ ସନ୍ଧ୍ୟାରେ ଅଫିସରୁ ଫେରି ମୁକୁନ୍ଦଭାଇ ଦୋକାନରେ ଖାସ୍ ସେଇ ହରାଇଥିବା ଅତୀତକୁ ହଠାତ୍ ଆବିଷ୍କାର କରିବାର ଆଶା ନେଇ ଆଡ୍‌ଡା ଜମାଏ ଏବଂ ସେହି ଅଳଙ୍କାର ଦୋକାନକୁ ସୁନାଜିନିଷ କିଣିବାକୁ ଆସୁଥିବା

ସୁନା-ଗୋଟି ଝିଅ-ବୋହୂମାନଙ୍କୁ ସତୃଷ୍ଣ ଦୃଷ୍ଟିରେ ଚାହିଁ ନିରାଶାରେ ଦୀର୍ଘଶ୍ୱାସ ପକାଇ ଦୋକାନ ବନ୍ଦ ହେବାର ଅଳ୍ପ ସମୟ ପୂର୍ବରୁ ରାସ୍ତାକୁ ଓହ୍ଲାଇଯାଏ !

ମୁକୁନ୍ଦଭାଇର ଦୋକାନକୁ ଅନେକ ଝିଅ, ବୋହୂ, ସେମାନଙ୍କର ଆତ୍ମୀୟ-ସ୍ୱଜନମାନଙ୍କ ସହ ଆସନ୍ତି । ମୁଁ ସେମାନଙ୍କର ଚେହେରା ଦେଖେ, ପରିଚୟ ଜାଣେ ନାହିଁ ; କିନ୍ତୁ ନିଜର ଅନିଚ୍ଛା ସତ୍ତ୍ୱେ ରୁବି ଭାଉଜଙ୍କ ସହ ମୋର ପରିଚୟ ହୋଇଗଲା, ଯଦିଓ ସେ ମୋତେ ଆଦୌ ଜାଣନ୍ତି ନାହିଁ !

ରୁବି ଭାଉଜ ଏକ ମାତ୍ର ନାରୀ ଯେ ମାସକୁ ଥରେ ଅଧେ ନୁହେଁ, ପ୍ରାୟ ୩ । ୪ ଦିନରେ ଥରେ ମୁକୁନ୍ଦଭାଇର ଅଳଙ୍କାର ଦୋକାନରେ ଆସି କୋଳାହଳ ସୃଷ୍ଟିକରନ୍ତି । ସୁନା ଅଳଙ୍କାର ଦେଖନ୍ତି । ତାର ମୂଲ୍ୟ ପଚାରି ବୁଝନ୍ତି । ସବୁ ଅଳଙ୍କାର ସେ କିଣନ୍ତି କି ନାହିଁ ମୁଁ ଜାଣେ ନାହିଁ, କିନ୍ତୁ ତାଙ୍କ ସହିତ ଅବସର ସମୟରେ ବେଶ୍ ଗଳ୍ପ ଜମାଏ ମୁକୁନ୍ଦଭାଇ ।

ଦିନେ ମୁଁ କଥାପ୍ରସଙ୍ଗରେ ତାଙ୍କର ପରିଚୟ ପଚାରିଥିଲି ମୁକୁନ୍ଦଭାଇକୁ ।

ରୁବି ଭାଉଜ—ମୁକୁନ୍ଦଭାଇ ଉତ୍ତର ଦେଇଥିଲା । ଲୁଚାଇ ଥିଲା, ସେହି ରୁବି ଭାଉଜ ନାମରେ ସେ ପ୍ରାୟ ସର୍ବଜନ ପରିଚିତା । ଆପଣ ମଧ୍ୟ ସେହି ସମ୍ବୋଧନ କଲେ ସେ ଖୁସି ହେବେ । ତାଙ୍କ ସହ ହଠାତ୍ ପରିଚିତ ହେବା ପାଇଁ କେବଳ ରୁବି ଭାଉଜ ବୋଲି ସମ୍ବୋଧନଟା ହିଁ ଯଥେଷ୍ଟ ।

ଭଦ୍ରମହିଳାଙ୍କ ସହ ପରିଚିତ ହେବାର ମୋର କୌଣସି ପ୍ରଲୋଭନ ନ ଥିଲା । ମୁଁ ପଚାରିଲି, ସେ କାହାର ସ୍ତ୍ରୀ, ସେ କଥା ମୁଁ ଜାଣିବାକୁ ଚାହୁଁ ଥିଲି ।

ମୁକୁନ୍ଦଭାଇ ଆଖି ଡୋଳା ଦୁଇଟା ବିସ୍ଫାରିତ କରି କହିଲା, ଆଃଶ୍ଚର୍ଯ୍ୟ ! ଆପଣ ସେ କଥା ମଧ୍ୟ ଜାଣିନାହାନ୍ତି ! ସେ ପରା ଆଡ଼ଭୋକେଟ୍ ଚନ୍ଦ୍ରବାବୁଙ୍କ ପତ୍ନୀ ! ଏଇ କାଲି ଖବର କାଗଜରେ ମ୍ୟୁନିସିପାଲିଟି ନର୍ଦ୍ଦମା ସମ୍ପର୍କରେ ତାଙ୍କର ଗୋଟାଏ ବିବୃତ୍ତି ବାହାରି ନ ଥିଲା !

ଆଉ କିଛି ପରିଚୟ ଜାଣିବା ପାଇଁ ମୋର ଆଗ୍ରହ ନ ଥିଲା । ଦେଖି ନ ଥିଲେ ସୁଦ୍ଧା ଚନ୍ଦ୍ରବାବୁ ଓକିଲଙ୍କ ନାମ ମୁଁ ଶୁଣିଛି । ସବୁ ବଣିଜ

ବ୍ୟକ୍ତିଙ୍କ ଶ୍ରାଦ୍ଧସଭାରେ ସେ ସଭାପତି ହୁଅନ୍ତି । ମ୍ୟୁନିସିପାଲିଟି ନର୍ଦ୍ଦମା ସମସ୍ୟା ଠାରୁ ଆରମ୍ଭ କରି ପରମାଣୁ ବୋମା ନିୟନ୍ତ୍ରଣ ପ୍ରଭୃତି ଆନ୍ତର୍ଜାତିକ ସମସ୍ୟା ସମ୍ପର୍କରେ ତାଙ୍କର ବହୁ ବହୁ ବିବୃତି ପ୍ରାୟ ପ୍ରତି ସପ୍ତାହରେ ଥରେ ଦୁଇ ଥର ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରେ । ତାଙ୍କର ପତ୍ନୀ ଯେ ପ୍ରତି ମାସରେ କିଛି ସୁନା ଅଲଙ୍କାର କ୍ରୟ କରୁଥିବେ, ଏଥିରେ ମୋର ଆଶ୍ଚର୍ଯ୍ୟ ହେବାର କିଛି ନ ଥିଲା ।

ମୁଁ ବିଶ୍ୱଜିତ୍, ବାପାଙ୍କ ନାମ—ରଣଜିତ୍, ଗ୍ରାମର ନାଁ—ମହୁଲ ପାଟଣା, ପୋ: ଅ: ବହୁଗ୍ରାମ; ଜିଲା: କଟକ । ଦିନେ ରୁବି ଭାଉଜଙ୍କୁ ଆଉ ଜଣେ ତନ୍ୱୀ-ଶ୍ୟାମଙ୍କ ସହ ମୁକୁନ୍ଦଭାଇ ଦୋକାନରେ ପ୍ରବେଶ କରୁଥିବା ଲକ୍ଷ୍ୟ କଲି ।

ରୁବି ଭାଉଜଙ୍କ ଭଳି ଜଣେ ଉତ୍ତର-ତିରିଶ ବୟସର ଭଦ୍ର-ମହିଳାଙ୍କ ସାଙ୍ଗରେ ପ୍ରାୟ ବିଂଶ ବର୍ଷୀୟା ସେହି ତନ୍ୱୀ-ଶ୍ୟାମାଙ୍କୁ ଦେଖି ପ୍ରଥମେ ମୋର ଧାରଣା ହୋଇଥିଲା ଯେ ସେ ବୋଧହୁଏ ତାଙ୍କର କନିଷ୍ଠା ଭଗ୍ନୀ ହେବେ; କିନ୍ତୁ ସେ ଦୁଇ ଜଣଙ୍କ କଥାବାର୍ତ୍ତାରୁ ବୁଝିଲି, ତନ୍ୱୀ-ଶ୍ୟାମା ଜଣେ ବଙ୍ଗୀୟା ଭଦ୍ରମହିଳା ।

ରୁବି ଭାଉଜ କହୁଥିଲେ, ପାରୁଲ୍ ! ଏ କାନଫୁଲ ହଳଟା ମତେ ଫିଟ୍ କରୁଛି କି ନାହିଁ ଦେଖ ତ !

ପାରୁଲ୍ ନାମ୍ନୀ ସେହି ବଙ୍ଗୀୟା ତରୁଣୀ, ମୁକୁନ୍ଦଭାଇଙ୍କ ସୋ-କେଶ୍‌ରୁ ହଳେ କାନଫୁଲ ଆଣି ରୁବି ଭାଉଜଙ୍କ କାନରେ ଲଗାଇଦେଲେ ।

ପାରୁଲ୍ କିଛି ମନ୍ତବ୍ୟ ଦେବା ଆଗରୁ ସାମ୍ନା ଆଇନାରେ ନିଜର ରୂପ ଦେଖି ରୁବି ଭାଉଜ କହିଲେ, ଛି···ଛି,···ଏ କାନଫୁଲ ମତେ ଆଦୌ ମାନୁ ନାହିଁ । ଆଚ୍ଛା, ଏ ହାରଟା କେମିତି ମାନୁଛି ?

ଗୋଟାଏ ମଣିପୁରୀ ହାର ଆଣି ବେକରେ ପିନ୍ଧିଲେ ରୁବି ଭାଉଜ ।

ମୁଁ ଲକ୍ଷ୍ୟ କଲି, ପ୍ରାୟ ଅଧ ଘଣ୍ଟାଏ ଭିତରେ ରୁବି ଭାଉଜ ମୁକୁନ୍ଦଭାଇ ଦୋକାନର ସୋ-କେଶ୍‌ରେ ପ୍ରାୟ ଦୁଇ ଡର୍ଜନ ହାର, କାନଫୁଲ କାଢ଼ି ନିଜ ଦେହରେ ପିନ୍ଧି ପରୀକ୍ଷା ଚଳାଇଲେ ; କିନ୍ତୁ କୌଣସି ଗୋଟିଏ ହେଲେ ଅଲଙ୍କାର ତାଙ୍କ ଦେହକୁ ମାନିଲା ନାହିଁ ବୋଲି ମନ୍ତବ୍ୟ ଦେଇ ସେଗୁଡ଼ିକ ସେ କାଢ଼ି ପୁଣି ଥୋଇଦେଲେ ।

ଶେଷରେ ପାରୁଲଦିଦି ମନ୍ତବ୍ୟ ଦେଲେ—"ସୋନାର ହାତେ ସୋନାର କଙ୍କନ କେ କାର ଅଲଙ୍କାର ।"

ଶେଷରେ ପାରୁଲ୍‌ଦିଦିଙ୍କ ରସିକତାରେ ମୁଁ ବେଶ୍ ଉତ୍ଫୁଲ୍ଲ ହୋଇ ଉଠିଲି ।

ରୁବି ଭାଉଜ କହିଲେ, ତମେ କଅଣ କହିଲ, ମୁଁ କିଛି ବୁଝି ପାରୁ ନ ପାରୁଲ୍ !

ପାରୁଲ୍‌ଦିଦି ନିଜ ବକ୍ତବ୍ୟ ବିଶ୍ଳେଷଣ କଲେ, ତମର ଏ ସୁନାରଙ୍ଗର ଦେହରେ ସୁନାର ଗହଣା ପିନ୍ଧିଲେ, ସୁନା ଗହଣା ତୁମର ଦେହର ଅଲଙ୍କାର ହେବ, ନା ସୁନାଗହଣା ଠାରୁ ଅଧିକ ଉଜ୍ଜ୍ୱଳ ତୁମର ଦେହ, ଏ ସୁନା ଗହଣାଗୁଡ଼ାକର ଅଲଙ୍କାର ହେବ, ମୁଁ ସେଇ କଥା ପଚାରୁଛି ।

ରୁବି ଭାଉଜଙ୍କ ମୁହଁରେ ପରିତୃପ୍ତିର ହସ ଉଦ୍ଭାସିତ ହୋଇ ଉଠିଲା । ଏହି ସମୟରେ ମୁକୁନ୍ଦଭାଇର ଦୋକାନ ଉପରକୁ ଜଣେ ଭଦ୍ରଲୋକ ଓ ଜଣେ ଭଦ୍ରମହିଳା ପ୍ରବେଶ କଲେ । ଭଦ୍ରଲୋକଙ୍କ ଦେହରେ ମଇଳା ଟ୍ରାଉଜର ଓ ମଳିନ ହାଫ୍ ହାଓ୍ୱାଇନ୍ । ହାଓ୍ୱାଇନ୍ ଦେହରେ କଳା କଳା ଦାଗସବୁ କଅଣ ଲାଗିଛି । ଭଦ୍ରମହିଳାଙ୍କ ପରିଧେୟ ଖୁବ୍ ମୂଲ୍ୟବାନ ନ ହେଲେ ବି ବେଶ୍ ପରିଚ୍ଛନ୍ନ । ଭଦ୍ରମହିଳାଙ୍କ ବୟସରୁ ମନେହେଉଥିଲା, ସେମାନେ ବୋଧହୁଏ ନବବିବାହିତ ଦମ୍ପତି । ଭଦ୍ରଲୋକ ବୋଧହୁଏ କୌଣସି କଲକାରଖାନାରେ କାମ କରନ୍ତି ।

ଭଦ୍ରମହିଳା ପଚାରିଲେ, କଅଣ ମୁକୁନ୍ଦଭାଇ ! ମୋ ହାରଟା ହୋଇ ଯାଇଛି ?

ରୁବି ଭାଉଜ ଯେଉଁ ମଣିପୁରୀ ହାରଟା ପସନ୍ଦ ନ କରି ଥୋଇ ଦେଇଥିଲେ, ହସି ହସି ମୁକୁନ୍ଦଭାଇ ସେ ହାରଟା ଭଦ୍ରମହିଳାଙ୍କ ହାତକୁ ବଢ଼ାଇଦେଲେ ।

ହାରଟା ଦେଖି ଭଦ୍ରମହିଳାଙ୍କ ଆଖି ଡୋଳା ଦୁଇଟି ଲୋଭରେ ଚିକ୍ ଚିକ୍ କରି ଉଠିଲା । ସେ ହାରଟା ତତ୍‌କ୍ଷଣାତ୍ ପିନ୍ଧି ନିଜ ଅପରିଚ୍ଛନ୍ନ ପୋଷାକ ପରିହିତ ସ୍ୱାମୀଙ୍କ ଆଡ଼କୁ ଜିଜ୍ଞାସୁ ଦୃଷ୍ଟିରେ ଚାହିଁଲେ ।

ଭଦ୍ରଲୋକଙ୍କ ସମ୍ମତିସୂଚକ ହସରେ ମୁଖ ମୁଖରିତ କରି ପଚାରିଲେ, କେତେ ଦାମ ବୁଝି ।

ମୁକୁନ୍ଦଭାଇ କହିଲା, ସାତ ଶହ ପଚିଶ ।

ମୁଁ ଭାବଥିଲି, ରୁବି ଭାଉଜଙ୍କ ଭଳି ଦାମ ଶୁଣିସାରି ସେ ଭଦ୍ରମହିଳା ବୋଧହୁଏ ହାରଟା ମୁକୁନ୍ଦଭାଇର ଦ୍ରୁସୋ-କେଶ୍ ଭିତରକୁ ଫେରାଇଦେବେ ।

କିନ୍ତୁ ମୋ ଅନୁମାନ ଭୁଲ ।

ଭଦ୍ରଲୋକ ନିଜର କାଳିଲଗା ଟ୍ରାଉଜର ପକେଟରୁ ଥାକେ ନୋଟ କାଢ଼ି ମୁକୁନ୍ଦଭାଇ ହାତକୁ ବଢ଼ାଇଦେଲେ ।

ରୁବି ଭାଉଜଙ୍କ ଆଖିରେ ମଧ୍ୟ ସନ୍ଦେହର ଚିହ୍ନ ଫୁଟି ଉଠିଲା ।

ସେ ଚୁପ୍ ଚୁପ୍ ଭଦ୍ରମହିଳାଙ୍କୁ ପଚାରିଲେ, ତମ ସ୍ୱାମୀ କ'ଣ କାମ କରନ୍ତି କି ?

ଭଦ୍ରମହିଳା ନିଜ ସ୍ୱାମୀଙ୍କ ଆଡ଼କୁ ଚାହିଁ କହିଲେ, ସେ ପ୍ରେସ୍‌ର ମେସିନ୍‌ମ୍ୟାନ !

ଟ୍ରାଉଜର ଓ ହାଓ୍ୱାଇନ୍‌ରେ ତାହା ହେଲେ ପ୍ରେସ କାଳି ଲାଗିଛି ।

—ମୁଁ ମନେ ମନେ ବାକ୍ୟଟି ଉଚ୍ଚାରଣ କରି ରୁବି ଭାଉଜ କ'ଣ କହୁଛନ୍ତି, ଶୁଣିବାକୁ ଚେଷ୍ଟାକଲି ।

ରୁବି ଭାଉଜ ପଚାରିଲେ, ଭଡ଼ାଘର ନେଇ କେଉଁଠି ଅଛନ୍ତି ?

ବୁଦ୍ଧମାଚୌକ ପାଖରେ ।—ଭଦ୍ରମହିଳା ସଂକ୍ଷେପରେ ଉତ୍ତର ଦେଲେ ।

ଆରେ—ତାହା ହେଲେ ତ ତମେ ଆମର ପଡ଼ୋଶୀ ! ଆମ ନିଜ ଘର ବୁଦ୍ଧମାଚୌକ ଛକରୁ ବାମହାତ ଗଲେ ପଡ଼ିବ । ଦୋ ମହଲା କୋଠା । ଫାଟକରେ ଇଲେକ୍‌ଟ୍ରି କଲିଂ ବେଲ୍ ଲାଗିଛି । କେବେ ଆମ ଘର ଆଡ଼କୁ ଗଲେ, ଆଗ କଲିଂ ବେଲ୍ ବୋତାମ ଟିପିବେ । କାରଣ ଆମର ଯେଉଁ ଆଲ୍‌ସିସିୟାନ୍ କୁକୁର ଅଛି ନା, ଅପରିଚିତ ଲୋକ ଦେଖିଲେ ଉପରକୁ ଝାମ୍ପିପଡ଼ିବ । ଫାଟକରେ ସାଇନବୋର୍ଡ ଲାଗିଛି—ଆଡ଼ଭୋକେଟ ଚନ୍ଦ୍ରମଣି ପଟ୍ଟନାୟକ—ନାମ ଶୁଣିଥିବ—ଏଥର ମ୍ୟୁନିସିପାଲିଟି ଚେୟାରମ୍ୟାନ ହେବାକୁ ସମସ୍ତେ ତାଙ୍କୁ ଅନୁରୋଧ କରୁଛନ୍ତି······

ଥରେ କଥା ଆରମ୍ଭ କଲେ ରୁବି ଭାଉଜ ସହଜରେ କଥା ଶେଷ କରନ୍ତି ନାହିଁ ଏବଂ କଥା କହିଲାବେଳେ ନିଜ କଥା ଛଡ଼ା ଅନ୍ୟ କିଛି କୁହନ୍ତି ନାହିଁ ।

ଭଦ୍ରମହିଳା ନୀରବରେ ଧୈର୍ଯ୍ୟ ଧରି ରୁବି ଭାଉଜଙ୍କ କଥା ଶୁଣୁଥିଲେ । ସେ କଥା ଶେଷ କରିବା ମାତ୍ରେ—ସୁବିଧା ହେଲେ ନିଶ୍ଚୟ ଆପଣଙ୍କ ଘର ଆଡ଼େ ଯିବୁ—ବୋଲି କହି ସ୍ୱାମୀଙ୍କ ସହ ଦୋକାନ ପିଣ୍ଡା ତଳକୁ ଓହ୍ଲାଇଗଲେ ।

ବାହାରେ ଝିପି ଝିପି ବର୍ଷା ହେଉଥିଲା । କୋହଲା ପାଗ । ବେଶି କେହି ଗ୍ରାହକ ଦୋକାନକୁ ଆସୁ ନ ଥିଲେ । କିଛି ସମୟ ପରେ ମୁଁ ଶୁଣିଲି, ରୁବି ଭାଉଜ ମୁକୁନ୍ଦଭାଇଙ୍କୁ ପଚାରୁଛନ୍ତି, ସେ ଗହଣା କଥା କଅଣ ହେଲା ?

ମୁକୁନ୍ଦଭାଇ ଟେବୁଲ ଡ୍ର'ରୁ ଗୋଟାଏ ପୁରୁଣା ସୁନାହାର କାଢ଼ି କହିଲା, ନା—ଏଇଟା ଚଉଦ କାରଟ୍ ସୁନା । ଦୁଇ ଶହ ଟଙ୍କାରୁ ବେଶୀ ଦାମ ହେବ ନାହିଁ ।

ଆକାଶରୁ ପଡ଼ିଲା ଭଳି ରୁବି ଭାଉଜ କହିଲେ, ମୁଁ ଆଖି ଛୁଉଁଛି, ଏ ହାର ଖାଣ୍ଟି ଗିନି ସୁନାରେ ତିଆରି । ବିବାହବେଳେ ବାପା ନିଜେ ତିଆରି କରାଇଥିଲେ । ବର୍ତ୍ତମାନ ଜୁନ ମାସ । କୋର୍ଟ-କଚେରୀ ବନ୍ଦ । ବାବୁଙ୍କ ହାତରେ ପଇସା ନାହିଁ ବୋଲି ବାଧ ହୋଇ ହାର ବିକୁଛି । ବାବୁ ଏ କଥା ଜାଣନ୍ତି ନାହିଁ । ମୋ ବାପା ପୋଲିସ ଏସ.ପି. ଥିଲେ । ସେ କେବେ ଭେଜାଲ ସୁନାରେ ଝିଅକୁ ହାର ଦେବେ ? ମୁଁ ଆଖି ଛୁଉଁଛି···

ରୁବି ଭାଉଜ ପୁଣି ଥରେ ଆଖି ଛୁଉଁଥିଲେ ।

କିନ୍ତୁ ମୁକୁନ୍ଦଭାଇ ପକ୍କା ଜହୁରୀ । ସେ କଷଟି ପଥରରେ ସୁନା ପରଖ କରେ; କାହାର ପିତୃପରିବାରର ଆଭିଜାତ୍ୟ ଅନୁସାରେ ସୁନା ଖାଣ୍ଟି କି ଭେଜାଲ, ତାହା ସେ ବିଚାର କରେ ନାହିଁ ।

କିଛି ଉତ୍ତର ନ ଦେଇ ମୁକୁନ୍ଦଭାଇ ହସିଲା ଏବଂ ରୁବି ଭାଉଜଙ୍କ ମୁହଁରୁ ହସ ଲିଭିଯାଇ କାରୁଣ୍ୟର ମ୍ଳାନ ଛାୟା ତାଙ୍କ ସାରା ମୁଖମଣ୍ଡଳକୁ ଆଚ୍ଛନ୍ନ କରିଦେଲା ।

ରୁବି ଭାଉଜଙ୍କ ଚରିତ୍ରର ଆଉ ଏକ ସମ୍ପୂର୍ଣ୍ଣ ଅନାବିଷ୍କୃତ ଅଂଶ ହଠାତ୍ ମୋ ଆଖି ଆଗରେ ଉଦ୍ଭାସିତ ହୋଇ ଉଠିଲା ।

ସୁନା ଅଳଙ୍କାର କିଣିବାକୁ ନୁହେଁ, ସୁନା ଜିନିଷ ବିକ୍ରୀ କରିବାକୁ ମୁକୁନ୍ଦଭାଇ ଦୋକାନକୁ ସେ ଆସନ୍ତି ! ବିକ୍ରୀ ପାଇଁ ଆଣୁଥିବା ଅଳଙ୍କାର ପୁଣି ଖାଣ୍ଟି ନୁହେଁ, ଭେଜାଲି ସୁନା !

ରୁବି ଭାଉଜ ପାରୁଲ୍‌ଦିଦିଙ୍କ ସହ ଦୋକାନ ଛାଡ଼ି ଚାଲିଗଲା ପରେ ମୁଁ ମୁକୁନ୍ଦ ଭାଇଙ୍କୁ ପଚାରିଲି, ରୁବି ଭାଉଜ ତ କେବେହେଲେ ସୁନା ଅଳଙ୍କାର କିଣନ୍ତି ନାହିଁ, ତମେ ତାଙ୍କୁ ନୂଆ ସୁନା ଅଳଙ୍କାର-ଗୁଡ଼ାକ ଦେଖାଅ କାହିଁକି ?

ମୁକୁନ୍ଦଭାଇ ଅଳ୍ପ ଶବ୍ଦକରି ହସିଲା ।

କହିଲା, ଦେଖି ଦେଖି ନାରୀମାନେ ସୁନା ଅଳଙ୍କାର କିଣନ୍ତି । ରାମାୟଣରେ ପଢ଼ି ନାହାନ୍ତି, ସୁନାମୃଗ ଦେଖି ସୀତା ଠାକୁରାଣୀ ବି ଭୁଲି ଯାଇଥିଲେ ! ସୁନାର ଲୋଭ ନାରୀର ସହଜାତ । ଅବଶ୍ୟ ରୁବି ଭାଉଜଙ୍କୁ ମୁଁ ଗତ ଦୁଇ ବର୍ଷ ହେଲା ଯେତେ ସୁନା ଅଳଙ୍କାର ଦେଖାଉଛି, ସେ କେବେ ସୁନାର ଲୋଭରେ ଏ ପର୍ଯ୍ୟନ୍ତ ପଡ଼ିନାହାନ୍ତି ; ବରଂ ଏଇ କେତେଦିନ ହେଲା ସୁନା ପ୍ରତି ସେ କ୍ରମେ କ୍ରମେ ବୀତସ୍ପୃହ ହୋଇ ପଡ଼ୁଥିବା ଭଳି ମନେହେଉଛି ; କାରଣ ନୂଆ ସୁନା ଅଳଙ୍କାର କିଣିବା ବଦଳରେ ପୁରୁଣା ସୁନା ଅଳଙ୍କାର ବିକ୍ରୀ କରିବାକୁ ସେ ଆରମ୍ଭ କରିଛନ୍ତି ।

ମୁଁ ବିଶ୍ୱଜିତ୍, ଏ ଯାବତ୍ ଅବିବାହିତ, ଏକ ଅଳ୍ପଗୋରୀ, ମୃଗନୟନା କ୍ଷୀଣମଧ୍ୟା ରମଣୀର ଏକଦା-ପ୍ରେମିକ; ମୁକୁନ୍ଦଭାଇର ସେ ସୁନାର ଇତିକଥା ଶୁଣି ଉଚକିତ ହେଲି । ମୁକୁନ୍ଦଭାଇ ବଡ଼ ଟାଣୁଥିଲା । ମୁଁ ପକେଟରୁ ଗୋଟାଏ ସିଗାରେଟ କାଢ଼ି ସେଥିରେ ନିଆଁ ଧରାଇ, ରୁବି ଭାଉଜଙ୍କ କଥା ଭାବିବାକୁ ଲାଗିଲି ।

ମୁକୁନ୍ଦଭାଇ ମତେ ଲକ୍ଷ୍ୟ କରି କହିଲା, ଆଉ ଆପଣଙ୍କ ବିବାହ କେବେ ହେଉଛି ବିଶ୍ୱଜିତ୍‌ବାବୁ ! ସବୁଦିନେ କଅଣ ଝିଅମାନେ ଦୋକାନରୁ ଅଳଙ୍କାର କିଣିବା ଦେଖୁଥିବେ, ନିଜେ କୌଣସି ଝିଅ ପାଇଁ ଅଳଙ୍କାର କିଣିବେ ନାହିଁ ?

ବାହାରେ ବର୍ଷା ହେଉଛି ।

ଆଉ କୌଣସି ଝିଅ-ବୋହୂ ଦୋକାନକୁ ଆସିବାର ସମ୍ଭାବନା ନାହିଁ । ବସାକୁ ଫେରିବା ପାଇଁ ମୁଁ ତତ୍ପର ହୋଇ ଉଠିଥିଲି ।

ମୁକୁନ୍ଦଭାଇର କଥା ଶୁଣି ମୁଁ ଚମତ୍କାର ଢାଣିରେ ହସି ହସି କହିଲି, ମୁଁ ତମ ଦୋକାନକୁ ଆସେ ହଜାଇଥିବା ମାଣିକ୍ୟକୁ ଖୋଜିବା ପାଇଁ ; ସୁନାର ଅଳଙ୍କାର କିଣିବା ପାଇଁ ନୁହେଁ ।

ତା ପରେ ବର୍ଷାରୁ ରକ୍ଷା ପାଇଁ ରୁମାଲଟା ମୁଣ୍ଡରେ ବାନ୍ଧି ରାସ୍ତାକୁ ଓହ୍ଲାଇ ଆସିଲାବେଳେ ଗୋଟାଏ ସିନେମା ସଂଗୀତର ସ୍ୱରରେ ସୁସୁରି ବଜାଇଲା ବେଳେ ଲକ୍ଷ୍ୟ କଲି, ଗୋଟିଏ ପ୍ଲାଷ୍ଟିକ ବ୍ୟାଗରେ ପରିବା କିଣି ରୁବି ଭାଉଜ ରିକ୍ସାରେ ଫେରୁଛନ୍ତି ।

ମୋ ସୁସୁରି ବଜାଇବା ଶବ୍ଦ ଶୁଣି ସେ କଟମଟ କରି ମୋ ଆଡ଼କୁ ଚାହିଁଲେ; କାରଣ ଏଥର ମ୍ୟୁନିସିପାଲିଟି ଚେୟାରମ୍ୟାନ ହେବା ପାଇଁ ତାଙ୍କ ସ୍ୱାମୀଙ୍କୁ ବହୁଲୋକ ଅନୁରୋଧ କରୁଛନ୍ତି !

●

# ଦାଗ

ପ୍ରମଥବାବୁଙ୍କ ଘରେ ସେଇ ଝିଅଟି ଥିଲା ମୋର ପରମ ଆକର୍ଷଣ। ଔଷଧ ଦେଇ ବସାକୁ ଫେରିବା ଆଗରୁ ମୁଁ ତାକୁ ଖୋଜେ, ମୀନା ଅଛୁ ନା !

ବାବୁରି ବାଳକୁ ମୁହଁସାରା ଏଣେ ତେଣେ ବିଞ୍ଚିଦେଇ ସେ ପଢ଼ାଘରୁ ଦୌଡ଼ିଆସେ । ବାରଣ୍ଡା ପାଖ ଖୁଣ୍ଟକୁ ଆଉଜି ଠିଆ ହୁଏ। କହେ, ଅଛୁ, ଅଛୁ, ଅଛୁ । ଡାକ୍ତରବାବୁ ! ମତେ ଗୋଟାଏ ଇଂଜେକସନ୍ ଦେବେ ?

ମୁଁ ତା ପାଖକୁ ଆସେ ।

ତା ମୁଣ୍ଡର ଅସଜଡ଼ା କେଶକୁ ସଜାଡ଼ି ଦିଏ । ପକେଟରୁ ଲଜେନ୍ସ କାଢ଼ି ତା ପାଟିରେ ଭର୍ତ୍ତିକରି ଦିଏ। କହେ, ଇଞ୍ଜେକସନ୍ ନୁହେଁ ; ଲଜେନ୍ସ ନେ—

ମୁଁ ତାଙ୍କ ଦାଣ୍ଡପିଣ୍ଡା ତଳକୁ ଓହ୍ଲାଇଲାବେଳେ ଲଜେନ୍ସ ପାଟିରେ ପୂରାଇ ହାତ ହଲାଇ କହେ, ଟା—ଟା—

ସେଇ ସାତ ବର୍ଷର ସଫା ଶ୍ୟାମଳରଙ୍ଗର ଅଦ୍ଭୁତ ସୁନ୍ଦର କୁନ୍‌ମୁନ ଝିଅଟି ମୀନା ! ଲମ୍ବାଳିଆ ମୁହଁରେ ଯାହାର ଚୂନା ଚୂନା କେଶର ଭଗ୍ନାଂଶ ସବୁବେଳେ ବିଞ୍ଚିହୋଇ ପଡ଼ିଥାଏ, ଆଉ ଟଣା ଟଣା ଆଖିର ଡୋଳାରେ ଯାହାର ଚକ୍ ଚକ୍ କରୁଥାଏ ଅନେକ ଚନ୍ଦ୍ର, ତାରା; ସେଇ ଝିଅଟି ଦିନେ ମୋ ପାଖରେ ଏକ ଅଦ୍ଭୁତ ଦାବୀ କରି ବସିଲା, ଡାକ୍ତରବାବୁ ! ବୋଉକୁ ଇଞ୍ଜେକ୍‌ସନ୍ ନ ଦେଇ ମତେ ଇଜେକ୍‌ସନ୍ ଦେବେ ?

ମୁଁ ତାର ଅଳିଆ କେଶକୁ ସାମାନ୍ୟ ଟାଣିଦେଇ ପ୍ରଶ୍ନ କରିଥିଲି, ବୋଉଙ୍କ ଦେହ ଖରାପ, ସେଥିପାଇଁ ସେ ଇଞ୍ଜେକ୍‌ସନ୍ ନେଉଛନ୍ତି । ତୁ କାହିଁକି ଇଞ୍ଜେକ୍‌ସନ୍ ନେବୁ ?

ସେ ଚଟ୍‌କନା ଉତ୍ତର ଦେଇଥିଲି, ଇଞ୍ଜେକସନ୍ ନେଲା ବେଳେ ବୋଉର ଭାରି କଷ୍ଟ ହୁଏ । ଆପଣ ଇଞ୍ଜେକସନ୍ ସିରିଞ୍ଜ୍‌କୁ ଅନାଇ ଥାଆନ୍ତି; ମୁଁ କିନ୍ତୁ ବୋଉ ମୁହଁକୁ ଗୃହିଁଥାଏ । ବୋଉକୁ ଭାରି କଷ୍ଟ ହୁଏ । ଆପଣ ବୋଉକୁ ଇଞ୍ଜେକସନ୍ ନ ଦେଇ ମତେ ଦିଅନ୍ତୁ—

ମୀନାର କଥା ଶୁଣି ପ୍ରମଥବାବୁଙ୍କ ଦୁଇ ଆଖି ଲୁହରେ ଛଳ ଛଳ ହୋଇ ଆସେ । ସୁଷମାଦେବୀଙ୍କ ଆଖିରେ ମଧ୍ୟ ଏକ ସକରୁଣ ଭାବ ଫୁଟିଉଠେ । ମତେ ଲକ୍ଷ୍ୟ କରି ସେ କହନ୍ତି, ଦେଖୁଛନ୍ତି ଡାକ୍ତରବାବୁ ! ଝିଅର ମୋର ଆଜଠୁଁ କେତେ ବୁଦ୍ଧି !

ସତରେ ଏକ ଆଶ୍ଚର୍ଯ୍ୟ ଝିଅ ମୀନା ।

ସୁଷମାଦେବୀଙ୍କୁ ମୁଁ ସାନ୍ତ୍ୱନା ଦିଏ, ଯେତେହେଲେ ବି ସେ ଆପଣଙ୍କ ଝିଅ । ବୁଦ୍ଧିମତୀ ହେବାକୁ ସେ ବାଧ୍ୟ ।

ସହରରୁ ମଫସଲ ଅଞ୍ଚଳର ସେ ସରକାରୀ ଡାକ୍ତରଖାନାକୁ ବଦଳି ହୋଇ ଆସିବାର ମାସ କେତୋଟି ମଧ୍ୟରେ ପ୍ରମଥବାବୁଙ୍କ ପରିବାର ସହ ମୋର ଘନିଷ୍ଠତା ହୋଇଯାଇଥିଲା । ସ୍ଥାନୀୟ ହାଇସ୍କୁଲର ସହକାରୀ ଶିକ୍ଷକ ପ୍ରମଥବାବୁ । ରାସ୍ତା ଭେଦିଲେ ମୋ ବସା ଆରପଟକୁ ତାଙ୍କର ଘର । ପ୍ରଥମେ ମୋର ସେ ପଡ଼ୋଶୀ ଥିଲେ, ଘନିଷ୍ଠତା ପରେ ସେ ହେଲେ ପରମାତ୍ମୀୟ । ତାଙ୍କ ପରିବାର ସହିତ ମୋର ପ୍ରଥମ ଯୋଗସୂତ୍ର ଥିଲା ଏଇ ଝିଅଟି; ମୀନା !

ତାକୁ ହିଁ କେନ୍ଦ୍ର କରି ପ୍ରମଥବାବୁଙ୍କ ସହ ମୋର ପ୍ରଥମ ପରିଚୟ । ସେ ମଫସଲ ଅଞ୍ଚଳର ଡାକ୍ତରଖାନାକୁ ବଦଳି ହୋଇ ଆସିବାର ଗୋଟାଏ ସପ୍ତାହ ମଧ୍ୟରେ ମୁଁ ଯେତେବେଳେ ଏକ ଅସହ୍ୟ ନିଃସଙ୍ଗତାବୋଧରେ ଏକାକୀ ପିଡ଼ୀତ ହୋଇ ପଡ଼ିଥିଲି, ସେତିକିବେଳେ ଦିନେ ହଠାତ୍ ସକାଳେ ପ୍ରମଥବାବୁ ମତେ ପ୍ରଶ୍ନ କଲେ, ଆପଣଙ୍କ କ୍ୱାର୍ଟରରେ ମୋ ଝିଅ ଅଛି କି ?

ଆଶ୍ଚର୍ଯ୍ୟ ! ଆପଣଙ୍କ ଝିଅ ମୋ କ୍ୱାର୍ଟରରେ !—ପ୍ରଥମେ ଅପ୍ରସ୍ତୁତ ଓ ପରେ ବିସ୍ମିତ ହୋଇ ମୁଁ ପ୍ରଶ୍ନ କରିଥିଲି ।

ପ୍ରମଥବାବୁ ବୋଧହୁଏ ମୋର ଓଲଟା ପ୍ରଶ୍ନ ଶୁଣି ଧକ୍କା ଖାଇଲା ଭଳି ଚମକି ଉଠିଲେ । ତା ପରେ ମତେ ବୁଝାଇବା ଭଳି ଶାନ୍ତ

କଣ୍ଠରେ କହିଲେ, ହଁ—ମୋର ସାତ ବର୍ଷର ଝିଅ ମୀନା ! ତାର ବୋଉ କହୁଛନ୍ତି, ସ୍କୁଲକୁ ନ ଯାଇ ସେ ଆପଣଙ୍କ ଫାଟକ ଖୋଲି ଭିତରେ ପଶୁଥିଲା···ଅଥଚ ଆମେ ତାକୁ ଖୋଜି ଖୋଜି ପାଉ ନାହୁଁ !

ମୁଁ ଉତ୍ତର ଦେଇଥିଲି, ଫାଟକ ଖୋଲା ଅଛି । ଆପଣ ନିଜେ ଆସି ଦେଖିପାରନ୍ତି; କୌଣସି ଝିଅ ଏଠାରେ ନାହାଁନ୍ତି । ମୁଁ ଆଉ ମୋର ଚାକର—

ପ୍ରମଥବାବୁ ଫେରି ଯାଇଥିଲେ ।

ମୁଁ ଡାକ୍ତରଖାନାକୁ ଯିବା ପାଇଁ ତର ତର ହେଉଥିଲି । କାର୍ ବାହାର କରିବା ପାଇଁ ଗ୍ୟାରେଜ୍ ଭିତରକୁ ଗଲିବେଳେ ମତେ ଜିଭ କାମୁଡ଼ି ପକାଇବାକୁ ହେଲା । ମୋ କାର୍ ଭିତରେ ଗୁପି-ଗୁପିକିଆ ଛିଟରଙ୍ଗର ଫ୍ରକ୍ ପିନ୍ଧିଥିବା ଏକ ଝିଅ ଆରାମରେ ଶୋଇ ଯାଉଛି । ତାର ବାମ ହାତ ଝୁଲିପଡ଼ିଛି ସିଟ୍ ତଳକୁ ।

ମୀନା !

ମୋ କଣ୍ଠସ୍ୱର ଶୁଣି ସେ ଚମକି ଉଠିଲା ।

ତା'ପରେ ଭୀତା ହରିଣୀ ଭଳି ସକରୁଣ ଦୃଷ୍ଟିରେ ମତେ ଚାହିଁ କହିଲା, ବୋଉକୁ କହିବେ ନାହିଁ, ସେ ରାଗିବ ।

ମୋ ମନର ସମସ୍ତ ଅସନ୍ତୋଷ ମୀନାର କଥା ଶୁଣି ପାଣି ଫାଟି ଗଲା । ଅଫିସ ନ ଯାଇ ସେଦିନ ମୁଁ ଯାଇଥିଲି ପ୍ରମଥବାବୁଙ୍କ ଘରକୁ । ପ୍ରମଥବାବୁ ସ୍କୁଲକୁ ଯାଇଥିଲେ । ସୁଷମାଦେବୀ ଝିଅକୁ ଦେଖି ପଚାରିଥିଲେ, ଆମେ ଖୋଜି ଖୋଜି ଥକି ପଡ଼ିଲୁଣି, ଏ ଥିଲା କୋଉଠି ?

ମୁଁ ମୀନାର ମୁଣ୍ଡକୁ ଆଉଁସି ଦେଉ ଦେଉ ଉତ୍ତର ଦେଇଥିଲି, ମୋ ଅଜାଣତରେ ସେ ମୋ ଗ୍ୟାରେଜ ଭିତରେ କାର୍‌ରେ ଶୋଇଥିଲା । ଆପଣ କିନ୍ତୁ ତାକୁ ସେଥିପାଇଁ ଗାଳିଦେବେ ନାହିଁ ।—ଭିକ୍ଷୁକ ଭଳି ମୀନା ପାଇଁ ସୁଷମାଦେବୀଙ୍କ ପାଖରେ ମୁଁ ସହାନୁଭୂତି ଭିକ୍ଷା କରିଥିଲି ।

ଗଭୀର ମମତାରେ ସୁଷମାଦେବୀଙ୍କ ଆଖିପତା ଭରି ଭରି ହୋଇ ଉଠିଲା । ମୀନାକୁ କୋଳକୁ ନେଇ ସେ ମୁଣ୍ଡ ତଳକୁ କରି ମୋ ଉଦ୍ଦେଶ୍ୟରେ କହିଥିଲେ, ପିଲାଦିନୁ ସେ ପାଠକୁ ଡରୁଚ, ବଡ଼ଦିନେ

ହୁଏ ତ ସେ ସଂସାରକୁ ତରିବ । ଆଜି ସିନା ମାଆ ବୋଲି ମୁଁ କିଛି କହିବି ନାହିଁ, ବଡ଼ଦିନେ ସଂସାରରେ କିଏ ତାର ସାହା ହେବ ?

କାର୍ ବୁଲାଇଲାବେଳେ ମୁଁ ଉତ୍ତର ଦେଇ ଆସିଥିଲି, ଆପଣ ଦେଖିବେ, ମୀନା ଭାଗ୍ୟବତୀ ଝିଅ । ବଡ଼ ହେଲେ ସେ ସୁଖୀ ହେବ ।

ଚିକିତ୍ସକ ଜୀବନର ଦୈନନ୍ଦିନ ଜଞ୍ଜାଳ ଭିତରେ ମୁଁ ମୀନାକୁ ଭୁଲି ଯାଇଥିଲି । ପ୍ରମଥବାବୁ ଓ ସୁଷମାଦେବୀଙ୍କ କଥା ମଧ୍ୟ ମୋର ପାସୋରି ଯାଇଥିଲା ; କିନ୍ତୁ ତା ଆରଦିନ ସକାଳୁ ହଠାତ୍ ଫାଟକ ପାଖରେ ମୀନାକୁ ଦେଖି ଅବାକ୍ ହୋଇଗଲି ।

ପୁଣି କଅଣ ପାଇଁ ସେ ଫାଟକ ପାଖରେ ଠିଆହୋଇଛି ?

ଆରେ—ତୁ ପୁଣି କୁଆଡ଼େ ?

ସାନ ସାନ ଗୋଲାପି ପାଦରେ ଘାସପଡ଼ିଆ ଡେଇଁ ଡେଇଁ ସେ ମୋ ପାଖକୁ ଆସିଥିଲା । ବାମ ହାତ ପାପୁଲିକୁ ମୋ ଆଗରେ ମେଲି ଦେଇ ଗେହ୍ଲେଇ ହୋଇ କହିଥିଲା, ଡାକ୍ତରବାବୁ ! ଆପଣ ତ କାଲି କହୁଥିଲେ ମୁଁ କୁଆଡ଼େ ଭାଗ୍ୟବତୀ ଝିଅ । କହନ୍ତୁ ନା ମୋ ହାତରେ କେଉଁଠା ମୋର ଭାଗ୍ୟରେଖା !

ମୀନାର ସେ କଥା ଶୁଣି ମୁଁ ବିସ୍ମୟରେ ବିମୂଢ଼ ହୋଇ ଯାଇଥିଲି । ପାଠପଢ଼ାରେ ମନ ଦେଇ ନ ଥିଲେ ବି ବେଶ୍ ବୁଦ୍ଧିମତୀ ଝିଅ । ଜ୍ୟୋତିଷଶାସ୍ତ୍ରରେ ମୋର ପ୍ରାଥମିକ ଜ୍ଞାନ ନ ଥିଲେ ସୁଦ୍ଧା ତାକୁ ଖୁସି କରିବା ପାଇଁ ତା ହାତପାପୁଲିର ଗୋଟିଏ ଦୀର୍ଘତମ ରେଖାକୁ ଇଙ୍ଗିତ କରି କହିଥିଲି, ଏଇ ରେଖା ତୋର ଭାଗ୍ୟରେଖା··ତୁ ବଡ଼ ଦିନେ ଖୁବ୍ ସୁଖୀ ହେବୁ ।

ସେ ଦିନ ମୋ କଥାକୁ ବିଶ୍ୱାସ କରିଥିଲା ମୀନା । ତା ବାମ-ହାତ ପାପୁଲିର ସେଇ ରେଖାକୁ ସାଙ୍ଗମାନଙ୍କୁ ଦେଖାଇବା ପାଇଁ ଏଣେ ତେଣେ ଡେଇଁ ସେ ଦିନର ସୁନା ଝିଲ୍‌ମିଲ୍ ସକାଳକୁ ସେ ଉଦ୍ଭାସ ଅପରାହ୍ନରେ ପରିଣତ କରି ଦେଇଥିଲା !

ତା ପରେ ପ୍ରମଥବାବୁଙ୍କ ଘର ଓ ମୋ କ୍ୱାଟରକୁ ଦୁଇ ପଟେ ଆଡ଼େଇ ଦେଇ ଯେଉଁ ଅଣଓସାରିଆ ସଡ଼କ ବଜାର ପର୍ଯ୍ୟନ୍ତ ଲମ୍ବି

ଯାଇଥିଲା, ସେଇ ସଡ଼କ ଉପରେ ମୀନା ଏକ ସେତୁବନ୍ଧ ହୋଇ ମତେ ତାଙ୍କ ପରିବାର ସହ ଘନିଷ୍ଠ କରିଦେଲା ।

ସହରରୁ ଗୋଟାଏ ମଫସଲ ଅଞ୍ଚଳର ସବ୍‌ଡିଭିଜନାଲ୍ ହେଡ୍‌କ୍ୱାର୍ଟରକୁ ବଦଳି ହୋଇ ଆସିବା ପରେ ମୁଁ ଯେଉଁ ନିଃସଙ୍ଗତା ବୋଧ କରୁଥିଲି, ପ୍ରମଥବାବୁଙ୍କ ପରିବାର ସହ ଘନିଷ୍ଠ ହେବା ପରେ ସେ ନିଃସଙ୍ଗତା କ୍ରମେ କ୍ରମେ ମୋ ମନରୁ ଦୂର ହୋଇଗଲା । ମୋର ସ୍ୱଳ୍ପପରିମିତ ଅବସର ସମୟରେ ମୀନା ହେଲା ମୋର ଖେଳସାଥି !

ଆଉ ଠିକ୍ ଏଇ ସମୟର ସୁଷମାଦେବୀଙ୍କ ସେ ଦୁଃସାଧ୍ୟ ରୋଗ···!

ସୁଷମାଦେବୀଙ୍କ ଅସୁସ୍ଥତା ସମ୍ବାଦ ମତେ ପ୍ରଥମେ ଆଣି ଦେଇଥିଲା ମୀନା । ତା ପରେ ଦିନେ ଅର୍ଦ୍ଧରାତିରେ ପ୍ରମଥବାବୁ ମୋ ପାଖରେ ଅସହାୟ ଭାବରେ ଆସି କହିଲେ ; ଡାକ୍ତରବାବୁ ! ଟିକିଏ ଚାଲିଲ ଆସନ୍ତୁ । ମୀନାବୋଉ ଭାରି ଅସୁସ୍ଥ ।

ମୁଁ ସୁଷମାଦେବୀଙ୍କୁ ଦେଖିବାକୁ ଯାଇଥିଲି । ଔଷଧ ଦେଇଥିଲି; କିନ୍ତୁ ସେତେବେଳେ ତାଙ୍କ ରୋଗକୁ ଚିହ୍ନିବା ହଠାତ୍ ମୋ ପକ୍ଷରେ ସମ୍ଭବ ହୋଇ ନ ଥିଲା । କିନ୍ତୁ କିଛିଦିନର ଚିକିତ୍ସା ପରେ ରୋଗର ଲକ୍ଷଣ ଯେତେବେଳେ ମୋ ଆଖିରେ ସକାଳର ଆଲୋକ ଭଳି ସ୍ୱଚ୍ଛ ହୋଇ ଉଠିଲା, ମୁଁ ଲକ୍ଷ୍ୟ କଲି ଏକ ଆତଙ୍କ, ଉଦ୍‌ବେଗର ଘନ ଛାୟା ପ୍ରମଥବାବୁଙ୍କ ପରିବାରର ସମସ୍ତଙ୍କ ମୁହଁରେ ଆଚ୍ଛନ୍ନ ହୋଇ ଆସିଛି ।

ପ୍ରମଥବାବୁଙ୍କୁ ମୁଁ ପରାମର୍ଶ ଦେଇଥିଲି, ଆପଣ ସୁଷମାଦେବୀଙ୍କୁ ବମ୍ବେର କୌଣସି ହସପିଟାଲକୁ ନେଇ ଚିକିତ୍ସା କରନ୍ତୁ । ଏଠାରେ ସେଭଳି ସ୍ୱତନ୍ତ୍ର ଚିକିତ୍ସାଳୟ ନାହିଁ ।

ସେଦିନ ଫେରିଲାବେଳେ ମୀନା ପ୍ରଶ୍ନ କରିଥିଲା, ଡାକ୍ତର-ବାବୁ ! ବୋଉର କଅଣ ହୋଇଛି ? ବାପା କାନ୍ଦୁଛନ୍ତି ଯେ···!

ସରଳ, ନିରୀହ ଝିଅଟି ମୀନା !

ବାପାଙ୍କ କାନ୍ଦ ଦେଖି ସେ ବୁଝିଛି, ମାଆଙ୍କ ରୋଗ ସାଧାରଣ ନୁହେଁ ; ଅସାଧ୍ୟ ରୋଗ ।

ମୁଁ ତାକୁ ସାନ୍ତ୍ୱନା ଦେଇଥିଲି, ବୋଉ ଭଲ ହୋଇଯିବେ । ତୁ ବ୍ୟସ୍ତ ହୁଅ ନାହିଁ ।

ମୀନା ମତେ ବିଶ୍ୱାସ କରିଥିଲା । ତାର ଅଜ୍ଞତା ତାକୁ ସାହାଯ୍ୟ କରିଥିଲା ଧୈର୍ଯ୍ୟ ଧରିବା ପାଇଁ !

ବମ୍ବେ ଯିବା ପାଇଁ ଅବଶେଷରେ ସ୍ଥିର କରିଥିଲେ ପ୍ରଥମବାବୁ । ମତେ କହିଯାଇ ଥିଲେ, ଘରେ ବୃଦ୍ଧା ଜନନୀ ଆଉ ଏ ଝିଅ ମୀନା । ମୀନାକୁ ସାଙ୍ଗରେ ନେବା ସମ୍ଭବ ନୁହେଁ । ଆପଣ ତା କଥା ବୁଝିବେ । ତା ବୋଉଙ୍କ ଦେହ କଥା ମୁଁ ଆପଣଙ୍କୁ ଲେଖିବି ।

ଯିବା ଆଗରୁ ସୁଷମାଦେବୀ ଥରେ ମୀନାକୁ ଏବଂ ଆଉ ଥରେ ମତେ ଚାହିଁ କଂପିତ କଣ୍ଠରେ କହିଥିଲେ, ଆପଣ ସେଦିନ କହିଥିଲେ ମୀନା ଭାଗ୍ୟବତୀ ଝିଅ । ଆପଣଙ୍କ କଥାକୁ ବିଶ୍ୱାସ କରି ମୁଁ ବମ୍ବେ ଯାଉଛି ।

ମୁଁ ସୁଷମାଦେବୀଙ୍କୁ କିଛି ଉତ୍ତର ନ ଦେଇ ମୀନାକୁ କେବଳ କୋଳକୁ ଟେକି ନେଇଥିଲି ।

ସେମାନେ ବମ୍ବେ ଚାଲିଗଲା ପରେ ମୀନା ପ୍ରାୟ ସବୁବେଳେ ମୋ ବସାରେ ରହୁଥିଲା । ପ୍ରତିଦିନ ଡାକବାଲା ଚିଠି ଦେଇଗଲେ ସେ ମତେ ପ୍ରଶ୍ନ କରୁଥିଲା, ଡାକ୍ତରବାବୁ ! ବାପା ଚିଠି ଦେଇଛନ୍ତି ? ବୋଉ କେମିତି ଅଛି ?

ଖୁବ ଭଲ ଅଛନ୍ତି । ବମ୍ବେ ସହରରେ କେତେ ବଡ଼ ବଡ଼ ଡାକ୍ତର ଅଛନ୍ତି । ସେ ଖୁବ୍ ଶୀଘ୍ର ଭଲ ହୋଇ ଫେରିଆସିବେ ।

—ମୁଁ ତାକୁ ମଧୁର ମିଥ୍ୟା କହି ସାନ୍ତ୍ୱନା ଦିଏ ।

ତା'ପରେ ସେ ମତେ ପ୍ରଶ୍ନ କରେ, ଡାକ୍ତର ବାବୁ ! ଆପଣ କାହିଁକି ବଡ଼ ଡାକ୍ତର ହେଲେ ନାହିଁ ? ଆପଣ-ଖାଲି-ଇ ଛୋଟିଆ କୁନ୍‌ମୁନ ଡାକ୍ତର । ନା !

କଥା କହିଲାବେଳେ ମୀନାର ଆଖିଡୋଳା ନାଚୁଥାଏ । ମୁଁ ତା କଥା ଶୁଣି ହସେ, କିଛି ଉତ୍ତର ଦିଏ ନାହିଁ ।

ସେମାନେ ବମ୍ବେ ଚାଲିଗଲା ପରେ ମୁଁ ମୀନା ଠାରେ ଏକ ବିଚିତ୍ର ପରିବର୍ତ୍ତନ ଲକ୍ଷ୍ୟ କରିଥିଲି । ସୁଷମାଦେବୀଙ୍କ ମାଡ଼ଗାଳିର ଭୟ ନ ଥିଲେ ସୁଦ୍ଧା ସେ ନିୟମିତ ସ୍କୁଲକୁ ଯାଉଥିଲା । ଘରକୁ ଫେରିଲେ କୁଆଡ଼େ ବୁଲି ନ ଯାଇ ବହିପତ୍ର ଧରି ପାଠ ପଢ଼ୁଥିଲା ।

ଦିନେ ମୁଁ ଡାକ୍ତରଖାନାରୁ ଫେରି ଦେଖିଲି, ସେ ମୋ ଶୋଇବାଘର ପଲଙ୍କ ଉପରେ ବସିଛି । ମୋ ବିଛଣା ତଳେ ଅନେକ ପ୍ଲାଷ୍ଟିକ୍ ଖେଳନା ସଜା ହୋଇଛି ।

ମତେ ଦେଖି ସେ ଆନନ୍ଦରେ କୁରୁଳି ଉଠିଲା ।

କହିଲା, ଡାକ୍ତରବାବୁ ! ମୁଁ କ୍ଲାସ୍‌ରେ ଫାଷ୍ଟ ହୋଇ ଏ ଖେଳନା ସବୁ ପ୍ରାଇଜ୍ ପାଇଛି । ବୋଉ ଆସିଲେ ଆପଣ ତାଙ୍କୁ କହିବେ, ମୁଁ ମୋଟେ ବୁଲାବୁଲି କରୁ ନି । ଭଲ ପଢ଼ୁଛି । ପ୍ରାଇଜ୍ ପାଇଛି । ସେ ମୋ ଉପରେ ଆଉ ରାଗିବ ନାହିଁ ।

ମୁଁ ମୀନାକୁ ଚାହିଁଥିଲି, ଆଉ ଝରକା ବାଟେ ଚାହିଁଥିଲି ମୋ ବଗିଚାକୁ । ବଗିଚାରେ ଅନେକ ଫୁଲ ଫୁଟିଥିଲା । ଗୋଟାଏ ଦୁଇଟା ପ୍ରଜାପତି ମଧ୍ୟ ଇତସ୍ତତଃ ଭାବେ ଉଡ଼ି ବୁଲୁଥିଲେ । କେଉଁଠି ନିହତ-ଅପରାହ୍‌ଣର ଖରା ଅଣେଇ ହୋଇ ବଗୁଡ଼ି ପଡ଼ୁଥିଲା ତ ଆଉ କେଉଁଠି ପତ୍ର ଫାଙ୍କରେ ଶୀତଳ ଛାଇ ଥରି ଥରି ନାଚୁଥିଲା !

ତାର ଦୁଇ ଦିନ ପରେ ପ୍ରମଥବାବୁଙ୍କ ଚିଠି ଆସିଥିଲା ।

ସେଥିରେ ସୁଷମାଦେବୀଙ୍କ ସ୍ୱାସ୍ଥ୍ୟ ଅବନତି ସମ୍ପର୍କରେ ଅନେକ ଉଦ୍‌ବେଗଜନକ ଘଟଣାର ବର୍ଣ୍ଣନା ଥିଲା । ମୁଁ ସେ ରୋଗର ଲକ୍ଷଣ ଓ ପରିଣତି ଜାଣିଥିଲି । ତେଣୁ ସେ ଚିଠି ପଢ଼ି ମୁଁ ଅବାକ୍ ହୋଇ ନ ଥିଲି ।

କିନ୍ତୁ ମୀନାର ମୁହଁକୁ ଚାହିଁଦେଲେ ମୋ ଛାତି ଭିତର ପ୍ରକମ୍ପିତ ହୋଇ ଉଠୁଥିଲା । ସେ ଦିନ ମୀନା ପଚାରିଲା; ଡାକ୍ତରବାବୁ ! ବୋଉକୁ କଣ ସେଠାରେ ଇଞ୍ଜେକ୍‌ସନ ଦିଆଯାଉଛି ? ଇଞ୍ଜେକ୍‌ସନ ନେଲେ ବୋଉର ଭାରି କଷ୍ଟ ହୁଏ···

ମୁଁ ତାକୁ କୋଳରେ ଚାପି ଧରି ନିଜ ସ୍ନେହର ଉଷ୍ମତାରେ ତା ସନ୍ଦେହର ଶୀତଳତାକୁ ଦୂର କରିବାକୁ ସେ ଦିନ ଚେଷ୍ଟା କରିଥିଲି ।

ତାର ସପ୍ତାହକ ପରେ ପ୍ରମଥବାବୁଙ୍କ ଟେଲିଗ୍ରାମ ଆସିଥିଲା ।

ଅସାଧ କର୍କଟରୋଗର ଅତ୍ୟାଚାରରୁ ସୁଷମାଦେବୀଙ୍କୁ ଡାକ୍ତରମାନେ ରକ୍ଷା କରି ପାରିଲେ ନାହିଁ । ମୁଁ ଟେଲିଗ୍ରାମ ପାଇ ଦୁଃଖିତ ହୋଇଥିଲି କିନ୍ତୁ ବିସ୍ମିତ ହୋଇ ନ ଥିଲି । ଏ ଭଳି ଏକ ଟେଲିଗ୍ରାମ୍ ଯେ ଯେକୌଣସି ଦିନ ଆସିପାରେ, ତା ମୋ ପକ୍ଷରେ ଥିଲା ଏକ ଅବଧାରିତ ସତ୍ୟ ।

କିନ୍ତୁ ମୀନା !

ମୀନା ଏଥର ପଚାରିଲେ ମୁଁ ତାକୁ କଣ କହି ବୁଝାଇବି ?

ଫାଟକ ବାହାରେ କଣ ଗୋଟାଏ ଗଣ୍ଡଗୋଳ ହେଲା ଭଳି ମତେ ଶବ୍ଦ ଶୁଣାଗଲା । ମୁଁ ବାହାରକୁ ଉଠି ଆସି ଦେଖିଲି ଏକ ବିଚିତ୍ର ଦୃଶ୍ୟ ।

ଫାଟକ ପାଖରେ ଅପରାଧୀଟି ଭଳି ଠିଆ ହୋଇଛି ମୀନା ଆଉ ତାର ଜଣେ ଅନ୍ତରଙ୍ଗ ଖେଳ ସାଥି ପାଟିକରି କାନ୍ଦୁଛି ।

ମୀନା ! ତାର କଅଣ ହେଲା ?

କାନ୍ଦୁଥିବା ଝିଅଟି କାନ୍ଦ ବନ୍ଦ କରି କହିଲା, ମୀନା ମତେ ମାରୁଛି ।

ମୀନାକୁ ମୁଁ ହାତଠାରି ଡାକିଲି ।

ସେ ମୁଣ୍ଡ ତଳକୁ ପୋତି ଲଘୁ ପଦକ୍ଷେପରେ ମୋ ପାଖକୁ ଆସିଲା ।

ମୁଁ ତାକୁ ପଚାରିଲି, ତୁ ତୋ ନିଜ ସାଙ୍ଗକୁ ମାରିଲୁ ?

ମୀନା ମୋ କଥାର କିଛି ଉତ୍ତର ଦେଲା ନାହିଁ । କେବଳ ନିଜ ବାମ ହାତ ପାପୁଲିଟା ମେଲା କରି ମୋ ମୁହଁ ପାଖରେ ଦେଖାଇଲା । କିଟିମିଟି କଳା ଫାଉଣ୍ଟେନ ପେନ୍ କାଳିରେ ତା ହାତ ପାପୁଲିଟା ଭିଜି ଯାଇଛି ।

ତଥାପି ମୁଁ କିଛି ବୁଝି ନ ପାରି ପଚାରିଲି, କଅଣ ହେଲା ?

ମାରିଲିତ ଭଲ କଲି । ସେ କାହିଁକି ସ୍ୟାହି ବୋତଲ ମୋ ପାପୁଲି ଉପରେ ଢାଳି ଦେଲା ? ଡାକ୍ତର ବାବୁ ! ଦେଖନ୍ତୁ ନା ମୋ ଭାଗ୍ୟରେଖା ମୋଟେ ଦେଖା ଯାଉନି—। କଥା ଶେଷ କରିବା ଆଗରୁ ମୀନା ମୋ ଗୋଡରେ ମୁହଁ ଯାକି କାନ୍ଦିଲା ।

ମୁଁ ତା ମୁହଁ ଉପରେ ଝୁଙ୍କି ପଡ଼ିଥିବା ଚୂନା ଚୂନା ବାଳଗୁଡ଼ିକୁ ସଜାଡ଼ି ଦେଲି । ତା ଆଖିର ଲୁହ ପୋଛି ଦେଲି । ତା ପରେ ନମ୍ର କଣ୍ଠରେ ଶ୍ଳୋକ ଉଚ୍ଚାରଣ କଲାଭଳି କହିଲି, ମୀନା ! କାଳିରେ ଭାଗ ଲିଭିଯାଏ, ଭାଗ୍ୟ ଲେଖା ଲିଭେ ନାହିଁ । କିନ୍ତୁ ତୁ ଏକ ହତଭାଗିନୀ ଝିଅ ।

ଶେଷ ବାକ୍ୟଟା ଉଚ୍ଚାରଣ କଲାବେଳେ ମୋ କଣ୍ଠସ୍ୱର ଥର ଥର ହୋଇ ଉଠୁଥିଲା । ଆଉ ମୀନାର ଆଖିରୁ ଝରୁଥିଲା ଝର ଝର ଲୁହ ।

# ଉତ୍ତାପ

|| ଏକ ||

ସେମାନେ ଦୁହେଁ ମିଶି ସ୍ଥିର କରିଥିଲେ ଯେ ଲକ୍ଷ୍ୟହୀନ ଭାବରେ ଟ୍ରେନ୍‌ରେ ଭ୍ରମଣ କରିବେ, କାରଣ ଯାତ୍ରାର ଲକ୍ଷ୍ୟ ନିର୍ଦ୍ଦିଷ୍ଟ କରିଦେଲେ ଯାତ୍ରାଟା ନିହାତି ବିରକ୍ତିକର ହୋଇ ଉଠିବ । ଅନିର୍ଦ୍ଦିଷ୍ଟ ଲକ୍ଷ୍ୟହୀନ ଯାତ୍ରା ବେଶ୍ ରୋମାଣ୍ଟିକ୍ ଏବଂ ମୁଣ୍ଡ ଭିତରକୁ ଗୁଡ଼ାଏ ଚିନ୍ତା ଆମଦାନୀ କରିବା ପାଇଁ ଏହା ମନ ଭିତରେ ଅନେକ ଗୁଡ଼ାଏ ବନ୍ଦ ଝରକା ସଶବ୍ଦରେ ଉନ୍ମୁକ୍ତ କରିଦିଏ ବୋଲି ମଧ୍ୟ ସେମାନଙ୍କର ଏହି କେତେଦିନ ହେଲା ଏକ ବଦ୍ଧମୂଳ ଧାରଣା ହୋଇ ଯାଇଥିଲା । ଅଥଚ ସେଦିନ ଟ୍ରେନ୍‌ରେ ଗଲାବେଳେ ସେମାନେ ସାଙ୍ଗରେ କଅଣ ନେବେ ଏଥିପାଇଁ ଦୁହିଁଙ୍କ ଭିତରେ ଖଣ୍ଡମତ ଝଗଡ଼ା ହୋଇଗଲା । ଯେତେହେଲେ ବି ଡଲିଝିଅ— ସେ ସବୁ କଥାକୁ ଅନିର୍ଦ୍ଦିଷ୍ଟ କରି ଛାଡ଼ି ଦେବାକୁ ପ୍ରସ୍ତୁତ ନୁହେଁ, କିନ୍ତୁ ଅଣ୍ଡା ସିଝା ଆଉ ଫ୍ଲାସ୍କରେ କଫି ଭର୍ତ୍ତି କରିନେବା କଥାଟା ସେ ନିଜେ ସିଦ୍ଧାନ୍ତ କରି ବସିଲା । ସେ ସମ୍ପର୍କରେ ବିକାଶର କୌଣସି ସଂଶୋଧନ ପ୍ରସ୍ତାବ ଗ୍ରହଣ କରିବାକୁ ସେ ସମ୍ପୂର୍ଣ୍ଣ ଅନିଚ୍ଛୁକ । ଆଲୋଚନା କରି ସମାଧାନ କରିବା ଲାଗି କେବଳ ରହିଲା ପୋଷାକ—ସେ ଦିନ କିଏ କି ପୋଷାକ ପିନ୍ଧି ଯିବ । ବିକାଶର ଇଚ୍ଛା ସେ ଗୋଟିଏ ସୁଏଟର, ଟେରି ଉଲ୍‌ର ପ୍ୟାଣ୍ଟ ଓ ଲମ୍ବା ଓଭର୍ କୋଟ୍ ନେବ ଏବଂ ଡଲି କେବଳ ଶାଢ଼ୀ ସାଙ୍ଗରେ ଗୋଟାଏ ସ୍କାର୍ଫ ନେଲେ ଚଳିବ କାରଣ ଡିସେମ୍ବର ଶେଷ ଦିନ ଗୁଡ଼ିକରେ ମଧ୍ୟ ଖରାର ତେଜ ଖୁବ୍ ଶୀତଳ ହୋଇନାହିଁ । କୋଲମରା ଜାଡ଼ କହିଲେ ଯେଉଁ ଉପୁଙ୍କର ଶୀତାର୍ତ୍ତ ଶିତ୍କାର ଦେହରେ ଉଷ୍ଣ ଶୋଣିତ ଗ୍ରନ୍ଥିରେ ବିଦ୍ୟୁତ୍ ବେଗରେ ସଞ୍ଚରିତ ହୋଇଯାଏ ସେପରି ଶୀତ କଟକ ସହରକୁ ଏପର୍ଯ୍ୟନ୍ତ ସୁଦ୍ଧା ଆକ୍ରମଣ କରିନାହିଁ । ସ୍କାର୍ଫ ନେବାପାଇଁ ଡଲିର କିନ୍ତୁ ଆକଣ୍ଠ ଅନିଚ୍ଛା । "ଯାଃ, ଆଜିକାଲି କିଏ ସ୍କାର୍ଫ ଘୋଡ଼ି ହୁଏ ! ଏସବୁ ଗତ ଦଶକରରୁ··· । [illegible] ମୁଁ ବି ଗୋଟାଏ

କୋଟ୍ ନେଲେ କପର ହୁଅନ୍ତା ? ଅବଶ୍ୟ ମୋ କୋଟ୍ ଖୁବ୍ ଗରମ··· ସେଣ୍ଟପରସେଣ୍ଟ ଉଲ୍, ଯଦ ଶୀତ ଅଳ୍ପ ହୁଏ ତେବେ ଦେହରେ ନ ଗଳାଇ ମୁଁ ତାକୁ କାନ୍ଧରେ ଝୁଲାଇ ଦେଇପାରେ······।" କଥା ଶେଷ କର ଉଲ ଆଖି କୋଣରେ ଚମତ୍କାର ଭାବରେ ହସିଥିଲା । ଉଲ କୋଟ୍ ପିନ୍ଧଲେ ତା ତରୁଣୀ ଦେହର ଲୋଭନୀୟ ଅଙ୍ଗରେଖାଗୁଡ଼ାକ ସମତଳ ହୋଇଯାଏ । ସେଥିପାଇଁ ଏଥର ସେ ଟ୍ରେନ୍‌ରେ ଗଲାବେଳେ ସେ ଲମ୍ବା କୋଟଟା ନ ନେଉ, ଏହାହିଁ ଥିଲା ବିକାଶର ଇଚ୍ଛା । କାରଣ ତାର ଭୟ ହେଉଥିଲା ଯେ ରାତି ଟ୍ରେନ୍‌ରେ ଉଲର ସେ ସ୍ନାୟୁ-ଉତ୍ତେଜକ ଦେହ ରେଖାଗୁଡ଼ିକ ଅସ୍ପଷ୍ଟ ହୋଇଗଲେ ତାକୁ ଭୀଷଣ ଶୀତ ହୋଇପାରେ ଏବଂ ସେଥିପାଇଁ କେବଳ ଉଲେନ୍ ଶାଲ୍ ବଦଳରେ ତାକୁ ଆଉ ଗୋଟାଏ ମୋଟା ରେଜେଇ ସାଙ୍ଗରେ ବହନ କରିବାକୁ ପଡ଼ିପାରେ । କିନ୍ତୁ ଉଲ କଥାର ସେ ପ୍ରତିବାଦ କରିବ କି ନାହିଁ ସେ କଥା ସେ ଅନେକ ସମୟ ନୀରବରେ ଚିନା ବାଦାମର ଖୋଳପା ଛଡ଼ାଇ ଛଡ଼ାଇ ଭାବିଲା ଏବଂ କେଉଁ ଏକ ଘନ ଅନ୍ଧକାରାଚ୍ଛନ୍ନ ଭୌତିକ ଉପ ଗଳିରେ ଆଲୁଅ ଆସୁ ହଠାତ୍ ଆଲୋକ ଦେଖି ଆଶାନ୍ୱିତ ହୋଇ ପଡ଼ିଲା ଭଳି ସେ ଉତ୍ଫୁଲ୍ଲ ଦେଖାଗଲା । ତାର ଧାରଣା ହେଲା, ସେ ସ୍ଲିପିଂ କଂପାର୍ଟମେଣ୍ଟରେ ଯଦି କେହି ସୁଦର୍ଶନ ତରୁଣ ଥିବେ ଶୀତ ହେଉଥିଲେ ବି ଉଲ କେବେହେଲେ ସେ କୋଟ୍ ପିନ୍ଧିବ ନାହିଁ, ବରଂ କହିବ ମୋତେ ଭୀଷଣ ଗରମ ଲାଗୁଛି ଏବଂ ମୁଁ କୋଟଟା କାନ୍ଧରେ ଝୁଲାଇ ଦେଉଛି··· । କଥାଟା ଚିନ୍ତାକରି ବିକାଶ ଖୁବ୍ ଆନନ୍ଦିତ ହେଲା କାରଣ ସେ ଜାଣିଥିଲା ଉଲର ପରିପୁଷ୍ଟ ଯୌବନ କେମିତି ପ୍ରତ୍ୟେକ ପୁରୁଷର ରକ୍ତର ଅରଣ୍ୟରେ ଯେ ଗୁଡ଼ାଏ ଉତ୍ତେଜନାର କେତେ ଫୁଲ ଫୁଟାଇ ଦିଏ, ସେ କଥା ତାଠାରୁ ଉଲ ଭଲକରି ଜାଣେ, ତେଣୁ !

॥ ଦୁଇ ॥

ଅବଶେଷରେ ସେମାନେ ଯେଉଁଦିନ ତୃତୀୟ ଶ୍ରେଣୀ ସଂରକ୍ଷିତ ସ୍ଲିପିଂ କଂପାର୍ଟମେଣ୍ଟରେ (କେଉଁ ଏକ ନୂତନ ମହାଦେଶ ଆବିଷ୍କାର କରିବାର ଝୁଙ୍କ ନେଇ ଲକ୍ଷହୀନ ଭାବରେ ସମୁଦ୍ରଯାତ୍ରୀ ଭଳି !) ଉଠି-

ପଡ଼ିଲେ, ସେତେବେଳକୁ କଷ୍ଟକର ଗ୍ରହିତା ସଦ୍ୟ ଜାଗ୍ରତ ରାଜକନ୍ୟା ଭଳି ଶୀତର ସ୍ପର୍ଶରେ ଜଡ଼ ସଡ଼ ହୋଇ ଯାଇଥିଲା । ଆଉ ଓଲି ଯେତେବେଳେ ବିକାଶ ଓଠରେ ଚିପି ଧରିଥିବା ସିଗାରେଟ୍‌ରେ ଅଗ୍ନି ସଂଯୋଗ କରିବା ପାଇଁ ଡିଆସିଲି କାଠି ଝୁଙ୍କି ପଡ଼ିଲା, ସେତେବେଳେ ବିକାଶ ଦେଖିନେଲା ଅନୁମାନ ତାର ଅଭ୍ରାନ୍ତ । ପରିଧେୟ ଓ ପ୍ରସାଧନର କଳା କୌଶଳରେ ନିଜ ଦେହରେଖା ଗୁଡ଼ିକ ବଙ୍କିମିତ କରିବାପାଇଁ ସେ କୌଣସି ତ୍ରୁଟି କରିନାହିଁ । ବିକାଶ ଚେଷ୍ଟାକରି ମଧ୍ୟ ନିଜ ମୁହଁରେ ସେ ପ୍ରଗଲ୍‌ଭ ହସକୁ ସଂଯତ କରି ପାରିଲା ନାହିଁ । ତାର ସେ ହସ ଓଲିକୁ ଏପରି ଭାବରେ ଚମକାଇ ଦେଲା ଯେ, ତା ହାତର ସେ ଡିଆସିଲି କାଠିଟି ଜଳି-ଉଠି ଲିଭିଗଲା ଏବଂ ସେ ବିସ୍ମୟରେ ପ୍ରଶ୍ନକଲା, "ହସିଲ କାହିଁକି ?" ଯେଉଁମାନେ ବିବାହ ଆଗରୁ ପ୍ରେମ କରନ୍ତି, ସାଧାରଣତଃ ସେମାନଙ୍କୁ ଅନେକସମୟରେ ଅଯଥାରେ ମିଥ୍ୟା କହିବାକୁ ହୁଏ । ବିକାଶକୁ ସେ କଥା ଜଣାଥିଲା । ସେଥିପାଇଁ କୌଣସି ପାପବୋଧରେ ବିଚଳିତ ନ ହୋଇ ସେ ଉତ୍ତର ଦେଲା, "ମୁଁ ଭାବୁଥିଲି ମୋ ସିଗାରେଟ୍‌ରେ ଅଗ୍ନି ସଂଯୋଗ କରି ତମେ କଅଣ ମୋ ମନରେ ଉତ୍ତାପ ସଂଚାର କରି ପାରିବ ?" ଏଥର ବିକାଶ ଓଠର ହସ ଓଲି ଓଠକୁ ସଂକ୍ରମିତ ହୋଇଗଲା ଏବଂ ସେ ଦୁହେଁ ନିର୍ଭୟରେ, ନିଃସଙ୍କୋଚରେ ଓଠରେ ହସିବା ଅପେକ୍ଷା ଆଖି କୋଣରେ ବେଶି ବେଶି ହସିବାକୁ ଲାଗିଲେ । ସେମାନଙ୍କର ସେ ଆଖିକୋଣର ହସ ଆଉ କିଛି ସମୟ ସ୍ଥାୟୀ ହୋଇଥାଆନ୍ତା, ଯଦି ଠିକ୍ ସେହି ସମୟରେ ସେମାନଙ୍କର ଶଯ୍ୟା-ସଂଲଗ୍ନ ଆଉ ଦୁଇଟି ଶୂନ୍ୟ ଶଯ୍ୟାକୁ ଅଧିକାର କରିବା ପାଇଁ ଗୋଟିଏ ପ୍ରୌଢ଼ ମାରୱାଡ଼ି ଦମ୍ପତି ଆସି ନଥାନ୍ତେ । ସେମାନଙ୍କୁ ଦେଖିବା ମାତ୍ରେ ବିକାଶର ଧାରଣା ହୋଇଗଲା ଯେ ସେ ମାରୱାଡ଼ି ଦମ୍ପତି ନିଶ୍ଚୟ ତୀର୍ଥଯାତ୍ରୀ । ଖୁବ୍ ସମ୍ଭବତଃ ହରିଦ୍ୱାର କିମ୍ବା ଲଛମନ୍‌ଝୋଲାରୁ ସୁଲଭରେ କିଛି ପୁଣ୍ୟ ସଂଗ୍ରହ କରିବା ପାଇଁ ସେମାନେ ଯାତ୍ରା କରୁଛନ୍ତି । ନିଜ କଂପାର୍ଟମେଣ୍ଟରେ କୌଣସି ଫେମିଲି ଯୌବନା ତରୁଣୀ କିମ୍ବା ସୁଦର୍ଶନ ତରୁଣ ଜଣେ ନ ଦେଖି ତା ମନରେ ଯେଉଁ ଅକାରଣ ବୈରାଗ୍ୟ ସୃଷ୍ଟି ହୋଇଥିଲା, ମାରୱାଡ଼ି ଦମ୍ପତିଙ୍କର ପୁଣ୍ୟ ସଂଚୟ ଯୋଜନା କଥା ଭାବି ସେ ବୈରାଗ୍ୟଭାବ ଆକସ୍ମିକ ଭାବରେ

ଅନୁକମ୍ପାରେ ପରିଣତ ହୋଇଗଲା । ଆହା ! ବିଦେଶୀ ଜୀବନର ଧୂସର ଅପରାହ୍ନରେ ପୁଣ୍ୟ ପାଇଁ କିପରି ସେମାନେ ଗ୍ରେଟ ପିଲା ଭଳି ବ୍ୟାକୁଳ ! ଡଲି ଏ ସମୟରେ ଫ୍ଲାସ୍କରୁ ଚାହା ଢାଳି କହିଲା, "କଅଣ ଭାବୁଛ ? ଟ୍ରେନ୍ ଛାଡ଼ିବା ଆଗରୁ ଚାହା ପିଇ କଣ୍ଠନଳୀ ଓଦା କରିନିଅ ।" ଚାହା କପ୍‌ରେ ଓଠ ଲଗାଇବା ଆଗରୁ ବିକାଶ ଉତ୍ତର ଦେଇଥିଲା, "ମୁଁ ଏ ପ୍ରୌଢ଼ ଦମ୍ପତିଙ୍କ କଥା ଭାବୁଛି । ଆମ ଦୁହିଁଙ୍କୁ ବି ଦିନେ ଏମିତି ପ୍ରୌଢ଼ ହୋଇ-ଯିବାକୁ ହେବ ଏବଂ ଆମଠାରେ ମଧ୍ୟ ଧର୍ମ ସଂଚୟ ପାଇଁ ଆକୁଳତା ପ୍ରକାଶ ପାଇବ । ସେଦିନ କିନ୍ତୁ ଯାତ୍ରାର ଲକ୍ଷ୍ୟସ୍ଥଳ ଅନିର୍ଦ୍ଦିଷ୍ଟ କରି ହେବ-ନାହିଁ । ଆଃ, କି ଯନ୍ତ୍ରଣା !" ଜୀବନ ଯନ୍ତ୍ରଣାର ସେ ସ୍ୱରଲିପି ଡଲି କାନକୁ ବି ଭାରି ଖାପ୍‌ଛଡ଼ା ଶୁଭିଲା । ସେ କହିଲା, "ତମେ ଭାରି ସେଣ୍ଟିମେଣ୍ଟାଲ । ଭବିଷ୍ୟତ କଥା କାହିଁକି ଏତେ ଭାବୁଛ ଶୁଣେ ! ମୁଁ ବୁଢ଼ୀ ହୋଇଗଲେ ବି ତମେ କେବେ ବୁଢ଼ା ହେବ ନାହିଁ । ତମକୁ ତ ମୁଁ ତିନିବର୍ଷ ହେଲା ସେମିତି ଦେଖି ଆସୁଛି ।" ବିବାହ କରି ସାରିବା ପରେ ଝିଅମାନେ ଯେମିତି ସ୍ୱାମୀର ଦୋଷ ବାଛିବାରେ ଆନନ୍ଦ ପାଆନ୍ତି, ବିବାହ ପୂର୍ବରୁ ସେମିତି ସୁଖ ପାଆନ୍ତି ପ୍ରେମିକକୁ ପ୍ରଶଂସା କରିବାରେ । ବିକାଶ ସେ କଥା ଜାଣେ । ସେଥିପାଇଁ ସେ ଡଲିର କଥାପ୍ରତି କିଛି ଗୁରୁତ୍ୱ ଦେଲା ନାହିଁ । ଟ୍ରେନଟା ସେତେବେଳକୁ କେଉଁ କ୍ଷୀଣ-ମଧ୍ୟା-ରମଣୀ ଭଳି ଦୋହଲି ଦୋହଲି ଚାଲିବାକୁ ଆରମ୍ଭ କରିଛି । ସେ ମାରଓ୍ୱାଡ଼ି ଦମ୍ପତି ଦେହରେ କମ୍ବଳ ଢାଙ୍କି ଶୋଇଗଲେଣି । ବିକାଶ ମଧ୍ୟ ବିଛଣା ବିଛାଇଲା ଓ ଡଲିକୁ ଶୋଇବା ଲାଗି ଇଙ୍ଗିତ ଦେଲା । ମୁଖ ଭଙ୍ଗୀ କରି ଡଲି କହିଲା ନା— ଶୋଇବାକୁ ଇଚ୍ଛା ନାହିଁ । ବିକାଶ ପଚାରିଲା, "କାହିଁକି ?" ଡଲି ହଠାତ୍ ଆସି ବିକାଶର ମୁଣ୍ଡ ପାଖରେ ଠିଆ ହେଲା । ପଚାରିଲା, "ଜାଣିଛ ! କାଲି କ୍ରିସ୍‌ମାସ ! ଡିସେମ୍ବର ପଚିଶ ! ମୁଁ ଏଇ ପ୍ରଥମ ଥର କ୍ରିସ୍‌ମାସ୍‌ରେ ଘର ଛାଡ଼ି ବାହାରକୁ ଆସିଲି ।" ଡଲିର କଥାରେ କିନ୍ତୁ ବିକାଶର ମୁହଁରେ କୌଣସି କୃତଜ୍ଞତା-ବୋଧର ଚିହ୍ନ ନାହିଁ । ଡଲି ଜାଣେ ବିକାଶ ସବୁଦିନେ ସେମିତି । ସେ ଢୋକ ଗିଳି କହିଲା, "ତମକୁ ଗୋଟିଏ ପ୍ରଶ୍ନ ପଚାରିବି ।" ବିକାଶର ମନେହେଲା ଝଡ଼ ଆସୁଛି । ଡଲି ପଚାରିଲା, "ଏମିତି କେତେଦିନ ଚାଲିବ ? ଆମେ କଅଣ ବିବାହ କରିବା ନାହିଁ ?" ଖୁବ୍ ବ୍ୟସ୍ତ ହେଲାଭଳି ବିକାଶ କହିଲା, "ମୋତେ ଭାରି ନିଦ ମାଡ଼ୁଛି ।"

## ॥ ତିନି ॥

ଆଖି ବୁଜିଲେ ନିଦ ଆସେ ନାହିଁ । ଚେଷ୍ଟା କଲେ ମଧ୍ୟ ନୁହେଁ । ଅଥଚ ବିକାଶ ଶୋଇବାର ଚେଷ୍ଟା କରୁଥିଲା ଏବଂ ଆଖି ବୁଜିଥିଲା । ଡଲି ହୁଏତ ଶୋଇବାକୁ ଚେଷ୍ଟା କରୁଥିବ—ନ ହେଲେ ଝରକା ବାଟେ ବାହାରକୁ ଚାହିଁଥିବ । ବିକାଶ ଭାବିଲା, ଏହା ମଧ୍ୟ ହୋଇପାରେ ସେ ବର୍ତ୍ତମାନ ଉପର ସିଟ୍‌ରୁ ଝୁଙ୍କିପଡ଼ି ତା ଆଡ଼କୁ କ୍ରୁଦ୍ଧ ଦୃଷ୍ଟିରେ ଚାହିଁଛି । କିନ୍ତୁ ସେ ଯେହେତୁ ତାକୁ ନିଦ ମାଡ଼ୁଛି ବୋଲି କହିଛି ସେ ଦୃଷ୍ଟିରୁ ପ୍ରକୃତରେ ସେ କଅଣ କରୁଛି ସେ କଥା ଜାଣିବା ପାଇଁ ବିକାଶ ଆଦୌ ଆଖି ଖୋଲୁନାହିଁ । କିନ୍ତୁ ଡଲିର ଶେଷକଥା ପଦକ ବର୍ତ୍ତମାନ ସୁଦ୍ଧା ତା ମନରେ ଆନ୍ଦୋଳନ ସୃଷ୍ଟି କରୁଛି ଏବଂ ସେଥିପାଇଁ ତାର ଖୁବ୍ ଅଶ୍ୱସ୍ତି ହେଉଛି । ଡଲି ବିବାହ ପାଇଁ ବ୍ୟଗ୍ର, କାରଣ ତାର ବୟସ ହୋଇ ଯାଉଛି । ଡଲିର ଯାହା ବୟସ ସେ ବୟସରେ ଝିଅମାନେ ସନ୍ତାନକୁ ସ୍ନେହ କରନ୍ତି ; ପରପୁରୁଷଙ୍କୁ ପ୍ରେମ କରନ୍ତି ନାହିଁ । କିନ୍ତୁ ପ୍ରଥମେ ଡଲି ଏମିତି ନ ଥିଲା । ବିବାହ କଥା କହିଲେ ସେ ଏକ କିଶୋରୀ କନ୍ୟାଭଳି ଆସ୍ତେ ଆସ୍ତେ ହସୁଥିଲା ଏବଂ କହୁଥିଲା, "ଯାଃ......ଏମିତି ମନ୍ଦ କଅଣ ?" ଶିକ୍ଷୟିତ୍ରୀ ହେବା ପରେ ସେ କେମିତି ଏବେ ଖୁବ୍ ଗମ୍ଭୀର ହୋଇ ଯାଇଛି ଏବଂ ବେଶି ବେଶି ବିବାହ କଥା କହୁଛି । ସମ୍ଭବତଃ ନୈତିକତା, ସାମାଜିକତା ପ୍ରଭୃତି ରକ୍ତଗତ ସଂସ୍କାର ଏବେ ତାକୁ ବେଶି ଆଚ୍ଛନ୍ନ କରିଛି । ସେଥିପାଇଁ ତା ପ୍ରେମରେ କିପରି ଏକ ଆଶ୍ଚର୍ଯ୍ୟଜନକ ଶୀତଳତା ଦେଖା ଦେଇଛି । ଡଲିକୁ ବିବାହ କରିବାରେ ତା'ର ବିଶେଷ କିଛି ଆପତ୍ତି ନାହିଁ, କାରଣ ବିବାହ କଥା ନ ଭାବି ପ୍ରେମ କରିବା ଭଳି ପାଷାଣ୍ଡ ପୁରୁଷ ସେ ନୁହେଁ, କିନ୍ତୁ ପ୍ରତିବନ୍ଧକ ଡଲିର ଧର୍ମ । ସେ ଖ୍ରୀଷ୍ଟିୟାନ ନ ହେଲେ ଡଲିକୁ କେବେ ବିବାହ କରି ପାରିବ ନାହିଁ । ଏ ସବୁ କଥା ବୁଢ଼ିଆଣୀର ଜାଲି ଭଳି । ଯେତେ ଭାବିବ ସେତେ ଛନ୍ଦି ହୋଇ ପଡ଼ିବ । ବିକାଶ ବିରକ୍ତ ହୋଇଗଲା । ମନେ ମନେ ଭାବିଲା ଡଲି ଗୋଟିଏ ନିର୍ବୋଧ ଝିଅ । ଲକ୍ଷ୍ୟସ୍ଥଳ ନିର୍ଦ୍ଦିଷ୍ଟ ନ କରି ଯାହାଲାଗି ସେ ଟ୍ରେନ୍‌ରେ ଚଢ଼ିପାରେ ; ଅଥଚ ବିବାହ କଥା ସ୍ଥିର ନ କରି ପ୍ରେମ କରିବାକୁ ଭଲପାଏ ? ନା, ଏସବୁ କଥା ବେଶି ଭାବିଲେ ଏଇ ସାଙ୍ଗେ

ସାଙ୍ଗେ ଚଳନ୍ତା ଟ୍ରେନ୍‌ରୁ ଲମ୍ଫ ଦେବାକୁ ଇଚ୍ଛା ହେବ ଏବଂ ଏତେବଡ଼ ଆୟୋଜନରେ ଏକ ଅପ୍ରୀତିକର ପରିଣତି ଘଟିବ, ତା ଅପେକ୍ଷା ଶୋଇପଡ଼ିବା ଭଲ । କିନ୍ତୁ ଶୋଇବା ପୂର୍ବରୁ ବିବାହ ସମ୍ପର୍କରେ ଡଲି ସହିତ ଶେଷଥର କେବେ କଅଣ କଥାବାର୍ତ୍ତା ହୋଇଥିଲା, ସେ ବିଷୟରେ ସ୍ମୃତି-ସ୍ମରଣ କଲେ କ୍ଷତି କଅଣ ? ତା ହେଲେ ପୁଣି ନିଦ ଭାଙ୍ଗିଲା ପରେ ଡଲି ପୁଣି ସେଇ ପ୍ରସଙ୍ଗ ଉତ୍‌ଥାପନ କଲେ ତାକୁ ଯାହା ଉତ୍ତର ଦିଆଯିବ । ତାହା ପୂର୍ବ ଉତ୍ତରର ପୁନରାବୃତ୍ତି ହେବାର ଭୟ ନ ଥିବ । ନିଜ ତାଳୁରେ ଆଙ୍ଗୁଳି ଟିପା ମାରି ସ୍ମୃତି-ସ୍ମରଣ କରିବାକୁ ଚେଷ୍ଟାକଲା ବିକାଶ । ହଁ, ସେଦିନ ବ୍ଲୁଗେନ୍ ଭିଲାର ସ୍ତବକ କେତୋଟି ତା ହାତକୁ ଟୋକିଦେଲା ବେଳେ ଡଲି ପ୍ରଶ୍ନ କରିଥିଲା, "ବିବାହ କଥା କଅଣ ସ୍ଥିର କଲ ।" ବିକାଶ ସେ ପ୍ରଶ୍ନର କିଛି ସିଧା ଉତ୍ତର ଦେଇ ନ ଥିଲା । ଓଲଟି ପ୍ରଶ୍ନ କରିଥିଲା, "ଆଚ୍ଛା, ଖ୍ରୀଷ୍ଟିୟାନ ଧର୍ମରେ ପୁନର୍ଜନ୍ମ ବିଶ୍ୱାସ ଅଛି ?" ସେଭଳି ପ୍ରଶ୍ନ କାହିଁକି ପଚାରୁଛି ନବୁଝି ଡଲି ଉତ୍ତର ଦେଇଥିଲା, "ନା, ଆମ ଧର୍ମରେ ପୁନର୍ଜନ୍ମର ପ୍ରଶ୍ନ ନାହିଁ ।" ତାର ଉତ୍ତର ଶୁଣି ଜାଣି ଜାଣି ସଶବ୍ଦରେ ହସିଥିଲା ବିକାଶ । ଡଲି ପ୍ରଶ୍ନ କରିଥିଲା, "ତମ ଧର୍ମ ଆମ ହିନ୍ଦୁଧର୍ମଠାରୁ ଯଥେଷ୍ଟ ଭଲ । ତମ ଧର୍ମରେ ପୁନର୍ଜନ୍ମରେ ବିଶ୍ୱାସ ନାହିଁ, ତେଣୁ ଏ ଜନ୍ମରେ ପାପ କଲେ ଆର ଜନ୍ମରେ ତାର ଶାସ୍ତି ଭୋଗ କରିବାର ଭୟ ନାହିଁ । କିନ୍ତୁ ଆମ ଧର୍ମରେ ପୁନର୍ଜନ୍ମ ବିଶ୍ୱାସ ଅଛି । ପାପର ଭୟ ଅଛି । ତେଣୁ ତମ ପ୍ରଶ୍ନର ଉତ୍ତର ଦେବା ଏତେ ସହଜ ନୁହେଁ ।" ତା ଉତ୍ତର ଶୁଣି ବିକାଶର ଠିକ୍ ମନେଅଛି, ଡଲି ହସିଥିଲା । କିନ୍ତୁ ସେ ଯାହା କହିଥିଲା ତାର ମର୍ମ କଣ ସତରେ ସେ ବୁଝିଥିଲା !

## ॥ ଚାରି ॥

ବିକାଶ ଯେତେବେଳେ ଡଲିକୁ ପ୍ରଶ୍ନକଲା, "ହଠାତ୍ ତମେ ବିଳବିଳେଇ ଉଠିଲ କାହିଁକି ?" ସେତେବେଳେ ପର୍ଯ୍ୟନ୍ତ ଡଲି ଆଖିରୁ ତନ୍ଦ୍ରାର ଘନ ପ୍ରଲେପ ଲିଭିନାହିଁ । କେଉଁ ମୃତ ରାଜକନ୍ୟା କାଉଁରିକାଠି ସ୍ପର୍ଶରେ ହଠାତ୍ ଜାଗିଉଠିଲା ଭଳି ଚେଇଁଉଠି ସେ କେବଳ ବଲବଲ କରି ଚାହିଁରହିଛି । ଅନେକ ସମୟ ପରେ ସେ ଆପେ ଆପେ କହିଲା, "ଗୋଟାଏ

ସ୍ୱପ୍ନ ଦେଖିଲି—ନିଦ ଭାଙ୍ଗିଗଲା ।" ସେତେବେଳକୁ ବିକାଶ ବେଶ୍ ଆରାମରେ ଗୋଟାଏ ସିଗାରେଟ ଟାଣିବାକୁ ଆରମ୍ଭ କରିଛି । ଅଗତ୍ୟା ଡଲି ପୁଣି କହିଲା, "ସ୍ୱପ୍ନଟା କଅଣ କହିବି ?" ବିକାଶ ଜାଣେ ସ୍ୱପ୍ନ କେବେହେଲେ ଜୀବନରେ ସତ ହୁଏ ନାହିଁ । ସେଥିପାଇଁ ଡଲିର ନିଦଭଙ୍ଗା ସ୍ୱପ୍ନ କାହାଣୀ ଶୁଣିବା ପାଇଁ ସେ ଅଯଥାରେ ବିଶେଷ ଆଗ୍ରହ ପ୍ରକାଶ କଲାନାହିଁ । ଡଲି କିନ୍ତୁ ଜିଦ୍‌ଖୋର । ସେ ଆପେ ଆପେ କହିଲା, "ମୁଁ ସ୍ୱପ୍ନ ଦେଖିଲି ଆଜି କ୍ରିସମାସ୍ । ଆଇଭି ଗଛ ଆଉ ଇଉକାଲିପଟାସ୍ ଗଛରେ ଆମ ପ୍ରାଙ୍ଗଣରେ କ୍ରିସମାସ୍ ଟ୍ରି ସଜା ହୋଇଛି । ଆଉ ଆମେ ସମସ୍ତେ ଅଧୀର ଆଗ୍ରହରେ ଅପେକ୍ଷା କରି ବସିଛୁ, ଆମକୁ କଅଣ ଉପହାର ମିଳିବ । ମୁଁ କିନ୍ତୁ ଶୋଇଯାଇଥିଲି, ହଠାତ୍ ଭୋରରୁ ଉଠି ଦେଖେ ତ ମୋ ଉପହାର ପ୍ୟାକେଟ୍ ଝୁଲୁଛି କ୍ରିସମାସ୍ ଟ୍ରି ଡାଳରେ । ସେ ପ୍ୟାକେଟ୍‌ରେ କଅଣ ଥିଲା, ଦେଖି କୁହ ତ ?" ଡଲି ବିକାଶ ମୁହଁକୁ ଚାହିଁଲା ଉଜ୍ଜ୍ୱଳ ଆଗ୍ରହରେ । ବିକାଶ ସିଗାରେଟ୍ ଟାଣୁଥିଲା । ଡଲିର ଉପହାର ପ୍ୟାକେଟ୍‌ରେ କଅଣ ଥିବ, ସେ ବିଷୟରେ ସେ ଅନୁମାନ କରିବାକୁ ଚେଷ୍ଟା ସୁଦ୍ଧା କଲା ନାହିଁ । କାରଣ ସେ ଜାଣେ ଡଲିଘରେ ଯେଉଁ କ୍ରିସମାସ୍ ଟ୍ରି ସଜାଯାଏ, ତାହା ଆଇଭି କିମ୍ବା ଇଉକାଲିପଟାସ୍ ଡାଳରେ ନୁହେଁ; ଦେବଦାରୁ ଡାଳ । ନିଜ ହାତ ପାପୁଲିରେ ଆଖି ମଳି ଡଲି ସ୍ୱପ୍ନାବିଷ୍ଟ କଣ୍ଠରେ କହିଲା, "ସେ ଉପହାର ପ୍ୟାକେଟ୍‌ରେ ଥିଲା ଗୋଟିଏ ଧାଡ଼ି ଲେଖା—ଆମ ଦୁହିଁଙ୍କ ବିବାହ ଉପଲକ୍ଷେ ଯୀଶୁଖ୍ରୀଷ୍ଟଙ୍କ ଆଶୀର୍ବାଦ ।" ରହସ୍ୟ ଉଦ୍‌ଘାଟନ କରିସାରି ଡଲି ପୁଣି ନୟନ ମୁଦ୍ରିତ କଲା, ଆଉଥରେ ସମ୍ଭବତଃ ସ୍ୱପ୍ନ ଦେଖିବାର ନିର୍ବୋଧ ଆଶାରେ ! ତାପରେ ଆଖିବୁଜି ସେ ପଚାରିଲା, "ସ୍ୱପ୍ନ କଅଣ ସତ୍ୟ ହେବନାହିଁ ବିକାଶ ।" ବିକାଶ ଲକ୍ଷ୍ୟକରି ଦେଖୁଥିଲା ଗାଡ଼ିର ସେ ତୃତୀୟ ଶ୍ରେଣୀ ସ୍ଲିପିଂ କମ୍ପାର୍ଟମେଣ୍ଟ ସମ୍ପୂର୍ଣ୍ଣ ନିସ୍ତବ୍ଧ । ଡଲିର କଥାଗୁଡ଼ିକ କେବଳ ଟାଇମ୍-ପିସ୍‌ର ଶବ୍ଦ ଭଳି ଟିକ୍ ଟିକ୍ ଶୁଭୁଛି । ସେ ତୀର୍ଥଯାତ୍ରୀ ମାରୱାଡ଼ି ଦମ୍ପତି ବେଶ୍ ନିବିଡ଼ ନିଦରେ ଶୋଇ ଯାଇଛନ୍ତି । ଡଲି କଥାର ଉତ୍ତର ଦେବା ଅପେକ୍ଷା ତାକୁ ଗୋଟିଏ ଚୁମ୍ବନ ଦେବା ଭଲ । ତାହେଲେ ସେ ତାକୁ ଆଉ ପ୍ରଶ୍ନ ପଚାରି ଜଟିଳ ସମସ୍ୟାର ସମ୍ମୁଖୀନ କରିବ ନାହିଁ । ବିକାଶ ଆସି ଡଲିର ମୁଣ୍ଡ ପାଖରେ ଠିଆହେଲା । କିନ୍ତୁ ଚୁମ୍ବନ ଦେବ କି ନାହିଁ

ଆଉଥରେ ନିରବରେ ଚିନ୍ତା କଲି । କାରଣ ସେ ଗୁହା ଖାଇସାରି ସାଙ୍ଗେ ସାଙ୍ଗେ ଚୁମ୍ବନ ଦେଲେ ଡଲି ଯେତିକ ଖୁସି ହୁଏ, ସିଗାରେଟ୍ ଖାଇସାରି ଚୁମ୍ବନ ଦେଲେ ସେତିକ ବିରକ୍ତ । କୁଆଡ଼େ ଗୁହାପାନ ପରେ ଓଠରେ ଥାଏ ଉଷ୍ଣତା, ସିଗାରେଟ୍ ଖାଇସାରିଲା ପରେ ନିକୋଟିନ୍‌ର ଗନ୍ଧ ! ତେଣୁ ଚୁମ୍ବନ ଦେବାର ପ୍ରଲୋଭନକୁ ସେ ସଂଯତ କରିନେଇ ନିଜର ଗୋଟିଏ ହାତ ରଖିଲି ଡଲିର ପିଠି ଉପରେ । ଆଖି ନ ଖୋଲି ଗୋଟିଏ ହାତ ଲମ୍ବିଆସିଲା ବିକାଶର ଗଳା ବେଷ୍ଟନ କରିବା ପାଇଁ ତାପରେ ବିକାଶ ଶୁଣିଲି ଅଣନିଶ୍ୱାସୀ ହୋଇଗଲା ଭଳି ପ୍ରକମ୍ପିତ କଣ୍ଠରେ ଡଲି ପଚାରୁଛି, "ଟ୍ରେନ୍‌ଟା ହଠାତ୍ ଚାଲୁନାହିଁ କାହିଁକି ? ଏଇଟା କଅଣ ଗୋଟାଏ ଷ୍ଟେସନ ?" ବିକାଶ ସ୍ପଷ୍ଟ ଭାବରେ ସଂକ୍ଷେପରେ ଉତ୍ତର ଦେଇଥିଲା, "ନା—ଷ୍ଟେସନ ନୁହେଁ । ଟ୍ରେନ୍ ଠିକ୍ ଚାଲିଛି । ବୋଧହୁଏ ବନ୍ଦ ହୋଇଯାଇଛି ଆମର ରକ୍ତପ୍ରବାହ । ଆମ ଦୁହିଁଙ୍କ ରକ୍ତର ଅନ୍ଧାରରେ ଫିକା ହୋଇଆସୁଛି !

●

# ରକ୍ତର ଅରଣ୍ୟରେ ଅଗ୍ନିକାଣ୍ଡ

॥ ଏକ ॥

ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ଅନେକ ଦିନର ବଦ୍ଧମୂଳ ଧାରଣା ଗୁଡ଼ାକ ଅନୁଭୂତି ସହ ଧକ୍କା ଖାଇ ଅବେଳରେ ମନ ଭିତରେ ବଦଳି ଯାଏ । ଫଳରେ ଚନ ପାଣିଚଆ ପାଣିଚଆ ଲାଗେ ; ଅମାବାସ୍ୟାରେ ଅଚିହ୍ନା ଆକାଶରେ ଚନ୍ଦ୍ରୋଦୟ ହୁଏ । କିନ୍ତୁ ଜାଣି ସୁଦ୍ଧା ଯେଉଁମାନେ କହନ୍ତି ଯେ, ଏ ସବୁ କଥା ସତ୍ୟ ନୁହେଁ, ପ୍ରେମ ଏକ ପବିତ୍ର ବସ୍ତୁ, ପର ଦାରା ମାତୃବତେଷୁ, ସେମାନଙ୍କୁ ସଦାଶିବର ଚଟିରେ ପିଟିବାକୁ ଇଚ୍ଛା ହୁଏ । ଅଥଚ ଏ ନର୍ସିଂହୋମ୍‌ରେ "ଚରିତ୍ରଠାରୁ ବଳି ମୂଲ୍ୟବାନ ଜିନିଷ ଆଉ କିଛି ନାହିଁ" ବୋଲି ମିଛବାଣୀ ପ୍ରଚାର କରୁଥିବା ଯଥେଷ୍ଟ ଲୋକ ରହିଛନ୍ତି ; କିନ୍ତୁ ସେମାନଙ୍କୁ ପିଟିବା ପାଇଁ ସଦାଶିବ ପାଦରେ ଚଟି ନାହିଁ । ଚଟି ହଳଟା କୁଆଡ଼େ ଗଲା ବୋଲି ସେଦିନ ବେହେଗ ଉପରେ ସେ ଯେତେବେଳେ ପାଟିକରୁଥିଲା, ଡାକ୍ତର ସାଙ୍ଗେ ସାଙ୍ଗେ ଆସି ତାକୁ ବିଛଣାରେ ଜବରଦସ୍ତ ଶୁଆଇ ଦେଲେ ଏବଂ ତାକୁ ବୁଝାଇ ଦେଲେ, ଚଟି ହଳଟା ହଜି ଯାଇଛି ବୋଧହୁଏ, ସେଥିପାଇଁ ପାଟି କରି ଆରପଟ ଘରେ ଥିବା ରୋଗୀଙ୍କ ନିଦ ଭାଙ୍ଗିବା କିଛି ଦରକାର ନାହିଁ !

ଚଟି ହଳଟା ହଜି ଯାଇଛି, ଠିକ ଯେମିତି ହଜି ଯାଇଛି ତାର ଚରିତ୍ର; କିନ୍ତୁ ବହୁ ଅପାରଗ, ଅକ୍ଷମ, ଯୌନ-ଜଡ଼, ସାଧୁ, ବ୍ରହ୍ମଚାରୀ, ସତ୍ୟବାଦୀ, ପୁଣ୍ୟବାନ ପୁରୁଷଙ୍କ ଭଳି ଦିନେ ତାର ମଧ୍ୟ ଚରିତ୍ର ଥିଲା । ହୀରାର ଜ୍ୟୋତିରେ ଝକ୍ ଝକ୍ କରୁଥିଲା ତାର ଚରିତ୍ର । ସାଙ୍ଗସାଥି ଶିକ୍ଷକ, ଅଭିଭାବକ, ପାଇପଡ଼ିଶା ସମସ୍ତେ ତାର ଚରିତ୍ରକୁ ଧନ୍ୟ ଧନ୍ୟ କରୁଥିଲେ ।

ଥରେ କାଠଯୋଡ଼ରେ ବଢ଼ି ଆସିଲା । ସାପ ସବୁ ସ୍ରୋତ ହୋଇଗଲେ । ଫଳ ସବୁ ଫେଣ ହୋଇଗଲେ । ଅକ୍ରୂରର ରଥରେ ସେତେ ଯେମିତି ଶ୍ରୀକୃଷ୍ଣ; ସେମିତି ମେଘସବୁ ଆକାଶରେ ଭିଡ଼ କଲେ ।

କାଠଯୋଡ଼ିର ବନ୍ୟା ସେପ୍‌ଟେମ୍ବର ମାସରେ ସବୁ ବର୍ଷ ଆଉ୍‌ଡ଼ା କରି ଆସେ । ସେ ବର୍ଷ ସଦାଶିବର ଜୀବନରେ ବନ୍ୟା ଆସିଥିଲା । ଗୋଟିଏ ଝିଅର ପ୍ରଣୟ-ବନ୍ୟା । କାଠଯୋଡ଼ି ଯେମିତି ବନ୍ୟାବେଳେ ଭାଗ୍ୟବତୀ ନାରୀ ଭଳି ଦିଶେ, ସେ ପ୍ରଣୟ-ବନ୍ୟାରେ ସେହିପରି ଉଚ୍ଛୁଳି ଉଠି ସଦାଶିବ ମନେ ମନେ ଗୀତ ଗାଉଥିଲା, "ଜୀବନ ପାତ୍ର ମୋ ଭରିଛି କେତେ ମତେ, ନଦେଲି ବୋଲି କିଛି କହିବ କି ହେ ଆଉ !" କିନ୍ତୁ ଯେଉଁଦିନ ତାର ପ୍ରେମିକା ତା ମନରେ ବନ୍ୟା ସୃଷ୍ଟି କରି ଆଉ ଜଣେ ପୁରୁଷର ଦେହର ସମୁଦ୍ରରେ ଝାସ ଦେଲା, ସେଦିନ ସଦାଶିବ ମନରେ ଉତ୍ତରାଧିକାରୀ ସୂତ୍ରେ ଗଚ୍ଛିତ ଥିବା ଅନେକଗୁଡ଼ାଏ ପୌରାଣିକ ଧାରଣା ହଠାତ୍ ମହମ ଭଳି ତରଳି ଏଣେତେଣେ ଲଢ଼ି ହୋଇଗଲା । ସେ ଅନୁଭବ କଲା ତାର ପ୍ରେମିକା ଅନ୍ୟ ଜଣକୁ ବିବାହ କରି ଏକ ସୁସ୍ଥ, ସବଳ, ସୁନ୍ଦର ଶିଶୁକୁ ଜନ୍ମଦେବା ପରେ, ବହୁ କଷ୍ଟରେ ସଞ୍ଚିତ ତାର ନିଜ ଚରିତ୍ରଟି କେବଳ ଅପବ୍ୟବହାର ଯୋଗୁ ନଷ୍ଟ ହୋଇଯାଇ ନାହିଁ, ଚରିତ୍ରହୀନା ଝିଅମାନେ ସୁଖୀ ହୁଅନ୍ତି ନାହିଁ ବୋଲି ତାର ଯେଉଁ ଧାରଣା ଥିଲା, ତାହା ମଧ୍ୟ ମିଥ୍ୟା ବୋଲି ପ୍ରମାଣିତ ହୋଇଯାଇଛି । ଏସବୁ କଥା ଲକ୍ଷ୍ୟ କରି ସଦାଶିବ ଅନେକ ଦିନଧରି କଷ୍ଟ ପାଇଥିଲା । ନିଜ ପ୍ରେମିକାର ଚରିତ୍ର ସମ୍ପର୍କରେ ବହୁ ଅପ୍ରିୟ-ଅସୁନ୍ଦର-ସତ୍ୟକଥା ପ୍ରଚାର କରିଥିଲା । କିନ୍ତୁ ଆଶ୍ଚର୍ଯ୍ୟ ! ତାର ସେ କଥା ଶୁଣି ଲୋକେ ତା ଚରିତ୍ରକୁ ସନ୍ଦେହ କଲେ; କିନ୍ତୁ ତା ପ୍ରେମିକା ପ୍ରତି ସହାନୁଭୂତି ଦେଖାଇଲେ !

ତାପରେ ସଂସାର ବିଷୟରେ ହଠାତ୍ ଅଭିଜ୍ଞ ହୋଇ ଉଠିଥିଲା ସଦାଶିବ । ତାର ପ୍ରେମିକା ତା ସହିତ ପ୍ରତାରଣା କରି ତା ଜୀବନକୁ କଷ୍ଟ କରିଥିଲା ସତ; ତା ସହିତ ତାକୁ ମଧ୍ୟ ଅନେକ ମାନସିକ କୁସଂସ୍କାରରୁ ମୁକ୍ତ ଦେଇଥିଲା । ଥରେ ଚରିତ୍ର ନଷ୍ଟ ହୋଇଗଲା ପରେ, ଆଉ ଚରିତ୍ରକୁ ବଡ଼ କରି ଦେଖିବାର କିଛି ମାନେ ହୁଏନାହିଁ । ମଦ ଖାଇଲାବେଳେ ପ୍ରଥମେ ପ୍ରଥମେ ଯେମିତି ଘାରି ଭୟ, ସଂକୋଚ, ନୀତିବୋଧ, ସାମାଜିକ ସଂସ୍କାର ପଛକୁ ଟାଣେ ଅଥଚ ଅଭ୍ୟାସରେ ପଡ଼ିଗଲା ପରେ ତାହା ଏକ ନିଶାରେ ପରିଣତ ହୋଇଯାଏ; ଥରେ ଚରିତ୍ରହୀନ ହୋଇଗଲା ପରେ ଅସାମାଜିକ ଜୀବନଯାପନ କରିବା ସେହିପରି ଏକ ନିଶା ହୋଇଯାଏ ।

ଗତ କେତେବର୍ଷର ଅସାମାଜିକ ଜୀବନଯାତ୍ରା ଭିତରେ ବହୁ ଅଭିଜ୍ଞତା ନେଇ ଜୀବନର ସମ୍ମୁଖୀନ ହୋଇଛି ସଦାଶିବ । ବହୁ ବିବାହିତା, ଅବିବାହିତା ଝିଅଙ୍କ ସଂସ୍ପର୍ଶରେ ଆସିଛି । ବାହାରକୁ ଦେଖା-ଯାଉଥିବା ଜୀବନର ଦୃଶ୍ୟର ଆଡୁଆଳରେ ଅନ୍ଧକାରାଚ୍ଛନ୍ନ ଅଂଶର ଦୃଶ୍ୟ ଏତେ ଉତ୍ତେଜନାମୟ ଆଉ ଅଦ୍ଭୁତ-ସୁନ୍ଦର, ତାହା ଅବଲୋକନ କଲା ପରେ ତାର ପୁନର୍ଜନ୍ମ ଘଟିଥିଲା । ପ୍ରେମିକା ଦ୍ୱାରା ପ୍ରତାରିତ ହୋଇ ପ୍ରଥମେ ତା ମନରେ ଯେଉଁ ଗ୍ଲାନି, ହତାଶା, ବିରକ୍ତି ସୃଷ୍ଟି ହୋଇଥିଲା, ଅସାମାଜିକ ଜୀବନର ସେଇସବୁ ଉଷ୍ମ ଅନୁଭୂତି ଆହରଣ କଲା ପରେ ସେ ଗ୍ଲାନି, ହତାଶା, ବିରକ୍ତି ତା ମନରୁ ହଠାତ୍ ମ୍ୟାଜିକ୍ ଭଳି ଉଭେଇ ଯାଇଥିଲା । ସେ ମନେ ମନେ ଈଶ୍ୱରଙ୍କ ପାଖରେ ପ୍ରାର୍ଥନା କରିଥିଲା, ହେ ପ୍ରଭୁ ! ସତେ ଯେବେ ତମେ କେଉଁଠି କ୍ୟାଲେଣ୍ଡରରେ ଛବି ହୋଇ କିମ୍ବା କେଉଁ ପୂଜାରିଣୀ ହୃଦୟରେ ମୂର୍ତ୍ତି ହୋଇ ବଞ୍ଚିଥାଅ, ତାହାହେଲେ ମୋର ଭୂତପୂର୍ବ ପ୍ରେମିକାକୁ ସୁଖୀ କର । ସେ ହେଉ ଶତ ସନ୍ତାନର ଜନନୀ···ବହୁ ପୁରୁଷ ହୃଦୟର ହୃତ୍-ସ୍ପନ୍ଦନ !

ବେଶ୍ ଥିଲା ସେସବୁ ଦିନଗୁଡ଼ାକ । ବହୁ ସ୍ପର୍ଶର ଉତ୍ତେଜନାରେ ଉଷ୍ମ, ବହୁ ସ୍ୱପ୍ନର ରଙ୍ଗରେ ରଙ୍ଗିନ୍ ସେଇସବୁ ଗୋପନ ପ୍ରଣୟ, ଗୋପନୀୟ ଭାବରେ ବଞ୍ଚିରହିବାର ନିଶା··· ! କିନ୍ତୁ ଏ ଅସାଧ୍ୟ ରୋଗଟା··· !

ସଦାଶିବ ନିଜ ଅଣ୍ଟା ଓ ପିଠି ପାଖରେ ଯନ୍ତ୍ରଣା ଅନୁଭବ କଲା । ଔଷଧ, ଡେଟୋଲ ଗନ୍ଧରେ ନର୍ସିଂହୋମ୍‌ର ଏ କୋଠରୀଟା ଗୋଟାଏ ନର୍କ ଭଳି ବୋଧ ହେଉଛି । କିନ୍ତୁ ଇଚ୍ଛା କଲେ ବି ସେ ଏଠାରୁ ଚାଲିଯାଇ ପାରିବ ନାହିଁ । ଡାକ୍ତରଙ୍କ ନିର୍ଦ୍ଦେଶ ନମାନି ସେ ରୋଗକୁ ଜଟିଳ କରି ଦେଇଛି । ଏଥର ଭଲ ନହେଲେ ହୁଏତ ସେ ସାରା ଜୀବନ ପଙ୍ଗୁ ହୋଇଯିବ ।

ରୋଗଶଯ୍ୟା ନୁହେଁ ତ, ସତେ ଯେପରି ଶରଶଯ୍ୟାରେ ଶୋଇ ରହିଛି ସଦାଶିବ ! ସମାଜର ସକଳ ନିୟମ, ଶାସ୍ତ୍ରର ସମସ୍ତ ନୀତି ବିରୁଦ୍ଧରେ ଲଢ଼େଇ କରି ଅବଶେଷରେ କେଉଁ ଏକ ଅସାଧ୍ୟ ଯୌନ-ରୋଗର ଶରାଘାତରେ ସେ ଶଯ୍ୟାଶାୟୀ ହୋଇଛି । ଡାକ୍ତର ସତର୍କ କରି

ଦେଇଛନ୍ତି, ଗୋଟିଏ ସର୍ତ୍ତରେ ଆପଣ ଦୀର୍ଘଦିନ ସୁସ୍ଥ ହୋଇ ବଞ୍ଚିପାରିବେ; ସେ ସର୍ତ୍ତ ହେଲା, ସଂଯମ ଆଚରଣ ।

ସଂଯମ ମାନେ ହିଁ ସଦାଶିବ ପାଇଁ ବନ୍ଧନ । ଯେଉଁ ବନ୍ଧନରୁ ତାର ପ୍ରଥମ ପ୍ରେମିକା ତାକୁ ମୁକ୍ତି ଦେଇଥିଲା, ସେଇ ବନ୍ଧନର ବେଢ଼ି ପାଦରେ ତାର ପିନ୍ଧାଇ ଦେବାକୁ ଚାହାନ୍ତି ଡାକ୍ତର, ବଞ୍ଚିବାର ଲୋଭ ଦେଖାଇ !

ସଦାଶିବ ଡାକ୍ତରଙ୍କ କଥାଶୁଣି ମନେ ମନେ ହସିଲା ଏବଂ ଅସ୍ପଷ୍ଟ କଣ୍ଠରେ ଉଚ୍ଚାରଣ କଲା, ଅର୍ଥହୀନ ଭାବରେ ବଞ୍ଚି ରହିବାକୁ ମୋର ଲୋଭ ନାହିଁ ଡାକ୍ତର ! ଜୀବନ, ଖାଲି ଲୋକ ଜୀବନରେ ଆଉ କିଛି ପାଉ କି ନ ପାଉ କୌଣସି ନାରୀର ପ୍ରେମ କେବେ ପାଏ ନାହିଁ ......!

॥ ଦୁଇ ॥

ନାରୀ ଆଉ ପ୍ରେମ—ଏ ଦୁଇଟି କଥାକୁ ନେଇ ସଦାଶିବର ଜୀବନଟା ଏକ ବିଚିତ୍ର ଚିତ୍ରଶାଳା ! ଯେଉଁ ନାରୀକୁ ସେ ପ୍ରଥମେ ପ୍ରାଣ ଦେଇ ଭଲ ପାଇଥିଲା, ହୃଦୟ ଦେଇ ସ୍ନେହ କରିଥିଲା, ତାର ପ୍ରତାରଣା ପରେ ମରୁଭୂମି ହୋଇ ଯାଇଥିଲା ତାର ଜୀବନ-ପଥ । ଏକାଗ୍ରତା ଅଭାବରୁ ମହାବିଦ୍ୟାଳୟରୁ ଜଣେ ପରାସ୍ତ ସୈନିକ ଭାବରେ ଛତ୍ରଭଙ୍ଗ ଦେଇ ପଳାୟନ କରିଥିଲା ସଦାଶିବ । ସମସ୍ତେ ଧରି ନେଇଥିଲେ, ଆତ୍ମହତ୍ୟା ହିଁ ତାର ଏକମାତ୍ର ବାଟ । ହୁଏତ ସେ କିଛିଦିନ ନିଜ ପ୍ରେମିକାର ଚରିତ୍ର ବିରୁଦ୍ଧରେ ପ୍ରଚାର କରିବ, କିନ୍ତୁ ଅବଶେଷରେ ସେ ଯେତେବେଳେ ଲକ୍ଷ୍ୟ କରିବ ଯେ ତାର ଅପପ୍ରଚାର ସତ୍ତ୍ୱେ, ତାର ପ୍ରେମିକାକୁ ତାର ନୂତନ ସ୍ୱାମୀ ବେଶି ଭଲ ପାଉଛନ୍ତି ଏବଂ ତାର ପ୍ରେମିକା ଗୋଟିକ ପରେ ଗୋଟିଏ ସୁସ୍ଥ, ସବଳ, ସୁନ୍ଦର ସନ୍ତାନକୁ ଜନ୍ମ ଦେଇ ନିଜେ ସୁଖୀ ହୋଇଥିବାର ନିଶାଣ ଉଡ଼ାଇଛି, ସେତେବେଳେ ସେ ନିରୁପାୟ ଭାବରେହିଁ ଆତ୍ମହତ୍ୟା କରିବ !

କିନ୍ତୁ ପ୍ରେମିକାର ପ୍ରତାରଣା ପରେ ସଦାଶିବ ଏକ ଭିନ୍ନ ମଣିଷ ହୋଇଗଲା । ଜୀବନର ପରାଜୟ, ପ୍ରଣୟରେ ପ୍ରତାରଣା ତାକୁ ବଞ୍ଚି ରହିବା ପାଇଁ ପ୍ରବଳ ଭାବରେ ପାଗଳ କରିଦେଲା । ପାଠ ପଢ଼ା ଛାଡ଼ି ସେ ହେଲା କଣ୍ଟ୍ରାକ୍ଟର । ଜଙ୍ଗଲ କାଟି କାଠ ବ୍ୟବସାୟର ଠିକା ନେଲା ।

ବର୍ଷ କେତୋଟି ଭିତରେ ହଠାତ୍ ସେ ଆବସ୍ଥାର କଲ୍ଗି ଝଙ୍କା ବଳରେ ସମାଜରେ ସେ ଜଣେ ସମ୍ମାନାସ୍ପଦ ବ୍ୟକ୍ତି ହୋଇ ଯାଇଛି ! ଯେଉଁ ସମାଜ ଦିନେ ତାର ପ୍ରେମିକାର ନଷ୍ଟ ଚରିତ୍ରକୁ କ୍ଷମା କରି ଅନ୍ୟ ଏକ ନିର୍ବୋଧ ଲୋକର ପତ୍ନୀ ଭାବରେ ସମ୍ମାନ ଦେଇଥିଲା; ସେଇ ସମାଜ ତା ବ୍ୟାଙ୍କ୍ ବାଲାନ୍ସ ଦେଖି ତାର ସମସ୍ତ ଅଧୋଗତିକୁ ଭୁଲି ମଧ୍ୟ ସମ୍ମାନ ଦେଖାଇଲା ! ସମସ୍ତ ସାଂସ୍କୃତିକ, ଶିକ୍ଷାମୂଳକ କାର୍ଯ୍ୟକ୍ରମରେ ଚାନ୍ଦା ଦେଇ ସେ ହେଲା ପ୍ରଧାନ ଅତିଥି ନ ହେଲେ ସଭାପତି ! ତା କଣ୍ଠର ଅମୂଲ୍ୟ ବାଣୀ ଶୁଣିବା ପାଇଁ ଉତ୍କଣ୍ଠିତ ହୋଇ ରହିଲା ଅଜସ୍ର ଶ୍ରବଣେନ୍ଦ୍ରିୟ !

ସଦାଶିବ ମନେ ମନେ ହସିଥିଲା । ତାର ମନେ ହୋଇଥିଲା, ଏ ସମାଜ ଗୋଟିଏ ପଚମାନ ମୃତଦେହ । ତା ଦେହରେ ଜୀବନ ନାହିଁ । ତାକୁ ଭୟ କରିବା ନିର୍ବୋଧତା । ମିଛ କଥାକୁ ଏ ସମାଜରେ ବଡ଼ ପାଟିରେ କହି ପାରିଲେ ତାହା ସତ୍ୟ ଭଳି ଅନ୍ୟ ମନରେ ପ୍ରତ୍ୟୟ ହୁଏ । ସତୀତ୍ୱ, ଚରିତ୍ର ଇତ୍ୟାଦି ଆଭିଧାନିକ ଶବ୍ଦ ଗୁଡ଼ାକ କେବଳ ନିରୀହ ଲୋକକୁ ଭୟ ଦେଖାଇବା ପାଇଁ ଏଠାରେ ବ୍ୟବହାର କରାଯାଏ । ସେ ସବୁ କଥାକୁ ଭୟ କରି ସେ ଅଯଥାରେ ଜୀବନର ଏତେ ଗୁଡ଼ାଏ ମୂଲ୍ୟବାନ ବର୍ଷ ନଷ୍ଟ କରିଦେଲା ।

ଗୋଟିଏ ଝିଅ ପ୍ରେମ କରିବା ନାମରେ ତାର ଚରିତ୍ର ଯେ ନଷ୍ଟ ହୋଇ ଯାଇଛି, ସେ କଥା କାହାରିଠାରେ ଗୋପନ ରଖି ନ ଥିଲା ସଦାଶିବ । ତଥାପି ତାକୁ ପ୍ରେମ କରିବାକୁ ଝିଅ ଅଭାବ ହୋଇ ନଥିଲେ । କୁମାରୀ ସୀତାନନ୍ଦ, ମୀତା ଚାଟାର୍ଜି, ସୁନନ୍ଦା, ହାଲ୍‌ଦାର, ମୀରା ମହାନ୍ତି, ଚନ୍ଦ୍ରିକା ଦାସ—ସମସ୍ତେ ଆସିଥିଲେ ତାର କାନରେ ପ୍ରେମର ଗୁଣୁ ଗୁଣୁ ଗୁଞ୍ଜନ ସୃଷ୍ଟି କରି । ଇଞ୍ଜିନିୟର ମି: ଦାସଙ୍କ ନବ ବିବାହିତା ପତ୍ନୀ ପଦ୍ମଜା, ସେଲ୍‌ଟାକ୍ସ ଇନସ୍‌ପେକ୍ଟର ମି: ମହାପାତ୍ରଙ୍କ ପତ୍ନୀ ସୁଜାତା ଅଧ୍ୟାପିକା ମିସେସ୍ ରାୟ ଆଉ ବିଧବା ପିଉସି ଝିଅ ଭଉଣୀ ସତ୍ୟଭାମା —ସମସ୍ତେ ତା ଜୀବନର ଅନେକ ଅଳସ ମୁହୂର୍ତ୍ତକୁ ସ୍ୱପ୍ନିଳ କରିବା ପାଇଁ ନିଜର ଫେନାୟିତ ଯୌବନର ଭୁକ୍ତାବଶେଷକୁ ମହାପ୍ରସାଦ ଭଳି ତା ଆଗରେ ବାଢ଼ି ଦେଇଥିଲେ । ସେମାନେ ସମସ୍ତେ ତାକୁ ଗନ୍ଧ ଦେଇଛନ୍ତି, ସ୍ପର୍ଶ ଦେଇଛନ୍ତି, କିନ୍ତୁ କେହି ହେଲେ ଏ ସମାଜ ଆଖିରେ ଅସତୀ ହୋଇ ନାହାନ୍ତି ! ସମସ୍ତ ନଗ୍ନ ଦେହର ସୀମାରେଖା ଭିତରେ

ନିଜର ବିଶ୍ୱାସଘାତକିନୀ ପ୍ରେମିକାର ଦେହରେ ଉତ୍ତାପ ଖୋଜି ବୁଲିଛି ସଦାଶିବ ; କିନ୍ତୁ କାହାରିକୁ ନିଜ ପ୍ରଥମ ପ୍ରେମିକା ଭଳି ସ୍ନେହ, ଆନ୍ତରିକତା ଦେଇ ପାରି ନାହିଁ । ସେମାନେ ସମସ୍ତେ ତାର ମନେ ହୋଇଛନ୍ତି ଏକ ଗୁଚ୍ଛ ଉଷ୍ମ ସ୍ନାୟୁତନ୍ତ୍ରୀ ମାତ୍ର ! ସେମାନଙ୍କ ଦେହରେ ସେ ସମ୍ଭୋଗର ଉତ୍ତାପ ଖୋଜିଛି ; ନାରୀତ୍ୱର ପବିତ୍ରତା, ମହତ୍ତ୍ୱ ଖୋଜିବାର ନିର୍ବୋଧତା ଦେଖାଇ ନାହିଁ ! ସେମାନଙ୍କଠାରୁ ପାଇବାର ବଡ଼ ଆଶା କିଛି କରି ନ ଥିବାରୁ ; ନ ପାଇଥିବାର ଗ୍ଲାନି ମନକୁ ତାର କେବେ ପୀଡ଼ିତ କରିନାହିଁ ।

ନର୍ସିଂହୋମ୍‌ର ସେ ରୋଗଶଯ୍ୟାରେ ଶୋଇରହି ସେହି ସବୁ ଉତ୍ତେଜନାମୟ ଘଟଣାର ସ୍ମୃତିଚାରଣ କଲାବେଳେ ତାର ଛାତିର ସ୍ପନ୍ଦନ ଦ୍ରୁତରୁ ଦ୍ରୁତତର ହୋଇ ଉଠୁଥିଲା । ସେ ବୁଝି ପାରୁଥିଲା, ନାରୀକୁ ଅକାରଣରେ ମନେ ମନେ ବଡ଼ ଭାବି ପୁରୁଷ ତାର ପ୍ରତାରଣା ଓ ପ୍ରତ୍ୟାଖ୍ୟାନ ପରେ ଏତେ ଦୁଃଖ ପାଏ ; ଜୀବନକୁ ଦୁର୍ବିସହ ମନେ କରେ । ଥରେ ସେପରି ଭୁଲ୍ କରି ପ୍ରାୟ ପାଞ୍ଚବର୍ଷକାଳ ବ୍ୟର୍ଥତାର ଦହନରେ ସେ ଦଗ୍‌ଧ ହୋଇଥିଲା ; ଆଉ ସେପରି ଶିଶୁ ସୁଲଭ ଭୁଲ୍ ସେ କେବେ କରିନାହିଁ । ସେ ଜାଣେ ଯେଉଁ ନାରୀମାନେ ତା ପାଖକୁ ଆସନ୍ତି ; ସେମାନଙ୍କ ଦୃଷ୍ଟିଥାଏ ତାର ଟଙ୍କା ଉପରେ । ନାରୀର ଭଲ ପାଇବାକୁ ସେ ଅର୍ଥ ଦେଇ କିଣେ ; ହୃଦୟ ଦାନ କରି ଅସହାୟ ହୁଏ ନାହିଁ ।

ତାର ସେ ଅସଂଯତ, ଅସାମାଜିକ ଜୀବନ ପାଇଁ ବହୁ ଈର୍ଷା-ପରାୟଣ, ଅପାରଗ ପୁରୁଷ ତା ବିରୁଦ୍ଧରେ ବହୁ ଅପପ୍ରଚାର କରିଛନ୍ତି । ଯେଉଁ ପୁରୁଷମାନେ ନିଜ ସ୍ତ୍ରୀ ଭିନ୍ନ ଅନ୍ୟ କୌଣସି ନାରୀର ଦୃଷ୍ଟି ଆକର୍ଷଣ କରିବାର ଅକ୍ଷମତା ଯୋଗୁଁ ବାଧ୍ୟ ହୋଇ ସମାଜରେ ଚରିତ୍ରବାନ୍ ହୋଇ ରହିଛନ୍ତି, ସେମାନେ ବେଶୀ ତା ବିରୁଦ୍ଧରେ ଅପପ୍ରଚାର କରନ୍ତି । ସମାଜର ଏକ ଅବାଂଛିତ ବ୍ୟକ୍ତି ; ନର୍କର ଏକ ଘୃଣିତ କୀଟ ବୋଲି ତାକୁ ଆକ୍ଷେପ କରି, ନିଜକୁ ମହାପୁରୁଷ ଭାବି ଆତ୍ମସନ୍ତୋଷ ଲାଭ କରନ୍ତି । ସେମାନଙ୍କର ସେ ଅପପ୍ରଚାର ଶୁଣି ଦାନ୍ତ ଦେଖାଇ ଉଚ୍ଚ କଣ୍ଠରେ ହସେ ସଦାଶିବ । ସେମାନଙ୍କୁ ଖତେଇ ହୋଇ କହେ ; ମୋ ଚରିତ୍ରକୁ ନଷ୍ଟ କରି ଯେତେବେଳେ ଗୋଟିଏ ଝିଅ ଆଉ ଜଣେ ପୁରୁଷକୁ ବିବାହ କରି

ଗଲ, ତମେ ତ ସବୁ ତା ବାହାଘରକୁ ଭୋଜି ଖାଇ ଯାଇଥିଲ ! ନିଜ ସ୍ତ୍ରୀପ୍ରତିମାର ପ୍ରତାରଣାରେ ଉତ୍ତ୍ୟକ୍ତ ହୋଇ ମୁଁ ଯେତେବେଳେ ତାକୁ ବ୍ୟଭିଚାରିଣୀ ବୋଲି କହୁଥିଲି, ତମେ ତ ସବୁ ତାର ପ୍ରତିବାଦ କରିଥିଲ ! ସେତେବେଳେ ତମର ମାତ୍ରଜ୍ଞାନ ଥିଲା କୁଆଡ଼େ ?

ସଦାଶିବ ଜାଣେ ଯେଉଁମାନେ ତାକୁ ଚରିତ୍ରହୀନ ବୋଲି ପଛରେ ଆକ୍ଷେପ କରନ୍ତି, ସେମାନେ ତାର ବଦାନ୍ୟତାକୁ ତା ଆଗରେ ପ୍ରଶଂସା କରନ୍ତି । ଯେଉଁ ସମାଜରେ ଅର୍ଥ ରୋଜଗାର ହିଁ ପୌରୁଷର ଏକମାତ୍ର ମାପକାଠି, ନାରୀ ପାଇଁ ଦେହ ହିଁ ତାର ଏକମାତ୍ର ମୂଳଧନ ହେବାକୁ ବାଧ୍ୟ ।

ଏ କଥାସବୁ ଚିନ୍ତା କଲାବେଳେ ସଦାଶିବର ସ୍ନାୟୁତନ୍ତ୍ରୀ ସବୁ ଖୁବ୍ ଭୀଷଣ ଭାବରେ ଆନ୍ଦୋଳିତ ହେଉଥିଲେ । ସେଥିପାଇଁ ହଠାତ୍ ସେ ଅନୁଭବ କଲା ଭୀଷଣ ଶାରୀରିକ ଦୁର୍ବଳତା ଆଉ ଦେହସାରା ଭୀଷଣ ଯନ୍ତ୍ରଣା । ସେ ଛଟପଟ ହେଲା, ଚିତ୍କାର କରିବାକୁ ଇଚ୍ଛା ହେଉଥିଲେ ସୁଦ୍ଧା ଦାନ୍ତରେ ଓଠକୁ ଚିପିଧରି ନିଜକୁ ସଂଯତ କଲା । କାରଣ ସେ ଜାଣେ, ଏଠାରେ ଚିତ୍କାର କରିବାର କିଛି ମାନେ ହୁଏ ନାହିଁ ।

ଦେହରେ ଯନ୍ତ୍ରଣାଟା ଯେତେବେଳେ ଅସହ୍ୟ ହୋଇ ଉଠିଲା, ସଦାଶିବର ମନେ ହେଲା, ଡାକ୍ତରଙ୍କ ଧମକ ବୋଧହୁଏ ସତ୍ୟ । ସେ ହୁଏତ ଏ ଅସାଧ୍ୟ ବ୍ୟାଧିରେ ଚିରଦିନ ପାଇଁ ପଙ୍ଗୁ ହୋଇଯିବ । ଅଥଚ··· !

ଡାକ୍ତର ସେନାପତି କହୁଥିଲେ, କୌଣସି ଯୌନ-ବ୍ୟାଧିଗ୍ରସ୍ତ ନାରୀ ସହ ଦୈହିକ ସଂପର୍କ ଫଳରେ ଆପଣଙ୍କ ଦେହରେ ଏ ରୋଗର ଜୀବାଣୁ ସଂକ୍ରମିତ ହୋଇଛି । ଆପଣ ସ୍ମରଣ କରନ୍ତୁ, କାହାର ଏ ବ୍ୟାଧି ଥାଇପାରେ··· ।

ଯେଉଁ ଝିଅମାନଙ୍କ ସହ ସଦାଶିବର ସଂପର୍କ ସେ ସମସ୍ତେ ରୁଚିପୂର୍ଣ୍ଣ ସଂଭ୍ରାନ୍ତ ପରିବାରର ନାରୀ । ଏ କୁତ୍ସିତ ରୋଗର ଜୀବାଣୁ ସେମାନଙ୍କ ଦେହରେ କାହାର ଥାଇପାରେ ବୋଲି ତାହା ବହୁ ଚେଷ୍ଟା କରି ସୁଦ୍ଧା ସେ ସ୍ମରଣ କରି ପାରିଲା ନାହିଁ । ତା ପରେ ଦେହର ଯେଉଁ ଅଂଶରେ ଯନ୍ତ୍ରଣାହେଉ ଥିଲା, ସେହି ଅଂଶର ମାଂସପେଶୀକୁ ହାତରେ

ଗୃପିଧର ସେ ମନେ ମନେ ହସିବାକୁ ଚେଷ୍ଟାକଲା ଏବଂ ଗୃପାକଣ୍ଠରେ ସ୍ୱଗୋତକ୍ତି କରି ଉଠିଲା, ଡଃ. ସେନାପତି ! ମୁଁ ଜାଣେ, ଏ ରୋଗର ଜୀବାଣୁ କୌଣସି ନାରୀର ରକ୍ତମାଂସରୁ ନୁହେଁ ; ମୋ ନିଜ ମନର ଅବୈଧ ଲାଳସାରୁ ହିଁ ସଂକ୍ରମିତ ହୋଇଛି । ଏ ହେଉଛି ସଭ୍ୟତାର ବ୍ୟାଧି, ଏହାର କବଳରୁ କାହାରି ରକ୍ଷା ନାହିଁ ।

## ।। ତିନି ।।

କୋଠରୀର ସେ କୋଣରେ ଥିବା ଷ୍ଟିଲ୍ ଆଲମିରାକୁ ଅନେକ ଥର ଦେଖିଛି ସଦାଶିବ; କିନ୍ତୁ ସେ ଆଲମିରାର ଛାଇ ସହ ବିଜୁଳି ଆଲୁଅର ଅପୂର୍ବ ଲୁଚକାଳି ଖେଳ ଯେଉଁ ବିଚିତ୍ର ପରିବେଶ କୋଠରୀ ମଧ୍ୟରେ ସୃଷ୍ଟି କରେ, ତାହା ସେ ଲକ୍ଷ୍ୟ କରି ନ ଥିଲା ।

ତା ଜିଭ ତଳୁ ଥର୍ମାମିଟରଟା କାଢ଼ିନେଇ ନର୍ସଜଣକ ସେଇ ଛାଇ ଆଲୁଅରେ ଠିଆହୋଇ ତା ଦେହର ଉତ୍ତାପ ଜାଣିବାକୁ ଚେଷ୍ଟା କରୁଥିଲା । ଆଲୁଅ ଆଡ଼କୁ ଥର୍ମାମିଟର ଦେଖାଇ ପାରଦର ଡିଗ୍ରୀମାପ ନର୍ସଜଣକ ଦେଖୁଥିଲାବେଳେ ସଦାଶିବ ତା ଦେହର ଗଠଣ ଲକ୍ଷ୍ୟ କରୁଥିଲା ।

ଦେଖିବାକୁ ଅସୁନ୍ଦର ହେଲେ ସୁଦ୍ଧା ଝିଅଟିର ସ୍ୱାସ୍ଥ୍ୟ ବେଶ୍ ଲୋଭନୀୟ । ହସ୍‌ପିଟାଲରେ ଯେତେ ନର୍ସ ଏଥିଭିତରେ ତାର ସେବା କରିବାକୁ ଆସିଲେଣି, ଏଇ ନର୍ସଜଣକ ବୋଧହୁଏ ସେମାନଙ୍କ ମଧ୍ୟରୁ ଦେଖିବାକୁ ବେଶି ଅସୁନ୍ଦରୀ; ଅଥଚ ବେଶ୍ ସ୍ୱାସ୍ଥ୍ୟବତୀ । ଯେଉଁ ଝିଅ-ମାନଙ୍କର ସ୍ୱାସ୍ଥ୍ୟ ନାହିଁ; ଯେତେ ରୂପବତୀ ହେଲେ ବି ସେମାନେ ତା ମନରେ କୌଣସି ଉଷ୍ମତା ସୃଷ୍ଟି କରିପାରନ୍ତି ନାହିଁ ; କିନ୍ତୁ ଉତ୍ତାପହୀନ ଶ୍ୱେତ ଶୁଭ୍ର ସେବିକା-ପୋଷାକ ତଳୁ ଏ ଝିଅଟିର ଯୌବନ ଅଙ୍ଗ ରେଖାଗୁଡ଼ିକ ବେଶ୍ ସ୍ପଷ୍ଟ ହୋଇଉଠୁଛି । କାରଣ ସେ ଅନୁଭବ କରୁଛି, ତାର ଦେହ ରକ୍ତକୋଷରେ ଉଦ୍‌ଗାରିତ ଲାଭାସ୍ରୋତର କ୍ଷିପ୍ରତା !

ଯେଉଁ ନର୍ସମାନେ ଏ ମାସକ ଭିତରେ ତାର ସେବା କରିବାକୁ ଆସିଛନ୍ତି, ତାର ରୋଗର କାରଣ ଜାଣିବା ପରେ ସେମାନଙ୍କ ମୁହଁରେ

ଆତଙ୍କ ଆଉ ଆଖିରେ ଘୃଣାର ବ୍ୟଞ୍ଜନା ଲକ୍ଷ୍ୟ କରିଛି ସଦାଶିବ । ସାରା ହସ୍‌ପିଟାଲ ମଧ୍ୟରେ ସେ ଯେପରି ଏକମାତ୍ର ଅବାଞ୍ଛିତ ରୋଗୀ, ସେହିପରି ବ୍ୟବହାର କରି ସେମାନେ ଯଥାସମ୍ଭବ ତା ଠାରୁ ଦୂରରେ ଦୂରରେ ରହୁଛନ୍ତି ; କିନ୍ତୁ ଏ ନର୍ସଜଣକ ଆଖିରେ କୁଞ୍ଚିତ ଅନୁକମ୍ପା ଆଉ ମୁହଁରେ ବେଶ୍ ନିର୍ଭୟ ଭାବ ଫୁଟିଉଠିଛି ।

ସଦାଶିବ ଆଶ୍ଚର୍ଯ୍ୟ ହେଲା ।

ନର୍ସ ଜଣକ ଚାଲିଯିବା ଆଗରୁ ତାକୁ ସେ ପ୍ରଶ୍ନ କଲା, ମୁଁ ଶୀଘ୍ର ଭଲ ହୋଇଯିବି ତ ?

ନିଶ୍ଚୟ···ନିଶ୍ଚୟ···ଏ କିଛି ଦୁରାରୋଗ୍ୟ ବ୍ୟାଧି ନୁହେଁ—ହସି ହସି କଥା କହି ଆକାଶରେ ଲଘୁ ମେଘଖଣ୍ଡ ଭଳି ଧୀର ପଦକ୍ଷେପରେ ନର୍ସଜଣକ ଚାଲିଗଲା ।

ସେଦିନ ମଧ୍ୟରାତ୍ରି ବେଳକୁ ସଦାଶିବର ନିଦ ଭାଙ୍ଗିଗଲା । ସେ ଅନୁଭବ କଲା ତା ବାମ ଗୋଡ଼ର ମାଂସଗୁଡ଼ାକ କିଏ ଯେପରି ଖଣ୍ଡ ଖଣ୍ଡ କରି ଗୋଟାଏ ଦାଢ଼ ନ ଥିବା ଛୁରୀରେ କାଟି ପକାଉଛି । ସେହିପରି ଅସହ୍ୟ ଯନ୍ତ୍ରଣା ! ଡାକ୍ତର ଶୋଇପଡ଼ିବାକୁ ଯେଉଁସବୁ ନିଦ୍ରା-ଔଷଧ, ଇଞ୍ଜେକ୍‌ସନ୍ ଦେଇ ଯାଇଥିଲେ, ସେ ସମସ୍ତ ପ୍ରଭାବହୀନ ହୋଇପଡ଼ିଛି । ତାର ରକ୍ତର ସବୁଜ ଅରଣ୍ୟରେ ଧୁ ଧୁ ନିଆଁ ଶିଖାତୋଳି ଜଳି ଉଠୁଛି । ରୋଗର ଜୀବାଣୁଗୁଡ଼ାକ ଯେପରି ଛୁରୀ ଚଳାଇ, ସୋଡ଼ାବୋତଲ ଫିଙ୍ଗି ତା ରକ୍ତକୋଷର ଅରଣ୍ୟରେ ଅଗ୍ନିକାଣ୍ଡ ସୃଷ୍ଟି କରିଛନ୍ତି !

ସ୍ଲିପିଂ ପିଲ୍, ନିଦ୍ରା-ଇଞ୍ଜେକ୍‌ସନ୍—କେହି ହେଲେ ତାର ସେ ଯନ୍ତ୍ରଣାକୁ ଉପଶମ କରିପାରୁ ନାହାନ୍ତି । ସଦାଶିବ ଜାଣେ; ତାର ଜୀବନ-ଯନ୍ତ୍ରଣାର ଏକମାତ୍ର ପ୍ରତିଷେଧକ ଔଷଧ ହେଉଛି, ଅନ୍ୟ ଜଣେ ନାରୀ-ଦେହର ସ୍ପର୍ଶ ! ତାର ପ୍ରଥମ ପ୍ରଣୟିନୀର ପ୍ରତ୍ୟାଖ୍ୟାନ ପରେ ସେ ଯେଉଁ ଅସହ୍ୟ ବ୍ୟଥା ଅନୁଭବ କରୁଥିଲା; ସୀତା, ଗୀତା, ସୁନନ୍ଦା, ମୀରା, ଚନ୍ଦ୍ରିକା, ମିସେସ୍ ଦାସ, ମିସେସ୍ ମହାପାତ୍ର ପ୍ରମୁଖ ଉଦାର-ହୃଦୟା ବାନ୍ଧବୀମାନେ ଦେହ ଦେଇ ତାର ସେ ଦୈହିକ ଯନ୍ତ୍ରଣାକୁ ହରଣ କରିଥିଲେ !

ମଦ ତାକୁ ନିଶାଗ୍ରସ୍ତ କରିପାରେ ନା । ଟଙ୍କାର ଲୋଭ ତାକୁ କେବେ ପାଗଳ କରି ନାହିଁ । ତାର ଚେତନାଶକ୍ତିକୁ ନିଶାଗ୍ରସ୍ତ କରେ କେବଳ ଗୋଟିଏ ବସ୍ତୁ···ନାରୀର ଦେହ !

ବାହାରେ ଅନ୍ଧକାର । ବାରନ୍ଦା ଉପରେ ନିଷ୍ପ୍ରଭ, ଶକ୍ତିହୀନ ବଲ୍‌ବ କିଛି ପରିମାଣରେ ଆଲୋକ ବିକୀରଣ କରୁଛି । ନିଜର ଯନ୍ତ୍ରଣା-ପୀଡ଼ିତ ଦେହଟାକୁ ଜୋର କରି ଟାଣି ଟାଣି ସଦାଶିବ ନର୍ସିଂହୋମର ସେ ଏରୁଣ୍ଡିବନ୍ଧ ବାହାରକୁ ନେଲା ଏବଂ ଅନ୍ଧକାରରେ ବିରାଡ଼ିର ଆଖି ଭଳି ତାର ଆଖି ଦୁଇଟା ଜଳି ଉଠିଲା ।

## ॥ ଚାରି ॥

"ନର୍ସ ! ଆପଣଙ୍କ ଦେହରେ କୌଣସି ଯୌନରୋଗର ଜୀବାଣୁ ଅଛି ?" "ମାନେ ! ଆପଣ ହଠାତ୍···ବେଡ୍‌କୁ ଚାଲନ୍ତୁ···"

"ନର୍ସ ! ଆପଣ ମତେ ମିଛ କହିଥିଲେ ଭଲ ହୋଇଯିବି ବୋଲି । ଆପଣ ମତେ ଆରୋଗ୍ୟ କରିବାକୁ ଚାହାନ୍ତି ନାହିଁ ।"

"ଆପଣ କଅଣ ପାଗଳ ହୋଇଗଲେ ?"

"ନର୍ସ ! ମତେ ପାଗଳ କରି ଦିଅନ୍ତୁ । ଡାକ୍ତର ସେଦିନ ଭୁଲ କହୁଥିଲେ—ବଞ୍ଚିବାର ସର୍ତ୍ତ ସଂଯମ ଆଚରଣ ନୁହେଁ; ପାଗଳ ହୋଇଯିବା । ମତେ ପାଗଳ କରେ କେବଳ ନାରୀର ଦେହ···ନର୍ସ ! ତମ ଦେହର ଗଢ଼ଣ ସତରେ ଭାରି ସୁନ୍ଦର···"

"ଆପଣ ଅଭଦ୍ର, କାହାକୁ କଅଣ କହିବାକୁ ହୁଏ ଜାଣନ୍ତି ନାହିଁ···"

"ନର୍ସ ! ମୁଁ ଜାଣେ ଆପଣ ଅବିବାହିତା । ସତରେ ଯଦି ଏ ପର୍ଯ୍ୟନ୍ତ କୌଣସି ପୁରୁଷ ଆପଣଙ୍କ ଦେହ ସ୍ପର୍ଶ କରି ନ ଥାଏ, ନିଜକଥା କହି ମୁଁ ନିଶ୍ଚୟ ଅଭଦ୍ରତା କରିଛି । ଆପଣ ମୋ ଦେହ ଛୁଇଁ କୁହନ୍ତୁ, ଆପଣଙ୍କ ଦେହ ଏ ପର୍ଯ୍ୟନ୍ତ କେହି ଜଣେ ହେଲେ ପୁରୁଷ ସ୍ପର୍ଶ କରିନାହାନ୍ତି ।

ନର୍ସ ମୁହଁ ସମ୍ପୂର୍ଣ୍ଣ ଅନ୍ଧକାର ହୋଇଗଲା ।

ସତେ ଯେପରି ସେ ଆଜ ଜୀବନର ସବୁଠାରୁ ବଡ଼ ଜଟିଳତମ ପ୍ରଶ୍ନର ସମ୍ମୁଖୀନ ହୋଇଛି !

ସଦାଶିବର କଥା ଶୁଣି ଗୋଟି ସୁଦ୍ଧା ଥରୁଥିଲା ନର୍ସର ପୋଷାକ ତଳେ ଥିବା ସେହି ସୁଗଠିତ, ଉତ୍ତର-ତିରିଶବୟସ୍କ ନାରୀଦେହ ।

ସଦାଶିବ ଖୁବ୍ ଜୋର୍‌ରେ ହସିଲା । ଏ ଶତାବ୍ଦୀର ସକଳ କପଟ-ନୈତିକତା, କୃତ୍ରିମ ସମାଜକତା ପ୍ରତି ତାହା ଯେପରି ଏକ ନିର୍ମମ ଉପହାସ !

# ଚଉଦ୍ଦଶ ଅନ୍ଧକାର

ସେଦିନ ଅନ୍ଧକାର ଘର ଚୁପ୍‌ଚାପ୍ ମନେ ହେଉଥିଲା ଏବଂ ଆମେ ଦୁହେଁ ଅନ୍ଧକାରରେ ବସି କେହି କାହାରିକୁ ଦେଖିପାରୁ ନ ଥିଲୁ । ମୁଁ କହିଲି, ମାଳମା ! ତମେ ଜାଣ ନା, ମୁଁ ଏଥିମଧ୍ୟରେ ପ୍ୟାଣ୍ଟ, ଅଣ୍ତର ଓପ୍ୱେର ଆଉ ଜାମା, ଗେଞ୍ଜି କାଢ଼ିଦେଇ ସମ୍ପୂର୍ଣ୍ଣ ଲଗ୍ନ ହୋଇ ବସିଛି !

ମୋ କଥା ଶୁଣି ମାଳମା ଶବ୍ଦକରି ହସିଲା । ତାର ହସ ମୁଁ ଦେଖିପାରୁ ନ ଥିଲେ ସୁଦ୍ଧା ଶବ୍ଦ ଶୁଣିପାରିଥିଲି । ତାର ସେ ହସର ସ୍ୱରଟା ମନେ ହେଉଥିଲା ଏକ ବିଳମ୍ବିତ ଚୁମ୍ବନର ଶବ୍ଦ ଭଳି । ସେ କହିଲା, ତମକୁ ଏତେଦିନ ଦେଖି ଆସୁଛି, ତମକୁ ମୁଁ ଭଲକରି ଜାଣେ । ତମେ ମୁହଁରେ, କଥାରେ, ବାରମ୍ବାର ନଗ୍ନ ହେଲେ ବି ପ୍ରକୃତରେ କେବେ ଲଙ୍ଗଳା ହୋଇ ପାରିବ ନାହିଁ ! କାରଣ ତମେ ଭଦ୍ରହେବାକୁ ଚାହଁ ; ଆଉ ପୋଷାକ ହିଁ ତମ ଭଦ୍ରତାର ଏକମାତ୍ର ମାପକାଠି !

ମୁଁ ତାକୁ ଚମକାଇ ଦେବାକୁ କହିଲି, ତମେ ମତେ ବୋକା ଭାବ ନାହିଁ; ଅନ୍ଧକାରରେ ଦେଖିବା ଭଳି ବିଲେଇ ଆଖି ମୋର ଅଛି । ମୁଁ ସ୍ପଷ୍ଟ ଦେଖିପାରୁଛି ଯେ ତମେ ନଗ୍ନ ହୋଇ ବସିଚ ଏବଂ ତମର ଶାଢ଼ୀ, ବ୍ଲାଉଜ, ଶାୟା, ବ୍ରେସିୟାର ସବୁ ଚେୟାରର ବାଡ଼ାରେ ଝୁଲୁଛି । ତମେ ଯଦି ନଗ୍ନ ହୋଇ ନାହିଁ ବୋଲି ଯୁକ୍ତି କରିବ, ତେବେ ମୁଁ ତମ ଦେହର ଏପରି ଏକ ସ୍ଥାନକୁ ଛୁଇଁଦେବି ଯେ, ତମେ ଲଙ୍ଗଳା ହୋଇଥିବା କଥା ଧରା ପଡ଼ିଯିବ । ଛୁଇଁବି ?

ମାଳମା ଏଥର ସଶବ୍ଦରେ ହସିଲା ଏବଂ କହିଲା, ମୁଁ ଜାଣେ, ତମେ ମତେ କେବେହେଲେ ଛୁଇଁବ ନାହିଁ । ଛୁଇଁବି ଛୁଇଁବି ବୋଲି ତମେ ମତେ ଅନେକ ଥର ଧମକ ଦେଇଚ ; କିନ୍ତୁ ଛୁଅଁ ଛୁଅଁ ବୋଲି ମୁଁ ଯେତେ ତମ ପାଖକୁ ପାଖକୁ ଘୁଞ୍ଚିଯାଇଛି, ଭୟରେ ଜଡ଼ସଡ଼ ହୋଇ ତମେ କେତେ ଥର ନିଜର ଦୁଇ ହାତ ପକେଟରେ ଭର୍ତ୍ତି କରିଚ । ଅବଶ୍ୟ ମୁଁ ଏକଥା ମାନୁଛି—ଆମେ ଦୁହେଁଯାକ ଏଠାରେ ଲଙ୍ଗଳା ହୋଇ ବସିଛୁ ନିଜ ନିଜର ପୋଷାକ ତଳେ । **We all are naked under our clothes.**

ଇଂରାଜି ବାକ୍ୟଟି ମନ୍ତ୍ର ଉଚ୍ଚାରଣ କଲା ଭଳି ମାଳମା ଉଚ୍ଚାରଣ କଲା । ମୁଁ କହିଲି, ମାଳମା ! ଛୁଇଁବି ଛୁଇଁବି ବୋଲି କହି ଛୁଇଁ ନାହିଁ ; କାରଣ ତମକୁ ଥରେ ଛୁଇଁଦେଲେ ଲୁଚୁକାଳି ଖେଳଟା ଶେଷ ହୋଇଯିବ । ଆମେ ଦୁହେଁ ଦୁହିଁଙ୍କ ଠାରୁ ସକଳ ଆକର୍ଷଣ ହରାଇ ବସିବା ! ମୁଁ ଭାବିଥିଲି, ମୋ କଥା ଶୁଣି ମାଳମା ଚମକି ଉଠିବ ଏବଂ କହିବ, ଯାଃ, ଯେତେ ସବୁ ବାଜେ କଥା ! କିନ୍ତୁ ସେ ସେଭଳି କିଛି କଥା କହିଲା ନାହିଁ । ମୁଁ କେବଳ ତାର ଏକ ବୃଥା ଦୀର୍ଘଶ୍ୱାସ ଶୁଣିବାକୁ ପାଇ ପ୍ରଶ୍ନକଲି, କିଛି ଉତ୍ତର ଦେଉ ନାହିଁ ଯେ ! ସେ କହିଲା, ତମେ ଏତେବଡ଼ ଜଣେ ଶିଳ୍ପୀ ! ଅଥଚ ମୋ ମନର ଏଇ ସାମାନ୍ୟ କଥାଟା କାହିଁକି ଜାଣି ପାରୁ ନା !

ଏଥର ମୁଁ ଟିକିଏ ଡରିଗଲି । ମାଳମା ମନଟା ଏମିତି କି ପ୍ରକାଣ୍ଡ ଗିରିଗହ୍ୱର ଯେ ମୁଁ ତାର ଭିତରର ଦୃଶ୍ୟ ଦେଖିପାରୁ ନାହିଁ ! ସନ୍ଧିଗ୍ଧ କଣ୍ଠରେ ମୁଁ ପଚାରିଲି, ମାଳମା ! ତମ ମନର କଥାଟା ତମେ ମତେ ଖୋଲିକରି କୁହ । ତମ ଅନ୍ଧକାରାଚ୍ଛନ୍ନ ମନ ଭିତରକୁ ମୁଁ ଯେତେ ନିରେଖି ନିରେଖି ଚାହୁଁଛି, ସେତେ କିଛି ଦେଖିପାରୁ ନାହିଁ । ତମ ମନ ଭିତରେ ବାଘ ଅଛି ନା ଭାଲୁ ଅଛି ?

ମାଳମା ଏଥର ଚୂପ୍‌ଚାପ୍ ପାଠ ମୁଖସ୍ତ କରି ନ ଥିବା ଅଭିନେତାକୁ ସ୍କ୍ରିନ୍ ପଛପଟୁ ପ୍ରମ୍ପଟିଂ କଲା ଭଳି ଚାପାକଣ୍ଠରେ କହିଲା, ବୁଲୁଭାଇ ! ଆମେ ଲୁଚୁକାଳି ଖେଳିବା ବୟସ ଅନେକ ଦିନୁ ଡେଇଁ ଆସିଲୁଣି । ଏ ହେଉଛି ଛୁଆଁ ଛୁଇଁ ହୋଇ ବୋହୂବୋହୂକା ଖେଳିବାର ବୟସ ।

ଏତିକି କହି ସେ ସ୍ତବ୍ଧ ହୋଇଗଲା । ସତେ ଯେମିତି ସେ ବୋହୂ, ଆଉ ମୁଁ ହେଉଛି ବର !

ଘରଆଡ଼େ ପରିବ୍ୟାପ୍ତ ସେଇ କୋମଳ, ନିରନ୍ଧ୍ର ଅନ୍ଧକାର ଭାରି ଅସହ୍ୟ ମନେହେଉଥିଲା । ଅନ୍ଧକାରରେ ଦେହକୁ ଦେହ ଲଗାଲଗି ହୋଇ ବସିଲେ ଯେମିତି ରାତି ହୋଇଛି କି ଦିନ ହୋଇଛି, ଜଣାପଡ଼େ ନାହିଁ ; ସେମିତି ହାତ ଧରାଧରି ହୋଇ ଚାଲୁଥିଲେ ଅନ୍ଧକାରରେ ଆଦୌ ଭୟ ଲାଗେ ନାହିଁ, ବିରକ୍ତି ଆସେ ନାହିଁ ; କିନ୍ତୁ କେହି କାହାରିକୁ ଦେଖି ପାରୁ ନ ଥିବା ଅବସ୍ଥାରେ ଦୁହେଁ ଦୁହିଁଙ୍କ ଠାରୁ କିଛିପଦ ଦୂରତ୍ୱରେ ଦୁଇଟି ଚେୟାରରେ ଅନ୍ଧକାରରେ ବସିରହିବା କି ସ୍ନାୟୁ-ଉତ୍ପୀଡ଼କ

ଘଟଣା··· ଅଥଚ ଉଠି କୁଆଡ଼େ ଚାଲିଯିବାର ମଧ୍ୟ ଉପାୟ ନାହିଁ, କାରଣ ଯିବାବେଳେ ଯଦି ମାଳମା ଦେଖିପାରୁ ନ ଥିବା କୌଣସି ଜିନିଷକୁ ଝୁଣ୍ଟିପଡ଼େ କିମ୍ବା ତାର ସେ ତେଇଶି ବର୍ଷର ଅତ୍ୟନ୍ତ ଲାବଣ୍ୟମୟୀ ଦେହ ସହିତ ମୋର ଏକତିରିଶ ବର୍ଷ ବୟସର ବୁଭୁକ୍ଷୁ ଦେହର ହଠାତ୍ ଧକ୍କା ଲାଗେ··· ।

ଆମର ଏ କିଛି ସମୟର ନୀରବତା ଯୋଗୁଁ ମାଳମାର ହୁଏ ତ ସନ୍ଦେହ ହେଲା, କିଛି ଦିଶୁ ନ ଥିବା ସେହି ଅନ୍ଧକାର ଭିତରେ ମୁଁ ତାକୁ ଏକାକିନୀ ଛାଡ଼ିଦେଇ କୁଆଡ଼େ ଚାଲିଗଲେଣି, ଅଥବା ସେ ଯେ ସେଠାରେ ଏକାକିନୀ ବସିରହିଛି, ସେ କଥା ଅନେକ ସମୟ ଧରି ଭୁଲି ଗଲେଣି । ନିଜର ଉପସ୍ଥିତି କଥା ସ୍ମରଣ କରାଇ ଦେବା ପାଇଁ ସେ ମତେ କହିଲା, ବୁଲୁଭାଇ ! ମତେ ଆଜିକାଲି ଭାରି ଭୟ ଲାଗୁଛି । ତମେ କେତେ-ବଡ଼ ଶିଳ୍ପୀ ହୋଇଗଲଣି । ଯଦି ତମେ ମତେ ଭୁଲିଯାଅ ! ଶେଷରେ ଅନ୍ୟ କାହାକୁ ବାହା ହୋଇପଡ଼ ! ସତରେ ମତେ ଭାରି ଭୟ ଲାଗୁଛି ।

କଥା ଶେଷକରି ମାଳମା ହୁଏ ତ ତାର ଦୁଇ ଆଖି ଡୋଳାରେ ଏକ ଭୟାର୍ତ୍ତ ଭାବର ଅଭିବ୍ୟକ୍ତି ପ୍ରକଟିତ କଲା ଯାହା ଅନ୍ଧକାରରେ ମୁଁ ଲକ୍ଷ୍ୟକରି ପାରିଲି ନାହିଁ । ମୁଁ ବେଶ୍ ଏକ ଗୁଞ୍ଜିକିଟି ଶବ୍ଦ କରି ହସିଲି ଏବଂ କହିଲି, ନିଜ ପ୍ରେମିକା ପାଖରେ ନିଜର ଖ୍ୟାତି, ସମ୍ମାନର ଅଭିବୃଦ୍ଧି ଯେ ଏକ ଭୟର କାରଣ ହୋଇପାରେ, ସେ କଥା ମତେ ଜଣା ନ ଥିଲା ; କିନ୍ତୁ ତମର ଏ ଭୟ ମତେ ବେଶ୍ ଆନନ୍ଦ ଦେଉଛି । ମୁଁ ନିଶ୍ଚିନ୍ତ ହୋଇ ପାରୁଛି ଯେ ତମେ ମତେ ଏବେ ସୁଦ୍ଧା ଭଲପାଉଛ । ମତେ ହରାଇବାର ଦୁଃଖରେ ଅକାରଣରେ ହେଲେ ବି ଭୟଭୀତ ହେଉଛ । ପ୍ରେମିକକୁ ହରାଇବାର ଭୟ ଯେତେବେଳେ ପ୍ରେମିକା ମନରୁ ଲୋପ ପାଇଯାଏ, ସେତେବେଳେ ସେ ପ୍ରେମ ତାର ଗଭୀରତା ହରାଇ ବସେ ।

ମୁଁ କଥା ଶେଷକରି ଧ୍ୟାନମଗ୍ନ ହେଲି । ଜାଣିବାକୁ ଚେଷ୍ଟାକଲି ମୁଁ ଯାହା କହୁଛି, ସେ ମୋ ନିଜ ମନର କଥା ନା କୌଣସି ଗଳ୍ପ, ଉପନ୍ୟାସର କୌଣସି ଚରିତ୍ରର ଉକ୍ତି ! ମୋ ନୀରବତାର ସୁଯୋଗ ନେଇ ମାଳମା କହିଲା,

ତମେ ବଡ଼ ଶିଳ୍ପୀ ହୁଅ, ସେ କଥା ମୁଁ ଅନ୍ତରରେ କାମନା କରେ । କିନ୍ତୁ ତମ ଛବିଗୁଡ଼ାକ ଦେଖି ତମକୁ ମୋଠାରୁ ବଳି ଅନ୍ୟ କେଉଁ ସୁନ୍ଦରୀ ଝିଅ ଭଲ ପାଆନ୍ତୁ, ସେ କଥା ମୁଁ ଚାହେଁ ନାହିଁ । ଶୁଣିଛି, ତମକୁ କୁଆଡ଼େ ଅନେକ ଝିଅ ଭଲ ପାଉଛନ୍ତି !

କଥା କହିଲାବେଳେ ମାଳମାର କଣ୍ଠସ୍ୱର ଥରୁଥିଲା । ସତେ ଯେମିତି ସେଇ ଅନ୍ଧକାର ଭିତରେ ବସି ମୁଁ ମାଳମା ଆଗରେ ଅନ୍ୟ କେଉଁ ଝିଅର ବ୍ଲାଉଜ୍ ବୋତାମ ଖୋଲୁଛି, ଆଉ ଅନ୍ଧକାରରେ କିଛି ଦେଖି ନ ପାରି ହାତ ଧରି ଅଟକାଇ ଦେବାକୁ ବୃଥାରେ ସେ ଅଣ୍ଡାଳି ହେଉଛି ! ମୁଁ ମାଳମାର ଭୟ ଦୂର କରିବା ପାଇଁ ବୁଝାଇଲି, ଭଲ ପାଇବା ଆଉ ପ୍ରେମରେ ପଡ଼ିବା କିନ୍ତୁ ଏକ କଥା ନୁହେଁ । ମତେ ଅନେକ କଳାନୁରାଗୀ ପୁଅଝିଅ ଭଲପାଆନ୍ତି । ମୁଁ ମଧ୍ୟ ସେମାନଙ୍କୁ ଭଲପାଏ ; କିନ୍ତୁ ସେ ଭଲପାଇବାର ସମ୍ପର୍କ ଭିତରେ ତମେ ପ୍ରେମରେ ପଡ଼ିବାର ଗନ୍ଧ ଅବା ବାରିଲ କପରି ? ମାଳମା ମୋ କଥା ଶୁଣି ସାମାନ୍ୟ ବିଚଳିତ ହେଲା । ତା ପରେ ଅଭିମାନଭରା କଣ୍ଠରେ କହିଲା, ତାହାହେଲେ ତମେ ମତେ ଛୁଉଁ ନାହଁ କାହିଁକି ? ମୁଁ ତମର ଏତେ ପାଖରେ ବସିଛି, ପାଖରେ କେହି ନାହାନ୍ତି, ଚତୁର୍ଦ୍ଦିଗ ଅନ୍ଧକାର, ମତେ ଭୟ ଲାଗୁଛି, ମତେ ତମେ ନିଜ କୋଳକୁ ଟାଣିନେଉ ନାହଁ କାହିଁକି ? କାହିଁକି ମତେ ଛୁଉଁ ନା···କାହିଁକି···କାହିଁକି ?

ମାଳମାର କଣ୍ଠସ୍ୱର ଉତ୍ତେଜନାର ଅତି ତାପରେ ଉତ୍ତପ୍ତ ବୋଧ ହେଉଥିଲା । ମୁଁ ତାର ସେ ଉତ୍ତେଜନାକୁ ଶୀତଳ କରି ଦେବା ପାଇଁ କହିଲି, ମାଳମା ! ମୁଁ ତମକୁ ସ୍ପର୍ଶ କଲେ ହୁଏ ତ ତମେ ଜନନୀ ହେବ; କିନ୍ତୁ ପ୍ରେମିକା ହେବ ନାହିଁ !

ଚତୁର୍ଦ୍ଦିଗ ଅନ୍ଧକାର । ସାରା ସହରରୁ ବୋଧହୁଏ ବିଜୁଳିତାରର ସଂଯୋଗ ଛିନ୍ନ ହୋଇଯାଇଛି । ଇଚ୍ଛା କରିଥିଲେ ମୁଁ ସେ କୋଠରୀରେ ମହମବତୀ ଗୋଟିଏ ଜାଳିଦେଇ ପାରିଥାଆନ୍ତି ; କିନ୍ତୁ ମହମବତୀ କେଉଁଠି ଅଛି, ତାକୁ ଖୋଜିବାକୁ ଯିବାବେଳେ ଯଦି ମାଳମା ସହିତ ଧକ୍କା

ହୋଇଯାଏ ! ସତ କହିବାକୁ ଗଲେ ମାଳମା କେଉଁଠି ବସିଛି, ସେ କଥା ଅନୁମାନ କରି ସୁଦ୍ଧା ମୁଁ ସ୍ଥିର କରିପାରୁ ନ ଥିଲି । ତା ବ୍ୟତୀତ ପରିବ୍ୟାପ୍ତ ଅନ୍ଧକାର ମଧ୍ୟରେ ଯେଉଁ ଏକ ନିର୍ଜ୍ଜନ ପ୍ରଶାନ୍ତି ମୋର ଚେତନା ଗ୍ରନ୍ଥିକୁ ଏକ ସ୍ନିଗ୍ଧ ଶୀତଳତାରେ ଭରି ଦେଇଥିଲା, ଆଲୋକର ଉଷ୍ମ ସ୍ପର୍ଶରେ ତାହା ନଷ୍ଟ ହୋଇଯିବାର ଭୟ ମୋ ମନକୁ ଆଚ୍ଛନ୍ନ କରି ରଖିଥିଲା । ଆଉ ଜୀବନରେ ଯଦି କେବେ ମାଳମା ସହିତ ମୋର ଦୈହିକ ମିଳନ ଘଟେ, ତାହା ଯେ କେବଳ ଧକ୍କା ଲାଗିବା ଦ୍ୱାରା ସମ୍ଭବ ହେବ, ସେ ଭଳି ଏକ ଅକାରଣ ଭୟ ମଧ୍ୟ ମୋର ଅନେକ ଦିନରୁ ।

ମାଳମା ଅସମ୍ଭବ ଧରଣର ସୁନ୍ଦରୀ ଝିଅ । ତାର ବର୍ଣ୍ୟ ଯୌବନ ପ୍ରତି ମୋର ସବୁବେଳେ ଭୟ । ନିଜ ମନ ଭିତରେ ଥିବା ସଂଯମ ଉପରେ ମୋର ଆସ୍ଥା ନ ଥିଲା ବୋଲି ମାଳମାକୁ ସ୍ପର୍ଶ କରିବାକୁ ମତେ ଭୟ ଲାଗୁଥିଲା । ମୁଁ ଶିଳ୍ପୀ । ଅନେକ ଝିଅଙ୍କୁ ଦୂରରୁ ଦେଖି ଛବି ଆଙ୍କିଛି, କିନ୍ତୁ କୌଣସି ଅନାତ୍ମୀୟା ଯୌବନବତୀ ଝିଅର ଦେହକୁ ମୁଁ କେବେ ସ୍ପର୍ଶ କରି ନାହିଁ । ମୋର ଭୟ ହୁଏ, ଦୂରରୁ ଦେଖି ଛବି ଆଙ୍କିଲାବେଳେ ମୁଁ ଶିଳ୍ପୀ ; କିନ୍ତୁ କୌଣସି ଅନାତ୍ମୀୟା ଫେନିଳଯୌବନା ଝିଅକୁ ସ୍ପର୍ଶ କଲାବେଳେ ମୁଁ ପୁରୁଷ ! ଶିଳ୍ପୀର କଳା ଆଉ ପୁରୁଷର ପୌରୁଷ ଏକ କଥା ନୁହେ । ହୁଏ ତ କଳା ସହିତ ପୌରୁଷର ସଙ୍ଗମ ଘଟିଲେ ତାହା କଳଙ୍କରେ ପରିଣତ ହେବାର ଭୟ ବେଶି ; କିନ୍ତୁ ଏତେବେଳ ପର୍ଯ୍ୟନ୍ତ ମାଳମା କଥା କହୁ ନାହିଁ କାହିଁକି ? ତାକୁ ଛୁଇଁବା ସମ୍ପର୍କରେ ମୁଁ ଯେଉଁ ମନ୍ତବ୍ୟ କରିଥିଲି, ସେଥିରେ ସେ ମୁଖର ହୋଇ ଉଠିବାର ଅନେକ ଉପାଦାନ ଭରି ରହିଛି ! ମୁଁ ଅଗତ୍ୟା ପ୍ରଶ୍ନ କଲି—ମାଳମା ! ତମେ କିଛି କହୁ ନାହଁ ଯେ !

ମୋ କଥା ଶୁଣି ସେ କହିଲା, ତମେ ମତେ କାହିଁକି ଛୁଉଁନାହଁ ମୁଁ ଜାଣେ ।

ତା କଥା ଶୁଣି ମୁଁ ଅବାକ୍ ହେଲି । କୌତୂହଳୀ କଣ୍ଠରେ ପ୍ରଶ୍ନ କଲି, ମୁଁ ତମକୁ ସ୍ପର୍ଶ ନ କରିବାର କି କାରଣ ତମେ ଜାଣ ? ମୋ କଥାର କିଛି ଉତ୍ତର ସେ ସାଙ୍ଗେ ସାଙ୍ଗେ ଦେଲା ନାହିଁ । ଅନେକ ସମୟ

ନୀରବ ରହିଲା ପରେ ମୁଁ ତାକୁ ଯେତେବେଳେ ତାର କାରଣ କହିବାକୁ ବାଧ୍ୟ କଲି, ସେ ଏକ ଶୋକାକୁଳ କଣ୍ଠରେ ଉତ୍ତର ଦେଲା, ମୋ ଦେହରେ ସିଫ୍ଲିସ୍ ରୋଗର ଜୀବାଣୁ ଅଛି । ମୋ ଦେହରେ ଘାଆ...

ମାଳମାର କଥାଗୁଡ଼ାକ ଏକ ଆର୍ତ୍ତନାଦ ଭଳି ମୋ କାନକୁ ଶୁଣାଯାଉଥିଲା । ମନେହେଉଥିଲା, ମାଳମାର ସେ ସ୍ୱୀକାରୋକ୍ତିରେ ଘନୀଭୂତ ଅନ୍ଧକାର ଯେପରି ନଦୀର ଜଳ ଭଳି ତରଳ ହୋଇ ବହିଯାଉଛି ! ହଠାତ୍ ମତେ ଆଶ୍ଚର୍ଯ୍ୟ କରିଦେବା ପାଇଁ ସେ ହୁଏ ତ ମିଛ କହୁଛି ଅଥବା ମୋ ପ୍ରେମର ଗଭୀରତା ଜାଣିବା ପାଇଁ ସେ ମତେ ପରୀକ୍ଷା କରୁଛି । ଏମିତି ଏକ ଅନିଶ୍ଚିତ ଭାବନା ମନକୁ ମୋର ବିବ୍ରତ କରିଦେଲା । ମୁଁ ତାକୁ ବ୍ୟାକୁଳ କଣ୍ଠରେ ପ୍ରଶ୍ନକଲି, ଏ କେମିତି ସମ୍ଭବ ? ତମେ ଜଣେ ଦେହ-ବିଳାସିନୀ ଇତର ନାରୀ, ଏ କଥା କହିବା ଅର୍ଥ ମୋ ନିଜ ଅସ୍ତିତ୍ୱକୁ ଅସ୍ୱୀକାର କରିବା । ମାଳମା ! ମୁଁ ତମର ଦେହକୁ ଛୁଇଁ ନାହିଁ; କିନ୍ତୁ ମୋର, ଧାରଣା ମୁଁ ଛୁଇଁଛି ତୁମର ହୃଦୟକୁ । ମୁଁ ତମ ଦେହକୁ ଛୁଇଁ ଛୁଆଁ ହୋଇନି ! ହୃଦୟକୁ ଛୁଇଁ ହୋଇଛି ପବିତ୍ର । ମୋ ଅଜ୍ଞାତରେ କୁତ୍ସିତ ସିଫ୍ଲିସ୍ ରୋଗର ଜୀବାଣୁ ତମ ରକ୍ତକୋଷରେ ପ୍ରବେଶ କଲା କିପରି ?

ଦେଖି ପାରୁ ନ ଥିଲେ ବି ମୁଁ ବୁଝିପାରୁଥିଲି, ମାଳମାର ଦୁଇ ଗଣ୍ଡ ପ୍ଲାବିତ କରି ଅଶ୍ରୁର ବନ୍ୟା ଛୁଟିଚାଲିଛି । କିଛି ସମୟ ପରେ ଅଶ୍ରୁ ସମ୍ବରଣ କରି ସେ ଉତ୍ତର ଦେଲା, ଉତ୍ତରାଧିକାରୀ ସୂତ୍ରରେ ଏ ରୋଗର ଜୀବାଣୁ ମୁଁ ବାପାଙ୍କଠାରୁ ପାଇଛି ବୁଲୁଭାଇ ! ବିଶ୍ୱାସ କର, ଆଜି ସୁଦ୍ଧା ମତେ ଅନ୍ୟ କୌଣସି ପୁରୁଷ ସ୍ପର୍ଶ କରି ନାହାନ୍ତି । ସୂର୍ଯ୍ୟମୁଖୀ ଫୁଲଭଳି ମୁଁ ତମର ମୁହଁକୁ ଚାହିଁରହିଛି ।

ତା କଥା ଶୁଣି ଅସ୍ଥିର ଆକୁଳତାରେ ମୁଁ ପ୍ରଶ୍ନକଲି; କିନ୍ତୁ ସେ କଥା ତମେ ମୋ ଠାରୁ ଲୁଚେଇ ରଖିଥିଲ କାହିଁକି ? ଆଉ ଯଦିବା ଲୁଚେଇ ରଖିଥିଲ, ସେ କଥା ବର୍ତ୍ତମାନ କହିଲ କାହିଁକି ? ସିଫ୍ଲିସ୍ ତ କିଛି କର୍କଟବ୍ୟାଧି ଭଳି ଅସାଧ୍ୟ ରୋଗ ନୁହେଁ । ସିଫ୍ଲିସ୍ ଏ ସଭ୍ୟତାର ସନ୍ତାନ । ଏ ସଭ୍ୟତାର

ଉତ୍ତରାଧିକାଶ୍ଚ ସୂତ୍ରରେ ଆମ ସମସ୍ତଙ୍କ ରକ୍ତକୋଷରେ ତାର ଅବାଧ ଅଧିକାର ! ମୋ କଥା ଶୁଣି ମାଳମା ବୋଧହୁଏ ସାହସ ଫେରିପାଇଲା । ଉତ୍ତର ଦେଲା—ଲଜ୍ଜା, ଲଜ୍ଜା ଯୋଗୁଁ ସେ କଥା ମୁଁ କହିପାରି ନ ଥିଲି । ଆଉ ଆଜିର ଏ ଦୀର୍ଘ ସମୟ ବ୍ୟାପୀ ଅନ୍ଧକାର ସେ ଲଜ୍ଜାକୁ ମୋର ଗୋପନ କରିଦେଲା । ଆଲୋକରେ କେବେହେଲେ ମୁଁ ସେ କଥା କହି-ପାରି ନ ଥାନ୍ତି ଭୁଲୁଭାଇ !

ମାଳମାର କଥା ଅଧା ରହିଛି, ଆଲୁଅ ଜଳିଉଠିଲା । ଝୁଇଣ୍ଟାଲ୍ ଝୁଇଣ୍ଟାଲ୍ ଆଲୋକରଶ୍ମି ଅଜାଡ଼ି ହୋଇ ପଡ଼ିଲା ସାରା କକ୍ଷରେ । ବୋଧହୁଏ ଖରାପ ହୋଇ ଯାଇଥିବା ଲାଇନ୍ ଠିକ୍ ହୋଇଗଲା, କାଳେ ମୁଁ ଚାହିଁଦେଲେ ମାଳମା ଦେହର ସେ କୁତ୍ସିତ ଘାଆକୁ ଦେଖି ଦେବି, ସେ ଭୟରେ ମୁଁ ଆଖିବୁଜି ଦେଲି । ଏତେ ସମୟ ସେ ଅନ୍ଧକାର ଭିତରେ ରହିବା ପରେ ହଠାତ୍ ଆଲୋକର ପ୍ରଭାବ ଆଖି ମୋର ସହିପାରିଲା ନାହିଁ । ମାଳମାର ସେ ନିଃସଙ୍କୋଚ ସ୍ୱୀକାରୋକ୍ତି ମୋ ମନରେ ସୃଷ୍ଟି କରିଥିଲା ରାଶି ରାଶି ଅନ୍ଧକାର !

●

# ସମୁଦ୍ରର ସ୍ୱାଦ

**।। ଏକ ।।**

ସେଦିନ ଚନ୍ଦ୍ର ମତେ କହିଥିଲା, ମତେ ଟଙ୍କା ଦଶଟା ଧାରଦିଅ । ମୁଁ ମାଧବୀକୁ ସିନେମା ଦେଖାଇ ନେବି ଏବଂ ହୋଟେଲରେ ଖୁଆଇବି ।

ଚନ୍ଦ୍ରକୁ ଦଶଟଙ୍କା ଧାର ଦେଇଥିଲି ଯଦିଓ ମୁଁ ଜାଣେନା ମାଧବୀ କିଏ ଏବଂ ସିନେମା ଦେଖା ଓ ହୋଟେଲ ଖିଆ ବାବଦ ଟଙ୍କା ଦଶଟି ଖର୍ଚ୍ଚ କରିବା ଚନ୍ଦ୍ର ପକ୍ଷରେ ଉଚିତ କି ଅନୁଚିତ ।

ଚନ୍ଦ୍ର ମତେ ଟଙ୍କା ଧାର ମାଗୁଥିଲା ; କାରଣ ତାର ଚାକିରି ଖଣ୍ଡିକ ହାତଛଡ଼ା ହୋଇ ଯାଇଥିଲା ; କାରଣ ଯେଉଁଦିନ ତାର ଉପରସ୍ଥ ହାକିମ କହିଥିଲେ ଯେ, "ଚନ୍ଦ୍ର ! ତମେ ଏ ଟଙ୍କା ପାଞ୍ଚଟା ନିଅ—ଦୁଇ କିଲୋ ନଈ ଇଲିସ କିଣି ଆମ ଘରେ ଦେଇଯିବ ।"—ସେଦିନ ସେ ଟଙ୍କା ପାଞ୍ଚଟା ସେ ନିଜ ଅଫିସର ମୁହଁକୁ ଫୋପାଡ଼ି ଦେଇ କହିଥିଲା, "ସାର୍ ! ମୁଁ ସରକାରୀ ଚାକିରି କରୁଛି ; ଆପଣଙ୍କ ଘରେ ଚାକିରି କରୁନାହିଁ ।" ତା ଆରଦିନଠାରୁ ଚନ୍ଦ୍ରକୁ କେଉଁଠି ଚାକିରି କରିବାକୁ ହୋଇ ନ ଥିଲା, କାରଣ ଲାଞ୍ଚ ନେଇଥିବା ଅଭିଯୋଗରେ ସେ ସସ୍‌ପେଣ୍ଡ ହୋଇଥିଲା ।

ଯେଉଁଦିନ ଚାକିରିରୁ ଚନ୍ଦ୍ର ଡିସ୍‌ମିସ୍ ହେଲା ସେଦିନ ମୁଁ ତା ମୁହଁରେ ଦୁଃଖ ଦେଖି ନାହିଁ । ବରଂ ଏକ ପ୍ରଚ୍ଛନ୍ନ ଆନନ୍ଦରେ ତାର ଗୋଲ୍ ଗୋଲ୍ ଆଖିଡୋଳା ଦୁଇଟା ଚକ୍ ଚକ୍ କରୁଥିଲା ଏବଂ ଅନେକ ଦିନ ପରେ ସେ ମନେ ମନେ ଗୁଣ୍ ଗୁଣ୍ ହୋଇ ଗୀତ ଗାଉଥିଲା ।

ମୁଁ ପଚାରିଲି, ଚାକିରି ତ ଗଲା । ଏଣିକି ତମେ କଅଣ କରିବ ଚନ୍ଦ୍ର ?

ଚନ୍ଦ୍ର ମୋ କଥାଶୁଣି ଖୁବ୍ ସାମାନ୍ୟ ହସି ଉତ୍ତର ଦେଇଥିଲା, ମୁଁ ଆଜି ସ୍ୱାଧୀନ ହୋଇଛି ; ଯଦିଓ ଏ ସ୍ୱାଧୀନତା ମତେ ନିଜ ଅନିଚ୍ଛା ସତ୍ତ୍ୱେ ମିଳି ଯାଇଛି । ମୁଁ ଭାରି ଖୁସି, ମତେ ଭାରି ଭଲ ଲାଗୁଛି । ମୁଁ

ଏଣିକି ନିଜ ଇଚ୍ଛା ଅନୁସାରେ ଘର ଭିତରୁ ବାହାରକୁ ବାହାରିବ । ସାଢ଼େ ଦଶଟା—ସାଢ଼େ ଚାରିଟା ସମୟ ନିର୍ଘଣ୍ଟର ବନ୍ଧନ ମୋ ପାଦରୁ ଶିଥିଳ ହୋଇ ଯାଇଛି ।

ମଣିଷ ଜୀବନରେ ସ୍ୱାଧୀନତା ଖୁବ୍ କମ୍ ସମୟ ପାଇଁ କ୍ୱଚିତ୍ ଆସେ ।

ସେଇ କ୍ୱଚିତ୍ ମୁକ୍ତିର ଦୁର୍ଲ୍ଲଭ ଆନନ୍ଦରେ ଚନ୍ଦ୍ରର ମୁହଁ ଉଜ୍ଜ୍ୱଳ ଦେଖାଯାଉଥିଲା । ତା'ପରେ ମୁଁ ତାକୁ ମୋର ଦ୍ୱିତୀୟ ପ୍ରଶ୍ନ ପଚାରିଥିଲି; ଚାକିରି ଗଲା—ଚଳିବା ପାଇଁ ଟଙ୍କା ? ଚନ୍ଦ୍ର ! ଆର୍ଥିକ ସ୍ୱାଧୀନତା ଭିନ୍ନ ବ୍ୟକ୍ତି ସ୍ୱାଧୀନତା ମୂଲ୍ୟହୀନ !

ବହୁ କଷ୍ଟରେ, ନିଜ ଅନିଚ୍ଛାସତ୍ତ୍ୱେ ସେ ଯେଉଁ ସ୍ୱାଧୀନତା ଲଭ କରିଛି, କୌଣସି ସାହୁକାର ଭଳି ଏ ଆର୍ଥିକ ଅସ୍ୱଚ୍ଛଳତା କଥା ଉଠାଇ ତାର ସେ ସ୍ୱାଧୀନତାକୁ ମୁଁ ଯେପରି ଲୁଣ୍ଠନ କରି ନେବାକୁ ବସିଛି ; ମୋ କଥା ଶୁଣି ସେମିତି ଅସ୍ୱସ୍ତି ଅନୁଭବ କଲା ଚନ୍ଦ୍ର ।

କିଛି ସମୟ ପରେ ଆକାଶର କେତୋଟି ମୁକ୍ତ ବିହଙ୍ଗଙ୍କୁ ଲକ୍ଷ୍ୟ କରି ସେ କହିଲା, ଭାରତବର୍ଷର ସ୍ୱାଧୀନତା ଆଜି ବୈଦେଶିକ ଋଣ ଉପରେ ଭରାଦେଇ ଠିଆ ହୋଇଛି । ମୁଁ ଋଣ କରି ସ୍ୱାଧୀନ ରହିବି ।

ତା'ର ସେ କଥାରେ ଲଘୁ ପରିହାସର ଚଟୁଳତା ନ ଥିଲା । ମୁଁ ଅନୁଭବ କରିଥିଲି, ଋଣ କରି ସ୍ୱାଧୀନ ହୋଇ ରହିବାର ଜିଦ୍ ପଛରେ ଥିଲା ତା'ର ଗଭୀର ଆନ୍ତରିକତା, ମାନସିକ ଦୃଢ଼ତା । ତା'ର ସେ ସ୍ୱାଧୀନ ହୋଇ ରହିବାର ଜିଦ୍ ଦେଖି ମୁଁ ବିସ୍ମିତ ହୋଇଥିଲେ ବି ଟଙ୍କା ଦଶଟା ଧାର୍ ଦେବାକୁ ମନା କରି ପାରି ନ ଥିଲି ।

ପରେ ଜାଣିଲି ମାଧବୀ ତାର ପ୍ରେମିକା ।

ଯେଉଁ ଅଫିସରେ ଚନ୍ଦ୍ର ଗ୍ରେଡ୍ ଟୁ ଆସିଷ୍ଟାଣ୍ଟ ଥିଲା, ସେହି ଅଫିସ୍‌ରେ ମାଧବୀ ବିଶ୍ୱାଳ ଜଣେ ଗ୍ରେଡ୍ ଓ୍ୱାନ୍ ଷ୍ଟେନୋଗ୍ରାଫର୍ । ଜଣେ ଗ୍ରେଡ୍ ଓ୍ୱାନ୍ ସହିତ ଆଉ ଜଣେ ଗ୍ରେଡ୍ ଟୁର ପ୍ରଣୟ, ଅଫିସର ବଡ଼ କର୍ମକର୍ତ୍ତାଙ୍କର ଦୃଷ୍ଟିକଟୁ ହୋଇ ଉଠିଥିଲା । ପ୍ରଣୟରେ ଯେ ଗଣିତର ସୂତ୍ରଗୁଡ଼ାକ ଲାଗୁ ହୁଏ ନାହିଁ; ତାହା ହୁଏତ ସେ କର୍ମକର୍ତ୍ତା ବୁଝି ପାରି ନଥିଲେ । ସେଥିପାଇଁ ନଛି ଇଲଣି ତାଙ୍କ ଘରେ ପହଞ୍ଚାଇ ଦେବାକୁ ଅଫିସର ଚନ୍ଦ୍ରକୁ ଆଦେଶ ଦେଇଥିଲେ ମାଧବୀ ବିଶ୍ୱାଳ ସାମ୍ନାରେ ;

ଏବଂ ସେ ଆଦେଶକୁ ଅଦରକାରୀ କାଗଜ ଭଳି ଚିରିଦେଇ ଚନ୍ଦ୍ର ପ୍ରମାଣ କରି ଦେଇଥିଲା ଯେ ସେ ମାଧବୀର ପ୍ରେମିକ, ଅଫିସରଙ୍କ ଗୃହଭୃତ୍ୟ ନୁହେଁ !

ନିଜ ଅଫିସ ରୋମାନ୍‌ସ କଥା ବର୍ଣ୍ଣନା କଲାବେଳେ ଚନ୍ଦ୍ରର ଦୁଇ ଆଖିର ପ୍ରଦୀପରେ ଭଲପାଇବାର ଆଲୋକ ଶିଖା ଯେପରି ଦ୍ଧୁଲୁ ଦ୍ଧୁଲୁ ହୋଇ ଜଳି ଉଠେ, ସେଥିରୁ ମୁଁ ବେଶ୍ ବୁଝି ପାରିଥିଲି, ଚନ୍ଦ୍ର ଜଳୁଛି ; ଜଳୁଛି ମାଧବୀ ବିଶ୍ୱାଳର ମନର ଆକାଶରେ, ଜଳୁଛି ନିଜ କାମନା, ଲାଲସାର ସଙ୍କୀର୍ଣ୍ଣ ପରିଧି ଭିତରେ !

କିଛିଦିନ ପରେ ଚନ୍ଦ୍ର ପୁଣି ଥରେ ଆସି ମତେ ଟଙ୍କା ଧାର୍ ମାଗିଲା । ଏଥର ଦଶ ଟଙ୍କା ନୁହେଁ; ଶହେ ଟଙ୍କା । ମାଧବୀର ଜନ୍ମଦିନ ପାଇଁ ସେ ଗୋଟାଏ ଶାଢ଼ୀ କିଣିବ । ମୁଁ ତାକୁ କହିଥିଲି, ଫେରାଇବାର ଯେତେବେଳେ ତୋର ସାମର୍ଥ ନାହିଁ, ଏ ଟଙ୍କାଟା ମୁଁ ତତେ ଦାନ ଦେଇ ଦେଉଛି । ଧାର୍ ବୋଲି କହି ଏ ଟଙ୍କା ଶହେକୁ ମୁଁ ତୋ ମୁଣ୍ଡ ଉପରେ ପଥର ବୋଝ ଭଳି ଚାପି ଦେବାକୁ ଚାହେ ନାହିଁ ।

ଗୋଟାଏ ସିଗାରେଟକୁ ନିଜ ଦୁଇ ଓଠ ଭିତରେ ଦଗ୍‌ଧ କରୁ କରୁ ଚନ୍ଦ୍ର ମତେ ଉତ୍ତର ଦେଇଥିଲା, ଏ ଟଙ୍କା ମୁଁ ନିଶ୍ଚୟ ପରିଶୋଧ କରିଦେବି । ମୋର ସିନା ଚାକିରୀ ନାହିଁ ; ମାଧବୀ ମାସକୁ ତିନିଶହରୁ ବେଶି ଦରମା ପାଏ । ଆମ ଦୁହିଙ୍କ ବିବାହ ପରେ ତା ଦରମା ଟଙ୍କା ମୁଁ ଖର୍ଚ୍ଚ କରିବି । ଧାର୍ କରୁଛି, କେବଳ ବିବାହଟା ଆଇନସିଦ୍ଧ ହେବା ପର୍ଯ୍ୟନ୍ତ !

ଚନ୍ଦ୍ରର ଯୋଜନା ଶୁଣି ସତରେ ମୁଁ ଭାରି ଖୁସି ହୋଇଥିଲି । ଅନ୍ଧ ପ୍ରଣୟର କୁହୁଡ଼ି ତାର ଦୂରଦୃଷ୍ଟିକୁ ଯେ ଆଚ୍ଛନ୍ନ କରି ନାହିଁ ; ତାହା ମୋ ପାଇଁ ହୋଇଥିଲା ଅନେକ ଆଶ୍ୱାସନାର କାରଣ ।

ମାଧବୀର ଜନ୍ମଦିନ ଉପଲକ୍ଷେ ହୋଟେଲରେ ଚନ୍ଦ୍ର ଯେଉଁ ଭୋଜି ଦେଇଥିଲା, ସେଥିରେ ମତେ ମଧ୍ୟ ଡାକିଥିଲା । ଭୋଜି ଖାଇବାର ଲୋଭ ଅପେକ୍ଷା ମାଧବୀକୁ ଥରେ ଦେଖିବାର ଲୋଭରେ ଠିକ୍ ସମୟରେ ମୁଁ ଯାଇ ସେଠାରେ ଉପସ୍ଥିତ ହୋଇଥିଲି ।

ସଫା ଶ୍ୟାମଳ ରଙ୍ଗର ଏକ ଦୀର୍ଘାଙ୍ଗୀ ଝିଅ ମାଧବୀ । ତାର ପରିମିତ ପ୍ରସାଧାନ, ସଂଯତ ପରିଧେୟ ଭିତରୁ ଏକ ଉନ୍ନତ ରୁଚିର

ପରିଚୟ ଆପେ ଆପେ ପରିଷ୍କୁଟ ହୋଇ ଉଠୁଥିଲା । ଚନ୍ଦ୍ରକାନ୍ତ ସହିତ ତାର ବ୍ୟବହାର ଓ କଥାବାର୍ତ୍ତାରୁ ମନେ ହେଲା, ଆଇନ ଅନୁସାରେ ବିବାହ ହୋଇ ନଥିଲେ ସୁଦ୍ଧା ସେମାନେ ସ୍ୱାମୀ-ସ୍ତ୍ରୀ ଭଳି ହିଁ ଚଳୁଛନ୍ତି । ଚନ୍ଦ୍ରର ଅନୁମାନ ତାହାହେଲେ ମିଥ୍ୟା ନୁହେଁ । ହୁଏତ ଆଉ କିଛିଦିନ ପରେ ସେମାନଙ୍କର ବିବାହ ହୋଇଯିବ ଏବଂ ମାଧବୀର ଦରମା ଟଙ୍କା ପ୍ରକୃତରେ ଖର୍ଚ୍ଚ କରିବ ଚନ୍ଦ୍ର !

ମାଧବୀକୁ ବିଦାୟ ଦେଇ ମୋ ସହିତ ଚନ୍ଦ୍ର ଗୋଟିଏ ରିକ୍ସାରେ ଆସିଥିଲା । ତା ମୁହଁରେ ବେଶ୍ ଏକ ପ୍ରସନ୍ନ ଭାବ ଫୁଟି ଉଠିଥିଲା । ମାଧବୀକୁ ଯେ ସେ ପ୍ରକୃତରେ ବିବାହ କରି ମୋ ଠାରୁ ଧାର ନେଇଥିବା ଟଙ୍କା ସୁଝିଦେଇ ପାରିବ, ଏକଥା ହୋଟେଲକୁ ଡାକନେଇ ସେ ମତେ ବୁଝାଇ ଦେଇଥିଲା ।

ବାଟରେ ମୁଁ ଚନ୍ଦ୍ରକୁ ପଚାରିଥିଲି, ଆଚ୍ଛା, ମାଧବୀ ଏତେ କମ୍ କଥା କୁହେ କାହିଁକି ? ଭାରି ଚୁପ୍‌ଚାପ୍ ଝିଅ ତ !

ଚନ୍ଦ୍ର ମୋ ମୁହଁକୁ ନ ଚାହିଁ ଉତ୍ତର ଦେଇଥିଲା । ମାଧବୀ କହେ ପ୍ରେମ ହେଉଛି ଏକ ତପସ୍ୟା । ମୋ ସହିତ ପ୍ରେମରେ ପଡ଼ିଲା ଦିନୁ ସେ ତପସ୍ୱିନୀ ଭଳି ଜୀବନ ଯାପନ କରୁଛି । ସେଥିପାଇଁ ସେ ବେଶୀ କଥା ଶୁଣେ, କ୍ୱଚିତ୍ କଥା କୁହେ ; କିନ୍ତୁ ବିବାହ ପରେ ଦେଖିବେ, ସେ ପୁଣି ପ୍ରଗଲ୍‌ଭା ହୋଇ ଉଠିବ ।

ମୁଁ ମନେ ମନେ ଚନ୍ଦ୍ର କଥାକୁ ବିଶ୍ୱାସ କରିଥିଲି ଏବଂ କାମନା କରିଥିଲି ସେମାନଙ୍କ ବିବାହ ଯେପରି ଶୀଘ୍ର ହୋଇଯାଏ !

## ॥ ଦୁଇ ॥

ଆଉ ଦିନେ ଟଙ୍କା ଧାର ନେଲାବେଳେ ଚନ୍ଦ୍ର ତାର ପ୍ରଣୟ କାହାଣୀ ମତେ ସଂକ୍ଷେପରେ ଶୁଣାଇଥିଲା । ମାଧବୀ ତାର ବଳିଷ୍ଠ ବ୍ୟକ୍ତିତ୍ୱ ଯୋଗୁ କୁଆଡ଼େ ଭଲ ପାଇଛି । ଦିନେ କୁଆଡ଼େ ଅଫିସ ଫେରନ୍ତା ଏକ ଚାଲିପଥରେ, ଝଙ୍କା କରଞ୍ଜ ଗଛର ଛାଇତଳେ ଠିଆହୋଇ ମାଧବୀ

ତାକୁ କହିଥିଲି, ଚନ୍ଦ୍ର ! ଆଜିକାଲି ମୁଁ ଅନେକ ପ୍ରେମିକ ଦେଖୁଛି; କିନ୍ତୁ ଜଣେ ହେଲେ ପୁରୁଷ ଦେଖୁ ନାହିଁ । ବ୍ୟକ୍ତିତ୍ୱକୁ ବାଦ୍ ଦେଲେ ପୁରୁଷତ୍ୱର କିଛି ମାନେ ରହେ ନାହିଁ । ତମଠାରେ ଏଇ ପ୍ରଥମ ଦେଖିଲି ଏକ ବଳିଷ୍ଠ ବ୍ୟକ୍ତିତ୍ୱ । ମୋ ପାଖ ସିଟ୍‌ରେ ଏତେଦିନ ଧରି କାମ କଲା ପରେ ବି ତମେ ଥରେ ହେଲେ ମତେ ସିନେମା କିମ୍ବା ଚାହା ଖାଇବାକୁ ଯିବାପାଇଁ ଡାକିନାହିଁ କିମ୍ବା ମତେ ଶୁଣାଇ ଶୁଣାଇ ମୋ ରୂପର ପ୍ରଶଂସା କରିନାହିଁ ।

ଏ କଥା ପ୍ରକୃତରେ ମାଧବୀ ବିଶ୍ୱାଳ ଚନ୍ଦ୍ରକୁ କହିଥିଲା କି ନାହିଁ ମୁଁ ଜାଣେ ନାହିଁ; କିନ୍ତୁ ମୋ ଆଗରେ ସେ କହିଲାବେଳେ ଚନ୍ଦ୍ର ଖୁବ୍ ବେଶୀ ଗର୍ବ ଅନୁଭବ କରୁଥିଲା ।

ମୁଁ ମାଧବୀ ବିଶ୍ୱାଳର କଥାକୁ ସମର୍ଥନ କରିଥିଲି ଏବଂ କହିଥିଲି, ମାଧବୀର ପ୍ରେମ ଅପାତ୍ରରେ ପଡ଼ିନାହିଁ । ତମ ଚରିତ୍ରରେ ଯେ ଏକ ବଳିଷ୍ଠ ବ୍ୟକ୍ତିତ୍ୱର ଛାପ ରହିଛି, ଏକଥା ମୁଁ ମଧ୍ୟ ଲକ୍ଷ୍ୟ କରିଛି । କାରଣ ଟଙ୍କା ଧାର ମାଗିଲାବେଳେ ଋଣକର୍ତ୍ତାର ମାନସିକ ଦୈନ୍ୟ ତମଠାରେ ମୁଁ କେବେ ଲକ୍ଷ୍ୟ କରିନାହିଁ ।

ମୋଠାରୁ ପ୍ରଶସ୍ତି ବାଣୀ ଶୁଣି ଚନ୍ଦ୍ରର କାନମୁଣ୍ଡା ଲାଲ୍ ହୋଇଥିଲା ।

ଆଚ୍ଛା ! ତମର ବିବାହଟା ଆଉ ବିଳମ୍ବ କରୁଛ କାହିଁକି ?— ମୁଁ ଚନ୍ଦ୍ରକୁ ପ୍ରଶ୍ନ କରିଥିଲି ।

ଚନ୍ଦ୍ର ନିଜେ ଖୁବ୍ ଅସ୍ୱସ୍ତି ଅନୁଭବ କରୁଥିବା ଭଳି ମୁଖଭଙ୍ଗୀ କରି କହିଲା, ମାଧବୀ ବାପ ମାଆଙ୍କର ବଡ଼ ଝିଅ । ଭାଇ, ଭଉଣୀମାନେ ସାନ । ତାଙ୍କର ପଢ଼ାଖର୍ଚ୍ଚ ମାଧବୀ ବହନ କରେ । ମାଧବୀର ତଳଭାଇ ଏବର୍ଷ ବି. ଏ. ପାଶ୍ କରିବ । ତାପରେ ଆମର ବିବାହ—

ଚନ୍ଦ୍ରର ମୁହଁରେ ହସ ଝଲ୍‌ମଲ୍ ହେଲା ।

ମୁଁ ତାର ବିବାହର ଶୁଭ କାମନା କରିଥିଲି—ଅଗ୍ରୀମ !

## ॥ ତିନି ॥

ତାପରେ ଅନେକ ଦିନ ଧରି ଚନ୍ଦ୍ର ସହିତ ମୋର ଦେଖା ହୋଇନାହିଁ ।

ମୁଁ ହୁଏତ କାର୍ଯ୍ୟବ୍ୟସ୍ତ ଥିଲି ଅଥବା ସେ ସହରରେ ନ ଥିବା ଦୃଷ୍ଟିରୁ ମୋ ସହିତ ଦେଖା କରିପାରି ନାହିଁ—ଏମିତି ଏକ କୈଫିୟତ୍ ନିଜ ମନକୁ ଦେଇ ଚନ୍ଦ୍ର ମୋ ସହିତ ଦେଖାକରି ନ ଥିବା ଘଟଣାକୁ ମୁଁ ଲଘୁ ଭାବରେ ବିଚାର କରିଥିଲି ।

କିନ୍ତୁ ଦିନେ ହଠାତ୍ ଚନ୍ଦ୍ରଠାରୁ ଗୋଟାଏ ଚିଠି ପାଇ ମୋର ଧାରଣା ମତେ ବଦଳାଇବାକୁ ପଡ଼ିଲା ।

ଚନ୍ଦ୍ର କଲିକତାରୁ ଚିଠି ଲେଖିଥିଲା, ମୁଁ ଏଠାରେ ଗୋଟାଏ ବିଦେଶୀ ତେଲ କମ୍ପାନୀରେ ଚାକିରି ନେଇଛି । ମାସକୁ ପାଞ୍ଚଶହ ଟଙ୍କା ଦରମା ; କିନ୍ତୁ ବର୍ତ୍ତମାନ ମୋ ପାଖରେ ମାସେ ଚଳିବା ପାଇଁ ଟଙ୍କା ନାହିଁ । ତେଣୁ ଆପଣ ମୋ ପାଇଁ କଷ୍ଟ କରି ଆଉ ଶହେଟଙ୍କା ଧାର ପଠାଇବେ । ତଳେ ଠିକଣା ଦେଲି । ଦରମା ପାଇଲେ ମୁଁ ଆପଣଙ୍କର ସମସ୍ତ ଟଙ୍କା ପରିଶୋଧ କରିଦେବି ।

ଆଗରୁ ଚନ୍ଦ୍ର ମତେ କେବେ ଚିଠି ଲେଖି ନ ଥିଲା । ତେଣୁ ମୁଁ ଯେଉଁ ଚିଠି ପାଇଲି, ସେ ଚନ୍ଦ୍ରର ହାତଲେଖା କି ନୁହେଁ, ତାହା ଜାଣିବା ମୋ ପକ୍ଷରେ ଏକପ୍ରକାର ଅସମ୍ଭବ ହୋଇଉଠିଲା ।

ଚନ୍ଦ୍ର ସ୍ୱାଧୀନ ହୋଇ ରହିବ ବୋଲି ସଂକଳ୍ପ କଲା ପରେ ହଠାତ୍ କାହିଁକି ବିଦେଶୀ ଅଏଲ୍ କମ୍ପାନୀରେ ଚାକିରି କଲା, ତାହା ମଧ୍ୟ ମୋର ସହଜରେ ବୋଧଗମ୍ୟ ହେଉ ନ ଥିଲା । ମୁଁ ଟଙ୍କା ନ ପଠାଇ ଚିଠିଟା ଯେପରି ଆଦୌ ମୋ ପାଖରେ ପହଞ୍ଚି ନାହିଁ, ସେହିପରି ନିର୍ଲିପ୍ତ ମନରେ ଏଣେତେଣେ କାର୍ଯ୍ୟରେ ବ୍ୟସ୍ତ ରହିଗଲି ।

କିନ୍ତୁ ଚନ୍ଦ୍ର ସହଜରେ ଛାଡ଼ିବା ଲୋକ ନୁହେଁ ।

ତିନିଦିନ ପରେ ପୁଣି ଖଣ୍ଡେ ଚିଠି ତାର ମିଳିଲା । ସେ ଚିଠିରେ ସେ ସନ୍ଦେହ ପୋଷଣ କରିଥିଲା ଯେ, ସମ୍ଭବତଃ ସେ ମୋର ପୂର୍ବ ଋଣ

ପରିଶୋଧ କରିପାରି ନାହିଁ ବୋଲି ମୁଁ ଆଉ ଅଗ୍ରୀମ ଋଣ ଦେବାକୁ ହୁଏତ କୁଣ୍ଠିତ ହେଉଛ । କିନ୍ତୁ ମୁଁ ସେପରି କୌଣସି କଥା ଭାବିବା ଉଚିତ ନୁହେଁ । ଏ ମାସରେ ଦରମା ପାଇଲେ ସେ ପ୍ରଥମେ ମୋର ଋଣ ପରିଶୋଧ କରିବାକୁ ଦୃଢ଼ ପରିକର ।

ଚନ୍ଦ୍ରର ଚିଠି ପଢ଼ି ମୁଁ ଈଷତ୍ ଅପ୍ରସ୍ତୁତ ବୋଧ କରିଥିଲି ।

ଯେତେହେଲେ ବି ଚନ୍ଦ୍ର ଏକଦା ଥିଲା ମୋର ଅନୁରକ୍ତ ଭକ୍ତ ମୋ ସାହିତ୍ୟର ଜଣେ ଅନ୍ଧ ସ୍ତାବକ । ଆମରି ଗ୍ରାମ ପାଖରେ ତାର ଘର । ତା ସହିତ ପରିଚୟ ପୁଣି ମୋର ଖୁବ୍ ଦୀର୍ଘ ଦିନର । ଟଙ୍କା କେତେଟାଙ୍କ ପାଇଁ ତାକୁ ମୁଁ ଅବିଶ୍ୱାସ କରିବା ଘୋର ଅନ୍ୟାୟ !

ମୁଁ ଟଙ୍କା ପଠାଇ ଦେଇଥିଲି ଏବଂ ସେ ପୁଣି କାହିଁକି ବିଦେଶୀ କମ୍ପାନୀ ପାଖରେ ଦାସତ୍ୱ କରୁଛି, ସେ ବିଷୟରେ ଜାଣିବା ପାଇଁ ମନିଅର୍ଡ଼ର କୁପନରେ ମୋର ଆଗ୍ରହ କଥା ଉଲ୍ଲେଖ କରିଥିଲି ।

ଚନ୍ଦ୍ରର ଚିଠି ଆସିଥିଲା ।

ବେଶ୍ ଲମ୍ବା ଚିଠି । ତା ଚିଠିର ସାରକଥା ହେଲା, ସ୍ୱାଧୀନତା ପୂର୍ବରୁ ବିଦେଶୀ ଶାସକମାନଙ୍କୁ ଯେଉଁମାନେ ଘୃଣା କରୁଥିଲେ, ସ୍ୱାଧୀନତା ପରେ ବିଦେଶୀ କମ୍ପାନୀରେ ଚାକିରି କରିବାକୁ ସେହିମାନଙ୍କଠାରେ ଅତିରିକ୍ତ ଆଗ୍ରହ ଦେଖାଯାଉଛି । ଇଣ୍ଟରଭ୍ୟୁରେ ବହୁ କଷ୍ଟରେ ସେ ସଫଳତା ଲାଭ କରି ଚାକିରି ପାଇଛି ।

ଚାକିରି ପାଇଁ ହଠାତ୍ ଆଗ୍ରହର କାରଣ ସମ୍ପର୍କରେ ସେ ଲେଖିଥିଲା, ମୁଁ ଯେତେବେଳେ ମାଧବୀ ସହିତ ଗୋଟିଏ ଅଫିସରେ ଚାକିରି କରୁଥିଲି ଅଥଚ ତା ମୁହଁକୁ ଦୃଷ୍ଟି ଟେକି ଚାହୁଁ ନ ଥିଲି, ସେତେବେଳେ ମୋ ଭିତରେ ସେ ଏକ ବଳିଷ୍ଠ ପୌରୁଷର ପରିଚୟ ପାଇଥିଲା ; କିନ୍ତୁ ଚାକିରି ଛାଡ଼ି ମୁଁ ଯେତେବେଳେ ପ୍ରେମିକ ଭାବରେ ତା ମୁହଁକୁ ବେଶୀ ଚାହିଁଲି, ସେତେବେଳେ ତା ଚାହାଣୀରେ କିପରି ଏକ ଛାଡ଼ ଛାଡ଼ ଭାବ ମତେ ଦେଖାଗଲା । ମୋର କେମିତି ସନ୍ଦେହ ହେଲା ମାଧବୀକୁ ନେଇ ମୋର ଯେଉଁ କଳ୍ପନାର ବେଲୁନ୍‌ଟା ଆକାଶରେ ଉଡ଼ି ବୁଲୁଛି, ମୁଁ ଯଦି ଶୀଘ୍ର ଗୋଟାଏ କିଛି ବଡ଼ ଚାକିରି ନ କରେ ତାହାହେଲେ ସେ ବେଲୁନ୍‌ଟା ଫାଟିଯିବ । ସେଥିପାଇଁ ସ୍ୱାଧୀନ ହୋଇ ରହିବାର ଲୋଭକୁ

ସାମୟିକ ଭାବରେ ବାତିଲ୍ କରିଦେଇ ମୁଁ ଏହି ବିଦେଶୀ ତେଲ କମ୍ପାନୀର ଅଧୀନତା ସ୍ୱୀକାର କରିନେଇଛି ।

ଚିଠିଟା ପଢ଼ି ମୁଁ ମନେ ମନେ ଚନ୍ଦ୍ରର ବୁଦ୍ଧିକୁ ଖୁବ୍ ପ୍ରଶଂସା କରିଥିଲି ।

## ॥ ଚାରି ॥

ସେଦିନ ମୁଁ ସିନେମା ଦେଖିଯାଇଥିଲି ।

ମୁଁ ଗଲାବେଳକୁ ସୋ' ଆରମ୍ଭ ହୋଇଯାଇଥିଲା । ହଲ୍ ଅନ୍ଧକାର । ଗାଇଡ଼୍ ଟର୍ଚ୍ଚ ଜାଳି ମତେ ନେଇ ମୋ ସିଟ୍‌ରେ ବସାଇ ଦେଇ ଆସିଲା । ଗାଇଡ଼୍ ଟର୍ଚ୍ଚ ଜାଳିଲା ବେଳେ ମୋ ସାମ୍ନାରେ ବସିଥିବା ଭଦ୍ରମହିଳା ପଛକୁ ଚାହିଁ ମତେ ଥରେ ଦେଖି ନେଇଥିଲେ ; କିନ୍ତୁ ମୁଁ ତାଙ୍କୁ ଦେଖି ନଥିଲି ।

ସିନେମା ଦେଖି ଯାଇଥିଲାବେଳେ ଅନେକ ସମୟରେ ସୁନ୍ଦରୀ ଝିଅମାନଙ୍କୁ ଦେଖିବାର ଲୋଭ ମୁଁ ସମ୍ବରଣ କରିପାରେ ନାହିଁ । କାରଣ ଯେଉଁ ଝିଅମାନେ ଘରୋଇ ପରିବେଶରେ ଅପରିଚ୍ଛନ୍ନ ଦେଖାଯାଆନ୍ତି, ସିନେମା ହଲ୍‌ରେ ସେମାନେ ସାଜସଜ୍ଜାରେ ବେଶ୍ ଚକ୍ ଚକ୍ ଦେଖା-ଯିବା ମୁଁ ଲକ୍ଷ୍ୟ କରିଛି । ରୂପେଲି ପରଦାରେ ଯେପରି କେବଳ ଚିତ୍ରତାରକା ଦେଖାଯାଆନ୍ତି, ସିନେମା ହଲ୍‌ରେ ସେପରି କେବଳ ପରୀକନ୍ୟାମାନଙ୍କୁ ମୁଁ ଦେଖେ । ପୁଣି ସେଇ ଝିଅମାନେ ଯଦି ଅବିବାହିତା ହୋଇଥାଆନ୍ତି, ତେବେ ଚଳଚିତ୍ରର ସେଇ ସ୍ନାୟୁ-ଉତ୍ତେଜକ ଦୃଶ୍ୟ ଦେଖିଲାବେଳେ ସେମାନଙ୍କ ମୁହଁ ଓ ଅଙ୍ଗଭଙ୍ଗୀରେ କିପରି ପ୍ରତିକ୍ରିୟା ତାର ସୃଷ୍ଟି ହେଉଛି, ତାହା ଲକ୍ଷ୍ୟ କରି ନ ପାରିଲେ ସିନେମା ଟିକେଟ୍ ପଇସା ପାଣିରେ ପଡ଼ିଲା ଭଳି ମୋର ଅବଶୋଷ ହୁଏ ।

ସେଦିନ ସେ ଭଦ୍ରମହିଳା ଅନ୍ଧକାରରେ ମୋ ମୁହଁ ଦେଖିନେଲେ ଅଥଚ ମୁଁ ତାଙ୍କ ମୁହଁ ଦେଖିପାରିଲି ନାହିଁ, ସେଥିପାଇଁ ସିଟ୍‌ରେ ବସିବା ପର ମୁହୂର୍ତ୍ତରୁ ହିଁ ମତେ ଅଶ୍ୱସ୍ତି ଲାଗୁଥିଲା ।

ଭଦ୍ରମହିଳା ବୋଧହୁଏ ବିବାହିତା ।

କାରଣ ତାଙ୍କ ପାଖ ସିଟ୍‌ରେ ଯେଉଁ ବୟସ୍କ ପୁରୁଷ ଜଣକ ବସିଥିଲେ, ତାଙ୍କର ହସିଲା ଓଠ ସ୍ଥାନ, କାଳ, ପରିବେଶ ଭେଦ ନମାନି ଅନେକ ସମୟରେ ଅସଂଯତ ହୋଇ ଉଠୁଥିଲା ; କିନ୍ତୁ ଭଦ୍ରମହିଳାଙ୍କ-ଠାରେ ମୁଁ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରୁ ନ ଥିଲି । ସେ ଠିକ୍ ଗୋଟିଏ ପାଷାଣ ପ୍ରତିମା ଭଳି ବସି ରହିଥିଲେ ।

ସିନେମା ହଲ୍‌ରେ ସ୍ନାୟୁ-ଉତ୍ତେଜକ ଦୃଶ୍ୟ ଦେଖିଲାବେଳେ ଅବିବାହିତା ଝିଅମାନଙ୍କ ମୁଖ ଓ ଅଙ୍ଗଭଙ୍ଗୀରେ କି ପରିବର୍ତ୍ତନ ଘଟୁଛି, ତାହା ଲକ୍ଷ୍ୟ କରିବାରେ ମୋର ଯେତିକି କୌତୁହଳ, ସେହି ପରିସ୍ଥିତିରେ ଜଣେ ବିବାହିତା ଭଦ୍ରମହିଳା ଓ ତାଙ୍କ ସ୍ୱାମୀଙ୍କ ମଧ୍ୟରେ କି ସମ୍ପର୍କ ଗଢ଼ିଉଠୁଛି, ତାହା ଲକ୍ଷ୍ୟ କରିବା ପାଇଁ ମୋର ସେତିକି କୁଣ୍ଠା, ସେତିକି ଘନଘୋର ଲଜ୍ଜା !

ସେଥିପାଇଁ ସେଇ ଅନ୍ଧକାର ସିନେମା ହଲ୍‌ରେ ବସି ମୁଁ ମୁହଁରେ ହାତ ଚାପି ଧରିଥିଲି, ରୂପେଲି ପରଦା କୌଣସି ଦୃଶ୍ୟ ମଧ୍ୟ ଦେଖୁ ନ ଥିଲି, କାରଣ ମୁଁ ମନେ ମନେ ଭୟ କରୁଥିଲି, ମୁହଁ ଉପରୁ ହାତ ପାପୁଲି କାଢ଼ିନେଲେ ରୂପେଲି ପରଦାର ଦୃଶ୍ୟ ବଦଳରେ ସାମ୍ନାରେ ବସିଥିବା ସେଇ ଭଦ୍ରମହିଳା ଓ ଭଦ୍ରବ୍ୟକ୍ତିଙ୍କୁ ଦେଖିବି, ଯେଉଁମାନେ ସିନେମା ହଲ୍‌କୁ ନିଜ ଶୟନକକ୍ଷ ବୋଲି ଧରିନେଇଛନ୍ତି !

ପ୍ରାୟ ଦେଢ଼ ଘଣ୍ଟା ପରେ ବିଶ୍ରାମ ସମୟ ।

ହଲ୍‌ର ବିଜୁଳି ବତି ଜଳି ଉଠିଲା ।

ମୁଁ ମୁହଁରୁ ହାତ ପାପୁଲିକୁ ଅପସାରିତ କରିନେଲି ।

ମୋ ନିଜ ଅନିଚ୍ଛା ସତ୍ତ୍ୱେ ମଧ୍ୟ ମୋ ଆଖି ସାମ୍ନା ସିଟ୍‌ରେ ବସିଥିବା ଭଦ୍ରମହିଳାଙ୍କ ମୁହଁ ଉପରେ ବୁଲି ଆସିଲା ।

ଏ' ଯେ ମାଧବୀ ବିଶ୍ୱାଳ !

ମୁଣ୍ଡରେ କିନ୍ତୁ ସିନ୍ଦୂର ନାହିଁ ।

ଆଉ ତାଙ୍କ ପାଖରେ ଯେଉଁ ବୟସ୍କ ପୁରୁଷଜଣଙ୍କ ବସିଥିଲେ ସେ ମଧ୍ୟ ଚନ୍ଦ୍ର ନୁହେଁ, ସମ୍ଭବତଃ ସେ ଚନ୍ଦ୍ରର ସେଇ ଉପରିସ୍ଥ ହାକିମ, ଯେ ତାକୁ ଦୁଇ ବିନେ ନିଜ ଇଲାସି ଘରେ ଦେଇ ଯିବାକୁ କହି ଦିନେ ଅପଦସ୍ଥ କରିଥିଲା !

ମୁଁ ଆଉ ଇଣ୍ଟରଭାଲ ପରେ ସିନେମା ଦେଖି ନାହିଁ । କାରଣ ସେଦିନ ମୁଁ ବୁଝିଲି ରୁପେଲି ପରଦାର ପରିକଳ୍ପିତ କାହାଣୀଠାରୁ ବାସ୍ତବ ଜୀବନର କାହାଣୀ ବେଶୀ ରୋମାଞ୍ଚକର । ଚନ୍ଦ୍ରର ଜୀବନରେ ଏକ ନୂଆ ଚଳଚିତ୍ର ଆରମ୍ଭ ହୋଇଛି । ବିଚରା ଚନ୍ଦ୍ର !

# ଶୂନ୍ୟତାର ସହ ସଂଗ୍ରାମ

॥ ପ୍ରଥମ ସନ୍ଧ୍ୟା ॥

ଗୀତା ! କାଲି ସନ୍ଧ୍ୟାବେଳେ ମୁଁ ଏଠାରେ ଆସି ପହଞ୍ଚିଲି । ଟ୍ୟାକ୍‌ସିରୁ ଅବତରଣ କଲାବେଳେ ହଳଧର ମଧ୍ୟ ମୋ ପଛେ ପଛେ ଆସୁଥିଲା । ବୃଦ୍ଧ ହଳଧର କଥା ତୋର ସ୍ମରଣ ଥିବ । ବାପା ମତେ ଶାଶୁ ଘରକୁ ବିଦାୟ କଲାବେଳେ ଅନ୍ୟାନ୍ୟ ଯୌତୁକ ସାମଗ୍ରୀ ସହିତ ହଳଧରକୁ ମଧ୍ୟ ମୋ ସହିତ ପଠାଇଥିଲେ । ସେ ଆମ ଘରର ବହୁ ଦିନର ବିଶ୍ୱସ୍ତ ଭୃତ୍ୟ । ବାପାଙ୍କର ତା ଉପରେ ଅଗାଧ ବିଶ୍ୱାସ । ମୋର ସୁଖ ସୁବିଧା ପ୍ରତି ଯତ୍ନ ନେବାକୁ ସେ ତାକୁ କଡ଼ା ଆଦେଶ ଦେଇଥିଲେ । ବାପାଙ୍କର ଆଦେଶ ହଳଧର କୌଣସି ଦିନ ଅମାନ୍ୟ କରି ନାହିଁ । ସେଥିପାଇଁ ଜ୍ୟୋତିର୍ମୟ ସହିତ ଏକ ପ୍ରକାର ସମସ୍ତ ସମ୍ପର୍କ ବିଚ୍ଛିନ୍ନକରି ମୁଁ ପୁଣି ଥରେ ଦାର୍ଜିଲିଂ ଚାଲି ଆସିବାବେଳେ ସେ ମଧ୍ୟ ମୋ ସହିତ ବିଛଣାପତ୍ର କାନ୍ଧରେ ଯାକି ଚାଲି ଆସିଥିଲା । ତାକୁ ସାଙ୍ଗରେ ଆଣିବାକୁ ମୋର ଇଚ୍ଛା ନଥିଲେ ସୁଦ୍ଧା ମୁଁ ବାରଣ କରିପାରି ନଥିଲି । ଆଜି ସମତଳ ଭୂମିଠାରୁ ଅଢ଼େଇ ହଜାର ଫୁଟ ଉଚ୍ଚରେ ଅବସ୍ଥିତ ଏହି ପାହାଡ଼ ହୋଟେଲରେ ପ୍ରବେଶ କଲାବେଳେମୋର ମନେହେଲା, ହଳଧର ମୋର ଭୃତ୍ୟ ନୁହେଁ, ସେ ମୋର ନିୟତି । କାୟା ସହିତ ଛାୟା ଭଳି ସେ ସବୁବେଳେ ମୋ ପଛେ ପଛେ ଲାଗି ରହିଛି ଓ ରହିବ ।

ହୋଟେଲର ମାଲିକ ମୋର ପୂର୍ବ ପରିଚିତ । ତୋର ମନେଥିବ ଆମର ବିବାହ ଗ୍ରୀଷ୍ମଋତୁରେ ହୋଇଥିଲା । ଜ୍ୟୋତିର୍ମୟ ସହିତ ମଧୁଶଯ୍ୟା ରଚନା କରିବାପାଇଁ ପ୍ରଥମେ ମୁଁ ଆସିଥିଲି ଏଇ ଦାର୍ଜିଲିଂ । ଆମେ ଦୁହେଁ ଏଇ 'ସ୍ନୋ-ଭିଉ' ହୋଟେଲ୍‌ରେ ଆସି ଉଠିଥିଲୁ । ବିଦାୟ ନେଇ ଗଲାବେଳେ ହୋଟେଲ ମାଲିକ ଯେଉଁ ବିଲ୍‌ ଆଣିଥିଲା, ତାଠାରୁ ପାଞ୍ଚ ଶହ ଟଙ୍କା ଅଧିକ ଦେଇଥିଲା ଜ୍ୟୋତିର୍ମୟ । ହୋଟେଲର ହିନ୍ଦୁସ୍ଥାନୀ

ମାଲିକ ରାମ ଶରଣ ସିଂହ ଅନ୍ତରଙ୍ଗ ଠଙ୍କାର ପରିମାଣ ଦେଖି ଆଖି ମିଟି ମିଟି କରିଥିଲା । ହୋଟେଲ ଛାଡ଼ିବା ଆଗରୁ ଆମର ଗୋଟାଏ ଫଟୋ ଉଠାଇ ସେ ହୋଟେଲ କମନ୍ ରିଡ଼ିଂ ରୁମ୍ ହଲ୍‌ରେ ଟଙ୍ଗାଇ ଦେଇଥିଲା, ବୋଧହୁଏ କୃତଜ୍ଞତାର ପ୍ରତୀକ ସ୍ୱରୂପ !

ହୋଟେଲରେ ଦୁଇଟା ରୁମ୍ ରିଜର୍ଭ କରିବାପାଇଁ ମୋର କିଛି ଅସୁବିଧା ହୋଇ ନଥିଲା । ମୋ ଟେଲିଗ୍ରାମ୍ ପାଇଲା ପରେ ସାଙ୍ଗେ ସାଙ୍ଗେ ରାମ ଶରଣ ଉତ୍ତର ପଠାଇଥିଲା, **Most welcome** ! ଏଠାରେ ପହଞ୍ଚିବା ପରେ ରାମ ଶରଣକୁ ଚିହ୍ନିବା ମୋ ପକ୍ଷରେ କଷ୍ଟକର ହୋଇଥିଲେ ସୁଦ୍ଧା ତାର କିଛି ଅସୁବିଧା ହୋଇ ନଥିଲା । କିନ୍ତୁ ମୋ ସାଥିରେ ଜ୍ୟୋତିର୍ମୟୀଙ୍କୁ ନ ଦେଖି ସେ ପ୍ରଶ୍ନ କରିଥିଲା, ସାହେବ୍ ନେହିଁ ଆୟେଙ୍ଗେ ?

ମୁଁ କୃତ୍ରିମ ଭାବରେ ହସିବାକୁ ଚେଷ୍ଟା କରି ଉତ୍ତର ଦେଇଥିଲି, ଆୟେଙ୍ଗେ···ମଗର କୁଛ୍ ଲେଟ୍ ହୋଗା···

ମୋର ବେଡ୍ ରୁମ୍‌ଟାକୁ ବେଶ ପରିଷ୍କାର ପରିଚ୍ଛନ୍ନ କରି ରଖିଥିଲା ରାମ ଶରଣ । ହଲଧରକୁ କିଛି କରିବାକୁ ହେଲା ନାହିଁ । କିନ୍ତୁ ସେ କକ୍ଷରେ ପ୍ରବେଶ କରି ପ୍ରଥମେ ମୁଁ ଧକ୍‌କା ଖାଇଲି ଭଳି ଚମକି ପଡ଼ିଲି । ଜ୍ୟୋତିର୍ମୟୀ ସହିତ ମୋର ସେ ଯୁଗ୍ମ ଫଟୋକୁ ରାମ ଶରଣ ମୋ ବେଡ୍-ରୁମ୍‌ରେ ଆଣି ଟଙ୍ଗାଇ ଦେଇଛି !

ଗୀତା ! ଅନେକ ସମୟ ଧରି ଜ୍ୟୋତିର୍ମୟୀ ସହିତ ମୋର ସେ ଫଟୋକୁ ମୁଁ ନିରୀକ୍ଷଣ କରିଥିଲି । ଫଟୋ ଉଠାଇବେଳେ ଜ୍ୟୋତିର୍ମୟୀ ତାର ଡାହାଣ ହାତ ମୋ କାନ୍ଧ ଉପରେ ରଖିଥିଲା । ମୁଁ ଆଖିରେ ଗୋଟାଏ ନାଲି ଚଷମା ପିନ୍ଧିଥିଲି । କାରଣ ସେଦିନ ସ୍ୱପ୍ନର ରଙ୍ଗରେ ମତେ ଚାରିଆଡ଼ ନାଲି ନାଲି ଦେଖାଯାଉଥିଲା !

ଆଜିର ଧୂସର ଦୃଷ୍ଟିରେ ସେ ବୟସର, ସେ ପରିବେଶର ଫଟୋଟା ଦେଖି ମୋ ଆଖି ଲୁହରେ ଝାପ୍‌ସା ହୋଇ ଆସୁଥିଲା । ମୁଁ କିନ୍ତୁ ନିଜର ଦୁର୍ବଳତାକୁ ଏତେ ଶୀଘ୍ର ଜଳ ହୋଇ ମୋ ଗଣ୍ଡ ଦେଇ ବହି ଯିବାକୁ ଦେଲି ନାହିଁ । ମୁଁ ଚୁପ୍‌କିନା ସେ ଫଟୋଟାକୁ ବେଡ୍ ରୁମ୍‌ର କାନ୍ଥରୁ ଟାଣି ଆଣି ମୋ ଷ୍ଟିଲ୍ ଟ୍ରଙ୍କ୍ ଭିତରେ ଭର୍ତ୍ତି କରି ତାଲା ପକାଇ ଦେଲି । ପ୍ରଥମ ବିବାହିତ ଜୀବନର ସେହି ସ୍ମୃତି ଚିହ୍ନ

ଗଲା—ବନ୍ଦୀ ହୋଇ ରହିଗଲା । ସେ ଫଟୋ ଝୁଲୁଥିବା କଣ୍ଡା ଦେହରେ ମୁଁ ଟାଙ୍ଗି ଦେଲି ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ନାରାୟଣଙ୍କର ଏକ କ୍ୟାଲେଣ୍ଡରର ଛବି !

ଗୀତା ! ସ୍ୱାମୀର ସଂସାରଠାରୁ ନିଜକୁ ବିଚ୍ଛିନ୍ନ କରି ଆଣିଥିବାରୁ ଈଶ୍ୱରଙ୍କ ଉପରେ ମୋର ହଠାତ୍ ଆସ୍ଥା ଯାଇଛି ବୋଲି ତୁ ଭୁଲ୍ ବୁଝିବୁ ନାହିଁ । ବାପ ଘରର ଐଶ୍ୱର୍ଯ୍ୟ ମଧ୍ୟରେ ବୁଡ଼ି ରହିଥିବାବେଳେ ମଧ୍ୟ ଏହି ଈଶ୍ୱର ବିଶ୍ୱାସ ମୋ ସହିତ ସହାବସ୍ଥାନ କରୁଥିଲା । ଜବରଦସ୍ତ ମାଆ ମୋ· ମନ ଭିତରେ ଏଇ ଈଶ୍ୱର ବିଶ୍ୱାସକୁ ପ୍ରବେଶ କରାଇ ଦେଇଥିଲା । ମାଆ ଗାଧୋଇସାରି ତିନିଘଣ୍ଟା ଠାକୁରଘରେ ପୂଜା କରେ । ହଳଧର କହେ, ବାପା ଇନ୍‌କମ୍‌ଟାକ୍‌ସ କମିଶନର ହୋଇ ଯେତେକ ପାପ କରିଥିଲେ ମାଆଙ୍କ ଈଶ୍ୱର ଭକ୍ତି ଯୋଗୁଁ ସେ ପାପ, ପୁଣ୍ୟରେ ପରିଣତ ହୋଇଯାଇଥିଲା ।

ମୋ ଦେହରେ ଯୌବନର ମଳୟ ବହିଲାବେଳେ ମୋ ମନର ଈଶ୍ୱର ବିଶ୍ୱାସ କିଛି ପରିମାଣରେ ଅବଶ୍ୟ କମି ଆସିଲାଣି । କାରଣ ମୁଁ ଜାଣିଥିଲି, ପୁତ୍ର ସନ୍ତାନ ପାଇଁ ମାଆ ଈଶ୍ୱରଙ୍କ ପାଖରେ ବହୁବାର ପ୍ରାର୍ଥନା କରି ସୁଦ୍ଧା ଗୋଟିଏ ପୁତ୍ର ସନ୍ତାନ କୋଳରେ ଧରିବାର ସୁଯୋଗ ପାଇ ନଥିଲା । ସେଥିପାଇଁ ଅନେକ ସମୟରେ ଈଶ୍ୱରଙ୍କ ଉପରେ ମୁଁ ବିରକ୍ତ ହୋଇଛି ଏବଂ ସେ ଏକ ଅପଦାର୍ଥ, କୃପଣ ବୋଲି ମନେ ମନେ ତାଙ୍କୁ ଆକ୍ଷେପ କରିଛି । କିନ୍ତୁ ଜ୍ୟୋତିର୍ମୟର କାର୍ଯ୍ୟ କଳାପ ଦେଖିଲା ପରେ ମାଆ ଯେ ପୁତ୍ର ସନ୍ତାନର ଜନନୀ ନ ହୋଇ କିଛି ମୂଲ୍ୟବାନ ପଦାର୍ଥ ହରାଇଛି, ସେ ଭଳି ଧାରଣା ମୋର ଆଉ ରହିଲା ନାହିଁ । ସେହି ଦିନୁ ଈଶ୍ୱରଙ୍କ ଉପରେ ମୁଁ ହରାଇ ବସିଥିବା ଆସ୍ଥା ପୁଣି ମୋ ମନ ଭିତରକୁ ଫେରି ଆସିଥିଲା । କେବଳ ସେଥିପାଇଁ ଜ୍ୟୋତିର୍ମୟ ପାଖରୁ ଚାଲି ଆସିଲାବେଳେ ମୁଁ ଏଇ ଭଗବାନଙ୍କ ଛବି ଥିବା କ୍ୟାଲେଣ୍ଡରଟା ନେଇ ଆସିଥିଲି । ଆଶ୍ଚର୍ଯ୍ୟ ! ତା ଛଡ଼ା ଅନ୍ୟ କୌଣସି ଜିନିଷ ପାଇଁ ମୋ ମନରେ ଟିକେ ହେଲେ ଲୋଭ ହୋଇ ନଥିଲା !

ଜ୍ୟୋତିର୍ମୟକୁ ଛାଡ଼ି ଆସିଲାପରେ ମୁଁ ପ୍ରଥମେ କେଇଦିନ ନିଃସଙ୍ଗ ବୋଧ କରିଥିଲି, ମତେ ଏକୁଟିଆ ଏକୁଟିଆ ଲାଗୁଥିଲା । କିନ୍ତୁ ଓଡ଼ିଶାଠାରୁ ଅନେକ ଦୂରରେ, ସମତଳ ଭୂମିଠାରୁ ପ୍ରାୟ ଅଢ଼େଇ

ହଜାର ଫୁଟ ଉଚ୍ଚରେ ଏହି ପାହାଡ଼ ହୋଟେଲର ଏଇ ନିର୍ଜ୍ଜନ କକ୍ଷରେ ମୋ ଭିତରେ ସେହି ନିଃସଙ୍ଗତା ବୋଧ କରି ନାହିଁ । ଏଇ କ୍ୟାଲେଣ୍ଡରର ଛବିଟା ମୋ ମନ ଭିତରର ଶୂନ୍ୟତାକୁ ଅନେକ ପରିମାଣରେ ପୂର୍ଣ୍ଣ କରି ଦେଇଛି । ମନେ ହେଉଛି, ମୋର ଖୁବ୍ ନିକଟରେ ସେ ଅଛନ୍ତି । ସେ ମୋର ନିଃଶ୍ୱାସ, ପ୍ରଶ୍ୱାସ ; ସେ ମୋର ଛାତି ଭିତରର ଧୁକ୍ ଧୁକ୍ ହୃତ୍-ସ୍ପନ୍ଦନ ; ସେ ମୋର ଆରାଧ୍ୟ, ଅନ୍ତରଙ୍ଗ !

## ॥ ଦ୍ୱିତୀୟ ମଧ୍ୟାହ୍ନ ॥

ଗୀତା ! ଆଜି ସକାଳୁ ଛପର ଘର ଚୂଲି ଉଠେଇଁ ଯେପରି ମେଞ୍ଚା ମେଞ୍ଚା ଧୂଆଁ ଆକାଶକୁ ଉଠେ, ସେମିତି ଏ ହୋଟେଲ୍ ଉପରେ ଧୂଆଁଳିଆ ବରଫ ବର୍ଷା ହେଉଥିଲା । ଏହି ଘଣ୍ଟାଏ ହେବ ମାତ୍ର ସୂର୍ଯ୍ୟ ଦେଖା ଯାଉଛି । ଏ ବୋଧହୁଏ ମଧ୍ୟାହ୍ନ ।

ହଲଧର ତାଗିଦ୍ କରି ଦେଇଯାଇଥିଲା, ଅପା ! ଆପଣ ବିଶ୍ରାମ ନିଅନ୍ତୁ । କାଲି ରାତିରେ ବୋଧହୁଏ ଭଲ ହୋଇ ନିଦ ହୋଇ ନ ଥିଲା । ଆଖି ଲାଲ୍ ଦେଖା ଯାଉଛି । ଭିତରପଟୁ କବାଟ ବନ୍ଦକରି ଦେଇ ଶୋଇ ପଡ଼ନ୍ତୁ । ଚାରିଟା ବେଳକୁ ମୁଁ ଚାହା କରିସାରି ଉଠାଇ ଦେବି ।

ହଲଧରକୁ ସନ୍ତୁଷ୍ଟ କରିବା ପାଇଁ ମୁଁ ଭିତରପଟୁ ମୋ କୋଠରୀର ଦରଜା ବନ୍ଦକରି ଦେଇଥିଲି ; କିନ୍ତୁ ଖୋଲା ରଖିଥିଲି କକ୍ଷର ଏଇ ଝରକା, ଯାହା ଉପରେ ସାମାନ୍ୟ ଜହ୍ନଫୁଲିଆ ଖରା ବିଞ୍ଚି ହୋଇ ପଡ଼ିଛି ।

ହଲଧର କିନ୍ତୁ ଠିକ୍ କହିଥିଲା ; କାଲି ରାତିରେ ଶୋଇବାକୁ ଚେଷ୍ଟା କରି ମଧ୍ୟ ମୁଁ ଆଦୌ ଶୋଇ ପାରି ନ ଥିଲି । ଶୋଇପିବା ମୋ ପକ୍ଷରେ ସହଜ କିମ୍ବା ସମ୍ଭବ ନ ଥିଲା । କାରଣ ଏ ହେଉଛି ସେହି ହୋଟେଲର କକ୍ଷ, ବିବାହ ପରେ ମଧୁଶଯ୍ୟା ରଚନା କରିବାକୁ ଆମେ ଦିନେ ଯେଉଁଠିକି ହୃଦୟର ବ୍ୟାକୁଳତା ନେଇ ଛୁଟି ଆସିଥିଲୁ ।

ଆଇ. ଏ. ଏସ. ଜ୍ୟୋତିର୍ମୟୀ ଦାସ ସେଦିନ ଏକ ଉଦ୍ଦାମ ଆନନ୍ଦରେ ମତେ ଅନୁରୋଧ କରିଥିଲା, ଗୀତୁ ! ଏ କୃତ୍ରିମ ପୋଷାକ ପତ୍ର ପିନ୍ଧି ପୁତ୍ତଳିକା ଭଳି ବସି ରହିବାକୁ ଭଲଲାଗୁ ନାହିଁ । ତମେ ଦୟାକରି ଏ ଶାଢ଼ୀ, ବ୍ଲାଉଜ, ବ୍ରେସିୟାର, ପେଟିକୋଟ୍ କାଢ଼ି ଦିଅ···ପ୍ଲିଜ୍···!

ଆଜି ଏ ନିର୍ଜନ କକ୍ଷରେ ବସି କାନ ପାରିଲେ ଜ୍ୟୋତିର୍ମୟୀର ସେ କୋମଳ ମଧୁର ନିର୍ଲଜ ଅନୁରୋଧ ମୋ କାନ ପାଖରେ ଆସି ଅଜାଡ଼ି ହୋଇପଡ଼ିଲା ଭଳି ଶୁଣାଯାଉଛି ; କିନ୍ତୁ ସେଦିନ ତାର ସେ ନିର୍ଲଜତା ମତେ ବେଶୀ ଲଜ୍ଜିତ କରିଥିଲା । ଶୈଶବରେ କେବେ ପ୍ରଥମେ ମୁଁ ନଗ୍ନ ହେବା ବଦଳରେ ପୋଷାକ ଧରିଥିଲି ତାହା ମୋର ସ୍ମରଣ ନ ରହିବା କଥା ; କିନ୍ତୁ ହେଉ ପାଇଲା ଦିନୁ କେବେହେଲେ ଯେ ବାଥ୍‌ରୁମରେ ସୁଦ୍ଧା ସଂପୂର୍ଣ୍ଣ ଭାବରେ ନଗ୍ନ ହୋଇ ନାହିଁ ; ସେ କଥା ମୁଁ ବେଶ୍ ସ୍ମରଣ ରଖିଥିଲି । ସେଥିପାଇଁ ଜ୍ୟୋତିର୍ମୟୀ ମୁହଁରେ ଉଲଗ୍ନ ହେବାର ଅନୁରୋଧ ଶୁଣିବା ମାତ୍ରେ ମୁଁ ଲଜ୍ଜାରେ ଜଳି ଯାଇଥିଲି । ମୋର ମନେ ହୋଇଥିଲା ମୋ ଦେହରୁ ପୋଷାକ ପତ୍ର ନ କାଢ଼ି ସୁଦ୍ଧା ଜ୍ୟୋତିର୍ମୟୀ ମତେ କେବଳ କଥାରେ କଥାରେ ସେ କୋଠରୀ ଭିତରେ ଯେପରି ସଂପୂର୍ଣ୍ଣ ଅନାବୃତ କରି ଦେଲା !!

ରୁମାଲରେ ମୁହଁ ଢାଙ୍କି ମୁଁ ଅନୁନୟ କରିଥିଲି, ମୁଁ ପାରିବି ନାହିଁ···ମୁଁ ଏତେଟା ଲଜ୍ଜାହୀନା ହୋଇ ପାରିବି ନାହିଁ···ଛି···ଛି !

ମୋ କଥା ଶୁଣି ଜ୍ୟୋତିର୍ମୟୀ ଈଷତ୍ ଅପ୍ରତିଭ ହୋଇଥିଲା । ସେତେବେଳେ ସେ ଥିଲା ଆସିଷ୍ଟାଣ୍ଟ୍ ସେଟ୍‌ଲମେଣ୍ଟ ଅଫିସର···ଆଜି ଭଳି ଜିଲ୍ଲା କଲେକ୍ଟରର ଦାୟିତ୍ୱ ତା ହାତମୁଠା ଭିତରକୁ ଆସି ନ ଥିଲା ; କିନ୍ତୁ ମୁଁ ତାର ଆଦେଶ ମାନି, ପତ୍ନୀ ହେଲେ ବି ନଗ୍ନ ହେବି ନାହିଁ ବୋଲି ସ୍ପଷ୍ଟ ଜଣାଇ ଦେବା ପରେ, ତା କଣ୍ଠସ୍ୱର ହଠାତ୍ କର୍କଶ ହୋଇ ଉଠିଥିଲା । ସେ ଚିତ୍କାର କଲାଭଳି କହିଥିଲା, 'ମୁଁ ସବୁ ସହିପାରେ; କିନ୍ତୁ ମୋ ଆଦେଶକୁ ତମେ ଉପେକ୍ଷା କରିବ, ଏକଥା ମୁଁ କେବେହେଲେ ସହିବି ନାହିଁ··· ।'

ଜ୍ୟୋତିର୍ମୟୀର କଥା ଶୁଣି ମୁଁ ଚମକି ଉଠିଥିଲି । ତା କଥାର ପ୍ରତିବାଦ କରି କୌଣସି ଅପ୍ରିତିକର ଅବସ୍ଥା ସୃଷ୍ଟି କରିବା ମୋର ଇଚ୍ଛା ନ ଥିଲା । ମୁଁ ମୋର ଆଖିପତାରେ ସମ୍ମୋହନ ସୃଷ୍ଟି କରି ଉତ୍ତର

ଦେଇଥିଲି; ଯାହା କରିବାର କଥା ତମେ କର, ମୁଁ ନିଜେ ନିଜକୁ ନଗ୍ନ କରି ପାରିବି ନାହିଁ···

କିନ୍ତୁ ଜ୍ୟୋତିର୍ମୟୀ ତା ସ୍ଥାନରୁ ତିଳେ ହେଲେ ଘୁଞ୍ଚି ନ ଥିଲା । କୌଣସି ଅଧସ୍ତନ କର୍ମଚାରୀଙ୍କୁ ଆଦେଶ ଦେବାଭଳି ଭଙ୍ଗୀରେ କହିଲା, ଏ ନିର୍ଜ୍ଜନ କକ୍ଷରେ ମୋ ଆଗରେ ନଗ୍ନ ହେବାର ତମର ଆପତ୍ତିର କାରଣ ମୁଁ ବୁଝିପାରୁ ନାହିଁ···ବାଥ୍‌ରୁମ୍‌କୁ ଯାଇ ତମେ ପୋଷାକ କାଢ଼ି ଆସ···

ଜ୍ୟୋତିର୍ମୟୀର ଆଦେଶ ଅମାନ୍ୟ କଲାଭଳି ସାହସ ପତ୍ନୀ ହୋଇ ସୁଦ୍ଧା ମୁଁ ସଂଗ୍ରହ କରି ପାରି ନ ଥିଲି । ଯନ୍ତ୍ରଚାଳିତ ମୂର୍ତ୍ତିଭଳି ବାଥ୍‌ରୁମ୍‌କୁ ମୁଁ ଅଗତ୍ୟା ଉଠିଯାଇଥିଲି ।

ଗୀତା ! ବାଥ୍‌ରୁମ୍‌ର ସେ ରୁଦ୍ଧ କୋଠରୀରେ ନିଜ ଦେହରୁ ଗୋଟିକ ପରେ ଗୋଟିଏ ପରିଧେୟ ଅଲଗା କଲାବେଳେ ମୋ ଆଖିରେ ଲୁହ ଆସି ଯାଇଥିଲା । ବହୁ ଦିନର ପାରିବାରିକ ସଂସ୍କାରକୁ ଜ୍ୟୋତିର୍ମୟୀର ଆଦେଶରେ ତ୍ୟାଗ କଲାବେଳେ ମୁଁ ଗୋଟିସୁଦ୍ଧା ଭାଙ୍ଗି ପଡ଼ିଥିଲି ।

ଶୟନ କକ୍ଷରୁ ଜ୍ୟୋତିର୍ମୟୀର କଣ୍ଠସ୍ୱର ଶୁଣାଯାଇଥିଲା, ଏତେ ଡେରି କରୁଛ କାହିଁକି ?

ଆଖିରୁ ଲୁହ ପୋଛି ମୁଁ ନିମ୍ନ କଣ୍ଠରେ ଅନୁରୋଧ କରିଥିଲି, ଦୟାକରି ଆଲୁଅଟା ଲିଭାଇ ଦିଅ—

ମତେ ଖୁସି କରିବା ପାଇଁ ଲାଇଟ୍ ଲିଭାଇ ଦେଇଥିଲା ଜ୍ୟୋତିର୍ମୟୀ ; କିନ୍ତୁ ମୁଁ ବାଥ୍‌ରୁମ୍‌ର ଦରଜା ଡେଇଁ ଶୟନ କକ୍ଷରେ ପ୍ରବେଶ କଲାମାତ୍ରେ ସେ ପୁଣି ଲାଇଟ୍‌ଟା ଜାଳିଦେଲା । ମୁଁ ଦୁଇହାତ ପାପୁଲିରେ ମୁହଁକୁ ଘୋପି ଧରି ଲଜ୍ଜା ଗୋପନ କରିବାକୁ ଚେଷ୍ଟା କଲାବେଳେ ତା'ର ମଦ୍ୟପଙ୍କ ଭଳି ହୋ' ହୋ ହସ ମୋ କାନ ପାଖରେ ଆସି ଅଜାଡ଼ି ହୋଇ ପଡ଼ିଥିଲା ।

କାଲି ଏଇ ନିର୍ଜ୍ଜନ କକ୍ଷରେ ଆଖିବୁଜି ଶୋଇବାକୁ ଚେଷ୍ଟା କଲାବେଳେ ମୁଁ ସେଇ ହସର ହିଲ୍ଲୋଳ ଶୁଣିବାକୁ ପାଇଥିଲି । ମୋର ମନେ ହେଉଥିଲା, ମୁଁ ଯେପରି ନଗ୍ନ ହୋଇ ବିଛଣାରେ ଶୋଇଛି ଆଉ ଜ୍ୟୋତିର୍ମୟୀ ଗୋଟିକ ପରେ ଗୋଟିଏ ଗ୍ଲାସ୍ ବିଦେଶୀ ପାନୀୟ ଶେଷ କରି କେବଳ ହୋ' ହୋ ହୋଇ ହସୁଛି !!

ଗୀତା ମୋର ଏ କ'ଣ ହେଲା ?

ସେଦିନ ଜ୍ୟୋତିର୍ମୟ ମୋ ଦେହରୁ ପରିଧେୟ ଅଲଗା କରି ନିଜ ଆଖି ଆଗରେ ମତେ ଉଲଗ୍ନ ହେବାକୁ ବାଧ୍ୟ କରିଥିଲା ; କିନ୍ତୁ ଆଜି ତା ଠାରୁ ନିଜକୁ ମତେ ବିଚ୍ଛିନ୍ନ ହୋଇଯିବାକୁ ବାଧ୍ୟ କରି ସେ ମତେ ସମାଜରେ ସମସ୍ତଙ୍କ ଆଖି ଆଗରେ ନଗ୍ନ କରି ଦେଲା !

ବିବାହ ନାମରେ ଜଣେ ସୁଖଲୋଭୀ ପୁରୁଷର ଖିଆଲର ଖେଳନା ହୋଇ ମୁଁ ଆଜି ଏହି ନିର୍ବାସିତାର ଜୀବନ ବରଣ କରି ନେଇଛି । ତଥାପି କାହିଁକି ତାରି ସେ ସ୍ମୃତି ତୀକ୍ଷ୍ଣ କଣ୍ଟା ଭଳି ମୋ ସର୍ବାଙ୍ଗରେ ବିନ୍ଧି ହୋଇ ଯାଉଛି ?

## ॥ ତୃତୀୟ ଅପରାହ୍ନ ॥

ଗୀତା ! ମୁଁ ଅନେକ ସମୟ ଧରି ଝରକାବାଟେ ଦାର୍ଜିଲିଂର ପାହାଡ଼ ଦେଖୁଥିଲି । ଢେଉ ଢେଉକା ପାହାଡ଼ମାଳା, ଧାଡ଼ି ଧାଡ଼ି ପାଇନ୍ ଗଛ ଏବଂ ଗୁଣ୍ଡ ଗୁଣ୍ଡ ଝରା ବରଫ ଦେଖି ଆଖି କ୍ଲାନ୍ତ ହୋଇ ପଡ଼ୁଥିଲେ ସୁଦ୍ଧା ବରଫାଚ୍ଛନ୍ନ ଶୁଭ୍ର ପର୍ବତମାଳା ଭାରି ଚମତ୍କାର ଦେଖା ଯାଉଥିଲା । ଦୂର ପାହାଡ଼ ସବୁଦିନେ ସୁନ୍ଦର ଦେଖାଯାଏ ନା !

ବିବାହ କଥା, ପୁଣି ଆଇ. ଏ. ଏସ. ଜ୍ୟୋତିର୍ମୟ ସହିତ ବିବାହ ସମ୍ବାଦଟା ଶୁଣି ସେଦିନ ତେଇଶିବର୍ଷ ତରୁଣୀ ମନର ଉତ୍ତାପରେ ମୋ ସ୍ୱପ୍ନର ଅନେକଗୁଡ଼ାଏ ଜମାଟବନ୍ଧା ବରଫ ତରଳିବାକୁ ଆରମ୍ଭ କରିଥିଲା । ମାଆ ଗାଡ଼ିନେଇ କଟକ ଓ ଭୁବନେଶ୍ୱରର ଅନେକ ବନ୍ଧୁବାନ୍ଧବ ଘର ବୁଲି ଆସିଥିଲା । ଯାହା ଘରକୁ ସେ କେବେହେଲେ ଯାଏ ନାହିଁ, ସେଭଳି ପୂର୍ବ ପରିଚିତ ସାଙ୍ଗମାନଙ୍କ ଦ୍ୱାର ମୁହଁରେ ଗାଡ଼ି ଅଟକାଇ ସେ ଶୁଭ ସମ୍ବାଦଟା ଦେଇ ଆସିଥିଲା, ଲତାର ବାହାଘର···ଜ୍ୱାଇଁ ଆଇ. ଏ. ଏସ.—ଜିନିଷପତ୍ର ସବୁ କଲିକତା ନ ହେଲେ ବମ୍ବେରୁ କିଣାଯିବ—ନୂଆ ଆମ୍ବାସାଡ଼ର କାର୍‌ଟା ସିନା ଦୁଇମାସ ହେଲା କିଣାହୋଇ ନିତି ପୋଛି ପୋଛି ହେଉଛି, ହେଲେ ରେଫ୍ରିଜେଟର, ରେଡ଼ିଓଗ୍ରାମ୍, ଟେପ୍ ରେକର୍ଡର—ଏ ସବୁ ତ ଆଉ କଟକ ବଜାରରୁ କିଣାହେବ ନାହିଁ !

ଅବଶ୍ୟ ଲକ୍ଷ୍ମୀର ବାପା ନଗଦ ପଚିଶ ହଜାର ଟଙ୍କା ଜ୍ୱାଇଁଙ୍କୁ ପଖାଳଖିଆ ଦେବେ···କିନ୍ତୁ ସୁନା ଗହଣା ବିଷୟରେ ତାଙ୍କର କଅଣ ଧାରଣା ଅଛି ? ଶହେଭରି ସୁନାର ଅଳଙ୍କାର ମୁଁ ଗଢ଼ାଇ ରଖିଛି—କିନ୍ତୁ ସେଥିରୁ ମତେ ବି କେତେଟା ସେକାଳର ଜିନିଷ ଭଳି ମନେ ହେଉଛି— କହିଗଲି—ପିଲା କାର୍ଯ୍ୟବ୍ୟସ୍ତ ଥାଇ ଆସି ନ ପାରେ—ତମେ ସବୁ ଯିବ—

ମୁଁ ମଧ୍ୟ ମୋ ମନର ଉତ୍ତେଜନା ଚବିଶଘଣ୍ଟାରୁ ବେଶି ସମୟ ଚାପିରଖି ପାରି ନ ଥିଲି । କେତେଜଣ ବନ୍ଧୁ ଫ୍ରେଣ୍ଡ୍ ଆଉ ବାନ୍ଧବୀମାନଙ୍କୁ ଟେଲିଫୋନ୍‌ରେ ସୁସମ୍ବାଦଟା ଦେଇ ସାରି କାର୍ଡ଼ଧରି ମତେ ମଧ୍ୟ ସମ୍ବାଦ ପରିବେଷଣ କରିବାକୁ ବାହାରିବାକୁ ପଡ଼ିଥିଲା—

ଆଉ ତତେ ଯେତେବେଳେ ସମ୍ବାଦ ଦେଲି ଯେ ଆଇ. ଏ. ଏସ. ଜ୍ୟୋତିର୍ମୟ ସହିତ ମୋର ବାହାଘର···!

ତୁ ଚମକି ଉଠିଥିଲୁ ।

ମୋ କାନ ପାଖରେ ଚୁପ୍ ଚୁପ୍ କହିଥିଲୁ, କେନ୍ଦୁଝରର ସେ ଜ୍ୟୋତିର୍ମୟ ନୁହେଁ ତ, ତା ସାଙ୍ଗରେ ମୋର ତ ବାହାଘର ପଡ଼ିଛି···ତା ମା ଆ ମତେ ଦେଖି ମୁଦି ପିନ୍ଧାଇ ଯାଇଛନ୍ତି···

ତାପରେ ସେ ମୁଦିଟା ମୋ ଆଖି ଆଗରେ ତୁ ଝୁଲସାଇ ଦେଇ କହିଥିଲୁ, ଏଇ ମୁଦି !

ତୋ ସହିତ ମୋର ଦୀର୍ଘ ଦିନର ବନ୍ଧୁତା । ତୁ ଥିଲୁ ମୋର କଲେଜର ସହପାଠିନୀ ପୁଣି ହଷ୍ଟେଲର ରୁମ୍‌ମେଟ୍ । ପ୍ରକୃତରେ ପାରିବାରିକ ସମ୍ପର୍କର ବାହାରେ ଯଦି ଅନ୍ୟ କୌଣସି ଝିଅ ସହିତ ମୋର ଆନ୍ତରିକତା ଥିଲା, ସେ ଝିଅ ହେଉଛୁ ଏକମାତ୍ର ତୁ— ; କିନ୍ତୁ ତୋ ମୁହଁରୁ ଜ୍ୟୋତିର୍ମୟର ନାମ ଶୁଣି ଓ ତା ମାଆ ତୋ ହାତରେ ମୁଦି ପିନ୍ଧାଇ ଦେଇଛନ୍ତି ବୋଲି ଜାଣିବା ମାତ୍ରେ ମୋର କେମିତି ମନେହେଲା ତୁ ହେଉଛୁ ମୋର ପରମ ଶତ୍ରୁ······

ତୋ ସହିତ ଆଉ ଗୋଟିଏ ପଦ ହେଲେ କଥାବାର୍ତ୍ତା ନ ହୋଇ ମୁଁ କାର୍ ନେଇ ଘରକୁ ଫେରି ଆସିଥିଲି । ମାଆ ମୋ ସଜଳ ଆଖିର କାରୁଣ୍ୟ ଲକ୍ଷ୍ୟ କରି ପଚାରିଥିଲେ, ଝିଅ ଜନ୍ମ ପରଘରକୁ ଲକ୍ଷ୍ମୀ ! ତୁ ଏଥିପାଇଁ କାନ୍ଦୁଛୁ କାହିଁକି ?

ଆଷାଢ଼ର ବର୍ଷାଧାରା ଭଳି ମାଆ ଗୁଣ୍ଡିରେ ମୁହଁ ଯାକି ମୁଁ କଇଁ କଇଁ ହୋଇ କାନ୍ଦି ଉଠିଥିଲି । ବଡ଼ ବ୍ୟାକୁଳ ଭାବରେ କହିଥିଲି, ବିବାହ ହେଉଛି ବୋଲି ମୁଁ କାନ୍ଦୁନି ମାଆ ! ଜ୍ୟୋତିର୍ମୟର ବିବାହ ଗୀତା ସହିତ ଠିକ୍ ହୋଇଯାଇଛି ବୋଲି ଜାଣିବା ପରେ ମତେ କାନ୍ଦି ମାଡ଼ୁଛି···ଅଥଚ ମୁଁ ମୋର ସବୁ ସାଙ୍ଗମାନଙ୍କୁ କହି ଆସିଲି······

ମାଆ ମତେ ଦୂରକୁ ଠେଲିଦେଇ ନିଜେ ଗୋଟିଏ ଚେୟାର ଦେହରେ ଥକ୍କା ମାରି ବସିପଡ଼ିଲେ । ସତେ ଯେପରି ଗୋଟାଏ ସାଙ୍ଘାତିକ ଭୂମିକମ୍ପ ଫଳରେ ଆମ ସମଗ୍ର ପରିବାରର ସ୍ଥିତି ଦୋହଲିବାକୁ ଲାଗିଛି, ମୋ କଥା ଶୁଣି ସମସ୍ତେ ସେହିପରି ଅନୁଭବ କଲେ । ବାବା ମଧ୍ୟ ଖୁବ୍ ବିଚଳିତ ହୋଇପଡ଼ିଲେ । ତାଙ୍କର ଯେଉଁ ବନ୍ଧୁ ଜ୍ୟୋତିର୍ମୟ ସହିତ କଥାବାର୍ତ୍ତା କରି ବିବାହ ସ୍ଥିର କରିଥିଲେ, ତାଙ୍କୁ ଟେଲିଗ୍ରାମ୍ କରାଗଲା । ମଧ୍ୟରାତ୍ରିରେ ସମ୍ବାଦ ଆସିଲା, ଆମେ ପାଇଥିବା ସମ୍ବାଦ ଭୁଲ୍ ନୁହେଁ; କିନ୍ତୁ ସବୁ ବିଷୟରେ କଥାବାର୍ତ୍ତା କରି ଶେଷ ନିଷ୍ପତ୍ତି ନେବାକୁ ଜ୍ୟୋତିର୍ମୟ ଦୁଇଦିନ ପରେ କଟକ ଆସୁଛି ।

ସେ ଦୁଇଦିନ ମୁଁ କି ମାନସିକ ଅଶାନ୍ତି ମଧ୍ୟରେ ଗତି କରିଛି, ତୁ ବୁଝିପାରିବୁ ନାହିଁ । ମାଆ ତ ଖିଆପିଆ ଏକପ୍ରକାର ଛାଡ଼ିଦେଇ-ଥିଲେ । ଫୋନ୍ ରିଂ କଲେ ବି ସେ ଧରିଲେ ନାହିଁ । ବାବାଙ୍କର ସେ ବହୁ-ଚିକିତ୍ସିତ ରକ୍ତଚାପ ରୋଗ ପୁଣି ଆତ୍ମପ୍ରକାଶ କଲା । ମୁଁ କେବଳ ତୋର ଅମଙ୍ଗଳ କାମନା କରି ମାଆଙ୍କ ଠାକୁରଙ୍କଠାରେ ପ୍ରାର୍ଥନା ଜଣାଉଥିଲି ।

ରୂପରେ, ଗୁଣରେ ମୋଠାରୁ ତୁ ଯଥେଷ୍ଟ ଉଚ୍ଚରେ । ତୋ ରୂପର ମୋହରେ ମୁଁ ମଧ୍ୟ ଅନେକଥର ମୁଗ୍‌ଧ ହୋଇ ପରିହାସ କରି-ଥିଲି, ମୁଁ ଯଦି ପୁରୁଷ ହୋଇଥାଆନ୍ତି, ତାହାହେଲେ ତତେ ବିବାହ ନ କରି ଛାଡ଼ି ନ ଥାନ୍ତି ଗୀତା !

ଶେଷରେ ତୁ ହେଲୁ ମୋର ପ୍ରତିଦ୍ୱନ୍ଦୀ !

ଜୀବନରେ କେବେହେଲେ କାହାରି ପ୍ରତି ମୁଁ ହିଂସା କିମ୍ବା ଈର୍ଷାଭାବ ପୋଷଣ କରିନାହିଁ; କିନ୍ତୁ ସେଦିନ ତୋ ଉପରେ ମୋର ଏପରି ରାଗ ହୋଇଥିଲା ଯେ, ତତେ ପାଖରେ ପାଇଥିଲେ ହୁଏତ ମୁଁ ଖୁନ୍ ନ କରି ଛାଡ଼ି ନ ଥାନ୍ତି ।

ଦୁଇଦିନ ପରେ ଜ୍ୟୋତିର୍ମୟ ଆମ ଘରକୁ ଆସିଥିଲା । ମତେ କେବେ ଥରେ ସେ କଲେଜରେ ଦେଖିଥିଲା । ତେଣୁ ବାବାଙ୍କର ସେ ବନ୍ଧୁଜଣକ ସମ୍ବାଦ ପଠାଇଥିଲେ, କନ୍ୟା ଦେଖିବା ପାଇଁ ହୁଏତ ଜ୍ୟୋତିର୍ମୟ ଚାହିଁପାରେ । ସେଥିପାଇଁ ସେଦିନ ସକାଳୁ ଉଠି ମତେ ପ୍ରସାଧନ କକ୍ଷରେ ଅନେକ ସମୟ ନଷ୍ଟ କରିବାକୁ ପଡ଼ିଥିଲା ।

ମତେ ଦେଖିଲାବେଳେ ଜ୍ୟୋତିର୍ମୟ ମୁହଁରେ ଅର୍ଦ୍ଧମୁକୁଳିତ ହସ ଦେଖି ମୁଁ ବୁଝି ଯାଇଥିଲି, ମୋର ସାଜସଜ୍ଜା ବ୍ୟର୍ଥ ହୋଇନାହିଁ । ବାବା ନଗଦ ଅଶି ହଜାର ଟଙ୍କା ଦେବାକୁ ପ୍ରସ୍ତୁତ ବୋଲି କହିଲା ପରେ ଜ୍ୟୋତିର୍ମୟ ମୁହଁର ସେ ଅର୍ଦ୍ଧମୁକୁଳିତ ହସ ପୂର୍ଣ୍ଣ ବିକଶିତ ହୋଇଥିଲା ।

ଗଲାବେଳେ ସେ କହିଯାଇଥିଲା, ଗୀତାର ବାପା ନଗଦ ମାତ୍ର ଦଶ ହଜାର ଟଙ୍କା ଦେବାକୁ ଚାହାନ୍ତି । ନଗଦ ଦଶ ହଜାର ଟଙ୍କାରେ ଯଦି ଆଇ. ଏ. ଏସ୍. ବର ମିଳିଯିବେ, ତେବେ ଡାକ୍ତର, ଇଞ୍ଜିନିୟରମାନେ କଅଣ ଅବିବାହିତ ରହିବେ ?

ଗୀତା ! ଜ୍ୟୋତିର୍ମୟ ବାବାଙ୍କ ଟଙ୍କାକୁ ହିଁ ବିବାହ କରିଥିଲା । ତୋ ଯୋଗୁଁ ବାବାଙ୍କୁ ଅଯଥାରେ ଅତିରିକ୍ତ ସତୁରି ହଜାର ଟଙ୍କା ଦେବାକୁ ପଡ଼ିଲା । ଇନକମ୍ ଟ୍ୟାକ୍ସ କମିଶନର ଭାବରେ ବାବା ଅବସର ଗ୍ରହଣ କଲାବେଳେ ଯେଉଁ କାଗଜ ନୋଟ୍ ସବୁ ଷ୍ଟିଲ୍ ଆଲମିରାରେ ଭର୍ତ୍ତି କରିଥିଲେ ମୋ ବିବାହରେ ସେଥିରୁ ପ୍ରାୟ ଅର୍ଦ୍ଧାଂଶରୁ ଅଧିକ ଖର୍ଚ୍ଚ ହୋଇଗଲା । ମୁଁ ବାବା ଓ ମାଆଙ୍କର ଏକମାତ୍ର ସନ୍ତାନ । ଟଙ୍କା ଖର୍ଚ୍ଚ କରିବାରେ ବାବା ସେଥିପାଇଁ କୌଣସି କାର୍ପଣ୍ୟ କରି ନ ଥିଲେ । ବାବାଙ୍କ ଇଚ୍ଛା ଅନୁସାରେ ଜ୍ୟୋତିର୍ମୟର ବିବାହ ଶୋଭାଯାତ୍ରା ତମରି ଘର ଦ୍ୱାର ମୁହଁ ଦେଇ ପରିକ୍ରମା କରିଥିଲା । ଅନେକଗୁଡ଼ାଏ ମୂଲ୍ୟବାନ୍ ଅତସବାଜି ଯେତେବେଳେ ତମ ଘର ସାମ୍ନାରେ ଫୁଟାଗଲା, ମୋ ଛାତି ମଧ୍ୟ ଏକ ଅଜ୍ଞାତ ଆନନ୍ଦରେ ଭରି ଉଠିଥିଲା ।

ମୋ ବିବାହର ଦେଢ଼ବର୍ଷ ପରେ ତୋର ବିବାହ ଜଣେ ଡାକ୍ତରଙ୍କ ସହିତ ହୋଇ ଯାଇଥିଲା । ଆଇ. ଏ. ଏସ୍. ଅଫିସରକୁ ବିବାହ କରିଥିବାର ଆନନ୍ଦ ଓ ଆବେଗର ଜୁଆର ମୋର ସେତେବେଳେ କ୍ରମେ କ୍ରମେ ଭଟ୍ଟା ପଡ଼ି ଆସୁଥିଲା । ଡକ୍ଟର ମିସ୍ କାନନ ମହାନ୍ତି ସେତେବେଳକୁ

ପକ୍ଷ ବିସ୍ତାର କରି ଆମ ଦାମ୍ପତ୍ୟ ଜୀବନକୁ ଆଚ୍ଛନ୍ନ କରିବା ଆରମ୍ଭ କରିଥିଲେ । ତୋର ବିବାହ ନିମନ୍ତ୍ରଣ ପାଇ ମୋର ଇଚ୍ଛା ହେଉଥିଲା ମୁଁ ଚିଠି ଲେଖିବି - ତୁ ଜିଣିଗଲୁ, ମୁଁ ଶୋଚନୀୟ ଭାବରେ ହାରିଗଲି । ଜ୍ୟୋତିର୍ମୟୀକୁ ତୁ ବିବାହ କରିଥିଲେ ମୁଁ ବଞ୍ଚି ଯାଇଥାଆନ୍ତି ।

ବିଳମ୍ବ ହୋଇଯାଇଥିଲା ।

ଜ୍ୟୋତିର୍ମୟୀକୁ ଚିହ୍ନିବା ମୋର ଅନେକ ବିଳମ୍ବ ହୋଇଗଲା । ପ୍ରଥମେ ଯେଉଁଦିନ ଡାକ୍ତର କାନନ ମହାନ୍ତି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଆସିଲେ, ସେଦିନ ମୁଁ କିଛି ପ୍ରଶ୍ନ କରି ନ ଥିଲି । ପୁରୁଷ ଡାକ୍ତର ନ ଡାକି ସେ କାହିଁକି ଜଣେ ମହିଳା ଡାକ୍ତର ଡାକିଛନ୍ତି, ସେ କଥା ମୁଁ କେବେ ଉଠାଇ ନାହିଁ । ତାଙ୍କ ଦେହ କଅଣ ହୋଇଛି ବୋଲି ସେଇ ପ୍ରଶ୍ନ କରି ଏକ ଅଦ୍ଭୁତ ଉତ୍ତର ପାଇଥିଲି । ତାଙ୍କର ସୁନିଦ୍ରା ହେଉନାହିଁ । କାମ କରିବାକୁ ଅଫିସରେ ମନ ଲାଗୁନାହିଁ । ଛାତି ଭିତରଟା ବେଳେ ବେଳେ କଅଣ ହୋଇଯାଉଛି ।

ପ୍ରଥମେ ମୁଁ ଭୟ ପାଇଥିଲି । ବଡ଼ ଡାକ୍ତରଙ୍କୁ ଦେଖାଇବାକୁ କହିଥିଲି । ବାବା ମଧ୍ୟ କଲିକତାରୁ ଜଣେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଡାକ୍ତରଙ୍କୁ ସାଙ୍ଗରେ ଡାକିଆଣି ଦେଖାଇ ଥିଲେ । ସେ କୌଣସି ରୋଗର ସନ୍ଧାନ ପାଇଲେ ନାହିଁ । କେବଳ କହିଲେ, ମାନସିକ ରୋଗ । ଭୟ କରିବାର କିଛି ନାହିଁ ।

ମୁଁ ତାଙ୍କୁ କହିଲି, ଚାଲନ୍ତୁ ଛୁଟି ନେଇ ଚେଞ୍ଜ୍‌ରେ ଯିବା··· କାଶ୍ମୀର କିମ୍ବା ସୁଇଜରଲାଣ୍ଡ···ଯେଉଁଠି ଯାଇ ବି କିଛିଦିନ ବୁଲିଆସିବା । ଜ୍ୟୋତିର୍ମୟୀ କିନ୍ତୁ ମୋର କୌଣସି କଥା ଶୁଣିଲା ନାହିଁ । ମିସ୍ ମହାନ୍ତିଙ୍କ ବ୍ୟତୀତ ଆଉ କାହା ପାଖରେ ଚିକିତ୍ସିତ ହେବ ନାହିଁ ବୋଲି ମନା କରିଦେଲା । ପରେ ମୁଁ ବୁଝିଲି, ରୋଗର ଅସଲ କାରଣ ହେଉଛନ୍ତି ଡକ୍ଟର ମିସ୍ ମହାନ୍ତି ସ୍ୱୟଂ । ପ୍ରଲୋଭନର ଅଗ୍ନିଦାହରେ ସେ ଜ୍ୟୋତିର୍ମୟୀର ଛାତି ଭିତରେ ଏକ ସାଂଘାତିକ କ୍ଷତ ସୃଷ୍ଟି କରିଛନ୍ତି । ସେଥିପାଇଁ ତାଙ୍କୁ ରାତିରେ ସୁନିଦ୍ରା ହେଉନାହିଁ; କାମ କରିବାକୁ ଉତ୍ସାହ ଆସୁନାହିଁ; ସେ ଛାତି ଭିତରେ ଯନ୍ତ୍ରଣାବୋଧ କରୁଛନ୍ତି ।

ମିସ୍ ମହାନ୍ତି ଯେ ଜ୍ୟୋତିର୍ମୟୀ ରୋଗର ଅସଲ କାରଣ, ସେ ସନ୍ଧାନ ପ୍ରଥମେ ମତେ ଆଣି ଦେଇଥିଲା ହଳଧର । ସେ ଅଳ୍ପଯୋଗ

କରଥିଲ, ଅପା ! ବାବୁଙ୍କ ସହିତ ସେ ଡାକ୍ତରାଣୀ ମାଆଙ୍କୁ ଏକୁଟିଆ ଛାଡ଼ି ତମେ ଯାଅ ନାହିଁ—ସେ ଡାକ୍ତରାଣୀ ନୁହେଁ, ଡାଆଣୀ··· !

ମୁଁ ଚମକି ଉଠିଥିଲି । ହଲଧରକୁ ଗାଳିଦେଇ ବିଦାୟ କରି ଦେଇଥିଲି । ଏପରି ବାଜେ କଥା ନ କହିବାକୁ ତାକୁ ସାବଧାନ କରାଇ ଦେଇଥିଲି ; କିନ୍ତୁ ନିଜେ ମୁଁ ତା କଥାକୁ ଅବିଶ୍ୱାସ କରିପାରି ନ ଥିଲି । ହଲଧର କୌଣସି ପ୍ରତ୍ୟକ୍ଷ ପ୍ରମାଣ ନ ପାଇଲେ ଏପରି ଗୁରୁତର ଅଭିଯୋଗ ସେ କେବେହେଲେ ଜ୍ୟୋତିର୍ମୟ ବିରୁଦ୍ଧରେ କରନ୍ତା ନାହିଁ !

କିନ୍ତୁ ଜ୍ୟୋତିର୍ମୟ କଅଣ ସତରେ ଏତେ ତଳକୁ ଖସିଯାଇଛି !

କାନନ ମହାନ୍ତିଙ୍କୁ ମୁଁ ପ୍ରଥମେ ଦେଖିଥିଲି ମୋ ସ୍ୱାମୀଙ୍କ ଚିକିତ୍ସକ ଭାବରେ; କିନ୍ତୁ ହଲଧର ଠାରୁ ସେଇ କଥା ଶୁଣି ସାରିଲା ପରେ ସେ ମୋର ପ୍ରତିଦ୍ୱନ୍ଦୀ ଭଳି ମନେହେଲେ !

ଦିନେ ମୁଁ ଲକ୍ଷ୍ୟ କଲି, ଜ୍ୟୋତିର୍ମୟ ଶୋଇଛି ଏବଂ ତା ଛାତି ଉପରେ ଝୁଙ୍କିପଡ଼ି ମିସ୍ ମହାନ୍ତି ତା ଛାତି ପରୀକ୍ଷା କରୁଛନ୍ତି । ମିସ୍ ମହାନ୍ତିଙ୍କ ଦୁଇ ଉନ୍ନତ ବକ୍ଷୋଜ ସେଇ ଅବସ୍ଥାରେ ଜ୍ୟୋତିର୍ମୟର ଛାତିକୁ ସ୍ପର୍ଶ କରୁଛି । ପ୍ରଥମେ ଭାବିଥିଲି, ଏସବୁ ସେ ଦୁଇଜଣଙ୍କ ଅଜ୍ଞାତ-ସାରରେ ଘଟିଯାଉଛି ; କିନ୍ତୁ ମତେ ସେ କକ୍ଷରେ ପ୍ରବେଶ କରିବା ଦେଖି ଉତ୍କଣ୍ଠାର ମିସ୍ ମହାନ୍ତି ଯେପରି ଚମକି ଉଠିଲେ, ମୋର ଧାରଣା ହେଲା ହଲଧରର ସନ୍ଦେହ ସତ୍ୟ ।

ଗୀତା ! ତାପରର ଘଟଣା ଠିକ୍‌ଠାକ୍ ବର୍ଣ୍ଣନା କରିବା ପାଇଁ ମୋର ଧୈର୍ଯ୍ୟ ନାହିଁ । କାନନ ମହାନ୍ତିର ଦେହକୁ ନେଇ ଜ୍ୟୋତିର୍ମୟ ଯେ ଏକ ନୂଆ ନିଶାରେ ମାତି ଉଠିଛି, ସେ କଥା ଭଲ କରି ଜାଣିଲା ପରେ ଜ୍ୟୋତିର୍ମୟର ରୋଗ ମୋ ଦେହକୁ ସଂକ୍ରମିତ ହୋଇ ଆସିଲା । ମୁଁ ଛାତି ଭିତରେ ଯନ୍ତ୍ରଣା ଅନୁଭବ କଲି । ରାତିରେ ଚେଷ୍ଟା କରି ସୁଦ୍ଧା ଶୋଇ ପାରିଲି ନାହିଁ ।

ମୁଁ ଥିଲି ବାବା ଓ ମାଆଙ୍କର ଏକମାତ୍ର କନ୍ୟା । ମୋ ସହିତ ବାଦ ସାଧିବାକୁ ଅନ୍ୟ କୌଣସି ଭାଇ, ଭଉଣୀ ନ ଥିଲେ । ଶୈଶବ ଓ କୈଶୋରରେ ମୁଁ ଯେପରି ବାବା ଓ ମାଆଙ୍କ ସ୍ନେହର ଏକାକୀ ଅଧିକାରିଣୀ ; ବିବାହିତା ଜୀବନରେ ମୁଁ ସେହିପରି ଗୃହିଣୀ ଥିଲି ସ୍ୱାମୀଙ୍କ

ସ୍ନେହ-ପ୍ରେମର ଏକଚ୍ଛତିଆ ଅଧିକାର । ସେଥିରେ ଅନ୍ୟ କେହି ଭାଗ ବସାଇବାକୁ ଚାହିଁଲେ ମୁଁ ତାହା ସହଜରେ ସହ୍ୟ କରିବା ଅବସ୍ଥାରେ ନ ଥିଲି ।

ଦିନେ ମୁଁ ଖବର ପାଇଲି ଜ୍ୟୋତିର୍ମୟ ସହିତ ଏକ ମଫସଲ ଅଞ୍ଚଳକୁ ଟୁର୍‌ରେ ଯାଇଥିଲେ ଡକ୍ଟର ମିସ୍ ମହାନ୍ତି ଏବଂ ସେଦିନ ରାତିରେ ଗୋଟିଏ ଡାକ ବଙ୍ଗଳାରେ ନିଶି ଯାପନ କରିଥିଲେ ।

ସେ କଥା ସତ୍ୟ କି ନୁହେଁ ବୋଲି ମୁଁ ଯେତେବେଳେ ଜାଣିବାକୁ ଚାହିଁଲି, ଜ୍ୟୋତିର୍ମୟ ବିଦ୍ରୂପ କରି ଉତ୍ତର ଦେଇଥିଲା, ତମେ କଅଣ ଭାବୁଛ ସୂର୍ଯ୍ୟମୁଖୀ ଫୁଲ ଭଳି ମୁଁ ତମରି ମୁଖ-ସୂର୍ଯ୍ୟକୁ ଦିନ ରାତି ଚାହିଁ ବସିଥିବି ? ତମେ ସ୍ମରଣ ରଖିବା ଉଚିତ ତମେ ଜଣେ ଆଇ. ଏ. ଏସ୍.ର ସ୍ତ୍ରୀ···ତମ ମୁହଁରେ ଏଭଳି ପ୍ରଶ୍ନ ଅବାନ୍ତର ଶୁଣାଯିବ···

ଗୀତା ! ସେଦିନ ଜ୍ୟୋତିର୍ମୟ ଉପରେ ଅଭିମାନ କରି ମୁଁ ବାବାଙ୍କ ପାଖକୁ ଚାଲିଯାଇଥିଲି, ବାବା ସବୁ କଥା ଶୁଣି ମୁଣ୍ଡରେ ହାତ ଦେଇଥିଲେ, ମୋ ବାହାଘରରେ ସେ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ଇନ୍‌କମ ଟ୍ୟାକ୍ସ କମିଶନର ହିସାବରେ ତାଙ୍କର ଯାହା ଇନ୍‌କମ୍ ହୋଇଥିଲା ସେ ପୁଞ୍ଜି ପ୍ରାୟ ଶେଷ ହୋଇ ଆସିଥିଲା । ତେଣୁ ମୋ କଥା ଶୁଣି ନିଜର ଚନ୍ଦା ମୁଣ୍ଡରେ ହାତ ଦେବା ବ୍ୟତୀତ ତାଙ୍କର ଅନ୍ୟ କୌଣସି ଉପାୟ ନ ଥିଲା ।

ବାବାଙ୍କ ପାଖରେ ପ୍ରାୟ ମାସେ ଖଣ୍ଡେ ରହିବା ଭିତରେ ମତେ ଫେରିଯିବାପାଇଁ ଜ୍ୟୋତିର୍ମୟ ଯେତେବେଳେ ଚିଠିଦେଲା ନାହିଁକି ଖବର ସୁଦ୍ଧା ପଠାଇଲା ନାହିଁ, ବାବା ମତେ ବୁଝାଇଲେ, ମାଆ ଲତା ! ପୁରୁଷ ପୁଅ—ପୁଣି ଯଦି ସେ ଜିଲ୍ଲା କଲେକ୍ଟର ହୋଇଥାଏ—ତାର ଚରିତ୍ରକୁ ଧରି ବସିଲେ ଚଳେନାହିଁ । ପୁରୁଷର ଚରିତ୍ର ନାରୀ ଚରିତ୍ର ଭଳି ହଠାତ୍ କଳଙ୍କି ଧରେନାହିଁ । ସେଥିପାଇଁ ତୁ ତୋ ପାରିବାରିକ ଜୀବନରେ ଅଯଥା ଅଶାନ୍ତି ସୃଷ୍ଟି କରିବା ଉଚିତ ନୁହେଁ—

ତାପରେ ଆଉ ବାବାଙ୍କ ପାଖରେ ରହିବାର କିଛି ଆବଶ୍ୟକତା ନଥିଲା । ମୁଁ ପୁଣି ଜ୍ୟୋତିର୍ମୟ ପାଖକୁ ଫେରି ଆସିଥିଲି । ଜ୍ୟୋତିର୍ମୟ କାହା ସହିତ ମିଶୁଛି ନ ମିଶୁଛି, କେଉଁ ଝିଅ ସହିତ ଟୁର୍‌ରେ ଗଲାବେଳେ ନିର୍ଜ୍ଜନ ଡାକବଙ୍ଗଳାରେ ନିଶିଯାପନ କରୁଛି କି ନାହିଁ,

ସେ ବିଷୟରେ ଅଯଥା ସ୍ପର୍ଶ-କାତର ନ ହେବା ପାଇଁ ମନ ସ୍ଥିର କରି ନେଇଥିଲି ।

ଗୀତା ! ତଥାପି ମୁଁ ଜ୍ୟୋତିର୍ମୟୀ ସହିତ ବେଶିଦିନ ଏକାଠି ରହିପାରିଲି ନାହିଁ କାହିଁକି ? ବାବା ପ୍ରାୟ ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆଇ. ଏ. ଏସ୍. ଜ୍ୟୋତିର୍ମୟୀ ସହିତ ମୋର ମିଳନର ଯେଉଁ ସେତୁବନ୍ଧ ନିର୍ମାଣ କରିଥିଲେ, ସେ ବନ୍ଧରେ ହଠାତ୍ ଏତେ ବଡ଼ ଏକ ଘାଇ ହୋଇଗଲା କିପରି ?

ମୋ ଆଖି ଆଗରେ ଅନେକ ପ୍ରଶ୍ନ ; କିନ୍ତୁ ଏହାର ଉତ୍ତର ଦେବ କିଏ ?

## ॥ ଚତୁର୍ଥ ରାତ୍ରି ॥

ଗୀତା ! ମୁଁ ବାଥ୍‌ରୁମ୍‌ରୁ ଫେରିଆସି ଦେଖିଲି, ହୋଟେଲର ମାଲିକ ରାମଶରଣ କାନ୍ଥରେ ଝୁଲୁଥିବା ନାରାୟଣ ଛବି ଆଡ଼କୁ ଅଶ୍ରୁ-ଗଦ୍‌ଗଦ୍ ଦୃଷ୍ଟିରେ ଚାହିଁରହି ଆଣ୍ଠୁ ମାଡ଼ି ବସି ପ୍ରାର୍ଥନା କରୁଛି । ତାକୁ ସେପରି ଧ୍ୟାନମଗ୍ନ ଅବସ୍ଥାରେ ବସିଥିବା ଦେଖି ମତେ ହସମାଡ଼ୁଥିଲେ ବି ମୁଁ ହସିପାରି ନ ଥିଲି । କାରଣ କାନ୍ଥରେ ଝୁଲୁଥିବା ଛବି ଉପରେ ଦୃଷ୍ଟି ରଖି ରାମଶରଣ ସିଂହର ଆଖିରେ ଅଶ୍ରୁ ଛଳ ଛଳ ହେଉଥିଲା ।

ମତେ ଦେଖି ରାମଶରଣ ଉଠି ଠିଆ ହେଲା । ମୋ ଉଦ୍ଦେଶ୍ୟରେ ହିନ୍ଦୀରେ କହିଲା, ମାଆ ଠାକୁରାଣୀ ! ଆପଣଙ୍କ ଘର ଦେଓ୍ୱାଲ୍‌ରେ ଈଶ୍ୱରଙ୍କ ଛବି ଦେଖି ମୋ ଭଳି ପାପୀର ମଧ୍ୟ ହୃଦୟ ତରଳିଗଲା । ହୋଟେଲରେ ଯେଉଁମାନେ ରହନ୍ତି, ସେମାନେ ସମସ୍ତେ ଶୋଇବାଘରେ, ବୈଠକଘରେ ସିନେମା-ଅଭିନେତ୍ରୀଙ୍କ ଛବି ଟାଙ୍ଗନ୍ତି । ଆଜିକାଲି ସିନେମା ଷ୍ଟାରମାନେ ଦେଶର ଘରିଆଡ଼େ ଭଗବାନଙ୍କ ସ୍ଥାନ ଦଖଲ କରିନେଲେଣି ; କିନ୍ତୁ ଆପଣଙ୍କ ଘରେ ମୁଁ ଏକ ଅଦ୍ଭୁତ ଘଟଣା ଦେଖିଲି ।

ମୁଁ ମୃଦୁହସି ବୃଦ୍ଧ ରାମଶରଣ ସିଂହର ଈଶ୍ୱରଭକ୍ତିର ଉଚ୍ଚ ପ୍ରଶଂସା କରିଥିଲି । ତାକୁ ବୁଝାଇଥିଲି, ଈଶ୍ୱରଙ୍କ ସ୍ଥାନ ଭେଦ ନାହିଁ ।

ସେ କ୍ୟାଲେଣ୍ଡରର ନାରୀପୂଣ ଛବି ଭିତରେ ଅଛନ୍ତି; ଚଳଚ୍ଚିତ୍ର ଅଭିନେତା-ଅଭିନେତ୍ରୀଙ୍କ ଛବିରେ ମଧ୍ୟ ଅଛନ୍ତି । ଯେ ତାଙ୍କୁ ଯେପରି ଭାବରେ ଭଜନ କଲି, ସେ ତାଙ୍କୁ ସେପରି ଭାବରେ ମିଳିବେ ।

ରାମଶରଣ ମୋ କଥାର ମର୍ମ ଠିକ୍ ଭାବରେ ବୁଝିଲା କି ନାହିଁ, ମୁଁ ଜାଣେ ନାହିଁ ; କିନ୍ତୁ ମୋ କଥାରେ ସେ ଦୁଇ ତିନି ଥର ମୁଣ୍ଡ ଟୁଙ୍ଗାରିଥିଲା ।

ହୋଟେଲରେ ପ୍ରବେଶ କଲାବେଳେ ମୁଁ ରାମଶରଣଙ୍କୁ ଶହେ ଟଙ୍କା ଆଡ଼ଭାନ୍‌ସ ଦେଇଥିଲି । ହୁଏ ତ ସେ ଟଙ୍କାର ପରମାୟୁ ଶେଷ ହୋଇ ଆସିଥିଲା । ସେଥିପାଇଁ ସେ ବୋଧହୁଏ ଆସିଥିଲା ମୋର ଦେୟ କଥା ସ୍ମରଣ କରାଇ ଦେବାପାଇଁ ।

ସତ କହିବାକୁ ଗଲେ ଭୁବନେଶ୍ୱର ଛାଡ଼ି ଚାଲି ଆସିଲାବେଳେ ମୋ ହାତରେ ବେଶି କିଛି ଟଙ୍କା ନ ଥିଲା । ଜ୍ୟୋତିର୍ମୟୀଙ୍କୁ ଟଙ୍କା ମାଗିବା ପ୍ରଶ୍ନ ତ ଉଠୁ ନ ଥିଲା, ବରଂ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ମଧ୍ୟ ମୁଁ ବିଶେଷ କିଛି ଆଣି ନ ଥିଲି । ନିଜ ପାଖରେ ଥିବା ସ୍ୱଳ୍ପପରିମିତ ଅର୍ଥରୁ କିଛି ଟଙ୍କା ଖର୍ଚ୍ଚ କରି କଲିକତାରୁ ମୁଁ କେତେକ ଜିନିଷ ମଧ୍ୟ କିଣି ଆଣିଥିଲି । କଲିକତା ଛାଡ଼ିବାବେଳେ ବାବାଙ୍କୁ ଚିଠି ଲେଖିଦେଇ ଆସିଥିଲି ଦାର୍ଜିଲିଂ "ସ୍ନୋ-ଭିଉ" ହୋଟେଲ ଠିକଣାରେ କିଛି ଟଙ୍କା ପଠାଇବା ପାଇଁ । ସେ ଟଙ୍କା ଏ ପର୍ଯ୍ୟନ୍ତ ମଧ୍ୟ ମୋ ହାତରେ ପହଞ୍ଚି ନାହିଁ । ଆଜିକାଲି ଭାରତୀୟ ଡାକବିଭାଗ ଉପରେ ବିଶେଷ ଆସ୍ଥା ରଖି ହେଉନାହିଁ । ଚିଠିଟା ହୁଏ ତ ବାବାଙ୍କ ହାତରେ ଠିକ୍ ସମୟରେ ପହଞ୍ଚିପାରି ନାହିଁ ।

ମୁଁ ସାମାନ୍ୟ ଇତସ୍ତତଃ ହୋଇ କହିଲି, ରାମଶରଣ ବାବୁ ! ଆପଣ କିଛି ମନେକରିବେ ନାହିଁ । ମୁଁ ଟଙ୍କା କିଛି ଦୁଇ ତିନି ଦିନ ମଧ୍ୟରେ ଆପଣଙ୍କୁ ଦେଇ ପାରିବି···ବର୍ତ୍ତମାନ ମୋ ହାତରୁ ଟଙ୍କା ସରି ଆସିଛି···

ରାମଶରଣ ସିଂହର ମୁହଁରେ ଗୋଟାଏ ବରଫର ଆସ୍ତରଣ ଘୋଡ଼େଇ ହୋଇଗଲା ଭଳି ମୋର ମନେହେଲା । ସେ ବଡ଼ ବିବ୍ରତ ହୋଇ କହିଲା, ଆପଣଙ୍କ ପାଖକୁ ମୁଁ ଟଙ୍କା ପାଇଁ ଆସି ନାହିଁ ମାଆ ଠାକୁରାଣୀ ! ପୋଷ୍ଟ ଅଫିସରୁ ଖବର ଆସିଛି—ଆପଣଙ୍କର ପାଞ୍ଚ ହଜାର ଟଙ୍କା ଇନ୍‌ସିଓର୍ଡ୍ ହୋଇ ଆସିଛି—ସେଇ ଖବରଟା ଦେବା ପାଇଁ···

ବାବା ତା ହେଲେ ଟଙ୍କା ପଠାଇ ଦେଇଛନ୍ତି । ମୁଁ ଡାକବିଭାଗକୁ ଅଯଥାରେ ଭୁଲ୍ ବୁଝିଥିଲି । ରାମଶରଣକୁ ସମ୍ବାଦଟା ଦେଇଥିବା ଯୋଗୁଁ ଧନ୍ୟବାଦ ଦେଇ ହଲଧରକୁ ଦୁଇ କପ୍ କଫି କରିବାକୁ ଆଦେଶ ଦେଲି ।

ରାମଶରଣ କଫି ନାମ ଶୁଣି ମାଫ୍ ମାଗିଲା । ନିଜର ଚର୍ବିବହୁଳ ଦେହକୁ ଇଙ୍ଗିତ କରି କହିଲା, ଏ ଦେହରେ ଆଉ କିଛି ଯାଇନାହିଁ । ସକାଳୁ କେବଳ ଏକ ଗ୍ଲାସ୍ ଲେମ୍ବୁପାଣି···ବାସ୍ !

ରାମଶରଣର କଥାରେ ଏପରି ଅନ୍ତରଙ୍ଗଭାବ ପ୍ରକାଶ ପାଇଥିଲା ଯେ ତାକୁ ଏତେ ବଡ଼ ହୋଟେଲର ମାଲିକ ବୋଲି ନ ଭାବି ଜଣେ ବନ୍ଧୁ ବୋଲି ମନେକରିବାକୁ ଇଚ୍ଛା ହେଉଥିଲା । ଗଳ୍ପ ଜମାଇବାରେ ତାର ଥିଲା ବେଶ୍ ଦକ୍ଷତା । ଇଂରେଜ ଶାସନ କାଳରେ ସେ ଆସିଥିଲା ଏକ ଚାହାବାଗାନ୍‌ର କୁଲି ହୋଇ । ଭୁଟିଆମାନଙ୍କ ସାଙ୍ଗରେ ମିଶି ଚାହାପତ୍ର ତୋଳିବା ଥିଲା ତାର କାମ । ଦିନକୁ ମଜୁରି ବାରଅଣା । ଭାରତବର୍ଷ ସ୍ୱାଧୀନ ହେବାର ଚାରି ବର୍ଷ ପରେ ସେ ଗୋଟିଏ ଚାହାବାଗାନ୍‌ର ଅଂଶୀଦାର ହେଲା । ତା ପରେ ଏଇ ହୋଟେଲ—

ମୁଁ ତାକୁ ପ୍ରଶ୍ନ କରିଥିଲି, ଚାହାବାଗାନ୍ ବିକି ତମେ ହଠାତ୍ ହୋଟେଲ କିଣିଲ କାହିଁକି ?

ଚାହାବାଗାନ୍‌ରେ ଶ୍ରମିକ ଆନ୍ଦୋଳନ—ନାନା ଝାମେଲା । ତା ଅପେକ୍ଷା ଏଇ ହୋଟେଲ ଖୁବ୍ ଭଲ । ଆପଣମାନଙ୍କ ଭଳି ମହତ୍-ଲୋକଙ୍କର ଦର୍ଶନ ମିଳୁଛି ତ— । ରାମଶରଣ ଉଠି ଚାଲିଗଲା । କଫି ଖାଇସାରି ମୁଁ ମଧ୍ୟ ଭିତରପଟୁ ଝରକା ବନ୍ଦ କଲି । ବାହାରେ ହୁ' ହୁ' ପବନ ।

ଗୀତା ! ଦିନଯାକ ମୁଁ ବେଶ୍ ଫୁର୍ତ୍ତିରେ ଏଠାରେ କଟାଉଛି । ଆଜି ଗୋଟାଏ ଟାକ୍‌ସି ଭଡ଼ା କରି ଦାର୍ଜିଲିଂ ବଜାର ଆଡ଼େ ଯାଇଥିଲି । ବର୍ତ୍ତମାନ ପ୍ରାୟ ଶୀତଦିନ । ଗ୍ରୀଷ୍ମଋତୁ ଆସିବାକୁ ଆହୁରି ମାସେ ଖଣ୍ଡେ ଡେରି । ସେଥିପାଇଁ ଭ୍ରମଣକାରୀମାନଙ୍କ ଭିଡ଼ ଏ ପର୍ଯ୍ୟନ୍ତ ଏଠାରେ ବଢ଼ିନାହିଁ । ଶୀତଦିନେ କାମ ନ ଥିଲେ ସଉକରେ କେହି ଦାର୍ଜିଲିଂ ଆସନ୍ତି ନାହିଁ । ମୁଁ ଜାଣି ଜାଣି ଏଠାରେ ନିର୍ବାସିତା ଜୀବନ ବରଣ କରି

ନେଇଛି । ସେଥିପାଇଁ ଭାରତବର୍ଷରେ ବହୁ ଉନ୍ନତ, ସମୃଦ୍ଧିଶାଳୀ ସହରର ମାୟା ଛାଡ଼ି ମୁଁ ଏଠାକୁ ପଳାଇ ଆସିଛି ।

ଦିନରେ ମନ୍ଦ ଲାଗୁନାହିଁ ଏଠାରେ ; କିନ୍ତୁ ରାତିହେଲେ ମୁଁ ଅଣନିଃଶ୍ୱାସୀ ହୋଇ ଯାଇଥିବା ଭଳି ବୋଧ କରୁଛି । ସେଥିପାଇଁ ପାହାଡ଼, ଅରଣ୍ୟ ଘେରି ରାତି ଘୋଟି ଆସିଲେ ମୁଁ ଦରଜା ବନ୍ଦ କରି ଦେଇ ଏହି କୋଠରୀରେ ନିଜକୁ ବନ୍ଦୀ କରି ନେଉଛି ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଏକ ଅଧ୍ୟାପିକା ଚାକିରୀ ପାଇଁ ଆବେଦନ କରିଥିଲି । ତାର ଫଳାଫଳ କଅଣ ହେଲା ଜାଣିବା ପାଇଁ କେତେଦିନ ହେଲା ମନ ଉଦ୍‌ବିଗ୍ନ ହୋଇ ରହିଥିଲା । ଭୁବନେଶ୍ୱର ଛାଡ଼ିଲାବେଳେ ଡାକଘରକୁ ଜଣାଇଦେଇ ଆସିଥିଲି, ମୋ ନାମରେ ଥିବା ସମସ୍ତ ଚିଠିପତ୍ର ସେମାନେ ଯେପରି ଜ୍ୟୋତିର୍ମୟକୁ ନ ଦେଇ ମୋର ଦାର୍ଜିଲିଂ ଠିକଣାରେ ପଠାଇ ଦିଅନ୍ତି ; କିନ୍ତୁ ବାବାଙ୍କ ଟଙ୍କା ପଠାଇଥିବା ସମ୍ବାଦ ଆସିଲା, ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଚାକିରୀର ସମ୍ବାଦ କାହିଁ ?

ଗୀତା ! ମୁଁ ଆଉ ଓଡ଼ିଶାରେ ରହିବାକୁ ଚାହେଁ ନାହିଁ । ଜ୍ୟୋତିର୍ମୟକୁ ଭୁଲିଯିବାକୁ ହେଲେ ମୋତେ ଓଡ଼ିଶା ଛାଡ଼ିଯିବାକୁ ହିଁ ପଡ଼ିବ । ସେଥିପାଇଁ ଯଦି ଅର୍ଥନୀତିରେ ଅଧ୍ୟାପିକା ଚାକିରୀ ମିଳେ, ତେବେ ମୁଁ ଦିଲ୍ଲୀ ଚାଲିଯିବି । କେବେ ମୁଁ ଅର୍ଥନୀତିରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଏମ୍. ଏ. ପାଶ୍ କରିଥିଲି, ସମାବର୍ତ୍ତନ ଉତ୍ସବରେ ସ୍ୱର୍ଣ୍ଣପଦକ ଆଣିଥିଲି, ସେକଥା ଏଇ କେତେବର୍ଷ ହେଲା ସମ୍ପୂର୍ଣ୍ଣ ଭୁଲି ଯାଇଥିଲି । ସେହି ସାର୍ଟିଫିକେଟ ଓ ସ୍ୱର୍ଣ୍ଣପଦକ ଯେ କେବେହେଲେ ମୋର କିଛି କାମରେ ଆସିବ, ସେ ବିଶ୍ୱାସ ମଧ୍ୟ ମୋର ନ ଥିଲା ; କିନ୍ତୁ ଜ୍ୟୋତିର୍ମୟଠାରୁ ବିଚ୍ଛିନ୍ନ ହୋଇଆସିଲା ପରେ ସେଇ ସାର୍ଟିଫିକେଟ ହିଁ ମୋର ଏକମାତ୍ର ସମ୍ବଳ । ମୋର ଆଜି ମନେହେଉଛି, ସେଇ ସାର୍ଟିଫିକେଟ ଯେପରି ମୋର ପୂର୍ବଜନ୍ମର ଅର୍ଜିତ ପୁଣ୍ୟ, ଯାହା ବଳରେ ଏ ଜନ୍ମରେ ମୁଁ ବଞ୍ଚିରହିବାର ସୁଯୋଗ ପାଇପାରୁଛି !

ମୁଁ ଜାଣେ, ଯେପରି ଭାବରେ ମୁଁ ଜ୍ୟୋତିର୍ମୟଠାରୁ ବିଚ୍ଛିନ୍ନ ହୋଇ ଆସିଲି, ତାହା ତୋ ପକ୍ଷରେ ଏକ ଅବିଶ୍ୱାସ୍ୟ କାହାଣୀ ଭଳି ମନେହେବ । ବାପାଙ୍କ ପାଖରୁ ଫେରିଲାବେଳେ ମୁଁ କେବେ ଆଶା କରି ନ ଥିଲି ଯେ ସତକୁ ସତ ମତେ ନିଜ ସ୍ୱାମୀର ସଂସାରଠାରୁ ବିଚ୍ଛିନ୍ନ

ହେବାକୁ ପଡ଼ିବ । ବହୁ ଚେଷ୍ଟା କରିଥିଲି, ଜ୍ୟୋତିର୍ମୟକୁ ମୁଁ କ୍ଷମା-କରିବି । କୌଣସି ପୁରୁଷ ନିଜର ବିବାହିତା ପତ୍ନୀ ବ୍ୟତୀତ ଅନ୍ୟ କୌଣସି ନାରୀ ସହ ସମ୍ପର୍କ ରଖିବା ଘଟଣାକୁ କେବେ ମୁଁ ଅତିରିକ୍ତ ଭାବପ୍ରବଣତାର ସହ ବିଚାର କରି ନ ଥିଲି । ପୁରୁଷ-ଜୀବନରେ ଏପରି ଘଟଣା ଘଟିବା କିଛି ଅସ୍ୱାଭାବିକ ମଧ୍ୟ ନୁହେଁ । ସେଥିପାଇଁ କୁମାରୀ ଡାକ୍ତର ମହାନ୍ତିଙ୍କ ସହିତ ଜ୍ୟୋତିର୍ମୟର ମିଳାମିଶାକୁ ଦେଖି ମଧ୍ୟ ନ ଦେଖିଲି ଭଳି ଏଡ଼ାଇ ଯିବାକୁ ମୁଁ ଚେଷ୍ଟା କରିଥିଲି ; କିନ୍ତୁ ମୋର ସେହି ଦେଖି ମଧ୍ୟ ନ ଦେଖିବା ଭଳି ବ୍ୟବହାର କରିବା ଘଟଣାକୁ ସେମାନେ ମୋର ଦୁର୍ବଳତା ବୋଲି ଧରିନେଲେ । କେବଳ ସେଇ ସ୍ୱାମୀଙ୍କ ଉପରେ ନୁହେ ; ମୋ ପାରିବାରିକ ଜୀବନ ଉପରେ ମଧ୍ୟ ଡାକ୍ତର ମିସ୍ ମହାନ୍ତି ନିଜର କର୍ତ୍ତୃତ୍ୱ ବିସ୍ତାର କରିବାକୁ ଚେଷ୍ଟାକଲେ । ତାର ପ୍ରତିବାଦ କରି ମୁଁ ହେଲି ଲାଞ୍ଛିତା, ଅପମାନିତା । ପରିବାରର ଚାକର, ପୁଝାରୀ ମତେ ନୁହେଁ ; ମିସ୍ ମହାନ୍ତିଙ୍କୁ ହିଁ ଗୃହକର୍ତ୍ତ୍ରୀର ସମ୍ମାନ ଦେବାକୁ ଆରମ୍ଭ କଲେ । ମୁଁ ଯେପରି ସେ ଘରେ କେହି ନୁହେଁ !

ମୁଁ ଜ୍ୟୋତିର୍ମୟର ପରିବାରରେ ପତ୍ନୀ ଭାବରେ ରହିବାକୁ ଚାହିଁଥିଲି, ରକ୍ଷିତା, ଭୃତ୍ୟ ଭଳି ନୁହେଁ ! ମିସ୍ ମହାନ୍ତି ଜ୍ୟୋତିର୍ମୟର ଖାଇବା ପିଇବା କଥା ବୁଝିବେ, ପରିବାରର ଭଲମନ୍ଦରେ ଜ୍ୟୋତିର୍ମୟ ତାଙ୍କ ସହ ସବୁ କଥା ପରାମର୍ଶ କରିବ, ମୁଁ ପାଟି ସୁଦ୍ଧା ଫିଟାଇ ପାରିବି ନାହିଁ; ମୁଁ ଏକଥା ସହିଥାଆନ୍ତି କିପରି ?

ନା—ମୁଁ ପାରିଲି ନାହିଁ । ମୋ ଅବସ୍ଥାରେ ଥିଲେ ତୁ ମଧ୍ୟ ପାରି ନ ଥାନ୍ତୁ । ଆଜି ଦାର୍ଜିଲିଂର ଏଇ ହୋଟେଲ ପ୍ରକୋଷ୍ଠରେ ବସି ଭାବୁଛି, ଜ୍ୟୋତିର୍ମୟକୁ ତୋଠାରୁ ମୁଁ ଛଡ଼ାଇ ଆଣିଥିବାରୁ ତୁ ବୋଧହୁଏ ଅଭିଶାପ ଦେଇଥିଲୁ । ମୁଁ ସେଇ ଅଭିଶପ୍ତା ଜୀବନ ନେଇ ନିଜ ପାପର ପ୍ରାୟଶ୍ଚିତ୍ତ କରୁଛି । ଟଙ୍କା ଦେଇ ଯେ ପାରିବାରିକ ଜୀବନର ସୁଖଶାନ୍ତି କ୍ରୟ କରାଯାଇ ପାରେନାହିଁ ; ଏ ସତ୍ୟ ମତେ ଜୀବନର ବହୁ ମୂଲ୍ୟ ଦେଇ ବୁଝିବାକୁ ହେଲା । ମୁଁ ଜାଣେ—ବାବା-ମାଆ ଏ ଆଘାତ ସହଜରେ ସହି-ପାରିବେ ନାହିଁ । ସେଥିପାଇଁ ସେମାନଙ୍କ ପାଖକୁ ଫେରି ନ ଯାଇ ମୁଁ ଏଠାକୁ ପଳାଇ ଆସିଛି । ବାବାଙ୍କ ଟଙ୍କାରେ ବଞ୍ଚିରହିବାର ବାଟ ନ ଖୋଜି ମୁଁ ନିଜ ଗୋଡ଼ରେ ଠିଆହେବାକୁ ଚେଷ୍ଟାକରୁଛି । ଯଦି

କେବେ ମୋ ଉଦ୍ୟମ ସଫଳ ହୁଏ, ଜ୍ୟୋତିର୍ମୟୀଙ୍କୁ ବାଦ୍ ଦେଇ ନିଜେ ମୁଁ ନିଜ ବଞ୍ଚିବାର ପାଥେୟ ସଂଗ୍ରହ କରିପାରେ, ସେଦିନ ହୁଏ ତ ବାବା-ମାଆଙ୍କ ପାଖକୁ ଫେରିଯିବାରେ ମୋର ଆପତ୍ତି ରହିବ ନାହିଁ ।

## ।। ପଞ୍ଚମ ପ୍ରତ୍ୟୁଷ ।।

ଗୀତା ! ଆଉ ଅଳ୍ପ କେତେ ସମୟ ପରେ ମୁଁ ଏ ହୋଟେଲ ଛାଡ଼ି ଦିଲ୍ଲୀ ଅଭିମୁଖେ ଯାତ୍ରା କରିବି । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଅର୍ଥନୀତି ଅଧ୍ୟାପିକା ଚାକିରି ଲାଗି ମତେ ଇଣ୍ଟରଭିଉକୁ ଡକାଯାଇଛି । ବାପାଙ୍କର ଜଣେ ବନ୍ଧୁ, ଯେ ପାର୍ଲିଆମେଣ୍ଟର ସଭ୍ୟ ଅଛନ୍ତି, ସେ ଲେଖିଛନ୍ତି, ଅଧ୍ୟାପିକା ଚାକିରି ମିଳିବାରେ ମତେ ବିଶେଷ କଷ୍ଟ ହେବ ନାହିଁ । ଜୀବନ ଲାଗି ଏକ ଅବଲମ୍ବନ ଲୋଡ଼ା । ନାରୀ ପାଇଁ ପୁରୁଷ ହିଁ ଏକମାତ୍ର ଅବଲମ୍ବନ ବୋଲି ଏତେଦିନ ଧରି ବୁଝିଆସିଥିଲି । କାଲି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇଣ୍ଟରଭିଉ କାର୍ଡ଼ ଏବଂ ବାବାଙ୍କର ସେହି ବନ୍ଧୁ ଜଣଙ୍କ ଚିଠି ପାଇ ସେ ଧାରଣା ମୋର ଅଦଳ ବଦଳ ହୋଇଗଲା । ଜୀବନର ଅବଲମ୍ବନ ପାଇଁ ମୁଁ ଅଧ୍ୟାପିକା ଚାକିରି ଆଡ଼କୁ ଆଜି ହାତ ବଢ଼ାଉଛି ।

କାଲି ବାବାଙ୍କଠାରୁ ମଧ୍ୟ ଖଣ୍ଡେ ଚିଠି ପାଇଛି । ସେ ଲେଖିଛନ୍ତି, ଜ୍ୟୋତିର୍ମୟୀ କୁଆଡ଼େ ମୁଁ ଆସିବା ପରଠାରୁ ମିସ୍ ମହାନ୍ତିଙ୍କୁ ତାଙ୍କ ସରକାରୀ କ୍ୱାର୍ଟରର ସୀମା ସ୍ପର୍ଶ ନ କରିବାକୁ ତାଗିଦ୍ କରି ଦେଇଛନ୍ତି । ମିସ୍ ମହାନ୍ତି ନିଜ ଚେଷ୍ଟାରେ କୋରାପୁଟ ବଦଳି ହୋଇଯିବାକୁ ଆପ୍ରାଣ ଚେଷ୍ଟା ଚଳାଇଛନ୍ତି ।

ବାବାଙ୍କ ଚିଠିର ଏହି ଅଂଶତକ ପଢ଼ିଲାବେଳେ ମୁଁ ଭାବୁଥିଲି, ହୁଏ ତ ଜ୍ୟୋତିର୍ମୟୀ ମତେ ଫେରିଯିବା ପାଇଁ ବାବାଙ୍କୁ କହିଥିବ । ପୁଣି ଫେରିଯିବା କଥା ଭାବିଲାବେଳେ ଆଶା, ଆଶଙ୍କାର ଦ୍ୱନ୍ଦ୍ୱରେ ମନ ମୋର ମୁହୂର୍ତ୍ତେ କେତୋଟି ପାଇଁ ବିହ୍ୱଳିତ ହୋଇ ପଡ଼ୁଥିଲା । ଚିଠି ପଢ଼ା ବନ୍ଦ କରି ମୁଁ ଆଖିବୁଜି ବସିଥିଲି ଏବଂ ସେଇ ଆଶା-ଆଶଙ୍କାର ଦ୍ୱନ୍ଦ୍ୱକୁ ନିଜ

ଦେହ ମନରେ ଅନୁଭବ କରିବାକୁ ଚେଷ୍ଟା କରୁଥିଲି । କିନ୍ତୁ ପୁଣି ବାବାଙ୍କ ଚିଠିର ସେ ଅବଶିଷ୍ଟାଂଶ ପଢ଼ିଲା ପରେ ମନର ମୋର ଘୋର ଉତ୍ତେଜନା ସୃଷ୍ଟି ହୋଇଗଲା । ଆଜି ମୁଁ ରାତ୍ରରେ ଶୋଇପାରି ନାହିଁ ।

ବାବା ଲେଖିଛନ୍ତି, ମୁଁ ଜ୍ୟୋତିର୍ମୟୀକୁ ବୁଝାଇବାକୁ ଚେଷ୍ଟା କରିଥିଲି, କିନ୍ତୁ ଯଦି କ୍ଷଣିକ ଉତ୍ତେଜନାରେ ଛାଡ଼ପତ୍ର ଦରଖାସ୍ତରେ ଦସ୍ତଖତ କରି ଦେଇଛି, ତାକୁ ତାର ଶେଷ ସିଦ୍ଧାନ୍ତ ବୋଲି ଭାବିବାର କିଛି କାରଣ ନାହିଁ । ବିବାହବେଦୀରେ ତମେ ତାର ଦଶ ଦୋଷ କ୍ଷମା କରିବ ବୋଲି ଶପଥ କରିଥିଲ । ଅନ୍ତତଃ ଏହି ଗୋଟିକ ଦୋଷ ତାର ତମେ କ୍ଷମାକର ।

ମୋ କଥା ଶୁଣି ଜ୍ୟୋତିର୍ମୟୀ ମୁହଁର ରଙ୍ଗ ହଠାତ୍ ବଦଳି ଗଲା । ସେ କହିଲା, ମୁଁ ଏତେ ବଡ଼ ଜିଲ୍ଲାର କଲେକ୍ଟର; ଡାକ୍ତର ମିସ୍ ମହାନ୍ତିଙ୍କ ସହିତ ମୋର ଅବୈଧ ସମ୍ପର୍କ ରହିଛି ବୋଲି ପ୍ରଚାର କରି ସେ କେବଳ ମତେ ନୁହେଁ, ଏ ପ୍ରଦେଶର ଜଣେ ବିଶିଷ୍ଟ କଲେକ୍ଟରଙ୍କୁ ଅପମାନିତ କରିଛି । ଆପଣ ତାକୁ କ୍ଷମାକରିବା କଥା କହି ତାର ସେ କାର୍ଯ୍ୟକୁ ସମର୍ଥନ କରୁଛନ୍ତି । ଆପଣ ଜାଣନ୍ତି, ମୁଁ ମଧ୍ୟ ଆପଣଙ୍କୁ ଗିରଫ କରିପାରେ—

ମାଆ ଲିଲି ! ଜ୍ୟୋତିର୍ମୟୀର କଥା ଶୁଣି ମୋ ଆଖିରୁ ଲୁହ ନିଗିଡ଼ି ଆସିଲା । ଉଠି ଆସିଲାବେଳେ ମୁଁ କହିଲି, ଦେଢ଼ ଲକ୍ଷ ଟଙ୍କା ଖର୍ଚ୍ଚ କରି ନିଜର ଏକମାତ୍ର ଝିଅକୁ ତମ ସହ ବିବାହ ଦେଇଥିଲି ଗିରଫ୍ ହେବାକୁ ନୁହେଁ—ଶ୍ୱଶୁର ହେବାକୁ । ଶ୍ୱଶୁର ଗୁରୁଜନ । ତାଙ୍କୁ ଭକ୍ତି କରାଯାଏ—ଗିରଫ କରାଯାଏ ନାହିଁ—

ମୋ କଥା ଶୁଣି ମଦ୍ୟପଙ୍କ ଭଳି ଜ୍ୟୋତିର୍ମୟୀ ହସିଲା । କହିଲା, ଇନକମ୍ ଟାକ୍ସ କମିଶନର ଥିବାବେଳେ ଏ ଟଙ୍କା ଆପଣ କେଉଁ ଉପାୟରେ ଅର୍ଜନ କରିଥିଲେ, ସେ ସମ୍ପର୍କରେ ଇଚ୍ଛା କଲେ ମୁଁ କଲେକ୍ଟର ଭାବରେ ଅନୁସନ୍ଧାନ କରି ଦେଖିପାରେ—କିନ୍ତୁ ସବୁବେଳେ ମାଟି ଖୋଳିଲେ ସୁନା ମୁଣ୍ଡା ନ ମିଳି ଯେହେତୁ ସାପ, କଙ୍କଡ଼ା ବାହାରିବାର ସମ୍ଭାବନା ବେଶି, ମୁଁ ଆଜି ଏ ବିଷୟରେ ଖୋଳତାଡ଼ କରିବାକୁ ଚାହେଁ ନାହିଁ—ଏ ନାରଣ ! ମିଷ୍ଟର ଦାସ୍ଙ୍କୁ କପେ କଫି ଆଣି ଦେଏ—

ଚଠି ପଢ଼ା ସେତିକରେ ମୁଁ ବନ୍ଦ କରି ଦେଇଥିଲି । ତା ପରେ ଆଉ କିଛି ପଢ଼ିବାର ମାନେ ହୁଏ ନାହିଁ । ହଲଧରକୁ ଜିନିଷପତ୍ର ବାନ୍ଧାବାନ୍ଧି କରିବାକୁ କହି ମୁଁ ରାମଶରଣ ବାବୁଙ୍କ ଠଙ୍କା ଚୁକ୍ତି କରିବାକୁ ଚାଲିଗଲି । ତା ପରେ ସେଠାରୁ ଫେରି ଏ ଶୂନ୍ୟ କକ୍ଷକୁ ଦେଖିଲା-ବେଳେ ଏକ ମୃତବତ୍ସା ଜନନୀର ଯନ୍ତ୍ରଣା ମୋ ମନକୁ କପରି ଘୋଟି ଆସିଲା ।

ନାରୀର ଭାଗ୍ୟ ଅନିଶ୍ଚିତ ଅପଦେବତାର ହାତରେ ଏକ କ୍ରୀଡ଼ା-ପୁତ୍ତଳିକା ଭଳି । ବଞ୍ଚିରହିବା ପାଇଁ ତାକୁ ଆଜୀବନ ଏ ଶୂନ୍ୟତାର ସଙ୍ଗେ ସଂଗ୍ରାମ କରିବାକୁ ହୁଏ । **Encounter with nothingness !** ସେ ସୁନ୍ଦରୀ ହେଉ, ଶିକ୍ଷିତା ହେଉ, ଅଭିଜାତ, ବିଭବଶାଳୀ ପରିବାରର କନ୍ୟା ହେଉ—ଅନିଶ୍ଚିତତା, ଶୂନ୍ୟତା ବିରୁଦ୍ଧରେ ଏ ସଂଗ୍ରାମର ଶେଷ ନାହିଁ । ସ୍ୱାମୀର ସଂସାରରେ ସେ ସଂଗ୍ରାମରେ ମୁଁ ହାରିଗଲି । ଆଜି ପୁଣି ମତେ ଏକ ନୂତନ ଯୁଦ୍ଧକ୍ଷେତ୍ର ବାଛିନେବାକୁ ପଡ଼ୁଛି । ସେ ଯୁଦ୍ଧରେ ମୁଁ ଜିତିବି କି ହାରିବି, ସେ କଥା ମୁଁ ଜାଣେ ନା—ଜାଣେ ନା—

ଗୀତା ! ପୁରୀ ଛାଡ଼ି ଆସିଲାବେଳେ ମୁଁ ଯେତିକି ଦୁଃଖ, ଯେତିକି ଯନ୍ତ୍ରଣା ଅନୁଭବ କରି ନ ଥିଲି, ଦାର୍ଜିଲିଂ ଛାଡ଼ି ଗଲାବେଳେ ମତେ ତା ଠାରୁ ବଳି ଅଧିକ ମାନସିକ କଷ୍ଟ ଅନୁଭବ କରିବାକୁ ପଡ଼ୁଛି । ସେଦିନ ପୁରୀରେ ଜ୍ୟୋତିର୍ମୟ ପାଖରୁ ଅଭିମାନରେ ପଳାଇ ଆସିଲାବେଳେ ଫେରିଯିବାର ଏକ କ୍ଷୀଣ ଆଶା କପରି ଭାବରେ ମୋ ମନ ଭିତରେ ଲାଗି ରହି ଯାଇଥିଲା । ଆଜି ଦାର୍ଜିଲିଂ ଛାଡ଼ିଲାବେଳେ ସେହି ଆଶାର କ୍ଷୀଣ ଝରଣା ଶୁଖିଯାଇଛି । ଡାକ୍ତର ମିସ୍ କାନନ ମହାନ୍ତି କୋରାପୁଟ ବଦଳି ହେବାକୁ ଚେଷ୍ଟା କରୁଛନ୍ତି । ମୁଁ ଚେଷ୍ଟାକରୁଛି ଦିଲ୍ଲୀ ପଳାଇବାକୁ । ଆଉ ଜ୍ୟୋତିର୍ମୟ ! ଜ୍ୟୋତିର୍ମୟ ଆଇ. ଏ. ଏସ. ! ଭାରତବର୍ଷର ଯେ କୌଣସି ଅଞ୍ଚଳକୁ ଗଲେ ବି ସେ ଶାସନ କରିବ—ଆଶ୍ରୟ ପାଇଁ ତାର ସ୍ଥାନାଭାବ ନାହିଁ—

ଗୀତା ! ହଲଧର ଟ୍ରଙ୍କ୍, ସୁଟକେଶ୍ ବେଡ଼ିଂ ବାନ୍ଧିଦେଲାଣି । କାନ୍ଥରେ କେବଳ ଝୁଲୁଛି ସେହି ନାରୀପୂର୍ଣ ମୂର୍ତ୍ତି ଥିବା କ୍ୟାଲେଣ୍ଡର—ଯାହାକୁ ମୁଁ ପୁରୀରୁ ନେଇଆସିଥିଲି । ସେ କ୍ୟାଲେଣ୍ଡରକୁ ମୁଁ ଛାଡ଼ିଦେଇ

ଯାଉଛି—ରାମଶରଣବାବୁ ଯଦି ସେ ଛବି ପାଖରେ ଆଉ କେବେ ଆଣ୍ଠେଇପଡ଼ି ପ୍ରାର୍ଥନା କରିବେ— !

କିନ୍ତୁ ମୁଁ ନେଇଯାଉଛି ।

ନେଇଯାଉଛି, ରାମଶରଣ ଟାଙ୍ଗି ଦେଇଥିବା ମୋର ଏବଂ ଜ୍ୟୋତିର୍ମୟୀର ସେ ଯେଉଁ ଯୁଗ୍ମ ଫଟୋ—ଭୁଲରେ ଯେଉଁଟା ରହିଲା ମୋ ଟ୍ରଙ୍କ ଭିତରେ !